

◀ ଆଜିର 'ସକାଳ' ସହ 'ବାର୍ଷିକ କ୍ୟାଲେଣ୍ଡର'

• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-184 ♦TUESDAY ♦30 DECEMBER 2025 ♦PAGE-12 ♦₹ 6.00 | PANIKOILI | ♦ବର୍ଷ-୪୩ ♦ସଂଖ୍ୟା-୧୮୪ ♦ମଙ୍ଗଳବାର ♦୩୦ ଡିସେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


## ଟାଟାନଗର- ଏର୍ଣ୍ଣାକୁଲମ ଏକ୍ସପ୍ରେସରେ ଅଗ୍ନିକାଣ୍ଡ

# ଜଳିଗଲା ଦୁଇ ଏସି କୋଚ୍; ଜଣେ ମୃତ



■ ବିଶାଖପାଟଣା, ୨୯।୧୨ (ଏଜେନ୍ସି): ପୁଣି ରେଳ ଦୁର୍ଘଟଣା ଘଟିଛି। ଆନ୍ଧ୍ରପ୍ରଦେଶର ବିଶାଖପାଟଣାଠାରୁ ୬୬ କିମି ଦୂରରେ ଥିବା ୟେଲାମଞ୍ଚିଲିରେ ଟାଟାନଗର-ଏର୍ଣ୍ଣାକୁଲମ ଏକ୍ସପ୍ରେସ ଟ୍ରେନ୍‌ର ଦୁଇଟି ବଗିରେ ରବିବାର ବିଳମ୍ବିତ ରାତିରେ ନିଆଁ ଲାଗିଯାଇଛି। ଏହି ଅଗ୍ନିକାଣ୍ଡରେ ଜଣେ ଯାତ୍ରୀ ମୃତ୍ୟୁବରଣ କରିଛନ୍ତି। ପୁଲିସ ଦେଇଥିବା ସୂଚନା ଅନୁସାରେ, ରାତି ପ୍ରାୟ ୧୨.୪୫ରେ ଏହି ଟ୍ରେନ୍ ଆନ୍ଧ୍ରପ୍ରଦେଶର ଅନକାପାଲିର ୟେଲାମଞ୍ଚିଲି ରେଳ ଷ୍ଟେସନରେ ପହଞ୍ଚିବା ପରେ ଅଗ୍ନିକାଣ୍ଡ ଘଟିଥିଲା। ଅଗ୍ନିକାଣ୍ଡ ବେଳେ ଗୋଟିଏ ବଗିରେ ୮୨ ଜଣ ଓ ଅନ୍ୟଟିରେ ୭୬ ଜଣ ଯାତ୍ରୀ ଥିଲେ। ବି୧ ବଗିରୁ ପୁଲିସ ଜଣଙ୍କୁ ମୃତଦେହ ଉଦ୍ଧାର କରିଛି। ମୃତକ ୭୫ ବର୍ଷୀୟ ଚନ୍ଦ୍ରଶେଖର ସୁନ୍ଦରମ ବୋଲି ଚିହ୍ନଟ କରାଯାଇଛି। ପୋଡିଯାଇଥିବା ବଗିଗୁଡକ

**ଚେନ୍ ଟାଣି ଟ୍ରେନ୍ ରୋକିଲେ ଯାତ୍ରୀ**

ଅଲଗା କରାଯାଇ ଟ୍ରେନ୍‌କୁ ଏର୍ଣ୍ଣାକୁଲମ ପଠାଯାଇଛି। ଯାତ୍ରୀମାନଙ୍କୁ ଅନ୍ୟ ଉପାୟରେ ସେମାନଙ୍କ ଗନ୍ତବ୍ୟସ୍ଥଳୀକୁ ପଠାଯିବାର ବ୍ୟବସ୍ଥା କରାଯାଇଛି।

ଦୁଇଟି ଫରେନସିକ ଦଳ ଅଗ୍ନିକାଣ୍ଡର ତଦନ୍ତ କରୁଛନ୍ତି ଓ କିପରି ନିଆଁ ଲାଗିଲ ସେ ନେଇ କାରଣ ଖୋଜୁଛନ୍ତି। ମିଳିଥିବା ସୂଚନା ଅନୁସାରେ ପ୍ରଥମେ ବି୧ କୋଚ୍‌ରେ ନିଆଁ ଲାଗିଥିଲା ଓ ପରେ ନିଆଁ ଏମ୍୨ ବଗିକୁ ବ୍ୟାପୀଯାଇଥିଲା। ଟ୍ରେନ୍‌ର ଏହି ଦୁଇଟି ଏସି ବଗି ଜଳିଯାଇଥିଲା। ଏଥିରୁ ଯାତ୍ରୀଙ୍କ ଜିନିଷପତ୍ର ମଧ୍ୟ ବାଦ୍ ପଡ଼ି ନଥିଲା।

ଦୁଇଟି ଜଳିଯାଇଥିବା ବଗିକୁ ବାହାର କରିବା ପରେ ଟ୍ରେନ୍ ତା'ର ଗନ୍ତବ୍ୟସ୍ଥଳ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲା। ଟ୍ରେନ୍‌ରେ ମୋଟ ୨ ହଜାରଯାତ୍ରୀ ଯାତ୍ରା କରୁଥିଲେ।

## ବିଶେଷ ସୂଚନା

ପ୍ରିୟ ପାଠକ ବନ୍ଧୁଗଣ,

ଆପଣମାନେ ଜାଣନ୍ତି ଯେ ମୁଦ୍ରିତ ସମ୍ବାଦପତ୍ର ଶିଳ୍ପ ଏବେ ଏକ ସନ୍ଧିକ୍ଷଣ ଦେଇ ଗତି କରୁଛି। ନ୍ୟୁଜ୍ ପ୍ରିଣ୍ଟ, କାଳି ଓ ମୁଦ୍ରଣ ନିମନ୍ତେ ଆବଶ୍ୟକ ଆନୁଷଙ୍ଗିକ ସାମଗ୍ରୀର ମୂଲ୍ୟ ଗତ ଦୁଇବର୍ଷ ମଧ୍ୟରେ ପ୍ରାୟତଃ ଦେଢ଼ଗୁଣ ବୃଦ୍ଧି ପାଇଛି। ମୁଦ୍ରଣ ବ୍ୟୟ ତୁଳନାରେ ସମ୍ବାଦପତ୍ରର ବିକ୍ରୟ ମୂଲ୍ୟ ଯଥେଷ୍ଟ କମ୍ ଓ 'ସକାଳ' ଆରମ୍ଭରୁ ଅନ୍ୟ ସମ୍ବାଦପତ୍ର ତୁଳନାରେ କମ୍ (୬ ଟଙ୍କା)ରେ ପାଠକମାନଙ୍କ ପାଇଁ ଉପଲବ୍ଧ ହେଉଛି। ମାତ୍ର ବର୍ତ୍ତମାନ ପରିସ୍ଥିତିରେ ଏହି ମୂଲ୍ୟରେ ପାଠକମାନଙ୍କୁ ଖବରକାଗଜ ଯୋଗାଇବା ସମ୍ଭବପର ହେଉନାହିଁ। ତେଣୁ ଅନିଚ୍ଛା ସତ୍ତ୍ୱେ ଆସନ୍ତା ଜାନୁଆରୀ ୧ ତାରିଖଠାରୁ 'ସକାଳ'ର ମୂଲ୍ୟ ୬ଟଙ୍କା ପରିବର୍ତ୍ତେ ୭ ଟଙ୍କା କରିବାକୁ ବାଧ୍ୟ ହେଉଛୁ। ଆମର ସହୃଦୟ ପାଠକବନ୍ଧୁମାନେ ଏହାକୁ ହୃଦୟଙ୍ଗମ କରିବେ ବୋଲି ଆଶା କରୁଛୁ।

- ମୁଖ୍ୟ କାର୍ଯ୍ୟନିର୍ବାହୀ

**ଚାଷୀ-ସରକାର ମୁହାଁମୁହିଁ**

# ପଞ୍ଚାୟତ କାନ୍ଥରେ ଝୁଲିବ 'ନୋଟିସ୍'

■ ଭୁବନେଶ୍ୱର,୨୯।୧୨(ସମିସ): ମଣ୍ଡି ଅବ୍ୟବସ୍ଥା, ଧାନ କିଣାରେ ବିଚ୍ୟୁତିକୁ ନେଇ ଚାଷୀ ସରକାରଙ୍କ ଉପରେ ଖଡ୍‌ଗହସ୍ତ। ବିଭିନ୍ନ ସ୍ଥାନରେ ଚାଷୀମାନେ ରାସ୍ତା ଅବରୋଧ କରିବା ସହ ଆନ୍ଦୋଳନ ଚଳାଇଛନ୍ତି । ଏହି ସମୟରେ ଚାଷୀଙ୍କୁ ଦମନ କରିବାକୁ ସରକାର ଆରମ୍ଭ କରିଛନ୍ତି ପାଲଟା ଯୋଜନା। ରାଜ୍ୟର ବିଭିନ୍ନ ଜିଲ୍ଲାରେ ଧାନ କିଣାରେ ଅବ୍ୟବସ୍ଥା ଯୋଗୁଁ ସରକାରଙ୍କ ଅଡୁଆ ବଢ଼ାଇଥିବା ଚାଷୀଙ୍କ ଏହି ଆକ୍ରମଣାତ୍ମକ ପନ୍ଥାକୁ ପ୍ରତିହତ କରିବା ପାଇଁ ସରକାର ଛାଡ଼ିଛନ୍ତି 'ନୋଟିସ' ଅସ୍ତ୍ର। ଧାନ ବିକ୍ରି ନିମନ୍ତେ ଚାଷୀମାନେ ଯେଉ ଚାଷ ଜମିକୁ ପଞ୍ଜିକରଣ କରିଛନ୍ତି, ତାହାକୁ ଜାଲ ବା ତ୍ରୁଟିପୂର୍ଣ୍ଣ ବୋଲି ଦର୍ଶାଇ ସରକାର ଚାଷୀଙ୍କ ଉପରେ ଦାଉ ସାଧିବାକୁ ଯୋଜନା କରିଛନ୍ତି। ରାଜ୍ୟ ସାଧାରଣ ବଣ୍ଟନ ନିଗମ ପକ୍ଷରୁ ସମବାୟ ସଂସ୍ଥାର ରେଜିଷ୍ଟ୍ରାର୍‌ଙ୍କୁ ଏ ସମ୍ପର୍କରେ ଚିଠି ଲେଖାଯାଇଛି। ମୁଖ୍ୟତଃ ଅଣଚାଷ ଜମିକୁ ଯେଉଁ ଚାଷୀମାନେ ଚାଷ ଜମି ଭାବେ ଦର୍ଶାଇଛନ୍ତି, ସେମାନଙ୍କୁ ନୋଟିସ୍ କରିବାକୁ ନିଷ୍ପତ୍ତି ହୋଇଛି। ଧାନ କିଣା ପ୍ରକ୍ରିୟାରେ ମିଥ୍ୟା ତଥ୍ୟ ଦେଇଥିବା ଚାଷୀଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିବା ସହ ସେମାନଙ୍କ ନାମ ଗ୍ରାମପଞ୍ଚାୟତ ଓ ପ୍ୟାକ୍ସର ନୋଟିସ୍ ବୋର୍ଡରେ

**ଅଣଚାଷ ଜମି ପଞ୍ଜିକୃତ କରିବା ଚାଷୀଙ୍କ ଅପରାଧ: ମନ୍ତ୍ରୀ**

**ଚାଷୀଙ୍କୁ ଦମନ ପାଇଁ ସରକାରଙ୍କ ବାହାନା: ବିରୋଧୀ**

ଉପଲବ୍ଧ ହେବ। ଏହାସହିତ ଜିଲ୍ଲାସ୍ତରରେ ୱେବ୍‌ସାଇଟ୍‌ରେ ମଧ୍ୟ ସେମାନଙ୍କ ନାମ ଉଲ୍ଲେଖ ରହିବ। ଯୋଗାଣ ବିଭାଗ ପକ୍ଷରୁ ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟକୁ ଏହି ନୋଟିସ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆନ୍ତଃମନ୍ତ୍ରୀ ସ୍ତରୀୟ ବୈଠକରେ ଅନୁମୋଦନ କ୍ରମେ ଏହି ନିଷ୍ପତ୍ତି ହୋଇଛି ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।

ସୂଚନା ଅନୁସାରେ ଧାନ ବିକ୍ରି ପାଇଁ ଅନେକ ଚାଷୀ ସରକାରଙ୍କୁ ଭୁଲ୍ ତଥ୍ୟ ଦେଇଛନ୍ତି। ସାଟେଲାଇଟ୍ ସର୍ଭେ ମାଧ୍ୟମରେ ସରକାର ଏହି ଭୁଲକୁ ଧରିଛନ୍ତି।ଏବେ ଏହାକୁ ଆଧାର କରି ଚାଷୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ବିଭାଗ ଅଣ୍ଟା ଭିଡ଼ିଛି। ସରକାରଙ୍କ ଏହି ନିର୍ଦ୍ଦେଶନାମା ପରେ ମୁଖ୍ୟତଃ ଚାଷୀଙ୍କୁ ଅକଳରେ ପକାଇବାକୁ ଏହା ଏକ ଯୋଜନା ବୋଲି ବିରୋଧୀ ଅଭିଯୋଗ କରିଛନ୍ତି। ଚଳିତବର୍ଷ ଖରିଫ ଧାନ ବିକ୍ରି କରିବାକୁ ୧୯ ଲକ୍ଷ ୬୮ ହଜାର ଚାଷୀ ପଞ୍ଜିକରଣ କରିଛନ୍ତି। ଏହାସହିତ ୬୧.୬୭ ଲକ୍ଷ ଏକର ଜମିରେ ଧାନ ଚାଷ ହୋଇଥିବା ନେଇ ପଞ୍ଜିକୃତ ହୋଇଛି। ରାଜ୍ୟ ସରକାର ଇନ୍‌ପୁଟ୍ ସବସିଡି ଦେବାକୁ ଘୋଷଣା କରିବା ପରେ ଧାନ ଚାଷ ପ୍ରତି ଆଗ୍ରହ ବଢ଼ିବା ସହିତ ଅଧିକ ସଂଖ୍ୟକ ଚାଷୀ ଧାନ ଚାଷ କରିଛନ୍ତି। ଫଳରେ ପୂର୍ବ ବର୍ଷ ତୁଳନାରେ ଚଳିତ ବର୍ଷ ପ୍ରାୟ ୨ ଲକ୍ଷ ଏକର ଜମିରେ ଅଧିକ ଧାନ ଚାଷ ହୋଇଥିବା ରେକର୍ଡ କହୁଛି। ହେଲେ ସରକାର ସାଟେଲାଇଟ୍ ସର୍ଭେ କରିବା ପରେ ଅନେକ ଚାଷୀ କିଛି ଅଣଚାଷ ଜମିକୁ ଚାଷଜମି ଭାବେ ଦର୍ଶାଇଥିବା ▶ପୃଷ୍ଠା-୭

**ଉନ୍ନାଓ ଗଣଦୁଷ୍କର୍ମ ମାମଲା**

# ସୁପ୍ରିମକୋର୍ଟରେ ଅଟକିଲା କୁଲଦୀପଙ୍କ ଜାମିନ



- ବିଚାରପତି ମଧ୍ୟ ଭୁଲ୍ କରିପାରିନ୍ତି: ପ୍ରଧାନ ବିଚାରପତି
- ଫାଶୀ ଦେବାକୁ ଶପଥ ନେଲେ ପୀଡ଼ିତା
- ପୋକ୍‌ସୋ ନିୟମ ଗମ୍ଭୀର ପ୍ରଶ୍ନ ଉଠାଉଛି: ସିଜେଆଇ
- ନିର୍ବାଚିତ ପ୍ରତିନିଧିଙ୍କୁ ପରିସରରୁ ବାଦ୍ ଦିଆଯାଉଛି କାହିଁକି



■ ନୂଆଦିଲ୍ଲୀ, ୨୯।୧୨ (ଏଜେନ୍ସି): ବହୁଚର୍ଚ୍ଚିତ ୨୦୧୭ ଉନ୍ନାଓ ଗଣଦୁଷ୍କର୍ମ ମାମଲା ଏବେ ନୂଆ ମୋଡ଼ ନେଇଛି। ଏହି ମାମଲାରେ ପୂର୍ବତନ ବିଜେପି ବିଧାୟକ କୁଲଦୀପ ସେଙ୍ଗରଙ୍କୁ ଦିଲ୍ଲୀ ହାଇକୋର୍ଟ ଦେଇଥିବା ଜାମିନ ଉପରେ ସୁପ୍ରିମକୋର୍ଟ ଆଜି ରୋକ୍ ଲଗାଇ ଦେଇଛନ୍ତି। ଏହା ଏକ ଗୁରୁତର ମାମଲା ଏବଂ ଏହା ଉପରେ ଆଇନର ଅଧିକ ତର୍ଜମା କରାଯିବାର ଆବଶ୍ୟକତା ରହିଛି। ସେହିଦୃଷ୍ଟିରୁ କୁଲଦୀପଙ୍କୁ ଜେଲରୁ ମୁକ୍ତ କରାଯାଇପାରିବ ନାହିଁ ସର୍ବୋଚ୍ଚ ଅଦାଲତ କହିଛନ୍ତି।

୪ ସପ୍ତାହ ପରେ ଏହି ମାମଲାର ଶୁଣାଣି ହେବ। ସେଙ୍ଗରଙ୍କୁ ଡିସେମ୍ବର ୨୩ରେ ଦିଲ୍ଲୀ ହାଇକୋର୍ଟ ଜାମିନ ପ୍ରଦାନ କରିଥିଲେ ଏବଂ ତାଙ୍କ ଦଣ୍ଡାଦେଶକୁ ସସପେଣ୍ଡ କରିଦେଇଥିଲେ। ଏହାକୁ ନେଇ ସାରା ଦେଶରେ ତୀବ୍ର ▶ପୃଷ୍ଠା-୭

# ସାରା ଦେଶରୁ ହଟିବେ ଅନୁପ୍ରବେଶକାରୀ: ଶାହା



■ ଗୌହାଟୀ, ୨୯।୧୨ (ଏଜେନ୍ସି): ଆସାମର ନୌଗାଁଓରେ ବଟାଦ୍ରବା ପୁନର୍ବିକାଶ ପ୍ରକଳ୍ପକୁ ଉଦ୍‌ଘାଟନ କରି ଅନୁପ୍ରବେଶକାରୀଙ୍କୁ ସାରା ଦେଶରୁ ହଟାଯିବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି। ସେ ଏଠାରେ ଆସାମ ସରକାରଙ୍କ ପଦକ୍ଷେପକୁ ପ୍ରଶଂସା କରିଛନ୍ତି। ଶାହା କହିଥିଲେ ଯେ ବାଂଲାଦେଶ ଅନୁପ୍ରବେଶକାରୀଙ୍କ କବ୍‌ଜାରେ ଥିବା ଲକ୍ଷେ ବିଘା ଜମିକୁ ହିମନ୍ତ ବିଶ୍ୱ ଶର୍ମା ମୁକ୍ତ କରିଛନ୍ତି। ଏହି ଭଳି ଭାବେ ସାରା ଦେଶରୁ ଅନୁପ୍ରବେଶକାରୀଙ୍କୁ ତଡ଼ିବୁ। ଶ୍ରୀମନ୍ତ ଶଙ୍କରଦେବ ଜୀଙ୍କ ସ୍ମୃତି ସ୍ଥଳକୁ ବାଂଲାଦେଶ ଅନୁପ୍ରବେଶକାରୀ କବ୍‌ଜା କରିବା ଉଚିତ ନ ଥିଲା। ଆଜି ଏହି ସ୍ଥାନରୁ ଅନୁପ୍ରବେଶକାରୀଙ୍କୁ ହଟାଇ ପୁନଃ ନାମଘର ପ୍ରତିଷ୍ଠା କରାଯାଇଛି। ଆସାମ ଜନତା ପୁଣିଥରେ ବିଜେପିକୁ ସମର୍ଥନ ଦିଅନ୍ତୁ। ଆମେ ସାରା ଆସାମକୁ ଅନୁପ୍ରବେଶ ମୁକ୍ତ କରିବୁ। ଯେଉଁ ▶ପୃଷ୍ଠା-୭

**ଏସ୍‌ଆଇ ଚାକିରି ବିକ୍ରି**

# ସିବିଆଇର ପ୍ରଥମ ଚାର୍ଜସିଟ୍‌ରେ ୧୬ ଅଭିଯୁକ୍ତ

■ ଭୁବନେଶ୍ୱର, ୨୯।୧୨ (ସମିସ): ଏସ୍‌ଆଇ ଚାକିରି ବିକ୍ରି ମାମଲାରେ ପ୍ରାଥମିକ ଚାର୍ଜସିଟ୍ ଦାଖଲ କରିଛି ସିବିଆଇ। ଚାର୍ଜସିଟ୍‌ରେ ମୋଟ୍ ୧୬ଜଣଙ୍କ ନାମ ରହିଛି। ଏହି ୧୬ଜଣଙ୍କ ମଧ୍ୟରେ ୯ଜଣଙ୍କୁ ପୂର୍ବରୁ କ୍ରାଇମ୍‌ବ୍ରାଞ୍ଚ ଗିରଫ କରିଥିଲା ବେଳେ ଅବଶିଷ୍ଟ ୭ଜଣଙ୍କୁ ସିବିଆଇ ଗିରଫ କରିଛି। ଚାର୍ଜସିଟ୍‌ରେ ଉଲ୍ଲେଖଥିବା ଅଭିଯୁକ୍ତମାନଙ୍କ ମଧ୍ୟରେ ସିଲିକନ୍ ସିଇଓ ସୁରେଶ ନାୟକ, ଦଲାଲ ନେଟ୍‌ୱାର୍କର ମୁଖ୍ୟ ତଥା ପଞ୍ଚସପ୍ତର ମାଲିକ ଶଙ୍କର ପୃଷ୍ଟି, ଅରବିନ୍ଦ ଦାସ, ମୁନ୍ନା ମହାନ୍ତିଙ୍କୁ ପ୍ରମୁଖ କାର୍ପଟଦାର ଭାବେ ଦର୍ଶାଯାଇଛି। ▶ପୃଷ୍ଠା-୭

**ଶଙ୍କର, ମୁନ୍ନା, ସୁରେଶ ଓ ଅରବିନ୍ଦ ମୁଖ୍ୟ କାର୍ପଟଦାର**

# ୧୦ ଡିଗ୍ରୀ ତଳେ ୧୫ ସହର ପାରଦ

**ଜି.ଉଦୟଗିରି ସବୁଠୁ ଥଣ୍ଡା**

■ ଭୁବନେଶ୍ୱର, ୨୯।୧୨ (ସମିସ): ରାଜ୍ୟରେ ଅସହ୍ୟ ଶୀତ ଜାରି ରହିଛି। ନୂଆବର୍ଷ ପର୍ଯ୍ୟନ୍ତ ଏମିତି ସ୍ଥିତି ଲାଗି ରହିବ। ଗତ ୨୪ ଘଣ୍ଟାରେ ରାଜ୍ୟର ୧୫ଟି ସହରରେ ତାପମାତ୍ରା ୧୦ଡିଗ୍ରୀ ତଳେ ରହିଛି। ଏହାସହ ୩.୬ଡିଗ୍ରୀ ସହ ଜି.ଉଦୟଗିରି ପୁଣିଥରେ ରାଜ୍ୟର ସବୁଠୁ ଥଣ୍ଡା ସହର ପାଲଟିଛି। ଗତ ଦୁଇଦିନ ହେବ ଜି ଉଦୟଗିରିରେ ପାରଦ ୩ ଡିଗ୍ରୀକୁ ଖସି ଆସିଥିବାରୁ ଏଠାରେ ପ୍ରବଳ ଶୀତ ଅନୁଭୂତ ହେଉଛି। ସେହିପରି, ସେମିଳିଗୁଡାରେ ୫.୨, ଫୁଲବାଣୀରେ ୫.୫, ଦାରିଙ୍ଗବାଡ଼ିରେ ୬, କୋରାପୁଟରେ ୬.୪, ଝାରସୁଗୁଡ଼ାରେ ୬.୫, ରାଉରକେଲାରେ ୭, ଅନୁଗୋଳରେ ୮, ନବରଙ୍ଗପୁରରେ ୮.୬, କିରେଇରେ ୮.୭, ଭାବନୀପାଟଣାରେ ୯, ବଲାଙ୍ଗୀରରେ ୯.୪, ସୁନ୍ଦରଗଡ଼ରେ ୯.୫ ଏବଂ ସୋନପୁର ଓ କେନ୍ଦୁଝରରେ ୯.୮ ଡିଗ୍ରୀ ଲେଖାଏଁ ରେକର୍ଡ ହୋଇଛି।

ଅପରପକ୍ଷେ, ୬.୫ ଡିଗ୍ରୀ ସହ ଝାରସୁଗୁଡ଼ାରେ ଗତ ୧୫ ବର୍ଷରେ (୨୦୧୦ରୁ ଏଯାବତ୍) ମଧ୍ୟରେ ଡିସେମ୍ବର ମାସରେ ଏହା ଚତୁର୍ଥ ସର୍ବନିମ୍ନ ତାପମାତ୍ରା। ଏହା ପୂର୍ବରୁ ୭ ଡିସେମ୍ବର ୨୦୨୧ରେ ୫.୬ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଥିଲା। ତାହା ସର୍ବକାଳୀନ ରେକର୍ଡ ଥିଲା। ପାଣିପାଗ କେନ୍ଦ୍ର କହିଛି ଯେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ▶ପୃଷ୍ଠା-୭

**ହୋଟେଲରୁ ଶବ ମିଳିବା ଘଟଣାର ପର୍ଦ୍ଦାଫାସ୍**

# ସାଙ୍ଗର ପ୍ରେମିକା ସହ ଅବୈଧ ସମ୍ପର୍କରୁ ହତ୍ୟା



■ ବାଲେଶ୍ୱର, ୨୯।୧୨(ସମିସ): ପ୍ରେମିକା ସହ ଅବୈଧ ସଂପର୍କ ରଖିବାରୁ ସାଙ୍ଗକୁ ମାରିଦେଲା। ଗତ ୨୫ ତାରିଖ ଦିନ ହୋଟେଲ ସୂରଜରେ ଘଟିଥିବା ଆକାଶ ମହାନ୍ତ ହତ୍ୟାକାଣ୍ଡର ପର୍ଦ୍ଦାଫାସ୍ କରି ସହଦେବଖୁଣ୍ଟା ପୁଲିସ ଏପରି ଚାଞ୍ଚଲ୍ୟକର ତଥ୍ୟ ଦେଇଛି। ଏହି ଘଟଣାରେ ପୁଲିସ ଅଭିଯୁକ୍ତ ରାମଚନ୍ଦ୍ର ସିଂ(୨୨) ଓ ତାଙ୍କ ପ୍ରେମିକା ମୟୂରଭଞ୍ଜ ଜିଲ୍ଲା ବେତନଟୀ ଥାନା ଅନ୍ତର୍ଗତ ବଡ଼ଜାମବଣୀ ଅଞ୍ଚଳର ଜେମାମଣି ସିଂ(୨୭)କୁ ଗିରଫ କରି କୋର୍ଟଚାଲାଣ କରିଛି। ପୂର୍ବରୁ ପୁଲିସ ରାମଚନ୍ଦ୍ରକୁ ଥାନାରେ ଅଟକ ରଖିଥିବା ବେଳେ ଜେମାମଣିଙ୍କୁ ଆଜି ଯାଜପୁରରୁ ଗିରଫ କରିଛି। ଦୁହେଁ ମିଶି ହୋଟେଲ ରୁମ୍‌ରେ ଆକାଶଙ୍କୁ ହତ୍ୟା କରିଥିଲେ ବୋଲି ପୁଲିସ କହିଛି। ସହଦେବଖୁଣ୍ଟା ଥାନାରେ ଆଜି ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସିଟି ଡିଏସ୍‌ପି ନିର୍ମଳା ଗୋଚ୍ଛାୟତ ଏହି ସୂଚନା ଦେଇଛନ୍ତି।

ସୂଚନାନୁଯାୟୀ, ଆକାଶ ଓ ରାମଚନ୍ଦ୍ର ଦୁଇ ସାଙ୍ଗ। ସେମାନେ ହୋମ୍‌ଗାର୍ଡ ପରୀକ୍ଷା ପାଇଁ ଫର୍ମପୂରଣ କରିଥିଲେ। ଗତ ୨୫ତାରିଖରେ ଆଡମିଟ୍ କାର୍ଡ ନେବା ପାଇଁ ଦୁହେଁ ବେତନଟୀ ଥାନାକୁ ଯାଇଥିଲେ। ସେଠାରେ ରାମଚନ୍ଦ୍ରଙ୍କ ଆଡମିଟ୍ କାର୍ଡ ନ ମିଳିବାରୁ ଏ ବାବଦରେ ବୁଝିବା ପାଇଁ ଦୁହେଁ ବାଲେଶ୍ୱର ପୁଲିସ ମୁଖ୍ୟାଳୟକୁ ଆସିଥିଲେ। ବାଟରେ ରାମଚନ୍ଦ୍ର ନିଜ ପ୍ରେମିକା ଜେମାମଣିଙ୍କୁ ବି ସାଙ୍ଗରେ ▶ପୃଷ୍ଠା-୭




## ଆଜିର ରାଶିଫଳ

**ମେଷ:** ଅଫିସ୍‌ରେ ସମସ୍ୟା ଦେଖା ଦେବ। ଗୁରୁଜନଙ୍କ ସହ ଉତ୍ତମ ବୁଝାମଣା ରହିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଉତ୍ତମ। ରୋଜଗାର ବୃଦ୍ଧି ହେବ। ମନ ପ୍ରସନ୍ନ ରହିବ। ଜୀବନସାଥୀଙ୍କ ସହଯୋଗ ମିଳିବ।

**ବୃଷ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। କୌଣସି କାର୍ଯ୍ୟ ବିଗିଡ଼ିଯାଇପାରେ। ଧାର୍ମିକ କାର୍ଯ୍ୟ ପ୍ରତି ଆଗ୍ରହ ବଢ଼ିବ। ଆଚରଣରେ ନିୟନ୍ତ୍ରଣ ରକ୍ଷା କରିବେ। ଆତ୍ମବିଶ୍ୱାସର ସହ କାର୍ଯ୍ୟ କରିବେ।

**ମିଥୁନ:** ବିରୋଧୀଙ୍କ ସହ ମତାନ୍ତର ଦୂର ହେବ। ଆଇନ ସମ୍ବନ୍ଧୀୟ ମାମଲା ଆପଣଙ୍କ ସପକ୍ଷରେ ଯିବ। ଭୁଲ୍ କାମରୁ ଦୂରେଇ ରହିବେ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**କର୍କଟ:** ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିବେ। ଗରିବଙ୍କୁ ସାହାଯ୍ୟ କରିବେ। କାର୍ଯ୍ୟ କ୍ଷେତ୍ରରେ ବରିଷ୍ଠ ଅଧିକାରୀଙ୍କ ମାର୍ଗଦର୍ଶନରେ ପରିଚାଳିତ ହେବେ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**ସିଂହ:** ଆର୍ଥିକ ସମସ୍ୟା ସୃଷ୍ଟି ହେବ। ସେଲ୍‌ସ ମାର୍କେଟିଂ କ୍ଷେତ୍ରରେ ସଫଳତା ମିଳିବ। କାର୍ଯ୍ୟକ୍ଷେତ୍ରରେ ବିଶେଷ ଧ୍ୟାନ ଦେବେ। ଦୁର୍ଗା ଚାଳିଶା ପାଠ କରିବା ଭଲ। କାର୍ଯ୍ୟ ଧାରାରେ ପରିବର୍ତ୍ତନ ଆଣିବେ।

**କନ୍ୟା:** ସମାଜରେ ମାନ ସମ୍ମାନ ବୃଦ୍ଧି ପାଇବ। ବନ୍ଧୁଙ୍କ ସହାୟତାରେ କାମ ପୂରା କରିବେ। ଛାତ୍ରଛାତ୍ରୀ ପଢ଼ାକୁ ନେଇ ଚିନ୍ତାରେ ରହିବେ। ସ୍ୱାସ୍ଥ୍ୟ ସମସ୍ୟା ଉପୁଜିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ଦିନଟିରେ ସଫଳତା ମିଳିବ। ପୈତୃକ ବ୍ୟବସାୟରୁ ଲାଭବାନ ହେବେ। ସକାରାତ୍ମକ ଚିନ୍ତାଧାରାରେ ସମସ୍ତ କାର୍ଯ୍ୟ କରିବେ। ଆର୍ଥିକ ଲାଭ ମିଳିବ। ବଚନରେ ମଧୁରତା ରକ୍ଷା କରିବେ।

**ବିଛା:** ବାଦବିବାଦରୁ ଦୂରେଇ ରହିବେ। ତରବରିଆ ଭାବେ ନିଷ୍ପତ୍ତି ନେବେ ନାହିଁ। କାମରୁ ଲାଭ ଓ ସଫଳତା ମିଳିବ। ବ୍ୟବସାୟରେ ଦୂରସ୍ଥାନକୁ ଯାତ୍ରା କରିବେ। ପ୍ରେମ ସମ୍ପର୍କ ସୁଖମୟ ହେବ।

**ଧନୁ:** କାର୍ଯ୍ୟକ୍ଷେତ୍ରରେ ଆତ୍ମବିଶ୍ୱାସର ଅଭାବ ରହିବ। କୌଣସି ସମସ୍ୟାରେ ପଡ଼ିପାରନ୍ତି। ପରିଶ୍ରମ ଅନୁସାରେ ସଫଳତା ମିଳିବ। ମହାଦେବଙ୍କ ପୂଜାର୍ଚ୍ଚନାରେ ସମୟ ବିତିବ।

**ମକର:** ବିବାହ ପ୍ରସ୍ତାବ ଆସିବ। କୌଣସି କଥାକୁ ନେଇ ଅଧିକ ଚିନ୍ତା କରିବେ ନାହିଁ। ଭାଇ, ଭଉଣୀଙ୍କ ସହ ହସ ଖୁସିରେ ଦିନ କାଟିବେ। ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ସୁଯୋଗ ମିଳିବ।

**କୁମ୍ଭ:** ପରନିନ୍ଦାରୁ ଦୂରେଇ ରହିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତାନ୍ତର ଦେଖା ଦେବ। ରଣନୀତିରେ କାମ କରିବେ ଏବଂ ସଫଳତା ପ୍ରାପ୍ତି ହେବ। ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଖର୍ଚ୍ଚାନ୍ତ ହେବେ।

**ମୀନ:** ମାନସିକ ଶାନ୍ତି ପାଇବେ। ଅଫିସ୍‌ରେ ପ୍ରତିଷ୍ଠା ବଢ଼ିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଶୁଭ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ସମସ୍ତ କାମ ସହଜରେ ପୂରା କରିବେ।

## ଆଜିର ଇତିହାସ


- ୧୯୦୬- ଢାକାରେ ମୁସଲିମ୍ ନେତାଙ୍କ ତିନିଦିନର ବୈଠକ ପରେ 'ଅଲ୍ ଇଣ୍ଡିଆ ମୁସଲିମ୍ ଲିଗ୍ ପାର୍ଟି' ଗଠନ କରିବାକୁ ଘୋଷଣା କରାଗଲା।
- ୧୯୭୧- ଭାରତର ପ୍ରଖ୍ୟାତ ବୈଜ୍ଞାନିକ ବିକ୍ରମ ସରାଭାଇଙ୍କ ପରଲୋକ।
- ୧୯୭୫- ହିନ୍ଦୀ କବି ଦୁଷ୍ୟନ୍ତ କୁମାରଙ୍କ ନିଧନ।
- ୧୯୯୬- ଗୁଏଟ୍‌ମାଲାରେ ୩୬ ବର୍ଷ ଧରି ଚାଲିଥିବା ଗୃହଯୁଦ୍ଧର ସମାପ୍ତ ହେଲା।
- ୨୦୦୬- ଇରାକ୍‌ର ପୂର୍ବତନ ରାଷ୍ଟ୍ରପତି ସଦ୍ଦାମ ହୁସେନ୍‌ଙ୍କୁ ଫାଶୀ ଦିଆଗଲା।

## ପିକକ୍ ପ୍ୟାରେଣ୍ଟିଂ



ପିଲାଙ୍କ ଲାଳନପାଳନକୁ ନେଇ ଅଭିଭାବକମାନେ ଚିନ୍ତାରେ ରହୁହନ୍ତି। ଏହି କ୍ରମରେ ପିକକ୍ ପ୍ୟାରେଣ୍ଟିଂ ଧାରା ଏବେ ବେଶ୍ ଲୋକପ୍ରିୟ ହେବାରେ ଲାଗିଛି। ଏଭଳି ଧାରା ପିଲାଙ୍କ ଉପରେ ଚାପ ପକାଉଥିବା ଜଣାପଡ଼ିଛି। ପିକକ୍ ପ୍ୟାରେଣ୍ଟିଂ ଏମିତି ଏକ ଶୈଳୀ, ଯେଉଁଥିରେ ବାପାମାଆ ନିଜ ପିଲାଙ୍କୁ ମୟୂର ଭଳି ଆକର୍ଷଣୀୟ କରି ଦୁନିଆ ଆଗରେ ଛିଡ଼ା କରିବା ଉପରେ ଗୁରୁତ୍ୱ ଦେଇଥାନ୍ତି। ପିଲାଟିର ନିଜର ଏକ ବ୍ୟକ୍ତିଗତ ଜୀବନ ଅଛି ବୋଲି ସେମାନେ ଭୁଲି ଯାଆନ୍ତି। ଅଭିଭାବକମାନେ ପିଲାର ଲାଳନପାଳନ ସମୟରେ ଆବଶ୍ୟକତାଠୁ ଅଧିକ ପିଲାଙ୍କର ପବ୍ଲିକ୍ ଇମେଜ୍ ଉପରେ ଗୁରୁତ୍ୱ ଦିଅନ୍ତି। ଏଥିରେ ପିଲାମାନଙ୍କର ଅଭିଭାବକ ସେମାନଙ୍କୁ ଦୁନିଆ ଆଗରେ ଅଧିକ ସ୍ମାର୍ଟ, ବୁଦ୍ଧିମାନ ଦେଖାଇବାକୁ ପ୍ରୟାସ କରନ୍ତି। ଠିକ୍ ଯେପରି ଜଣେ ବ୍ୟକ୍ତିଙ୍କୁ ପ୍ରମୋଟ୍ କରିବା ପାଇଁ ପିଆର୍ ଟିମ୍ କରିଥାଏ। ଆଜିକାଲି ସାମାଜିକ ଗଣମାଧ୍ୟମରେ ପିଲାଙ୍କର ପ୍ରତ୍ୟେକ ସଫଳତାକୁ ବାପାମାଆମାନେ ଆବଶ୍ୟକତାଠୁ ଅଧିକ ଦେଖେଇ ହେବାରେ ଲାଗିଛନ୍ତି। ଯାହାକୁ କେବଳ ପିଲା ହିଁ ଅନୁଭବ କରୁଥିବା କୁହାଯାଉଛି। ଏହି କାରଣ ଯୋଗୁଁ ପିଲାମାନେ ଧୀରେ ଧୀରେ ଅବସାଦ ଆଡ଼କୁ ଗତି କରିଥାନ୍ତି। ଅଭିଭାବକମାନେ ଏଭଳି କରିବା ଦ୍ୱାରା ପ୍ରତ୍ୟେକ ଜିନିଷ କେବଳ ଦେଖେଇ ହେବା ପାଇଁ କରାଯାଉଥିବା ପିଲାଙ୍କୁ ଲାଗିଥାଏ। ଅନ୍ୟପଟେ ଯେଉଁ ବୟସରେ ସେମାନେ ଭୁଲ୍‌ରୁ ଶିଖିବା ପାଇଁ ଚେଷ୍ଟା କରୁଥାନ୍ତି ସେହି ବୟସରେ ସେମାନଙ୍କୁ ସବୁ ବିଷୟରେ ପାରଙ୍ଗମ ହେବା ଦୌଡ଼ରେ ଅଭିଭାବକମାନେ ସାମିଲ କରି ଦେଉଛନ୍ତି। ଏହାର ପ୍ରଭାବ ସେମାନଙ୍କ ସୃଜନଶୀଳତା ଉପରେ ପଡୁଛି। ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ଏଥିଯୋଗୁଁ ପିଲାମାନଙ୍କ ଉପରେ ମାନସିକ ଚାପ ମଧ୍ୟ ପଡୁଛି।

## ଜାନୁଆରୀରେ 'ଲଭ୍ ଆଣ୍ଡ ୱାର୍'ର ଫାଷ୍ଟ ଲୁକ୍



୨୦୨୬ର ଚର୍ଚ୍ଚିତ ଫିଲ୍ମ ମଧ୍ୟରେ ସଞ୍ଜୟ ଲୀଲା ଭଁସାଲିଙ୍କ 'ଲଭ୍ ଆଣ୍ଡ ୱାର୍' ରହିଛି। ଏଥିରେ ଲିଡ୍ ରୋଲରେ ରଣବୀର କପୁର, ଆଲିଆ ଭଟ୍ଟ ଓ ଭିକି କୌଶଳ ନଜର ଆସିବେ। ଯୁଦ୍ଧ ପୃଷ୍ଠଭୂମିରେ ଗଢ଼ି ଉଠିଥିବା ତ୍ରିକୋଣୀୟ ପ୍ରେମ କାହାଣୀ ଉପରେ ଏହି ଫିଲ୍ମ ଆଧାରିତ। ଏହାକୁ ନେଇ ଦର୍ଶକଙ୍କ ମଧ୍ୟରେ ବେଶ୍ ଜବରଦସ୍ତ ଉତ୍ସାହ ରହିଛି। ଫିଲ୍ମର ଅଧାରୁ ଅଧିକ ଅଂଶର ସୁଟିଂ ସରିଛି। ଏବେ ଫିଲ୍ମର ଫାଷ୍ଟ ଲୁକ୍‌କୁ ନେଇ ଖବର ଆସିଛି। ଏହା ଆସନ୍ତା ଜାନୁଆରୀରେ ରିଲିଜ୍ ହେବ। ଏଥିରେ ଏହି ତିନି ସୁପରଷ୍ଟାର୍ ଏକାସଙ୍ଗେ ନଜର ଆସିବେ ବୋଲି ଏକପ୍ରକାର ସ୍ପଷ୍ଟ ହୋଇଛି। ଏହାପୂର୍ବରୁ ସୁଟିଂସେଟ୍‌ରୁ ରଣବୀର ଓ ଆଲିଆଙ୍କର ଅନେକ ଫଟୋ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି। ଏହା ଆସନ୍ତା ମାର୍ଚ୍ଚ ୨୦ରେ ରିଲିଜ୍ ହେବ ବୋଲି ପୂର୍ବରୁ ଘୋଷଣା କରାଯାଇଥିଲା। ସୁଟିଂରେ ବିଳମ୍ବ ହେବାରୁ ଏବେ ଏହାର ରିଲିଜ୍ ଡେଟ୍‌କୁ ଘୁଞ୍ଚାଇ ୧୪ ଅଗଷ୍ଟ କରି ଦିଆଯାଇଛି।

## ପେନ୍‌ସିଲ୍ ମୁନ ଆକୃତିର ବେଙ୍ଗ



ବୈଜ୍ଞାନିକମାନେ ବେଙ୍ଗର ଏକ ନୂଆ ପ୍ରଜାତିର ସନ୍ଧାନ କରିଛନ୍ତି। ବେଙ୍ଗଟି ଦେଖିବାକୁ ପେନ୍‌ସିଲ୍ ମୁନ ଭଳି କ୍ଷୁଦ୍ରାକାର। ଏହା ବ୍ରାଜିଲର ସେରା ଡୋ କ୍ୱିରିରି ପର୍ବତମାଳାର ଘଞ୍ଚ ଜଙ୍ଗଲରେ ମିଳିଛି। ଏହି ଜଙ୍ଗଲ ଭୂପୃଷ୍ଠଠାରୁ ୧୦୦୦ ରୁ ୨୫୦୦ ମିଟର ଉଚ୍ଚତାରେ ଅବସ୍ଥିତ। ଏହି ନୂଆ ପ୍ରଜାତି ବେଙ୍ଗର ନାଁ 'ବ୍ରେକିସେଲଫଲସ ଲୁଲଇ।' ଏହି ନାଁ ବ୍ରାଜିଲ ରାଷ୍ଟ୍ରପତି ଲୁଇଜ ଇନାସିୟୋ ଲୁଲା ଡା ସିଲ୍‌ଭାଙ୍କ ସମ୍ମାନରେ ରଖାଯାଇଛି। ତେବେ ବେଙ୍ଗଟିର ଅନେକ ବିଶେଷତ୍ୱ ବି ଅଛି। ଏହାର ଶରୀର ଉଜ୍ଜ୍ୱଳ କମଳା ରଙ୍ଗର ହୋଇଥିବା ବେଳେ ଏହା ଉପରେ ଧୂସର ଓ ସବୁଜ ଦାଗ ରହିଛି। ଏହି ପ୍ରଜାତିର ଅଣ୍ଡିରା ବେଙ୍ଗର ଆକାର ୯ ରୁ ୧୧ ମିଲିମିଟର ହୋଇଥିବା ବେଳେ ମାଇ ବେଙ୍ଗର ଆକାର ୧୧-୧୪ ମିଲିମିଟର ହୋଇଥାଏ। ବୈଜ୍ଞାନିକମାନେ ଦୀର୍ଘ ବର୍ଷ ଧରି ଏହି ଅଞ୍ଚଳରେ ଅନୁସନ୍ଧାନ କରିଆସୁଛନ୍ତି। କାରଣ ଏଠାରେ ଏମିତି ସୂକ୍ଷ୍ମଜୀବ ମିଳିଥାନ୍ତି, ଯାହାକି ବିଶ୍ୱର ଅନ୍ୟ କୌଣସି ସ୍ଥାନରେ ମିଳି ନ ଥାଏ। ଏହି ନୂତନ ପ୍ରଜାତିକୁ ଏହାର ଅନନ୍ୟ ଶରୀର ଗଠନ ଦ୍ୱାରା ଚିହ୍ନଟ କରାଯାଇଥିଲା, ଯାହା ଏହି ଅଞ୍ଚଳର ଅନ୍ୟ ବେଙ୍ଗଠାରୁ ଭିନ୍ନ ଥିଲା। ଏହାର ଚିହ୍ନଟ ଡିଏନଏ ପରୀକ୍ଷା ଏବଂ ସିଟି ଏକ୍ସରେ ସ୍କାନ ଦ୍ୱାରା କରାଯାଇଛି। ସେହିପରି ଏହି ଛୋଟିଆ ବେଙ୍ଗ ଏମିତି ସ୍ଥାନରେ ରହେ, ଯାହାକି ଖୁବ୍ ସୀମିତ। ତେଣୁ ଏହାର ବିଲୁପ୍ତ ହେବା ଆଶଙ୍କା ଅଧିକ। ବୈଜ୍ଞାନିକମାନେ ଏହି ବେଙ୍ଗ ଏବଂ ଏହା ଭଳି ଅନ୍ୟ ସୂକ୍ଷ୍ମ ଜୀବଙ୍କୁ ରକ୍ଷା କରିବା ଲାଗି ସେରା ଡୋ କ୍ୱିରିରିକୁ ବନ୍ୟପ୍ରାଣୀ ଆଶ୍ରୟସ୍ଥଳ ଭାବେ ଘୋଷଣା କରିବାକୁ ପ୍ରସ୍ତାବ ଦେଇଛନ୍ତି। ଯଦି ଏଭଳି ପ୍ରଜାତିର ବେଙ୍ଗକୁ ସୁରକ୍ଷା ନ ଦିଆଯିବ ଏମାନେ ବିଲୁପ୍ତ ହୋଇଯିବେ ବୋଲି ବୈଜ୍ଞାନିକମାନେ ଚେତାଇ ଦେଇଛନ୍ତି।



# ସୁବର୍ଣ୍ଣା

## ଡାଲିଜାତୀୟ ଫସଲରେ ଉତ୍ପାଦକତା ବୃଦ୍ଧି

# ଜୀବାଣୁ ସାର ଏବଂ ଅଣୁସାର ଉପଯୋଗୀ

**ଡାଲି ଏକ ପୁଷ୍ଟିସାର ଜାତୀୟ ଖାଦ୍ୟ। ଡାଲି ଜାତୀୟ ଫସଲ ମଧ୍ୟରେ ମୁଗ, ବିରି, ହରଡ଼, ଚଣା, ବୁଟ, ମଟର, କୋଳଥ ଆଦି ମୁଖ୍ୟ ହୋଇଥାଏ। ଧାନ ପରେ ରାଜ୍ୟରେ ଦ୍ୱିତୀୟ ସର୍ବାଧିକ ଚାଷ କରାଯାଉଥିବା ଫସଲ ହେଉଛି ଡାଲି ଜାତୀୟ ଫସଲ। ହେଲେ ଏବେ ଡାଲି ଜାତୀୟ ଖାଦ୍ୟ ଉତ୍ପାଦନ କମୁଛି। ଡାଲି ଜାତୀୟ ଫସଲରେ ସମନ୍ୱିତ ସାର ପରିଚାଳନା କରା ନ ଯିବା ଏହାର ଏକ ପ୍ରମୁଖ କାରଣ। ତେଣୁ ଡାଲି ଉତ୍ପାଦନ ବୃଦ୍ଧି ପାଇଁ ଫସଲରେ ଜୀବାଣୁସାର ଓ ଅଣୁସାରର ଉପଯୋଗ ନିହାତି ଆବଶ୍ୟକ।**



ବିଭୁତି ଭୂଷଣ ଦଳବେହେରା

ଧାନ ଚାଷ ପରେ ପରବର୍ତ୍ତୀ ଫସଲକୁ ଉଚିତ ମାତ୍ରାରେ ପୋଷକତତ୍ତ୍ୱ ମିଳି ପାରେନି। ସେଥିପାଇଁ ମାଟିକୁ ଜୀବାଣୁ ସାରର ଆବଶ୍ୟକତା ପଡିଥାଏ। ଏହାଦ୍ୱାରା ମାଟିରେ ଯବକ୍ଷାରଜାନ ଅଂଶ ବୃଦ୍ଧି ପାଇ ଫସଲ ଅମଳ ବଢ଼ିପାରିବ।

**ଜୀବାଣୁ ସାର କ'ଣ:** ଜୀବାଣୁ ସାର ସୂକ୍ଷ୍ମ ଅଣୁଜୀବଙ୍କୁ ବୁଝାଏ। ମାଟିରେ କୋଟି କୋଟି ସଂଖ୍ୟାରେ ଏମାନେ ରହିଥାନ୍ତି। ମାତ୍ରାଧିକ ରାସାୟନିକ ସାର, କୀଟନାଶକ, ତୃଣକମାରୀର ପ୍ରୟୋଗ, ଖତ ପରିମାଣ କମ ହେତୁ ମାଟିରେ ସୂକ୍ଷ୍ମ ଅଣୁଜୀବଙ୍କର ସଂଖ୍ୟା କମି ଯାଉଛି। ତେଣୁ ସୂକ୍ଷ୍ମ ଅଣୁଜୀବଙ୍କୁ ପରୀକ୍ଷାଗାରରେ କଲଚର କରାଯାଇ ପ୍ୟାକେଟ ଭିତରେ ରଖାଯାଏ। ପରବର୍ତ୍ତୀ ସମୟରେ ଏହାକୁ ଫସଲ ଉତ୍ପାଦନ କାର୍ଯ୍ୟରେ ବ୍ୟବହାର କରାଯାଉଛି।

ଡାଲି ଜାତୀୟ ଫସଲ ପାଇଁ ବ୍ୟବହୃତ ଜୀବାଣୁ ସାର ମଧ୍ୟରେ 'ରାଇଜୋବିୟମ କଲଚର' ଏବଂ 'ଫସ୍‌ଫରସ ସଲ୍ୟୁଏବଲାଇଜିଂ ବ୍ୟାକ୍ଟେରିଆ ( ପି. ଏସ. ବି )' ପ୍ରମୁଖ ହୋଇଥାଏ। ରାଇଜୋବିୟମ କଲଚର ଚେରରେ ଗଣ୍ଠି ବୃଦ୍ଧି କରିବା ସହ ଫସଲକୁ ଯବକ୍ଷାରଜାନ ସାର ଯୋଗାଏ । ଫସ୍‌ଫରସ ସଲ୍ୟୁଏବଲାଇଜିଂ ବ୍ୟାକ୍ଟେରିଆ ମୃତ୍ତିକାରେ ବାନ୍ଧି ରହିଥିବା ଫସ୍‌ଫରସ ସାରକୁ ମୁକ୍ତ ଅବସ୍ଥାକୁ ଆଣି ଫସଲକୁ ସହଜଲବ୍ଧ କରିଥାଏ।

୧ କେଜି ବିହନ ପାଇଁ ୧୦-୨୦ ଗ୍ରାମ ରାଇଜୋବିୟମ କଲଚର ଆବଶ୍ୟକ ପଡେ। ପ୍ରଥମେ ରାଇଜୋବିୟମ କଲଚର ସହ ଦ୍ୱିଗୁଣ ପାଣି ବା ଥଣ୍ଡା ପେଜ ମିଶାଇ ବହଳିଆ ମଣ୍ଡ ପ୍ରସ୍ତୁତ କରାଯାଏ। ଉକ୍ତ ମଣ୍ଡକୁ ଡାଲି ଜାତୀୟ ବିହନ ଉପରେ ଗୋଳାଇ ଛାଇରେ ରଖାଯାଏ। ସେହିପରି ଫସ୍‌ଫରସ ସଲ୍ୟୁଏବଲାଇଜିଂ ବ୍ୟାକ୍ଟେରିଆ ଜୀବାଣୁ ସାରକୁ ବିହନ ପ୍ରତି ୧୦-୨୦ ଗ୍ରାମ ନେଇ ଦ୍ୱିଗୁଣ ପାଣି ବା ଥଣ୍ଡା ପେଜ ସହ ଗୋଳାଇ ଏକ ମଣ୍ଡ ପ୍ରସ୍ତୁତ କରିବାକୁ ପଡେ। ଉକ୍ତ ମଣ୍ଡକୁ ବିହନରେ ଗୋଳାଇ ଛାଇ ଜାଗାରେ ରଖା ଯାଏ। ବିହନକୁ ସାଧାରଣତଃ ସକାଳ କିମ୍ବା ଅପରାହ୍ନରେ ବୁଣାଗଲେ ଜୀବାଣୁ ସାରର କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଥାଏ। ଖରାରେ ପ୍ରୟୋଗ କଲେ ସେଥିରେ ଥିବା ଜୀବାଣୁ ମାନେ ନଷ୍ଟ ହୋଇଯାନ୍ତି। ଉକ୍ତ ଜୀବାଣୁ ସାରକୁ ଗୋବର ଖତ ସହ ମିଶାଯାଇ ଜମିରେ ପକା ଯାଇ ପାରିବ। ଡାଲି ଜାତୀୟ ଫସଲ ଉତ୍ପାଦନରେ 'ମଲିବଡେନମ ଅଣୁସାର'ର ଭୂମିକା ଗୁରୁତ୍ୱପୂର୍ଣ୍ଣ। ୧୦ କେଜି ବିହନ ପ୍ରତି ୩ଗ୍ରାମ ମଲିବଡେନମ ଅଣୁସାର ପ୍ରୟୋଗ କଲେ ଡାଲି ଜାତୀୟ ଫସଲର ଉତ୍ପାଦନ ବଢିଥାଏ। ଠିକ ସେହିପରି 'ଗନ୍ଧକ ସାର' ପ୍ରୟୋଗ ଦ୍ୱାରା ମଧ ଫସଲ ଉତ୍ପାଦନ ବଢିବା ସହ ଦାନା ହୃଷ୍ଟପୁଷ୍ଟ ହୋଇଥାଏ। ସମନ୍ୱିତ ଖାଦ୍ୟ ସାର ପରିଚାଳନାରେ ଡାଲି ଚାଷ କରାଗଲେ ଫସଲର ଉତ୍ପାଦନ ବୃଦ୍ଧି ପାଇବ।

ଗ୍ରାମ୍ୟ କୃଷି କର୍ମଚାରୀ
ବେଗୁନିଆ, ଖୋର୍ଦ୍ଧା

## କ୍ଷୁଦ୍ରଚାଷୀଙ୍କ ପାଇଁ କୃଷି ଯନ୍ତ୍ର



ପାରମ୍ପରିକ ପ୍ରଣାଳୀରେ ଚାଷ ଦ୍ୱାରା ଖର୍ଚ୍ଚ ଅଧିକ ବଢ଼ିଥାଏ। ଏହାଦ୍ୱାରା ଚାଷ କମ୍ କରିବାକୁ ପଡ଼େ। ଖର୍ଚ୍ଚ କମେ। ଅମଳରେ ପରିବର୍ତ୍ତନ ହୁଏ ନାହିଁ। ତେଣୁ ବିହାର, ବାଙ୍କା ଜିଲ୍ଲାର ମହମ୍ମଦ କମର ତୌହୀଦ କ୍ଷୁଦ୍ର ଚାଷୀମାନଙ୍କ ପାଇଁ ଏକ ଉପଯୁକ୍ତ କୃଷି ଯନ୍ତ୍ର ବାହାର କରିଛନ୍ତି। ମହମ୍ମଦ ପେଶାରେ ଜଣେ ମେକାନିକାଲ ଇଞ୍ଜିନିୟର। ୪୦,୦୦୦ଟଙ୍କା ଖର୍ଚ୍ଚରେ ଏହି ଯନ୍ତ୍ର କରିଛନ୍ତି। ଏଥିରେ ୫ ହର୍ସପାୱାର ସିଙ୍ଗଲ ସିଲିଣ୍ଡର, ଏୟାରକୁଲ୍ଡ ଡିଜେଲ ଏବଂ ବ୍ୟବହୃତ ହଳ ଇଞ୍ଜିନ ଆଦି ଲଗାଇଛନ୍ତି। ଯନ୍ତ୍ରଟି ୫ଫୁଟ ଲମ୍ବା ଏବଂ ୨.୫ ଫୁଟ ଚଉଡା। ଆବଡ଼ା ଖାବଡା ଜମିରେ ଏହି ଯନ୍ତ୍ରଟି ବେଶ ସହଜରେ ଚାଲିପାରିବ। ତେଣୁ ମହମ୍ମଦ ବିନା ଟାୟାରରେ ଏହି କୃଷିଯନ୍ତ୍ରଟିକୁ ତିଆରି କରିଛନ୍ତି। ଏହା ଏକାଧିକ କାମ କରି ଚାଷୀଙ୍କ ସମସ୍ୟା ଦୂର କରି ପାରିବ। ସାଧାରଣତଃ ବିହନ ବୁଣା ଶେଷ ହେବା ପରେ ଚାଷୀ ଏହାର ଇଞ୍ଜିନକୁ ଖୋଲି ଜମିରେ ପାଣି ମଡାଇବା ତଥା ଅମଳ କରିବାରେ ବ୍ୟବହାର କରିପାରିବେ। ଏହି କୃଷି ଯନ୍ତ୍ରଟି ଏକ ହେକ୍ଟର ଜମିରେ ମାତ୍ର ୮ ରୁ ୯ ଘଣ୍ଟାରେ ହଳ ଏବଂ ବୁଣା କାମ କରିଥାଏ।

## ଡ୍ରାଗନ୍‌ଫ୍ରୁଟ୍ ସହିତ ସପୁରୀ ଚାଷ

**ଆମ ରାଜ୍ୟରେ ଜଳବାୟୁର ଅନୁକୂଳ ପାଣିପାଗ ଅଭାବ ସତ୍ତ୍ୱେ ଡ୍ରାଗନ୍‌ଫ୍ରୁଟ୍ ଚାଷ ହେଉଛି। ଏହି ଚାଷ ପାଇଁ ବାଲିଆ, ମାଙ୍କିଡିଆ ପଥର ଏବଂ ଲାଲ୍ ମାଟି ଉପଯୁକ୍ତ। ତେବେ ଚାଷୀଭାଇ ଡ୍ରାଗନଫ୍ରୁଟ୍ ସହିତ ସପୁରୀ ଚାଷ ବି କରିପାରିବେ। ଏହା ଦ୍ୱାରା ଆୟ ଦ୍ୱିଗୁଣିତ ହୋଇପାରିବ।**



ଚାଷପାଇଁ ମାଟିକୁ ସମତଳ କରି ମାଟିକୁ ଉପର ତଳ କରାଯାଏ। ଡ୍ରାଗନଫ୍ରୁଟ ପାଇଁ ଜମିରେ ସିମେଣ୍ଟ ଖୁଣ୍ଟି ବନାଇ ଉପରେ ଗୋଲାକାର କିମ୍ବା ଚାରିକୋଣିଆର ବାଡ ସେଟିଂ କରାଯାଏ। ଡ୍ରାଗନଫ୍ରୁଟ୍ ଗଛରୁ ଗଛ ଦୂରତା ୨ରୁ ୫ଫୁଟ ରଖି ଦୁଇଟି ଧାଡ଼ି ମଧ୍ୟରେ ସପୁରୀ ଚାରା ଲଗାଯାଏ। ସପୁରୀ ଚାରାରୁ ଅନ୍ୟ ସପୁରୀ ଚାରା ଦୂରତା ୨ରୁ ଅଢ଼େଇ ଫୁଟ ରହିବ। ଶୁଷ୍କ ଅଞ୍ଚଳରେ ଏହି ଗଛ ବଢ଼ିପାରେ। ଜଳସିଞ୍ଚନକୁ ନେଇ ଚିନ୍ତା ନ ଥାଏ। ପ୍ରଥମ ଥର ଅଧ ଏକରରେ ଚାଷ ଆରମ୍ଭ କରିପାରିବେ। ଜୈବିକ ଖତ ପ୍ରୟୋଗ କରିବା ଆବଶ୍ୟକ। ଡ୍ରାଗନଫ୍ରୁଟ ଦର କିଲୋ ପ୍ରତି ୧୫୦ରୁ ୩୦୦ ଟଙ୍କା ହୋଇଥାଏ। ସେହିପରି ସପୁରୀ କେଜି ପିଛା ୪୦ରୁ ୭୦ଟଙ୍କା ଥାଏ। ତେଣୁ ଚାଷୀ ଉଭୟ ଫଳରୁ ଲାଭବାନ ହୋଇପାରିବେ।

## କୃଷି ପାଣିପାଗ

**ଏ ସପ୍ତାହ ପାଇଁ କେତେକ ପରାମର୍ଶ**

- ଡାଲୁଅ ଧାନର ବୁଣାବୁଣି କାର୍ଯ୍ୟ ଜାରି ରଖନ୍ତୁ। ଧାନ ତଳିଘରାକୁ ରାତ୍ରି ସମୟରେ ପଲିଥିନ୍‌ରେ ଘୋଡାଇ ରଖନ୍ତୁ।
- ସୂର୍ଯ୍ୟମୁଖୀ ଫସଲରେ କୋଡ଼ାଖୋସା କରି ଘାସ ବାଛି ଯବକ୍ଷାରଜାନଯୁକ୍ତ ସାରକୁ ପ୍ରୟୋଗ କରନ୍ତୁ।
- ଆଳୁ ଫସଲରେ ଜଳସେଚନ କରନ୍ତୁ।
- ଅଧିକ ଥଣ୍ଡା ସମୟରେ ଗୁହାଳରେ ପଲିଥିନ୍ କିମ୍ବା ଅଖା ଆଚ୍ଛାଦିକରଣର ବ୍ୟବସ୍ଥା କରନ୍ତୁ।
- କୁକୁଡ଼ା ଘରେ ଉତ୍ତାପ ବଜାୟ ରଖିବା ପାଇଁ ରୁମ ହିଟର କିମ୍ବା ୨୦୦ ୱାଟ ବଲ୍ ଲଗାନ୍ତୁ।
- ମାଛଙ୍କ ଦେହରେ କବକ, ପରଜୀବୀଜନିତ ରୋଗ ନିରାକରଣ ପାଇଁ ଏକ ଏକର ପୋଖରୀ ପ୍ରତି ସିଫାକ୍ସ ୪୦୦ ମିଲି ୪୦ ଲିଟର ପାଣିରେ ମିଶାଇ ବିଶୋଧନ କରନ୍ତୁ।

## ସମ୍ବଲପୁରରେ ଅଲ୍ ଓଡ଼ିଶା ଲୟର୍ସ ଆସୋସିଏସନ୍‌ର ୫୪ତମ ବାର୍ଷିକ ସମ୍ମିଳନୀ

# ମାତୃଭାଷା ହିଁ ଅଭିବ୍ୟକ୍ତିର ସବୁଠାରୁ ବଡ଼ ଓ ସହଜ ମାଧ୍ୟମ: ଧର୍ମେନ୍ଦ୍ର

ସମ୍ବଲପୁର,୨୯।୧୨(ସମିସ): ଜାତୀୟ ଶିକ୍ଷା ନୀତି ଅନୁଯାୟୀ ଶିକ୍ଷାର ମାଧ୍ୟମ ମାତୃଭାଷା ହେବା ଉଚିତ। ସେହିପରି ଭାରତର ନ୍ୟାୟ ବ୍ୟବସ୍ଥାକୁ ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇବାକୁ ହେଲେ ଏହାକୁ ମାତୃଭାଷା ଆଧାରିତ କରିବାକୁ ହେବ। ଓଡ଼ିଶାର ସମସ୍ତ କୋର୍ଟରେ କାର୍ଯ୍ୟକାରୀ ଭାଷା ଓଡ଼ିଆ ହେବା ଆବଶ୍ୟକ। ମାତୃଭାଷା ହିଁ ଅଭିବ୍ୟକ୍ତିର ସବୁଠାରୁ ବଡ଼ ଓ ସହଜ

### ଓଡ଼ିଶାରେ କୋର୍ଟ କାର୍ଯ୍ୟ ଓଡ଼ିଆରେ ହେଲେ ସବୁ ବର୍ଗର ଲୋକେ ଉପକୃତ ହେବେ

ମାଧ୍ୟମ। ଭାଷାର ପ୍ରତିବନ୍ଧକ ଦୂର ହେଲେ ହିଁ ସମାଜର ଶେଷ ଧାଡ଼ିରେ ଥିବା ବ୍ୟକ୍ତି ଉଚିତ ନ୍ୟାୟ ପାଇପାରିବେ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ସୋମବାର ସମ୍ବଲପୁରରେ ଆୟୋଜିତ ଅଲ୍ ଓଡ଼ିଶା ଲୟର୍ସ ଆସୋସିଏସନ୍‌ର ୫୪ତମ ବାର୍ଷିକ ସମ୍ମିଳନୀରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ଆମର ସମ୍ବିଧାନ ଓ ଗଣତନ୍ତ୍ରର ସୁରକ୍ଷା ପାଇଁ ଆଇନଜୀବୀମାନେ ହେଉଛନ୍ତି




ମୁଖ୍ୟ ପ୍ରହରୀ। ଆଜି ଯେତେବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଆମେ 'ବିକଶିତ ଭାରତ' ଏବଂ 'ବିକଶିତ ଓଡ଼ିଶା' ଗଠନର ସଂକଳ୍ପ ନେଇଛୁ, ସେଥିରେ ଆପଣମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସାଧାରଣ ଲୋକଙ୍କୁ ନ୍ୟାୟ ପ୍ରଦାନ କରିବା ଏବଂ ସେମାନଙ୍କ ଅଧିକାରର ସୁରକ୍ଷା କରିବା ଦିଗରେ ଆପଣଙ୍କ ନିଷ୍ଠା ଓ ସେବା ମନୋଭାବ ହିଁ ଏକ ସୁସ୍ଥ ସମାଜ ଗଠନ କରିପାରିବ। ଆମ ଓଡ଼ିଆ ଓକିଲମାନଙ୍କ ବୌଦ୍ଧିକ କ୍ଷମତା ଅତ୍ୟନ୍ତ ଉଚ୍ଚକୋଟୀର। ଏହାର ଶ୍ରେଷ୍ଠ ଉଦାହରଣ ହେଉଛନ୍ତି ଉତ୍କଳ ଗୌରବ ମଧୁସୂଦନ ଦାସ। ସେ ଧର୍ମରେ ଜଣେ ଖ୍ରୀଷ୍ଟିଆନ ହୋଇଥିଲେ ମଧ୍ୟ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅଧିକାର ପାଇଁ ମାମଲା ଲଢ଼ିଥିଲେ। ତାଙ୍କର ଦୂରଦୃଷ୍ଟି ଓ ଦାୟିତ୍ୱବୋଧ ଯୋଗୁଁ ଆଜି ଜଗନ୍ନାଥ ସଂସ୍କୃତି ଅକ୍ଷୁର୍ଣ୍ଣ ରହିଛି। ଆମକୁ ଆଜି ସେହିପରି ଦାୟିତ୍ୱବାନ ହୋଇ ସୁପ୍ରିମକୋର୍ଟରେ ଓଡ଼ିଆଙ୍କ ସଂଖ୍ୟା ଓ ପ୍ରଭାବ ବୃଦ୍ଧି କରିବାକୁ ହେବ। ଆଗାମୀ ଶତାବ୍ଦୀ ଆମ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଓଡ଼ିଶା ଗଠନର ୨୦୩୬ ସୁଦ୍ଧା ୧୦୦ ବର୍ଷ ଏବଂ ଦେଶ ସ୍ୱାଧୀନତାର ୨୦୪୭ ସୁଦ୍ଧା ୧୦୦ ବର୍ଷ ପୂରଣ ହେବା ବେଳକୁ ଆମ ନ୍ୟାୟ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ଭାରତୀୟ ଏବଂ ମାତୃଭାଷା ଆଧାରିତ ହେବା ଆବଶ୍ୟକ। ଆମକୁ ପାଶ୍ଚାତ୍ୟ ଚିନ୍ତାଧାରାରୁ ବାହାରି ଭାରତୀୟ ସଂସ୍କୃତି ଓ ମୂଲ୍ୟବୋଧକୁ ଆପଣାଇବାକୁ ପଡ଼ିବ ସେ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ପଞ୍ଚାୟତିରାଜ ମନ୍ତ୍ରୀ ରବି ନାୟକ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଓ ଅଲ ଓଡ଼ିଶା ଲୟର୍ସ ଆସୋସିଏସନର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ନିର୍ମାଣାଧୀନ କାନ୍ଥ ପଡ଼ି ଶ୍ରମିକ ମୃତ

ବାଲେଶ୍ୱର,୨୯।୧୨(ସମିସ): ବାଲେଶ୍ୱର ଟାଉନଥାନା ଅର୍ନ୍ତଗତ କଂଗ୍ରେସ ଗଳିରେ ନିର୍ମାଣଧୀନ ଘରର କାନ୍ଥ ପଡ଼ି ଜଣେ ଶ୍ରମିକର ମୃତ୍ୟୁ ଘଟିଛି। ମୃତକ ଜଣକ ଚାନ୍ଦିପୁର ଥାନା ସାହାର୍ଦ୍ଦା ଗ୍ରାମର ବାବୁଲି ପାତ୍ର। କଂଗ୍ରେସ ଗଳିରେ ଏକ ଏକ ଘର ନିର୍ମାଣ କାମ ଚାଲୁଥିଲା। ସେହି ସମୟରେ ହଠାତ ଉକ୍ତ କାନ୍ଥଟି ବାବୁଲିଙ୍କ ଉପରେ ପଡିଯାଇଥିଲା। ତୁରନ୍ତ ଅନ୍ୟ ଶ୍ରମିକଙ୍କ ସହଯୋଗରେ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟଜଣେ ଶ୍ରମିକ ମଧ୍ୟ ଆହତ ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧିନ ଅବସ୍ଥାରେ ରହିଛନ୍ତି। ଏ ନେଇ ଟାଉନ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# କଳାକାର ଭତ୍ତା ବୃଦ୍ଧି ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୯।୧୨(ସମିସ): ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା ଅଧୀନରେ ରାଜ୍ୟର ପାରମ୍ପରିକ କଳାକାରଙ୍କ ଭତ୍ତାରାଶି ବୃଦ୍ଧି ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଅନୁଯାୟୀ, ୪୦ରୁ ୮୦ବର୍ଷ ବୟସ୍କ କଳାକାରମାନଙ୍କ ଭତ୍ତା ମାସକୁ ୨୦୦୦ ଟଙ୍କାରୁ ୩୦୦୦ ଟଙ୍କାକୁ ବୃଦ୍ଧି ପାଇଛି। ସେହିପରି ୮୦ ବର୍ଷରୁ ଅଧିକ ବୟସର କଳାକାରମାନଙ୍କ ମାସିକ ଭତ୍ତା ୨୫୦୦ ଟଙ୍କାରୁ ୩୫୦୦ ଟଙ୍କାକୁ ବୃଦ୍ଧି ପାଇଛି। ଏହାଦ୍ୱାରା ରାଜ୍ୟର

- ୪୦ରୁ ୮୦ ବୟସ୍କ ପାଇବେ ୩୦୦୦ ଟଙ୍କା
- ୮୦ ବର୍ଷରୁ ଉର୍ଦ୍ଧ୍ୱଙ୍କୁ ମିଳିବ ୩୫୦୦ ଟଙ୍କା


୪୭,୭୦୪ଜଣ କଳାକାର ଓ ସେମାନଙ୍କ ପରିବାରବର୍ଗ ଉପକୃତ ହେବେ। ରବିବାର କେନ୍ଦୁଝରର ପାର୍କଲେନ୍‌ଠାରେ ଆୟୋଜିତ ୪୮ ତମ ରାଜ୍ୟସ୍ତରୀୟ ପାଲା ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଏହି ଘୋଷଣା କରିଛନ୍ତି। ଏହାଦ୍ୱାରା ରାଜ୍ୟ କଳାକାର ଓ ସେମାନଙ୍କ ପରିବାରବର୍ଗଙ୍କ ମଧ୍ୟରେ ଖୁସି ଓ ଆନନ୍ଦର ପରିବେଶ ସୃଷ୍ଟି ହୋଇଛି। ଓଡ଼ିଆ ଅସ୍ମିତାର ସୁରକ୍ଷା ଓ ପ୍ରଚାରପ୍ରସାର କରୁଥିବା କଳାକାରମାନଙ୍କ ସମ୍ମାନରେ ଏହି ଭତ୍ତା ବୃଦ୍ଧି କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଥିଲେ, ଓଡ଼ିଶାର ଲୋକନୃତ୍ୟ, ନାଟକ, କାବ୍ୟ ଆଦିରେ ସଙ୍ଗୀତର ଅଖଣ୍ଡ ପ୍ରଭାବ ପରିଲକ୍ଷିତ ହୋଇଥାଏ। 'ପାଲା' ହେଉଛି ସେହି ସଙ୍ଗୀତର ଅମୃତ ପରିପ୍ରକାଶ। ଏହା ହେଉଛି ଓଡ଼ିଶାର ଏକ ବିଶିଷ୍ଟ ସାରସ୍ୱତ କଳା ଓ ସାଧନା, ଯାହା ପିଢ଼ି ପରେ ପିଢ଼ି ଓଡ଼ିଶାର ଜନଜୀବନ ଓ ସାଂସ୍କୃତିକ ଚେତନା ସହ ନିବିଡ଼ ସମ୍ପର୍କ ରଖିଆସିଛି। 'ପାଲା' ହେଉଛି ଗୀତ, ନୃତ୍ୟ, ବାଦ୍ୟ, ପାଣ୍ଡିତ୍ୟ, ଆଶୁ କବିତ୍ୱ, ମନୋରଞ୍ଜନ ଓ ପ୍ରତିଭାର ମିଳନ ପୀଠ। ବିଧିବଦ୍ଧ ଆଲୋଚନା, ପାଣ୍ଡିତ୍ୟପୂର୍ଣ୍ଣ ତର୍କ, ସଂସ୍କୃତି ଓ ଭାଷାର ମୂଲ୍ୟାୟନରେ ହିଁ ଓଡ଼ିଶାର 'ପାଲା' ସଂସ୍କୃତି ପରିପୂର୍ଣ୍ଣ। ଓଡ଼ିଆ ସାହିତ୍ୟ, ସଂସ୍କୃତି, ପରମ୍ପରା ଓ ଚଳଣିର ଭିତ୍ତିଭୂମିକୁ ସୁଦୃଢ଼ କରିଛି 'ପାଲା'। ତେଣୁ, ଏଭଳି ଏକ ସମୃଦ୍ଧ ଲୋକକଳା ବଞ୍ଚାଇ ରଖି ଏହାର ଅଭିବୃଦ୍ଧି ଦିଗରେ ଚେଷ୍ଟା କରିବା ଆମ ସମସ୍ତଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ। ଆମର ଓଡ଼ିଆ ଭାଷା ସଂସ୍କୃତି ଉପରେ ଉଚ୍ଚଶିକ୍ଷା ଲାଭ କରୁଥିବା ଯୁବପିଢ଼ିଙ୍କୁ ମୋର ଅନୁରୋଧ ଆମର ଏହି ମହାନ ଲୋକ କଳା ସଂସ୍କୃତି ଉପରେ ଅଧିକ ଗବେଷଣା କରନ୍ତୁ। ଯୁବପିଢ଼ିଙ୍କ ଭିତରେ ଯଦି ଆଗ୍ରହ ବଢ଼ିବ ତେବେ ନିଶ୍ଚିତ ରୂପେ ଆମର ଏହି ମହାନ୍ ଲୋକକଳା ଆହୁରି ଉଜ୍ଜ୍ୱଳ ହେବ। କାର୍ଯ୍ୟକ୍ରମ ଅବସରରେ ସାଂସଦ ଅନନ୍ତ ଚରଣ ନାୟକ, ବିଧାୟକ ଫକୀର ମୋହନ ନାଏକ, ବିଧାୟକ ଅଖିଳ ଚନ୍ଦ୍ର ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# 'ସାପୁଆ'ରେ ପର୍ଯ୍ୟଟକ ଶୋଷଣ

ହିନ୍ଦୋଳ,୨୯।୧୨(ସମିସ): ଢେଙ୍କାନାଳ ଜିଲ୍ଲାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ହିନ୍ଦୋଳ ବ୍ଲକ ରାସୋଳ ଥାନା ଦାଣ୍ଡିରୀ ପଞ୍ଚାୟତ ସାପୁଆ ଡ୍ୟାମରେ ବଣଭୋଜି ପାଇଁ ହଜାର ହଜାର ପର୍ଯ୍ୟଟକଙ୍କ ଭିଡ଼ ଜମୁଛି। ଦୈନିକ ହଜାର ହଜାର ପର୍ଯ୍ୟଟକ ଏଠାକୁ ଆସୁଥିବା ବେଳେ ପିଣ୍ଡି ଓ ପାର୍କିଂ ଫି' ନାମରେ ଜୁଲମର ଶିକାର ହେଉଛନ୍ତି। ଏହାକୁ ନେଇ ପର୍ଯ୍ୟଟକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ପରିମଳ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ, ସୁରକ୍ଷା ବ୍ୟବସ୍ଥା ଆଦି ମୌଳିକ ସୁବିଧା ନ ଥାଇ ପର୍ଯ୍ୟଟକ ଶୋଷଣ ମନୋଭାବକୁ ନେଇ ଅଞ୍ଚଳବାସୀ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ସାପୁଆ ଡ୍ୟାମ ପ୍ରାକୃତିକ ଶୋଭାରାଜିରେ ଭରପୂର। ସାପ ଆକୃତିର ଡ୍ୟାମରେ ରହିଥିବା ନୀଳ ଜଳରାଶି ସହ ଶାଳ ଜଙ୍ଗଲରେ ବଣଭୋଜି କରିବାକୁ ପର୍ଯ୍ୟଟକ ଆକର୍ଷିତ ହୋଇଥାନ୍ତି। ବର୍ଷସାରା ଏଠାରେ ପର୍ଯ୍ୟଟକଙ୍କ ଭିଡ଼ ଜମିଥାଏ। ବିଶେଷ କରି ନଭେମ୍ବରରୁ ମାର୍ଚ୍ଚ ପର୍ଯ୍ୟନ୍ତ ଏଠାରେ ବଣଭୋଜି କରିବା ପାଇଁ ହଜାର ହଜାର ପର୍ଯ୍ୟଟକ ଆସିଥାନ୍ତି। ମନୋରମ ପ୍ରାକୃତିକ ପରିବେଶ ମଧ୍ୟରେ ବଣଭୋଜି କରିବାକୁ ଜିଲ୍ଲାର ବିଭିନ୍ନ ଅଞ୍ଚଳ ସମେତ ଜିଲ୍ଲା ବାହାରୁ ମଧ୍ୟ ପର୍ଯ୍ୟଟକଙ୍କ ସୁଅ ଛୁଟିଥାଏ। ପ୍ରଶାସନ ପକ୍ଷରୁ ଏହି ପର୍ଯ୍ୟଟନସ୍ଥଳୀର ବିକାଶ କରାଯାଇଥିବା ବେଳେ ଏଠାରେ ପର୍ଯ୍ୟଟକଙ୍କୁ ଜୋରଜବରଦସ୍ତ ଶୋଷଣ କରାଯାଉଛି। ହିନ୍ଦୋଳ ବ୍ଲକ ପ୍ରଶାସନ ପକ୍ଷରୁ ତରବରିଆ ଭାବେ ଟେଣ୍ଡର ଡକାଯାଇ ଗୋଟିଏ ଗୋଷ୍ଠୀକୁ ଏହାର ଦାୟିତ୍ୱ ଦିଆଯାଇଥିବା ଜଣାପଡ଼ିଛି। ଟେଣ୍ଡର ପ୍ରକ୍ରିୟା ନେଇ କୌଣସି ଖବରକାଗଜରେ ବିଜ୍ଞପ୍ତି ପ୍ରକାଶ ପାଇ ନ ଥିବା ଅଭିଯୋଗ ହେଉଛି। ଏପରିକି କାହାକୁ ଏହାର ଦାୟିତ୍ୱ ଦିଆଯାଇଛି, କେଉଁ ଗାଡ଼ିରୁ କେତେ ଟଙ୍କା ପାର୍କିଂ ଫି' ଆଦାୟ ହେବ ଓ ପିଣ୍ଡି ପାଇଁ କେତେ ଟଙ୍କା ଆଦାୟ କରାଯିବ, ସେ ସମ୍ପର୍କରେ ଏଠାରେ କୌଣସି ସୂଚନା ଫଳକ ମଧ୍ୟ ଲଗାଯାଇନାହିଁ। ହେଲେ ବାଇକ ପିଛା ୨୦ ଟଙ୍କା, କାର୍ ଓ ଛୋଟ ଗାଡ଼ିର ୨୦୦ ଟଙ୍କା, ବସ ପିଛା ୪୦୦ ଟଙ୍କା ଓ ପିଣ୍ଡି ପିଛା ୨୦୦ରୁ ୫୦୦ ଟଙ୍କା ଆଦାୟ କରାଯାଉଛି। ପାର୍କିଂ ପାଇଁ କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା ନଥିବା ବେଳେ ପର୍ଯ୍ୟଟକମାନେ ମନଇଚ୍ଛା ଯେଉଁଠି ପାରିଲେ ସେଇଠି ଗାଡ଼ି ରଖୁଛନ୍ତି।



## କମ୍ପାନୀକୁ ବିଜୁଳି ଟିକସରେ ଅନୁକମ୍ପାର ପ୍ରତିବାଦ

# ଟାଟା ପାୱାର କାର୍ଯ୍ୟାଳୟରେ ତାଲା ଝୁଲାଇଲା କଂଗ୍ରେସ

ଭୁବନେଶ୍ୱର,୨୯।୧୨(ସମିସ): ଟାଟା ପାୱାର ଉପଭୋକ୍ତାଙ୍କୁ ବେନିୟମ ସୁରକ୍ଷା ରାଶି ଜମା କରିବା ତଥା ଘରୋଇ ଓ କୃଷିକ୍ଷେତ୍ରକୁ ମାଗଣା ବିଜୁଳି ପ୍ରଦାନ କରିବା ଦାବିକୁ ଜୋର୍‌ଦାର କରିଛି ରାଜ୍ୟ କଂଗ୍ରେସ। ସରକାର ନିର୍ବାଚନ ସମୟରେ ୩୦୦ ୟୁନିଟ୍ ମାଗଣା ବିଜୁଳି ଯୋଗାଇ ଦେବେ ବୋଲି ନିର୍ବାଚନୀ ସଭାରେ କହିଥିଲେ। ମାତ୍ର ଏହା

### ବେନିୟମ ଟିକସ ଓ ମାଗଣା ବିଦ୍ୟୁତ୍ ଦାବିରେ ବିକ୍ଷୋଭ

ବଦଳରେ ବର୍ତ୍ତମାନ ଅତିରିକ୍ତ ସୁରକ୍ଷା ଜମା ନାମରେ ଘରୋଇ ଉପଭୋକ୍ତାମାନଙ୍କ ଉପରେ ଆର୍ଥିକ ବୋଝ ଲଦି ଦିଆଯାଉଛି। ଏଭଳି ଅଭିଯୋଗ କରି ଆଜି ରାଜ୍ୟର ସବୁ ଜିଲ୍ଲାରେ କଂଗ୍ରେସ ପକ୍ଷରୁ ଟାଟା ପାୱାର୍ ଅଫିସ୍‌ରେ ତାଲା ପକାଯାଇଛି।

ଏହିକ୍ରମରେ ଭୁବନେଶ୍ୱର ପାୱାର ହାଉସ ଛକ ନିକଟସ୍ଥ ଟାଟା ପାୱାର ଅଫିସ ଆଗରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ପକ୍ଷରୁ ଆୟୋଜିତ



କାର୍ଯ୍ୟକ୍ରମରେ ପିସିସି ସଭାପତି ତଥା କଂଗ୍ରେସର ବହୁ ବରିଷ୍ଠ ନେତା ଓ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପରେ ସେଠାରୁ ଏକ ପଦଯାତ୍ରାରେ ଟାଟା ପାୱାର ଅଫିସକୁ ଯାଇ ଅଫିସ ଗେଟରେ ପିସିସି ସଭାପତି ତାଲା ପକାଇଥିଲେ।

ବିକ୍ଷୋଭ ପ୍ରଦର୍ଶନ ସଭାରେ ଶ୍ରୀ ଦାସ କହିଲେ ଲୋକଙ୍କ ଘରେ ବିଜୁଳି ବତୀ ଜଳୁ ନ ଥିବାବେଳେ ସରକାର କଳକାରଖାନାକୁ ଲକ୍ଷେ କୋଟି ଟଙ୍କାର ବିଜୁଳି ଦେଇ ଅନୁକମ୍ପା ପ୍ରଦର୍ଶନ କରୁଛି। ଖାଦ୍ୟ-ବସ୍ତ୍ର-ବାସଗୃହ ଭଳି ବିଜୁଳି ଏବେ ଲୋକଙ୍କର ଏକ ମୌଳିକ ଆବଶ୍ୟକତା ପାଲଟିଛି। ଏହାର ଯୋଗାଣ ବନ୍ଦ ହେଲେ ଜନଜୀବନ ଠପ ହୋଇଯିବ। ତେଣୁ ସରକାର ବିନା ମୂଲ୍ୟରେ ବିଜୁଳି ଯୋଗାଇ ଦିଅନ୍ତୁ। ଅନ୍ୟ ରାଜ୍ୟର ସରକାର କୃଷକମାନଙ୍କୁ ବିଜୁଳି ଦେୟ ଛାଡ଼ କରୁଥିବାବେଳେ ଓଡ଼ିଶାରେ କୌଣସି ଛାଡ଼ ନାହିଁ। ଏଭଳି ସ୍ଥଳେ ରାଜ୍ୟରେ କୃଷିର ଉନ୍ନତି କିଭଳି ହେବ ଏବଂ ଚାଷୀ କିପରି ହସିବ ବୋଲି ଶ୍ରୀ ଦାସ ପ୍ରଶ୍ନ ପଚାରିଥିଲେ। ତେଣୁ ସୁରକ୍ଷା ରାଶି ଡିମାଣ୍ଡ ପ୍ରତ୍ୟାହାର, ଘରୋଇ ଉପଭୋକ୍ତା ଓ କୃଷକଙ୍କୁ ମାଗଣା ବିଜୁଳି ଯୋଗାଣ ନ ହେବା ପର୍ଯ୍ୟନ୍ତ ପୁରପଲ୍ଲୀରେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଶ୍ରୀ ଦାସ କହିଛନ୍ତି।

ସେହିପରି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା କହିଥିଲେ, ଟାଟା ପାୱାର ଅନ୍ୟ ରାଜ୍ୟରେ କମ୍ପାନୀକୁ ୟୁନିଟ୍ ପିଛା ବିଜୁଳି ୮ ଟଙ୍କାରେ ବିକ୍ରି କରୁଥିବା ବେଳେ ଓଡ଼ିଶାରେ ୪ ଟଙ୍କା ୫୦ ପଇସାରେ ଯୋଗାଉଛି। ଓଇଆରସି ଓ ଟାଟା ପାୱାର ମଧ୍ୟରେ ଗୁପ୍ତ ବୁଝାମଣା ଯୋଗୁଁ ସାଧାରଣ ଜନତାଙ୍କୁ ହନ୍ତସନ୍ତ ହେବାକୁ ପଡୁଛି। ତେଣୁ ଜନତା ଏବଂ କୃଷକଙ୍କୁ ଅନ୍ୟ ରାଜ୍ୟ ଭଳି ମାଗଣା ବିଜୁଳି ଯୋଗାଣ କରିବାକୁ କଂଗ୍ରେସ ଦାବି କରୁଛି ବୋଲି ଶ୍ରୀ ଜେନା କହିଛନ୍ତି।

ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି ସରକାରଙ୍କୁ ସମାଲୋଚନା କରିବା ସହ ଯଦି ସରକାର ବିଜୁଳି ମାଗଣାରେ ଦେବେ ନାହିଁ, ତେବେ ସରକାରକୁ ଶାନ୍ତିରେ ରହିବାକୁ ଦେବୁ ନାହିଁ ବୋଲି ଚେତାବନୀ ଦେଇଥିଲେ। ବିକ୍ଷୋଭ ପ୍ରଦର୍ଶନରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ସୁରେଶ କୁମାର ରାଉତରାୟ, ଜଗନ୍ନାଥ ପଟ୍ଟନାୟକ, ପଞ୍ଚାନନ କାନୁନଗୋ, ଅନନ୍ତ ପ୍ରସାଦ ସେଠୀ, କିଶୋର ଜେନା, ଅରବିନ୍ଦ ଦାସ, ପବିତ୍ର ସାଉଁଟାଙ୍କ ସମେତ ବହୁ କଂଗ୍ରେସ ନେତା ସାମିଲ ହୋଇଥିଲେ।

# ଘନଉଛି ଓମ୍‌ସା-ସରକାର ବିବାଦ

ଭୁବନେଶ୍ୱର,୨୯।୧୨(ସମିସ): ନିଜ ଦାବିକୁ ନେଇ ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏସନ(ଓମସା) ଅଟଳ ଥିବାବେଳେ ରାଜ୍ୟବ୍ୟାପୀ ନିଜର ଏକ ଘଣ୍ଟିଆ ଓପିଡି ସେବା ବନ୍ଦ କାର୍ଯ୍ୟକ୍ରମ ଜାରି ରଖିଛି। ସେମାନଙ୍କର ଦାବି ପୂରଣ ପାଇଁ ରାଜ୍ୟ ସରକାର ଏକ

- ରାଜ୍ୟବ୍ୟାପୀ ଏକ ଘଣ୍ଟିଆ ଓପିଡି ସେବା ବନ୍ଦ ପ୍ରତିବାଦ ଜାରି
- ଆଜି ବସିବ ସଂଘର ବୈଠକ; ନିଆଯାଇପାରେ ଚରମ ନିଷ୍ପତ୍ତି

ଅନ୍ତଃବିଭାଗୀୟ କମିଟି ଗଠନ କରିଥିଲେ ହେଁ ଏହାକୁ ସଂଘ ଗ୍ରହଣ କରିନାହିଁ। ଫଳରେ ସରକାର ଏବଂ ସଂଘ ମଧ୍ୟରେ ବିବାଦ ତେଜୁଥିବା ବେଳେ ଆସନ୍ତାକାଲି (ମଙ୍ଗଳବାର) ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିବ। ଏଥିରେ ଆଗାମୀ ଦିନର କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ସଂଘର ସାଧାରଣ ସମ୍ପାଦକ ଡା. ସଞ୍ଜୀବ ପ୍ରଧାନ କହିଛନ୍ତି। ଅପରପକ୍ଷେ ଦାବି ପୂରଣ ନ ହେଲେ ଓମ୍‌ସା ସମ୍ପୂର୍ଣ୍ଣ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇପାରେ ବୋଲି ସଂଘ ପକ୍ଷରୁ ପରୋକ୍ଷରେ ସୂଚନା ମିଳିଛି।

ସୂଚନାଯୋଗ୍ୟ ଯେ ବାର୍ଷିକ ପଦୋନ୍ନତି, ଡାକ୍ତରଙ୍କୁ ସରକାରୀ କ୍ୱାର୍ଟର୍ସ, କେନ୍ଦ୍ରୀୟ ବେତନ ହାର, ସମସ୍ତ ସ୍ୱାସ୍ଥ୍ୟକର୍ମୀଙ୍କ ପାଇଁ ସ୍ୱାସ୍ଥ୍ୟବୀମା ଆଦି ୧୮ ଦଫା ଦାବି ନେଇ ଗତ ନଭେମ୍ବର ୨୦ ତାରିଖରୁ ଓମ୍‌ସା କ୍ୟାଡର୍ କଳା ପୋଷାକ ପିନ୍ଧି ପ୍ରତିବାଦ କରି ଆସୁଥିଲେ। ଗତ ୨୬ ତାରିଖରୁ ସେମାନେ ଏକ ଘଣ୍ଟିଆ ଓପିଡି ବନ୍ଦ ପ୍ରତିବାଦ ଜାରି ରଖିଛନ୍ତି। ଏହାଦ୍ୱାରା ରାଜ୍ୟବ୍ୟାପୀ ରୋଗୀ ସେବା ପ୍ରଭାବିତ ହୋଇଥିବା ବେଳେ ରୋଗୀମାନଙ୍କୁ ସ୍ୱାସ୍ଥ୍ୟସେବା ପାଇଁ ଲାଇନରେ ଘଣ୍ଟା ଘଣ୍ଟା ଧରି ଛିଡ଼ାହେବାକୁ ପଡୁଛି। ସରକାର ତୁରନ୍ତ ବିବାଦର ସମାଧାନ କରିବାକୁ ସାଧାରଣରେ ଦାବି ହେଉଥିବା ବେଳେ ଗତ ୨୭ ତାରିଖରେ ସରକାର ବିଭିନ୍ନ ବିଭାଗର ସଚିବଙ୍କୁ ନେଇ ଏକ ଅନ୍ତଃବିଭାଗୀୟ କମିଟି ଗଠନ କରିଛନ୍ତି। ଏହି କମିଟି ଓମସାର ବିଭିନ୍ନ ଦାବି ଉପରେ ଆଲୋଚନା କରି, ସେଗୁଡ଼ିକର ବିଭିନ୍ନ ଦିଗଗୁଡିକ ବିଚାର କରି ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ତେବେ ସରକାରଙ୍କ ଏପରି ଆଭିମୁଖ୍ୟକୁ ନାପସନ୍ଦ କରିଛି ଓମ୍‌ସା।

ସଂଘର ସାଧାରଣ ସମ୍ପାଦକ ଡ. ପ୍ରଧାନ କହିଛନ୍ତି ଯେ ଗତ ନଭେମ୍ବର ୧୯ ତାରିଖ ଅନୁଷ୍ଠିତ ବୈଠକରେ ସରକାର କମିଟି ଗଠନ କରିବା କଥା କହିଥିଲେ; ମାତ୍ର କମିଟି ଗଠନ ପାଇଁ ସରକାରଙ୍କୁ ଏକ ମାସ ସମୟ ଲାଗିଗଲା। ଅତୀତରେ ଓମ୍‌ସାର ଦାବି ପୂରଣ ପାଇଁ କେବେ ସରକାର କମିଟି ଗଠନ କରି ନ ଥିଲେ। ଆମ ଦାବି ପୂରଣ ନେଇ ସରାକାରଙ୍କର ଆନ୍ତରିକତା ନ ଥିବା ଭଳି ଲାଗୁଛି। କମିଟି ଗଠନ ସରାକାରଙ୍କର କାଳକ୍ଷେପଣ ନୀତି ଅଟେ। ଆମେ ବର୍ତ୍ତମାନ ଏକ ଘଣ୍ଟିଆ ପ୍ରତିବାଦ କରିଛୁ। ଆସନ୍ତାକାଲି ଅନୁଷ୍ଠିତ ହେବାକୁ ଥିବା ବୈଠକରେ ସଂଘ ଠୋସ୍ ନିଷ୍ପତ୍ତି ଗ୍ରହଣ କରିବ ବୋଲି ସେ ସୂଚନା ଦେଇଛନ୍ତି।

## ନୂଆବର୍ଷ ପାଇଁ ପ୍ରସ୍ତୁତ ପୁରୀ ପୁଲିସ

# ଜଗିବେ ୬୦ ପ୍ଲାଟୁନ୍ ଫୋର୍ସ

ପୁରୀ,୨୯।୧୨(ସମିସ): ଆସୁଛି ନବବର୍ଷ। ପୁରୁଣା ବର୍ଷକୁ ବିଦାୟ ଏବଂ ନୂଆବର୍ଷକୁ ସ୍ୱାଗତ କରିବା ଲାଗି ପ୍ରସ୍ତୁତ ହୋଇଯାଇଛି ପୁରୀ। ସହରର ବିଭିନ୍ନ ହୋଟେଲ, ଲଜ୍, ହଲିଡେ ହୋମ୍‌ରେ ଆଉ ଜାଗା ନାହିଁ। ସବୁଠି ଜମିଲାଣି ପର୍ଯ୍ୟଟକଙ୍କ ଗହଳି। ଏଭଳି ଭିଡ଼କୁ ଦେଖି ପୁରୀ ପୋଲିସ ନିଜକୁ ପ୍ରସ୍ତୁତ କରିଦେଇଛି। ଚଳିତ ବର୍ଷ ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ୬୦ ପ୍ଲାଟୁନ ଫୋର୍ସ ନିୟୋଜିତ ହେବେ ବୋଲି ଏସ୍‌ପି ପ୍ରତୀକ୍ ସିଂ ସୂଚନା ଦେଇଛନ୍ତି। ଏତଦ୍‌ବ୍ୟତୀତ ଟ୍ରାଫିକ୍ ପରିଚାଳନା, ଦର୍ଶନ ସୁବିଧା, ଭକ୍ତ ଓ ପର୍ଯ୍ୟଟକଙ୍କ ସୁରକ୍ଷା ଏବଂ ନିରାପତ୍ତା ପାଇଁ ଆଡିସ୍‌ନାଲ ଏସ୍‌ପି ୧୦ ଜଣ, ୩୩ ଡିଏସ୍‌ପି, ୩୦୦ ଏସ୍‌ଆଇ ଓ ଏଏସ୍‌ଆଇଙ୍କ ସମେତ ୬୦ ପ୍ଲାଟୁନ ଫୋର୍ସ ନିୟୋଜିତ ହେବେ। ସାଧାରଣତଃ ଡିସେମ୍ବର ୩୧ ଏବଂ ଜାନୁଆରୀ ୧ ତାରିଖରେ ପୁରୀରେ ପ୍ରବଳ ଭିଡ଼ ହୋଇଥାଏ। ଏ ବର୍ଷ ମଧ୍ୟ ସେହିଭଳି ଭିଡ଼ ହେବା ସମ୍ଭାବନା ରହିଛି। ତେଣୁ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୬୦ ପ୍ଲାଟୁନ୍ ଫୋର୍ସ ମୁତୟନ ହେବେ। ଟ୍ରାଫିକ୍ ପରିଚାଳନା ପାଇଁ ସ୍ୱତନ୍ତ୍ର ପ୍ଲାନ୍ କରାଯାଇଛି। ବିଶେଷକରି ଯାନବାହନ ପାର୍କିଂ ଏବଂ ଭିଡ଼ ନିୟନ୍ତ୍ରଣ ଉପରେ ଏଥର ବିଶେଷ ଗୁରୁତ୍ୱ ଦିଆଯାଇଛି। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ନାୟକ ପ୍ଲାଜା ସମ୍ମୁଖରୁ ସିଂହଦ୍ୱାର ପର୍ଯ୍ୟନ୍ତ ସେଡ୍ କରାଯାଇଛି। ସମସ୍ତ ଶ୍ରଦ୍ଧାଳୁ ନାୟକ ପ୍ଲାଜାଠାରୁ ପ୍ରବେଶ କରିବେ। ସେଠାରୁ ଶ୍ରୀମନ୍ଦିର ଆଡ଼କୁ କୌଣସି ବଡ଼ ଗାଡ଼ି ଛଡ଼ାଯିବ ନାହିଁ। ସେହିପରି ନିରାପଦ ସ୍ନାନ ଏବଂ ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ମୋବାଇଲ ସ୍କ୍ୱାଡ୍ କରାଯାଇଛି। ଏଥିରେ ପୁଲିସ ଲାଇଫ୍‌ଗାର୍ଡ ଏବଂ ଅଗ୍ନିଶମ କର୍ମଚାରୀ ରହିବେ। ବେଳାଭୂମିରେ ଟୁରିଷ୍ଟ ଏଡ୍‌ପୋଷ୍ଟ କାର୍ଯ୍ୟକ୍ଷମ କରିବ। ଅନ୍ୟପଟରେ ଲକ୍ଷାଧିକ ଭକ୍ତ ଓ ପର୍ଯ୍ୟଟକଙ୍କ ଭିଡ଼କୁ ଦୃଷ୍ଟିରେ ରଖି ପୁଲିସ ପକ୍ଷରୁ ସ୍ୱତନ୍ତ୍ର ଟ୍ରାଫିକ୍ ପରିଚାଳନା ବ୍ୟବସ୍ଥା, ଭିଡ଼ ନିୟନ୍ତ୍ରଣ, ସୁରକ୍ଷିତ ସମୁଦ୍ର ସ୍ନାନ, ପାର୍କିଂ, ଶୃଙ୍ଖଳିତ ଦର୍ଶନ ଓ ଜିରୋ ନାଇଟ୍ ସେଲିବ୍ରେସନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି। ଭକ୍ତମାନେ କିପରି ଶୃଙ୍ଖଳିତ ଭାବେ ଠାକୁରଙ୍କୁ ଦର୍ଶନ କରିପାରିବେ ତା' ଉପରେ ଗୁରୁତ୍ୱ ଦିଆଯାଇଛି। ୨୪ ଘଣ୍ଟିଆ ଶ୍ରୀମନ୍ଦିର ବାହାରେ ଏବଂ ଭିତରେ ପୁଲିସ କର୍ମଚାରୀ ମୁତୟନ ରହିବେ। ନୂଆ ବର୍ଷରେ ସିସିଟିଭି ନଜରରେ ରହିବ ଶ୍ରୀକ୍ଷେତ୍ର।

### ଶ୍ରୀମନ୍ଦିର ଓ ବେଳାଭୂମିରେ ରହିବ କଡ଼ା ନଜର

## ଦୁଗ୍ଧ ଚାଷୀଙ୍କୁ କାମଧେନୁ ଯନ୍ତ୍ରଣା

# ମିଳୁନାହିଁ ସବସିଡ଼ି, ଗାଈ ବିକି ଋଣ ପରିଶୋଧ

ଭୁବନେଶ୍ୱର,୨୯।୧୨(ହୋଟିମିନ୍ ଦେବତା):

ଗୋପାଳକଙ୍କୁ ହସାଇବାକୁ ରାଜ୍ୟ ସରକାର କାର୍ଯ୍ୟକାରୀ କରିଥିଲେ କାମଧେନୁ ଯୋଜନା। ହେଲେ ଏହି ଯୋଜନା ଏବେ ଦୁଗ୍ଧଚାଷୀଙ୍କୁ କନ୍ଦାଇବା ଆରମ୍ଭ କରିଛି। ସବ୍‌ସିଡିର ପ୍ରତିଶ୍ରୁତି ଦେଖି ଏହି ଯୋଜନା ପ୍ରତି ଚାଷୀ ଆଗ୍ରହ ପ୍ରକାଶ କରୁଛନ୍ତି, ହେଲେ ଥରେ ଏଥିରେ ହିତାଧିକାରୀ ହେବା ପରେ ମାୟାଜାଲରୁ ଚାଷୀ ବାହାରି ପାରୁନାହାନ୍ତି। ୨ ଲକ୍ଷ ଟଙ୍କା ଋଣ କରି ରାଜ୍ୟ ବାହାରୁ ଗାଈ କିଣୁଥିଲେ ସୁଦ୍ଧା ସରକାର ସେମାନଙ୍କୁ ସବସିଡ଼ି ଦେଉ ନାହାନ୍ତି। ଏପଟେ ସରକାରୀ ସବସିଡ଼ି ନ ମିଳିବା ଓ ସେପଟେ ଋଣ ଉପରେ ସୁଧ ଚାପ ଚାଷୀଙ୍କୁ ନାକେଦମ୍ କଲାଣି। ଫଳରେ ପ୍ରାୟ ୫ଶହରୁ ଉର୍ଦ୍ଧ୍ୱ ଚାଷୀ ରାଜ୍ୟ ବାହାରୁ କିଣିଥିବା ଗୋରୁଙ୍କୁ ବିକି ଋଣ ପରିଶୋଧ କରବାକୁ ବାହାରିଛନ୍ତି।

ରାଜ୍ୟକୁ ଦୁଗ୍ଧ ଉତ୍ପାଦନ କ୍ଷେତ୍ରକୁ ସଶକ୍ତ କରିବାକୁ ପୂର୍ବ ସରକାରଙ୍କ ଯୋଜନାକୁ ପରିବର୍ତ୍ତନ କରାଯାଇ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ପରିବର୍ତ୍ତନ କରାଗଲା। ଦୁଗ୍ଧ ଚାଷୀ ରାଜ୍ୟ ବାହାରୁ ଗାଈ କିଣିବାକୁ ଏଥିରେ ସର୍ତ୍ତ ରଖାଗଲା। ରାଜ୍ୟ ବାହାରୁ ଦୁଧିଆଳୀ ଗାଈ କିଣିଲେ ୭୦ ପ୍ରତିଶତ ସବସିଡ଼ି ଦିଆଯିବ ବୋଲି କୁହାଗଲା। ଏଥିପାଇଁ ବ୍ୟାପକ ପ୍ରଚାର ହେଲା। ରାଜ୍ୟ ବାହାରୁ ଦୁଇଟି ଗାଈର ମୂଲ୍ୟ ୧.୬ ଲକ୍ଷ ଓ ଗୁହାଳ ପାଇଁ ଖର୍ଚ୍ଚ ହେବାକୁଥିବା ୫୦ ହଜାର ଟଙ୍କାକୁ ମିଶାଇ ପୁରା ଯୋଜନାରେ ୨.୩ ଲକ୍ଷ ଟଙ୍କା ଚାଷୀଙ୍କୁ ଦିଆଯିବାକୁ ସ୍ଥିର ହେଲା। ଏଥିରୁ ୭୦% ଅର୍ଥାତ୍ ୧.୬୧ ଲକ୍ଷ ଟଙ୍କା



ସରକାର ରିଆତି ଦେବାକୁ ବି ଘୋଷଣା କରାଗଲା। ଚାଷୀ କରଜ କରି ଗୁହାଳ ତିଆରି କଲେ। ରାଜ୍ୟ ସରକାରଙ୍କ ସର୍ତ୍ତ ଅନୁସାରେ ଗୁଜରାଟରୁ, ଆନ୍ଧ୍ରରୁ ଗାଈ କିଣି ଆଣିଲେ। ମାତ୍ର ମାସ ପରେ ମାସ ବିତିବା ପରେ ଆଉ ରିଆତି ମିଳିଲା ନାହିଁ। ଇତିମଧ୍ୟରେ ୩ ମାସ ବିତିଗଲାଣି, ମାତ୍ର ସବସିଡ଼ି ଆସୁନାହିଁ।

ସବ୍‌ସିଡି କଣ ପାଇଁ ମିଳୁନାହିଁ ବୋଲି ଜାଣିବାକୁ ଚାଷୀ ପ୍ରଥମେ ଏଲ୍‌ଆଇଙ୍କ ପାଖକୁ ଯାଉଛି। ଏଲ୍‌ଆଇ କିଛି କହି ନ ପାରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଉଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅଧିକାରୀମାନେ ସିଡିଭିଓଙ୍କ କାର୍ଯ୍ୟାଳୟକୁ ଯିବାକୁ କହୁଛନ୍ତି। ଓ ମାତ୍ର ସେଠାରେ ବି କିଛି ଆଶ୍ୱାସନା ମିଳୁନାହିଁ। ଅତିରିକ୍ତ ବଜେଟ୍ ପାସ୍ ହେଲା ପରେ ସବ୍‌ସିଡି ଟଙ୍କା ମିଳିଯିବ ବୋଲି କୁହାଗଲା। ମାତ୍ର ଡ଼ିସେମ୍ବର ମାସ ସରିବାକୁ ବସିଲାଣି, ସବସିଡ଼ି ଚାଷୀଙ୍କୁ ମିଳି ପାରିଲା ନାହିଁ। ଏବେ ପଶୁସମ୍ପଦ ବିଭାଗ ନିର୍ଦ୍ଦେଶାଳୟରେ ଫାଇଲ ଅଟକିଯାଇଛି ଓ ମାନବସମ୍ବଳ ଅଭାବରୁ ଫାଇଲ୍ ଆଗକୁ ବଢ଼ି ପାରୁନାହିଁ ବୋଲି କୁହାଯାଉଛି। ଅଧିକାଂଶ ଫାଇଲ୍‌ରେ ସବ୍‌ସିଡି ରିଲିଜ୍ ଅପେକ୍ଷା(ପେଣ୍ଡିଂ ଫର୍ ରିଲିଜ୍) ବୋଲି ଦର୍ଶାଉଛି। ଏଣୁ ଆମେ ସବୁ କାମ କରି ଦେଇଛୁ। ଏବେ ଆମ ହାତରେ କିଛି ନାହିଁ ବୋଲି ଅଧିକାରୀମାନେ କହୁଛନ୍ତି। ତେଣୁ ଚାଷୀ ଆକାଶକୁ ଚାହିଁ ବସିଛି। ବଲାଙ୍ଗୀର, କୋରାପୁଟ୍, ମୟୂରଭଞ୍ଜ, ସମ୍ବଲପୁର, ମାଲକାନାଗିରି, ବାଲେଶ୍ୱର, ଭଦ୍ରକ, ଯାଜପୁର, ରାୟଗଡା ଭଳି ଦୂର ଦୁରାନ୍ତ ଅଞ୍ଚର ଚାଷୀ କଣ ସବ୍‌ସିଡି ଟଙ୍କା ବୁଝିବାକୁ କଟକ କି ଭୁବନେଶ୍ୱର ଆସିବେ କି ବୋଲି ପ୍ରଶ୍ନ ଉଠିଛି।

ଏଭଳି ପରିସ୍ଥିତିରେ ଚାଷୀ ଧାର ଶୁଝି ପାରୁନାହାନ୍ତି। ବ୍ୟାଙ୍କରେ ଋଣ ଭାର ବଢିବାରେ ଲାଗିଛି। ସବ୍‌ସିଡି ଟଙ୍କା ନ ମିଳିବାରୁ ବ୍ୟାଙ୍କ୍‌ରେ କିସ୍ତି ଦେବା ପାଇଁ ପୁଣି ଧାର କରିବାକୁ ପଡୁଛି। ଏଭଳି ଚାଲିଲେ କ୍ଷତି ସହୁ ପଛେ ବାଧ ହୋଇ ଗାଈ ବିକ୍ରି କରିଦେବୁ ବୋଲି କୁନାମଣି ଦାସ ନାମକ ଚାଷୀ କହିଛନ୍ତି। କେବଳ କୁନାମଣି ନୁହନ୍ତି ବିଭିନ୍ନ ଜିଲ୍ଲାର ଅଧିକାଂଶ ଚାଷୀ ସମାନ ମତ ଦେଇଛନ୍ତି। ଏସମ୍ପର୍କରେ କାମଧେନୁ ଯୋଜନା ପରିଚାନଳା କରୁଥିବା ଉପ ନିର୍ଦ୍ଦେଶକ ଅନ୍ତର୍ଯ୍ୟାମୀ ଖୁଣ୍ଟିଆ କହିଛନ୍ତି ଯେ ଚାଷୀଙ୍କ ସବସିଡ଼ି ୧୫ ଦିନ ମଧ୍ୟରେ ମିଳିଯିବା କଥା। ମାତ୍ର ତାହା ବିଳମ୍ବ ହୋଇଛି। ଆମେ ଏଥିପାଇଁ ଏବେ ସିଧାସଳଖ ଏକ ଆପ୍ ମାଧ୍ୟମରେ ବ୍ୟାଙ୍କ ଆକାଉଣ୍ଟ ଲିଙ୍କ୍ କରି ସବ୍‌ସିଡି ପ୍ରଦାନ କରିବାକୁ ଯୋଜନା କରୁଛୁ ବୋଲି ସେ କହିଛନ୍ତି। ମାତ୍ର ଚାଷୀଙ୍କୁ କେବେ ସବସିଡ଼ି ମିଳିବ ସେ ସମ୍ପର୍କରେ ସେ ସ୍ପଷ୍ଟ ଭାବରେ କିଛି କହିପାରିନାହାନ୍ତି।

### ପଳାସମୁଣ୍ଡଳୀ ଲ୍ୟାମ୍ପ୍ସରେ ଧାନମଣ୍ଡି ଉଦ୍‌ଘାଟିତ

## ୪ ଜଣ ଚାଷୀଙ୍କ ୯୪ କ୍ୱିଣ୍ଟାଲ ଧାନ କ୍ରୟ



**ମୋରଡା, ୨୯।୧୨(ସମିସ):** ମୋରଡା ବ୍ଲକ ଅଧୀନ ଖୁରୁଣ୍ଟିଆସ୍ଥ ପଳାସମୁଣ୍ଡୁଳି ଲ୍ୟାମ୍ପ ପରିସରରେ ସୋମବାର ଧାନମଣ୍ଡି ଉଦଘାଟିତ ହୋଇଛି। ମୋରଡା ବିଧାୟକ ତଥା ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ମଣ୍ଡିକୁ ଉଦଘାଟନ କରିଥିଲେ। ବରିଷ୍ଠ ବିଜେପି ନେତା ତଥା ପୂର୍ବତନ ବିଧାୟକ କାହ୍ନୁ ସୋରେନ, ପ୍ରଦୀପ ମହାନ୍ତି, ସୁକୁଲ ମୁର୍ମୁଙ୍କ ସହିତ ଆରଏମସି ସେକ୍ରେଟାରୀ ଶ୍ୟାମସୁନ୍ଦର ଟୁଡୁ, ଲ୍ୟାମ୍ପ୍ସ ସଭାପତି ବଳରାମ ସିଂ, ଏମଡି ପୁରେଶ ବେହେରାଙ୍କ ସହିତ ଲ୍ୟାମ୍ପ କର୍ମଚାରୀ ଉପସ୍ଥିତ ଥିଲେ। ସେହିପରି ରାସଗୋବିନ୍ଦପୁର ବ୍ଲକରେ ଥିବା ଆଦିବାସୀ ବହୁମୁଖୀ ସମବାୟ ସମିତି ପରିସରରେ ମଧ୍ୟ ଆଜି ଧାନମଣ୍ଡି ଉଦଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ରାସଗୋବିନ୍ଦପୁର ତହସିଲଦାର ଉପେନ୍ଦ୍ରନାଥ ଦାସ ଯୋଗ ଦେଇଥିବାବେଳେ ଲ୍ୟାମ୍ପ୍ କର୍ମଚାରୀ ଉପସ୍ଥିତ ଥିଲେ। ଆଜି ଚାଷୀ ଦୁଃଶାସନ ତରେଇ, ବୀରେନ୍ଦ୍ର ସେଠୀ, ରମେଶ ଚନ୍ଦ୍ର ଦାସ, ସନାତନ ସେଠି ୯୩ କ୍ୱିଣ୍ଟାଲ ୬୯ କେଜି ଧାନ ବିକ୍ରି କରିଥିବା ଜଣାପଡ଼ିଛି।

## ୭ରେ ମାଣତ୍ରୀ ଶିବରାତ୍ରି ମେଳା ପଡ଼ିଆ ନିଲାମ

**ବଡ଼ସାହି, ୨୯।୧୨(ସମିସ):** ବଡସାହି ବ୍ଲକ ଅଧୀନ ମାଣତ୍ରୀସ୍ଥ ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଶୈବ କ୍ଷେତ୍ର ବାବା କଖାରୁଆ ବୈଦ୍ୟନାଥ ମନ୍ଦିରରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ମହାଶିବରାତ୍ରି ଓ ମେଳା ପାଇଁ ମେଳା ପଡ଼ିଆ ନିଲାମ ହୋଇପାରିନାହିଁ। ଗତ ଡିସେମ୍ବର ୭, ୧୨ ଓ ୧୯ ତିନୋଟି ତାରିଖ ପ୍ରଶାସନ ପକ୍ଷରୁ ଧାର୍ଯ୍ୟ ହୋଇଥିଲା। ମାତ୍ର ତାହା ଫେଲ ମାରିଛି। ନିଲାମର ପ୍ରାରମ୍ଭିକ ମୂଲ୍ୟ ୨୧ ଲକ୍ଷ ୧୧ ହଜାର ଥିବାରୁ କୌଣସି ବ୍ୟକ୍ତି, ଅନୁଷ୍ଠାନ ବା ସଂଗଠନ ଏତେ ଟଙ୍କାରେ ନିଲାମ ନେବା ପାଇଁ ରାଜି ହୋଇ ନ ଥିଲେ। କାରଣ ଏତେ ଟଙ୍କାର ନିଲାମ ନେଇ ଦୋକାନୀଙ୍କ ଉପରେ ବୋଝ ଲଦି ଦେଲେ ଦୋକାନ ସଂଖ୍ୟା କମିବାର ସମ୍ଭାବନା ସୃଷ୍ଟି ହୋଇଥିଲା। ଏତଦବାଦ ଚଳିତ ବର୍ଷ ଯାତ୍ରା ପାର୍ଟି ସମ୍ପର୍କରେ ସଠିକ୍ ସୂଚନା ମିଳୁ ନ ଥିବାରୁ ଏହା ନିଲାମଧାରୀଙ୍କୁ ପ୍ରଭାବିତ କରିଥିଲା। ଯାହା ଫଳରେ ଗତ ୩ବର୍ଷର ହୋଇଥିବା ନିଲାମକୁ ଦୃଷ୍ଟିରେ ରଖି ଏହାର ସଂଶୋଧନ କରିବା ପାଇଁ ପଞ୍ଚାୟତ ପକ୍ଷରୁ ଏକ ରିଜ୍ୟୁଲେସନ ସଦର ଉପଜିଲ୍ଲାପାଳ ଦୟାସିନ୍ଧୁ ପରିଡ଼ାଙ୍କୁ ପ୍ରଦାନ କରାଯାଇଥିଲା। ଉପଜିଲ୍ଲାପାଳ ଏହାର ତର୍ଜମା କରି ପ୍ରାରମ୍ଭିକ ମୂଲ୍ୟ ୧୪ ଲକ୍ଷ ୯୬ ହଜାରକୁ କମିଥିବା ଜଣାଯାଇଛି। ଏଥିପାଇଁ ପୁଣିଥରେ ଡାକ ପାଇଁ ଜାନୁଆରୀ ୭ ତାରିଖକୁ ଧାର୍ଯ୍ୟ କରାଯାଇଛି। ଏହି ନିଲାମରେ ବିଡିଓ ବନଜା ଦାସ, ପରିଛା ପ୍ରଦୀପ ପଣ୍ଡା, ଜିପିଓ ଅବିନାଶ ପଣ୍ଡା, ପିଇଓ ପ୍ରମୁଖ ଉପସ୍ଥିତ ରହିବେ। ଶିବରାତ୍ରି ଆସନ୍ତା ଫେବୃୟାରୀ ୧୫ ତାରିଖ ପଡୁଥିବାବେଳେ ସେହିଦିନଠାରୁ ୧୦ ଦିନ ଧରି ମେଳା ଧୂମଧାମରେ ଚାଲିବ ବୋଲି ଜଣାଯାଇଛି। ସେଥିପାଇଁ ମେଳା ପଡ଼ିଆ ନିଲାମ ପରେ ନିଲାମଧାରୀଙ୍କ ପକ୍ଷରୁ ମେଳା ପଡ଼ିଆ ପାଇଁ ଦୋକାନୀଙ୍କ ଉଦ୍ଦେଶ୍ୟରେ ଜଗା ବଣ୍ଟନ ଆରମ୍ଭ ହେବ। ଶହ ଶହ ଦୋକାନୀ ଏହି ମେଳାରେ ନିଜ ନିଜର ପସରା ମେଲାଉଥିବାରୁ ଚଳିତ ବର୍ଷ ମେଳା ପଡ଼ିଆ ନିଲାମ ଓ ଧାର୍ଯ୍ୟ ଦର ମଧ୍ୟ ଠିକ୍ ଠାକ୍ ହେବ ବୋଲି ଦୋକାନୀ ଆଶା ପ୍ରକାଶ କରିଛନ୍ତି।

## ଡନ୍ ବୋସ୍କୋ ଟେକ୍‌ରେ ଭିଡିଓ ପ୍ରତିଯୋଗିତା




**ମହୁଲଡିହା, ୨୯।୧୨(ସମିସ):** ଡନ୍ ବୋସ୍କୋ ଟେକ୍ ସୋସାଇଟିର ୨୦ ବର୍ଷ ପୂର୍ତ୍ତି ଅବସରରେ ଠାକୁରମୁଣ୍ଡା କେନ୍ଦ୍ରର ପୁରାତନ ଶିକ୍ଷାର୍ଥୀଙ୍କ ପକ୍ଷରୁ ଭିଡିଓ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଛତ୍ର ଚାଷୀ, ଜୈବିକ ଚାଷୀ, ହାଉସକିପିଂ ଆସିଷ୍ଟାଣ୍ଟ ଓ ଇଲେକ୍ଟ୍ରିସିଆନ (ଡୋମେଷ୍ଟିକ ସୋଲ୍ୟୁସନ୍) ବିଭାଗରେ ପ୍ରଶିକ୍ଷଣ ପାଇଥିବା ୪ ଜଣ ପୁରାତନ ଶିକ୍ଷାର୍ଥୀ ଅଂଶଗ୍ରହଣ କରିଥିଲେ। ସେମାନେ ଡନ୍ ବୋସ୍କୋ ଟେକ୍‌ରେ ପାଇଥିବା ପ୍ରଶିକ୍ଷଣ ଅନୁଭବ ଓ ଦକ୍ଷତା କିପରି ତାଙ୍କୁ ରୋଜଗାରକ୍ଷମ ଓ ସ୍ୱାବଲମ୍ବୀ କରିଛି ବର୍ଣ୍ଣନା କରିଥିଲେ। ପୁରାତନ ଶିକ୍ଷାର୍ଥୀ ପ୍ରଶିକ୍ଷକ ଓ ଡନ୍ ବୋସ୍କୋ ଟେକ୍ ଟିମ୍‌ଙ୍କ ପ୍ରତି କୃତଜ୍ଞତା ଜଣାଇଥିଲେ। ବର୍ତ୍ତମାନର ଶିକ୍ଷାର୍ଥୀଙ୍କୁ ନିୟମିତ ଅଭ୍ୟାସ, ଏକାଗ୍ରତା ଓ ଡିବି ଟେକ୍‌ର ଯାତ୍ରା ଉପରେ ଭରସା ରଖିବାକୁ ପ୍ରେରଣା ଦେଇଥିଲେ। ଏହି କାର୍ଯ୍ୟକ୍ରମ ଗ୍ରାମୀଣ ଅଞ୍ଚଳରେ ଯୁବକଙ୍କୁ ଦକ୍ଷତା ବିକାଶ ଓ ଜୀବିକା ସୃଷ୍ଟିରେ ଡନ୍ ବୋସ୍କୋ ଟେକ୍‌ର ଅବଦାନକୁ ସ୍ମରଣ କରିଥିଲା।

### ଟେଣ୍ଡରର ୬ ମାସରୁ ଊର୍ଦ୍ଧ୍ୱ ସମୟ ପରେ ବି ହେଉନି ମରାମତି

# ଅଙ୍ଗାରୀ-ଦେଉଳିଆ ରାସ୍ତା ପାଲଟିଛି ମରଣଯନ୍ତା



**ବଡ଼ସାହି, ୨୯।୧୨(ସମିସ)**

ବଡ଼ସାହି ବ୍ଲକ ଅଧୀନ ଦେଉଳିଆ ପଞ୍ଚାୟତ ଗ୍ରାମବାସୀଙ୍କ ବହୁ ଦିନର ଦାବିକୁ ଦୃଷ୍ଟିରେ ରଖି ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏହି କାର୍ଯ୍ୟଟି ଅନୁମୋଦନ ହୋଇଥିଲା। ଫଳରେ ଅଙ୍ଗାରୀପୋଖରୀଠାରୁ ଦେଉଳିଆ ଦୀର୍ଘ ୩.୬୦ କିମି ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ରାସ୍ତା ନିର୍ମାଣ କାମ ୧ କୋଟି ୧୯ ଲକ୍ଷ ବ୍ୟୟ ଅଟକଳରେ ନିର୍ମିତ ହୋଇଛି। ଏହା ୨୦୧୬ ଡିସେମ୍ବର ୨ରେ ଆରମ୍ଭ ହୋଇ ୨୦୧୭ ସେପ୍ଟେମ୍ବର ୧ ତାରିଖରେ କାର୍ଯ୍ୟ ଶେଷ ହେବାର ଥିବାବେଳେ ୨୦୧୮ରେ ଏହା ସରିଥିଲା। ମାତ୍ର ଆବଶ୍ୟକ ସମୟରେ ରାସ୍ତା ମରାମତି କରାଯାଇ ନ ଥିବାରୁ ରାସ୍ତା ମରଣଯନ୍ତା ପାଲଟିଛି। ସ୍ଥାନୀୟ ଲୋକେ ଏହାର କୁପରିଣାମ ଭୋଗିବା ସହିତ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦେଉଳିଆ ସହିତ ପଟିସାରୀ ଓ ଭାମଡା ପଞ୍ଚାୟତର ଜନସାଧାରଣ ମଧ୍ୟ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି। ପ୍ରତିଦିନ ଶହଶହ ଗାଡି ମଟର ଏହି ରାସ୍ତା ଦେଇ ଚଳପ୍ରଚଳ କରିଥାଏ। ଫଳରେ ଦେଉଳିଆ ସମିତି ସଭ୍ୟ ନିହାର ରଞ୍ଜନ ମହାପାତ୍ର ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କୁ ସାକ୍ଷାତ କରି ଏହି ରାସ୍ତାର ତୁରନ୍ତ ମରାମତି ଦାବି କରଥିଲେ। ମାତ୍ର ପ୍ରସ୍ତାବ ଅନୁମୋଦନ ହୋଇ ୬ ମାସରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ଅଦ୍ୟାବଧି ଏହି ରାସ୍ତାର ମରାମତି କାମ ହୋଇପାରୁନାହିଁ।

ବାରମ୍ବାର ଯନ୍ତ୍ରୀ ଅଶୋକ ସେଠୀଙ୍କ ପ୍ରତିଶ୍ରୁତି ପରେ ମଧ୍ୟ ଏହା ଆରମ୍ଭ ନ ହେବା ପ୍ରଶାସନିକ ଅବହେଳାକୁ ଆଙ୍ଗୁଳି ନିର୍ଦ୍ଦେଶ କରୁଛି। ଫଳରେ ଅସନ୍ତୋଷ ମୁଣ୍ଡ ଟେକୁଛି। ଏଗ୍ରିମେଣ୍ଟ ଅନୁସାରେ ଯଦି ଠିକାଦାର କାମ କରିବାକୁ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି, ତେବେ ଟେଣ୍ଡର ବାତିଲ କରି ନୂତନ ଟେଣ୍ଡର କରିବାକୁ ଦାବି ଉଠିଛି। ମରାମତି ବିଳମ୍ବ ପାଇଁ ରାସ୍ତା ଅତ୍ୟଧିକ ଖରାପ ହେବା ସହିତ ମରଣଯନ୍ତା ପାଲଟିଛି। ଏତଦବ୍ୟତୀତ ଦେଉଳିଆ-ପଟିସାରୀ ରାସ୍ତାରେ ଥିବା ଏକ ନାଳ ଉପରେ ଉଚ୍ଚ ପୋଲ ନିର୍ମାଣ ସହିତ ରାସ୍ତାର ମରାମତି ମଧ୍ୟ ଆବଶ୍ୟକ ଥିବାବେଳେ ତାହା ପ୍ରସ୍ତାବରେ ସ୍ଥାନ ପାଇଥିବା ଯନ୍ତ୍ରୀ ଶ୍ରୀ ସେଠୀ ପ୍ରକାଶ କରିଛନ୍ତି। ତତ୍କାଳୀନ ସମୟରେ ଅଙ୍ଗାରୀ-ଦେଉଳିଆ ରାସ୍ତା କାମରେ ବ୍ୟାପକ ଅନିୟମିତତା କରାଯାଇଥିଲା। ଅଟକଳକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇଥିଲା। ଫଳରେ ରାସ୍ତାର ସ୍ଥାୟିତ୍ୱ ନେଇ ଗ୍ରାମବାସୀ ପ୍ରଶ୍ନ ଉଠାଉଥିଲେ। ଏପରିକି ଗ୍ରାମ୍ୟ ଉନ୍ନୟନ ବିଭାଗର ତତ୍କାଳୀନ ନିର୍ବାହୀ ଯନ୍ତ୍ରୀ ମଧ୍ୟ ତଦନ୍ତରେ ଆସି ଠିକାଦାରଙ୍କୁ ତାଗିଦ କରିଥିଲେ। ଏହାସତ୍ତ୍ୱେ ମଧ୍ୟ ୧ ବର୍ଷ ଭିତରେ ପିଚୁ ଉଠିଥିଲା। ଏହି ରାସ୍ତା ନିର୍ମାଣର ତ୍ରୁଟି ଅବଧି ମଧ୍ୟ ୫ ବର୍ଷ ବିଭାଗ ପକ୍ଷରୁ ରଖାଯାଇଥିଲା। କାମ ସରିବାର ଏକ ବର୍ଷ ପରେ ରାସ୍ତାରୁ ପିଚୁ ଉଠିଯିବାରୁ ବାରମ୍ବାର ଅଭିଯୋଗ ପରେ ୫ ଶହ ମିଟର ପାଖାପାଖି ରାସ୍ତା ମରାମତି ହୋଇଥିଲା। କିଛିମାସ ପରେ ପୁଣି ସେହି ରାସ୍ତାରେ ପିଚୁ ଓ ଚିପ୍ସ ଉଠି ଯିବା ଫଳରେ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଠିକାଦାର ରାସ୍ତା ମରାମତି କରି ନ ଥିଲେ। ତତ୍କାଳୀନ ଗ୍ରାମ୍ୟ ଉନ୍ନୟନ ବିଭାଗର ଏସ୍‌ଡିଓ ରାଜେଶ ପ୍ରଧାନ ଠିକାଦାରଙ୍କୁ ତାଗିଦ କରିବା ସହିତ ଚିଠି କରିବା ପରେ ରାସ୍ତା ମରାମତି ହୋଇଥିଲା। ବର୍ତ୍ତମାନ ଏହି ରାସ୍ତା ମରଣଯନ୍ତା ସଦୃଶ ହୋଇଛି। ବିଭିନ୍ନ ସ୍ଥାନରେ ଖାଲ ସୃଷ୍ଟି ହୋଇଥିବାବେଳେ ରାସ୍ତାରୁ ପିଚୁ ଓ ଚିପ୍ସ ଉଠି ଗଡ଼ଗଡ଼ ହେଉଛି। ଟିକେ ଅସାବଧାନତା ହେଲେ ବହୁ ଲୋକ ପଡ଼ି ଖଣ୍ଡିଆ ଖାବରା ହେଉ ଓ ଦୁର୍ଘଟଣା ଘଟିବା ମଧ୍ୟ ନଜିର ମଧ୍ୟ ରହିଛି। ଅଗାଶୋଳ, ଭାଲୁକବସା ଛକ ଓ ଦେଉଳିଆ ନିକଟରେ ରାସ୍ତା ବହୁତ ଖରାପ ହୋଇଥିବା ଦେଖାଯାଉଛି। ବିଭାଗ ପକ୍ଷରୁ ଯଦି ଏହାର ମରାମତି ପାଇଁ ଯଥାଶୀଘ୍ର ପଦକ୍ଷେପ ଗ୍ରହଣ କରା ନ ଯାଏ, ତେବେ ଗ୍ରାମବାସୀ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି କହିଛନ୍ତି।

## ବିଦ୍ୟୁତ୍ ଉପଭୋକ୍ତାଙ୍କୁ ଶୋଷଣ ପ୍ରତିବାଦରେ କଂଗ୍ରେସର ବିକ୍ଷୋଭ




**ରାଇରଙ୍ଗପୁର, ୨୯।୧୨(ସମିସ):** ଗତ ସାଧାରଣ ନିର୍ବାଚନ ପୂର୍ବରୁ ବିଜେପି ସରକାର ଦେଇଥିବା ୩୦୦ ୟୁନିଟ ପର୍ଯ୍ୟନ୍ତ ପ୍ରତିଘରକୁ ବିଜୁଳି ଛାଡ଼ ପ୍ରତିଶ୍ରୁତି ପାଣିର ଗାର ସାଜିଛି। ରାଜ୍ୟ ସରକାର ବିଦ୍ୟୁତ୍ ବିତରଣ ସଂସ୍ଥା ଜରିଆରେ ଉପଭୋକ୍ତାଙ୍କୁ ଅହେତୁ ଶୋଷଣ କରୁଛନ୍ତି। ରାଜ୍ୟ ସରକାରଙ୍କ ଏପରି ମନମୁଖୀ କାର୍ଯ୍ୟ ବିରୁଦ୍ଧରେ କଂଗ୍ରେସ ପକ୍ଷରୁ ବ୍ୟାପକ ଜନଜାଗରଣ ସୃଷ୍ଟି କରିବା ଲକ୍ଷ୍ୟରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। ମୟୂରଭଞ୍ଜ (ପଶ୍ଚିମ) ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଜିଲ୍ଲା ସଭାପତି ଭୁବନ ବିହାରୀ ସାହୁଙ୍କ ନେତୃତ୍ୱରେ ରାଇରଙ୍ଗପୁର ଶୋଭାଯାତ୍ରା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଦଳର ବରିଷ୍ଠ ନେତା, କର୍ମକର୍ତ୍ତା ଓ ବିଦ୍ୟୁତ୍ ଉପଭୋକ୍ତା ରାଇରଙ୍ଗପୁରର ଏନଏସି ମାର୍କେଟ ନିକଟସ୍ଥ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ଓ ଉପଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଟାଟା ପାୱାର ଓ ରାଜ୍ୟ ସରକାର ବିରୋଧରେ ନାରାବାଜି କରି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ୩୦୦ ୟୁନିଟ ମାଗଣା ବିଦ୍ୟୁତ ପ୍ରଦାନ, କୃଷକଙ୍କୁ ମାଗଣା ବିଜୁଳି ପ୍ରଦାନ, ୟୁନିଟ ପିଛା ବିଦ୍ୟୁତ୍ ବିଲ୍ ହ୍ରାସ, ସ୍ମାର୍ଟ ମିଟର ଉଚ୍ଛେଦ ନେଇ ଦାବି କରିଛନ୍ତି। ଅତିରିକ୍ତ ସୁରକ୍ଷା ଜମା ରାଶି ନେଇ ଗ୍ରାହକଙ୍କୁ ଶୋଷଣ ନୀତି ବନ୍ଦ କରିବାକୁ ଦାବି କରିଛନ୍ତି। ୩୦୦ ୟୁନିଟ ମାଗଣା ବିଜୁଳି ପ୍ରଦାନ ନେଇ ଯେଉଁ ପ୍ରତିଶ୍ରୁତି ଦେଇଥିଲେ, ତାହାକୁ ତୁରନ୍ତ ଲାଗୁ କରିବାକୁ ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ କଂଗ୍ରେସ ପକ୍ଷରୁ ପ୍ରତି ବ୍ଲକରେ ଆନ୍ଦୋଳନ କରିବା ନେଇ ଚେତାବନୀ ଦିଆଯାଇଛି। ବିଜେପି ସରକାର ମିଥ୍ୟା ପ୍ରତିଶ୍ରୁତିକୁ କଡ଼ା ସମାଲୋଚନା କରିଥିଲେ। ବିଦ୍ୟୁତ ଉପଭୋକ୍ତାଙ୍କଠାରୁ ଶୋଷଣ ବନ୍ଦ କରିବାକୁ ବିଭିନ୍ନ ଦାବି ନେଇ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଶା ଆଦିବାସୀ କଂଗ୍ରେସ ଉପସଭାପତି ଲକ୍ଷଣ ମାଝୀ, ରାଜ୍ୟ ମହିଳା କଂଗ୍ରେସ ଉପସଭାପତି ଜବାମଣି ଟୁଡୁ, ପିସିସି ସମ୍ପାଦକ ଲକ୍ଷୀଧର ସିଂ, ଆଦିବାସି କଂଗ୍ରେସ ପଶ୍ଚିମ ମୟୂରଭଞ୍ଜ ଅଧ୍ୟକ୍ଷ ବେରେଲ ସିଂ, ବସନ୍ତ ପଟ୍ଟନାୟକ, ଅଶୋକ ଅଗ୍ରୱାଲ, ଭାଗୀରଥି ପାତ୍ର, ଏମଡି ଇନ୍ତେକାବ, ସନ୍ତୋଷ ନନ୍ଦ, ତରୁଣ ଗିରି, ଦୁଦକ ମହାନ୍ତି, ନିଶାକର ପାତ୍ର, ଅଞ୍ଜଳି ବେଶ୍ରା, ଉଷାରାଣୀ ଦେଓ, ପୂଜା ସୋରେନ ପ୍ରମୁଖ ଉପସ୍ଥିତ ଥିଲେ।

## ରଘୁନାଥ ଡିଗ୍ରୀ ମହାବିଦ୍ୟାଳୟରେ ଷ୍ଟାର୍ଟ ଅପ୍ ଇଣ୍ଡିଆ କର୍ମଶାଳା

**କରଞ୍ଜିଆ, ୨୯।୧୨(ସମିସ):** କରଞ୍ଜିଆ ବ୍ଲକ ଅନ୍ତର୍ଗତ କାଦଡିହା ରଘୁନାଥ ଡିଗ୍ରୀ ମହାବିଦ୍ୟାଳୟରେ ଷ୍ଟାର୍ଟ ଅପ୍ ଇଣ୍ଡିଆ ତିନିଦିନିଆ କର୍ମଶାଳା ମହାବିଦ୍ୟାଳୟ ଅଧ୍ୟକ୍ଷ ଡକ୍ଟର ଭାଗବତ ଲେଙ୍କାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ରୂପେ ଅବସରପ୍ରାପ୍ତ ଇଞ୍ଜିନିୟର ତ୍ରିଲୋଚନ ସେଠୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଅନ୍ୟତମ ଅତିଥି ରୂପେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ କାଦଡିହା ଶାଖା ପରିଚାଳକ ସଞ୍ଜୟ ମହନ୍ତ ଯୋଗଦେଇ ସଞ୍ଚୟ ଯୋଜନା ଉପରେ ଆଲୋକପାତ କରିଥିବାବେଳେ ପିଲାମାନେ ପାଠ ପଢ଼ିବା ପରେ କେମିତି ଆତ୍ମନିର୍ଭରଶୀଳ ହୋଇପାରିବେ, ସେଥିପାଇଁ ବିଭିନ୍ନ ବିଭାଗ ଉପରେ ବିଶେଷଜ୍ଞମାନେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ନିର୍ମାଣ କାର୍ଯ୍ୟ କ୍ଷେତ୍ରରେ ଇଞ୍ଜିନିୟର ତ୍ରିଲୋଚନ ସେଠୀ, କଙ୍କଡା ଚାଷ କ୍ଷେତ୍ରରେ ଅଧ୍ୟାପକ ବନମାଳୀ ମହାନ୍ତ, ଛତୁଚାଷ କ୍ଷେତ୍ରରେ ବିଜୟଲକ୍ଷ୍ମୀ ବେହେରା, ସଞ୍ଚୟ ଯୋଜନା କ୍ଷେତ୍ରରେ ସଞ୍ଜୟ ମହନ୍ତ, ସାମ୍ବାଦିକ ଓ ସମ୍ବାଦପତ୍ର ପରିଚାଳନା କ୍ଷେତ୍ରରେ ଉମାଶଙ୍କର ଦାସ, ନଡ଼ିଆ ଚାଷ କ୍ଷେତ୍ରରେ ଅଧ୍ୟାପକ ଧରଣୀଧର ତ୍ରିପାଠୀ, କୁକୁଡ଼ା, ଛେଳି, ଘୁଷୁରୀ, ବତକ, ଚାଷ କ୍ଷେତ୍ରରେ ଅକ୍ଷୟ ମହାନ୍ତ ଓ ଅଧ୍ୟାପକ ପଦ୍ମଲୋଚନ ମହାନ୍ତ ପ୍ରମୁଖ ପିଲାଙ୍କୁ ବିଭିନ୍ନ ବିଷୟ ଅବଗତ କରାଇଥିଲେ। ସଶକ୍ତିକରଣ ହେଉଛି ଏକ ଦୃଢ଼ ଆତ୍ମନିର୍ଭରଶୀଳ ମାନସିକତା। ନିଷ୍ଠା ଓ ଆତ୍ମବିଶ୍ୱାସ ଭାବନାରେ କାର୍ଯ୍ୟ କଲେ ଜୀବନରେ ସଫଳତା ନିଶ୍ଚିତ ମିଳିଥାଏ ବୋଲି ଅଧ୍ୟକ୍ଷ ଡକ୍ଟର ଭାଗବତ ଲେଙ୍କା ପ୍ରକାଶ କରିଥିଲେ। ଏହି ତିନିଦିନିଆ କର୍ମଶାଳାକୁ ବିଦ୍ୟାଧର ମହାନ୍ତ, ଅଧ୍ୟାପିକା ଦେବସ୍ମିତା ପାତ୍ର, ମଧୁସ୍ମିତା ରାଉତ, ପ୍ରତୀମା ମାଝି ମହାନ୍ତ, ଶୁଭମ ସତ୍ୟପ୍ରକାଶ ମହାନ୍ତ ପ୍ରମୁଖ ପରିଚାଳନା କରିଥିଲେ। ବିଭିନ୍ନ ବିଭାଗରେ ଭାଗ ନେଇଥିବା ପ୍ରତିଯୋଗୀଙ୍କୁ ପ୍ରଶିକ୍ଷଣ ପ୍ରମାଣ ପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷା ବିଭାଗ ଅଧ୍ୟାପିକା ଶୁଭଶ୍ରୀ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

### ମୁଖ୍ୟମନ୍ତ୍ରୀଙ୍କୁ ସାଂସଦ ମମତା ମହାନ୍ତଙ୍କ ଚିଠି

## କାଠପାଳ ଫାର୍ମର ପୁନରୁଦ୍ଧାର, ପ୍ରାଣୀ ଚିକିତ୍ସା ଓ ପଶୁପାଳନ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପ୍ରସ୍ତାବ

**ବାରିପଦା, ୨୯।୧୨(ସମିସ):** ବାରିପଦା ସହରଠାରୁ ଅଳ୍ପ ଦୂରରେ କାଠପାଳଠାରେ ପୂର୍ବର ଡାଏରୀ ଫାର୍ମ ପୁନରୁଦ୍ଧାର ସହିତ ପ୍ରାଣୀ ଚିକିତ୍ସା ଓ ପଶୁପାଳନ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ରାଜ୍ୟସଭା ସାଂସଦ ମମତା ମହାନ୍ତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପତ୍ର ଲେଖିଛନ୍ତି। ପୂର୍ବରୁ ଏଠାରେ ଫାର୍ମଟି କାର୍ଯ୍ୟକ୍ଷମ ଥିବାବେଳେ ଗୋ-ପ୍ରଜନନ କେନ୍ଦ୍ର ରହିଥିଲା। ବହୁ ଦୁଗ୍ଧ ଚାଷୀ ଉପକୃତ ହେଉଥିଲେ। ଏହି ଡାଏରୀ ଫାର୍ମଟି ଓଡ଼ିଶା ସରକାରଙ୍କ ମତ୍ସ୍ୟ ଓ ପଶୁପାଳନ ବିଭାଗ ଅଧୀନରେ କାର୍ଯ୍ୟ କରୁଥିଲା। ତାହା ୩୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ବନ୍ଦ ହୋଇଯାଇଛି। ଏବେ ସୁଦ୍ଧା ଏହି ଅଞ୍ଚଳରେ ରାଜ୍ୟ ସରକାରଙ୍କ ଅଧୀନରେ ବ୍ୟାପକ ଜମି, କାର୍ଯ୍ୟାଳୟ ଗୃହ, ଗୋଶାଳା ଆଦି ରହିଛି। ମୟୂରଭଞ୍ଜ ଭଳି ଆଦିବାସୀ ବହୁଳ ଜିଲ୍ଲାରେ ଅଧିକରୁ ଅଧିକ ଲୋକ କୃଷି ଓ ବନ୍ୟଜାତ ପଦାର୍ଥ ଉପରେ ନିର୍ଭର କରି ଜୀବିକା ନିର୍ବାହ କରୁଥିବାରୁ ଏଠାରେ ଡାଏରୀ ଫାର୍ମ ହେଲେ ଏ ଅଞ୍ଚଳର ବହୁ ଚାଷୀ ଦୁଗ୍ଧ ଉତ୍ପାଦନ ପ୍ରକ୍ରିୟାରେ ନିଜକୁ ସାମିଲ କରି ନିଜର ଗୁଜୁରାଣ ମେଣ୍ଟାଇପାରିବେ ବୋଲି ସାଂସଦ ଶ୍ରୀମତୀ ମହାନ୍ତ ପ୍ରସ୍ତାବ ଦେଇପାରିଛନ୍ତି।

ସେହିଭଳି କୃଷି ଓ ପଶୁପାଳନ ବିଭାଗ ଅଧୀନରେ ଥିବା ସରକାରୀ ସମ୍ପତ୍ତିର ସଦୁପଯୋଗ କରିବା ସହ ଏକ ପ୍ରାଣୀ ଚିକିତ୍ସା ଓ ପଶୁପାଳନ ବିଶ୍ୱବିଦ୍ୟାଳୟ ଖୋଲିବା ପାଇଁ ଏକ ଡିପିଆର ପ୍ରସ୍ତୁତ କରି ପାଣ୍ଠି ବରାଦ କରିବାକୁ ସେ ପ୍ରସ୍ତାବ ଦେଇ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖିଛନ୍ତି। ଏହାଦ୍ୱାରା ମୟୂରଭଞ୍ଜ ଜିଲ୍ଲାର କୃଷିର ଉନ୍ନତି, ପ୍ରାଣୀ ସମ୍ପଦର ସୁରକ୍ଷା ଓ ନିଶ୍ଚିତ ରୋଜଗାର ଯୋଗାଇବାରେ ବିଶେଷ ସାହାଯ୍ୟ କରିବ ବୋଲି ସାଂସଦ ମମତା ମହାନ୍ତ ତାଙ୍କ ପତ୍ରରେ ଦର୍ଶାଇଛନ୍ତି। ସାଂସଦଙ୍କ ଏଭଳି ଜନହିତକର ପ୍ରସ୍ତାବକୁ ବହୁ ବୁଦ୍ଧିଜୀବୀ, ପୂର୍ବତନ ବିଧାୟକ ଓ ଶିକ୍ଷାବିତ ସମର୍ଥନ କରିବା ସହ ମୁଖ୍ୟମନ୍ତ୍ରୀ ଯଥାଶୀଘ୍ର ଏଥିପ୍ରତି ସମ୍ବେଦନଶୀଳ ହୋଇ ସାଂସଦ ଶ୍ରୀମତୀ ମହାନ୍ତଙ୍କ ପ୍ରସ୍ତାବକୁ କାର୍ଯ୍ୟକାରୀ କରିବାକୁ ଅନୁରୋଧ କରିଛନ୍ତି।

## ରାସଗୋବିନ୍ଦପୁର ମଣ୍ଡିରେ ଧାନକିଣା ଆରମ୍ଭ



**ରାସଗୋବିନ୍ଦପୁର, ୨୯।୧୨(ସମିସ):** ମୟୂରଭଞ୍ଜ ଜିଲ୍ଲାର ରାସଗୋବିନ୍ଦପୁର ବ୍ଲକରେ ଆଜି ଧାନମଣ୍ଡି ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ରାସଗୋବିନ୍ଦପୁର ତହସିଲଦାର ଉପେନ୍ଦ୍ର ଦାସ ଓ ରାସଗୋବିନ୍ଦପୁର ସରପଞ୍ଚ ସୁଧାଂଶୁ ନାୟକ ଯୋଗଦେଇ ଧାନମଣ୍ଡିର ଶୁଭାରମ୍ଭ କରିଛନ୍ତି। ବେତନଟୀ ଆରଏମସି ଅନୁକୂଳ୍ୟରେ ରାସଗୋବିନ୍ଦପୁର ସମବାୟ ସମିତି କର୍ମକର୍ତ୍ତା ଉପସ୍ଥିତ ରହି ଧାନକିଣା ଆରମ୍ଭ କରିଥିଲେ। ସରକାରଙ୍କ ନିୟମ ଅନୁସାରେ କୌଣସି କଟ୍‌ନୀ ଛଟନୀ କରା ନ ଯାଇ ଏଫଏକ୍ୟୁ ମାନର ଧାନ ସଂଗ୍ରହ କରାଯିବ ବୋଲି ମତ ରଖିଛନ୍ତି। ଯେଉଁ ଚାଷୀ ପଞ୍ଜୀକରଣ କରି ମୋବାଇଲ ଦ୍ୱାରା ଏସଏମଏସ ପାଇଥିବେ, ସେମାନେ ଧାର୍ଯ୍ୟ ତାରିଖରେ ଧାନମଣ୍ଡିକୁ ନେଇ ମାନ ନିର୍ଦ୍ଧାରଣ କରାଇ ଉଚିତ୍ ମୂଲ୍ୟ ପାଇପାରିବେ ବୋଲି କୁହାଯାଇଛି। ଆଜି ପ୍ରଥମ ଦିନରେ ୯୩ କ୍ୱିଣ୍ଟାଲ ୮୪ କିଲୋ ଧାନ କ୍ରୟ କରାଯାଇଥିବାବେଳେ ପ୍ରଥମ ପର୍ଯ୍ୟାୟରେ ୩୧୦୦ କ୍ୱିଣ୍ଟାଲ ଧାନ କ୍ରୟ ବିକ୍ରୟ ନିମନ୍ତେ ୧୬୦୦ ଚାଷୀ ପଞ୍ଜିକୃତ କରିଥିବା ଜଣାପଡ଼ିଛି। ସମବାୟ ସମିତି ପରିଚାଳନା ନିର୍ଦ୍ଦେଶକ ରଞ୍ଜନ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ଘରୁ ବୁଲେଟ୍ ଚୋରି

**ରାଇରଙ୍ଗପୁର, ୨୯।୧୨(ସମିସ):** ଘର ସମ୍ମୁଖରେ ପାର୍କିଂ ହୋଇଥିବା ବୁଲେଟ ରାତିରେ ଚୋରି ହୋଇଛି। ଏ ନେଇ ହାଟବାଦଡ଼ା ଗ୍ରାମର ବିକାଶ କୁମାର ସାହୁ ରାଇରଙ୍ଗପୁର ଥାନାରେ ଅଭିଯୋଗ କରିଛନ୍ତି। ସେ ପ୍ରତିଦିନ ଭଳି ଘର ସମ୍ମୁଖ ବାରଣ୍ଡାରେ ବୁଲେଟ ପାର୍କିଂ କରିଥିଲେ। ସକାଳୁ ଦେଖିଲା ବେଳକୁ ଉକ୍ତ ସ୍ଥାନରେ ବୁଲେଟ ନ ଥିଲା। ବହୁ ଖୋଜାଖୋଜି ପରେ ପାଇ ନ ଥିଲେ। ଏ ଥାନାରେ ଅଭିଯୋଗ କରିଥିବା ଜଣାପଡ଼ିଛି।

### ନୂଆବର୍ଷରେ ଲୋକାର୍ପଣ ହେବ ରାଇରଙ୍ଗପୁର ଇଗନୁ

# ଆଞ୍ଚଳିକ କେନ୍ଦ୍ର ଓ ଦକ୍ଷତା କେନ୍ଦ୍ରକୁ ଉଦ୍‌ଘାଟନ କରିବେ ରାଷ୍ଟ୍ରପତି

**ରାଇରଙ୍ଗପୁର, ୨୯।୧୨(ସମିସ)**

ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାର ଶିକ୍ଷା ମାପଦଣ୍ଡକୁ ସୁଦୃଢ଼ କରିବା ପାଇଁ ବର୍ଷ ଆରମ୍ଭରୁ ପ୍ରୟାସ ଆରମ୍ଭ ହେଉଛି। ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗନୁ)ର ଆଞ୍ଚଳିକ ଓ ଦକ୍ଷତା କେନ୍ଦ୍ର ଜାନୁଆରୀ ୧ ତାରିଖରୁ ରାଇରଙ୍ଗପୁରରେ କାର୍ଯ୍ୟକ୍ଷମ ହେବାକୁ ଯାଉଛି। ଯାହାକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଭର୍ଚୁଆଲ ମୋଡ୍‌ରେ ସକାଳ ୧୦:୪୫ରେ ଲୋକାର୍ପଣ କରିବାର କାର୍ଯ୍ୟକ୍ରମ ରହିଛି। ଏ ନେଇ ଇଗନୁ ରାଇରଙ୍ଗପୁର ଆଞ୍ଚଳିକ କେନ୍ଦ୍ରର ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶକ ଡଃ ମନୋଜ ଦାସ ସୂଚନା ପ୍ରଦାନ କରିଛନ୍ତି। ଭର୍ଚୁଆଲ ମୋଡ୍‌ରେ ଦିଲ୍ଲୀସ୍ଥ ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁଙ୍କ ସମେତ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ଦକ୍ଷତା ବିକାଶ ବିଭାଗ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ଚୌଧୁରୀ ପ୍ରମୁଖ ଉପସ୍ଥିତ ରହିବେ।

ସେହିପରି ରାଇରଙ୍ଗପୁରସ୍ଥ ପୌର କଲ୍ୟାଣ ମଣ୍ଡପରେ ଆୟୋଜିତ ମଞ୍ଚ କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଶ୍ରମ ବିଭାଗ ରାଷ୍ଟ୍ରମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ, ସାଂସଦ ନବଚରଣ ମାଝୀ, ରାଇରଙ୍ଗପୁର ବିଧାୟକ ଜଳେନ ନାୟକ, କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ, ସାରସକଣା ବିଧାୟକ ଭାଦବ ହାଁସଦା ପ୍ରମୁଖ ଉପସ୍ଥିତ ରହିବେ। ଇଗନୋ ଜରିଆରେ ଅନେକ ଡିଗ୍ରୀକୁ କୋର୍ସର ଶିକ୍ଷା ଗ୍ରହଣ କରାଯାଇଥାଏ। ପୂର୍ବରୁ ଭୁବନେଶ୍ୱରଠାରେ ଆଞ୍ଚଳିକ କେନ୍ଦ୍ର ଥିବାବେଳେ ବାରିପଦାସ୍ଥ ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟରେ ପରୀକ୍ଷା କେନ୍ଦ୍ର ହେଉଥିଲା। କିନ୍ତୁ ତାହାକୁ ଅଧିକ ପରିବ୍ୟାପ୍ତ କରିବା ପାଇଁ ଇଗନୁ ପକ୍ଷରୁ ଓଡ଼ିଶାର ୪ଟି ଜୋନରେ ଆଞ୍ଚଳିକ କେନ୍ଦ୍ର କରିବା ନେଇ ସ୍ଥିରୀକୃତ ହୋଇଛି। ଯେଉଁଥିରେ କି ଉତ୍ତର ଓଡ଼ିଶା ନିମନ୍ତେ ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁରଠାରେ କେନ୍ଦ୍ର ସ୍ଥାପନ କରାଯିବା। ଆଞ୍ଚଳିକ କେନ୍ଦ୍ର ପ୍ରତିଷ୍ଠା ନେଇ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳାଧିପତି ଆନନ୍ଦ ସୋନି ବିଜ୍ଞପ୍ତି ପ୍ରକାଶ କରିଥିଲେ। ଉକ୍ତ ଆଞ୍ଚଳିକ କେନ୍ଦ୍ର ଅଧୀନରେ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲ୍ଲା ରହିବ। ଉକ୍ତ ଜିଲ୍ଲାର ସମସ୍ତ ଇଗନୁ ପରୀକ୍ଷା କେନ୍ଦ୍ର ଉକ୍ତ ଆଞ୍ଚଳିକ କେନ୍ଦ୍ର ଅଧୀନରେ ରହିବ। ଏ ନେଇ ପୂର୍ବରୁ ପ୍ରତିନିଧି ଦଳ ପରିଦର୍ଶନ କରି ସ୍ଥାନ ଚୟନ କରିଛନ୍ତି। ବର୍ତ୍ତମାନ ଅସ୍ଥାୟୀ ଭାବେ ବଡବାଟସ୍ଥ ମଣ୍ଡପ ପରିସରରେ ଆଞ୍ଚଳିକ କେନ୍ଦ୍ର କାର୍ଯ୍ୟକ୍ଷମ ହେବ।

### ଅସ୍ଥାୟୀ କ୍ୟାମ୍ପସରେ ଆରମ୍ଭ ହେବ ଶିକ୍ଷାଦାନ

ଆଗକୁ ସ୍ଥାୟୀ କ୍ୟାମ୍ପସ ହେବାକୁ ରାଇରଙ୍ଗପୁର ଡିଗ୍ରୀ ମହାବିଦ୍ୟାଳୟ ସମ୍ମୁଖରେ ୧୨୫ ଏକର ଜମି ଚିହ୍ନଟ ହୋଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଜମି ହସ୍ତାନ୍ତର ପ୍ରକ୍ରିୟା ଶେଷ ହେବା ପରେ ନିର୍ମାଣ କାମ ଆରମ୍ଭ ହେବ ବୋଲି ସୂଚନା ମିଳିଛି। ଆଞ୍ଚଳିକ କେନ୍ଦ୍ର ସହିତ ଦକ୍ଷତା ବିକାଶ କେନ୍ଦ୍ର ଆରମ୍ଭ ହେବ। ଯାହାକି ଯୁବକ/ଯୁବତୀଙ୍କୁ ଆତ୍ମନିର୍ଭରଶୀଳ କରିବାରେ ସହାୟକ ହେବ। ସିଭିଲ ଓ ଆସବାବପତ୍ର ନିମନ୍ତେ ୫୩, ୨୪, ୦୦୦ ଟଙ୍କା ଖର୍ଚ୍ଚ ହୋଇଥିବାବେଳେ ପ୍ରଥମ ପର୍ଯ୍ୟାୟରେ ୨୦, ୦୦, ୦୦୦ ଟଙ୍କା ପ୍ରଦାନ କରାଯାଇଛି। ଇଗନୁରେ ଶିକ୍ଷାବର୍ଷରୁ ଡିପ୍ଲୋମା କୋର୍ସର ଶିକ୍ଷାଦାନ ଆରମ୍ଭ ହେବ। ତେବେ ରାଇରଙ୍ଗପୁରରେ ଏହା ସ୍ଥାପନ ଦ୍ୱାରା ଶିକ୍ଷା କ୍ଷେତ୍ରରେ ଉନ୍ନତି ସହ ଶିକ୍ଷା ମାନ ବୃଦ୍ଧି କରିବା ନିମନ୍ତେ ଅନେକ ସହାୟକ ହେବ ବୋଲି ବୁଦ୍ଧିଜୀବୀ ଆଶା ପ୍ରକଟ କରିଛନ୍ତି। ରାଇରଙ୍ଗପୁରରେ ଆଗକୁ ବିଭିନ୍ନ ଆନ୍ତର୍ଜାତିକ ଓ ଜାତୀୟ ସ୍ତର ଶିକ୍ଷାନୁଷ୍ଠାନର ଶାଖା କେନ୍ଦ୍ର ଖୋଲିବା ନେଇ ପ୍ରସ୍ତାବ ରହିଛି। ସେନେଇ ଜମି ଚିହ୍ନଟ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତେବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଆଗକୁ ରାଇରଙ୍ଗପୁର ଗସ୍ତ କାର୍ଯ୍ୟକ୍ରମ ଥିବାର ସମ୍ଭାବନା ଥିବାବେଳେ ଏହାର ଲୋକାର୍ପଣ ଓ ଶିଳାନ୍ୟାସ କରିବାର କାର୍ଯ୍ୟକ୍ରମ ହେବ। ରାଇରଙ୍ଗପୁରରେ ଜାତୀୟ ଓ ଆନ୍ତର୍ଜାତିକ ସ୍ତର ଶିକ୍ଷାନୁଷ୍ଠାନ ସ୍ଥାପନ ଦ୍ୱାରା ଶିକ୍ଷାକ୍ଷେତ୍ରରେ ଆହୁରି ଉନ୍ନତି ଆଣିବାରେ ବେଶ ସହାୟକ ହେବ ବୋଲି ସ୍ଥାନୀୟ ଜନସାଧାରଣ ମତ ପ୍ରକାଶ କରିଛନ୍ତି।

## ୪୮ ତମ ରାଜ୍ୟସ୍ତରୀୟ ପାଲା ସମ୍ମିଳନୀ

# ପାଲା ପାଇଁ ଓଡ଼ିଆ ଲୋକସାହିତ୍ୟ ଜୀବନ୍ତ: ମୁଖ୍ୟମନ୍ତ୍ରୀ

କେନ୍ଦୁଝର, ୨୯।୧୨(ସମିସ): ଓଡ଼ିଆ ଭାଷାର ସୁରକ୍ଷା ଓ ପ୍ରସାର ପାଇଁ 'ପାଲା'ର ମହତ୍ତ୍ୱପୂର୍ଣ୍ଣ ଅବଦାନ ରହିଛି। ଓଡ଼ିଆ ଲୋକ ସାହିତ୍ୟ ଜୀବନ୍ତ ହୋଇଛି। ତେଣୁ, ଏଭଳି ଏକ ସମୃଦ୍ଧ ଲୋକକଳା ବଞ୍ଚାଇ ରଖି ଏହାର ଅଭିବୃଦ୍ଧି ଦିଗରେ ଚେଷ୍ଟା କରିବା ଆମ ସମସ୍ତଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ବୋଲି ଆଜି ଓଡ଼ିଶାର ଅନ୍ୟତମ ଆଧ୍ୟାତ୍ମିକ ଓ ବିଦଗ୍ଧ ଲୋକକଳା 'ପାଲା'ର ୪୮ତମ ରାଜ୍ୟସ୍ତରୀୟ ମହାସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କୁ ଓଡ଼ିଆ ଅସ୍ମିତା ସମ୍ମାନରେ ସମ୍ମାନିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବିଧାୟକ ଫକୀର ମୋହନ ନାଏକ, ବିଧାୟକ ଅଖିଳଚନ୍ଦ୍ର ନାଏକ, ନିକୁ ସାହୁ, ସୁକଦେବ ମହାନ୍ତ, ଡ଼ା. ଧରଣୀଧର ନାଥ, ପ୍ରଫେସର ନିରଦ ଦାଶ, ଅମିୟ ପଟ୍ଟନାୟକ, ପ୍ରତାପଚନ୍ଦ୍ର ପ୍ରଧାନ, ବସନ୍ତ ରାଉତ, ରମାକାନ୍ତ ପାତ୍ର, ଡ଼ା. ମଦନ ମୋହନ ଜେନା, ପଣ୍ଡିତ ଜିତୁ ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ। ରମା' ତାରିଣୀ ପାଲା କଳାକାର ସଂଘ ପକ୍ଷରୁ ଆୟୋଜିତ ଏହି ସମ୍ମିଳନୀରେ ଓଡ଼ିଶାର ପ୍ରାୟ ସମସ୍ତ ଜିଲ୍ଲାର ପାଲା ଗାୟକ ଓ ବାୟକ ମଣ୍ଡଳୀ ଉପସ୍ଥିତ ଥିଲେ।



## ମାନସୀ ମଡେଲ ସ୍କୁଲର ଦ୍ୱିତୀୟ ବାର୍ଷିକ ଉତ୍ସବ

କେନ୍ଦୁଝର, ୨୯।୧୨(ସମିସ): ମାନସୀ ମଡେଲ ସ୍କୁଲର ଦ୍ୱିତୀୟ ବାର୍ଷିକ ଉତ୍ସବ ଅଧ୍ୟକ୍ଷ ରବିନାରାୟଣ ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଡିଇଓ ଶ୍ରୀକାନ୍ତ ବେହେରା ମୁଖ୍ୟଅତିଥି, ଧରଣୀଧର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାକ୍ତନ ପ୍ରାଧ୍ୟାପକ ଡଃ ସୁଧାକର ଦାଶ ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ସଦର ବ୍ଲକର ଏବିଇଓ ମାନସ ରଞ୍ଜନ ମିଶ୍ର, ବରିଷ୍ଠ ସାମ୍ବାଦିକ ଏଆର. ଖାନ୍ ଯୋଗ ଦେଇଥିଲେ। ବିଦ୍ୟାଳୟର ଉପଦେଷ୍ଟା ତପନ କୁମାର ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରଧାନଶିକ୍ଷକ ଜ୍ୟୋତିରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ। ଆଜୀବନ ସେବା ପାଇଁ ଉତ୍ସବରେ 'ମାନସୀ ପ୍ରତିଭା ସମ୍ମାନ' ଭାବରେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡ ମଦନ ମୋହନ ମହାପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଶିକ୍ଷାବିତ ତଥା ଅବସରପ୍ରାପ୍ତ ଅତିରିକ୍ତ ବ୍ଲକ୍ ଶିକ୍ଷାଧିକାରୀ ପଦ୍ମିନୀ ସୁରଙ୍କୁ ଶିକ୍ଷାକ୍ଷେତ୍ରରେ ତାଙ୍କର ଅବଦାନ ପାଇଁ ବିଶିଷ୍ଟ ଶିକ୍ଷାବିତ୍ ସମ୍ମାନ ଓ ଡ ଏମଡି ଫାୟାଜ ଆନସାରିଙ୍କୁ ମାନସୀ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଛି। ବିଗତ ଶିକ୍ଷାବର୍ଷରେ ସର୍ବାଧିକ ନମ୍ବର ରଖିଥିବା ୫ ଜଣ ଛାତ୍ରଙ୍କୁ ସମ୍ମାନିତ କରିବା ସହ ଚେକ୍ ପ୍ରଦାନ କରାଯାଇଥିଲା। ଆଦର୍ଶ ଅଭିଭାବକ ସମ୍ମାନ ପ୍ରଦାନ କରାଯିବା ସହ ଚାମ୍ପିୟନ୍ସମାନଙ୍କୁ ଟ୍ରଫି ପ୍ରଦାନ କରାଯାଇଛି। ଏହାସହ ମେଧାବୀ ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହନ ପାଇଁ ମାନସୀ ଟ୍ରଷ୍ଟ ଫଣ୍ଡ ଗଠନ କରାଯାଇଛି। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପ୍ରଭଞ୍ଜନ ସାହୁଙ୍କ ରଚିତ ଏକ ସୁନ୍ଦର ନାଟକ 'ନିଶା ନିବାରଣ' ପ୍ରଦର୍ଶନ କରାଯାଇଥିଲା।



## ରାଜ୍ୟ ଛାତ୍ର ବିଜେଡିର ଉପସଭାପତି ଅମରେନ୍ଦ୍ର



ହାଟଡ଼ିହୀ,୨୯।୧୨(ସମିସ): ବିଜେଡିର ସାଙ୍ଗଠନିକ କମିଟି ଗଠନ ପ୍ରକ୍ରିୟା ଜାରି ରହିଥିବା ବେଳେ ବିଜେଡି ସଭାପତି ନବୀନ ପଟ୍ଟନାୟକ ରାଜ୍ୟ ଛାତ୍ର ବିଜେଡିର ଉପସଭାପତି ଭାବେ କେନ୍ଦୁଝର ଜିଲ୍ଲା ହାଟଡ଼ିହୀର ଅମରେନ୍ଦ୍ର ଧଳଙ୍କୁ ନିଯୁକ୍ତି ଦେଇଛନ୍ତି। ଏହାକୁ ନେଇ ସମଗ୍ର ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ସେ ପୂର୍ବରୁ ରାଜ୍ୟ ଛାତ୍ର ବିଜେଡିର ସାଧାରଣ ସମ୍ପାଦକ ଦାୟିତ୍ୱ ନିର୍ବାହ କରିଥିବା ବେଳେ ଏବେ କେନ୍ଦୁଝର ଜିଲ୍ଲା ସୋସିଆଲ ମିଡିଆ ସଂଯୋଜକ ରହିଛନ୍ତି। ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନର ସୁଅ ଛୁଟିଥିବା ବେଳେ ଏଥିପାଇଁ ଶ୍ରୀ ଧଳ ବିଜେଡି ଉଚ୍ଚ କର୍ତ୍ତୃପକ୍ଷ ଏବଂ କର୍ମକର୍ତ୍ତାଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ବୀରେନ୍ଦ୍ର ହେଲେ ଜିଲ୍ଲା ବିଜେଡି ସମ୍ପାଦକ



ହାଟଡ଼ିହୀ,୨୯।୧୨(ସମିସ): ବରିଷ୍ଠ ବିଜେଡ଼ି କର୍ମୀ ବୀରେନ୍ଦ୍ର ବିଶ୍ୱାଳ ଜିଲ୍ଲା ବିଜେଡି ସମ୍ପାଦକ ଭାବେ ନବନିଯୁକ୍ତ ହୋଇଛନ୍ତି। ଏନେଇ ଦଳର ପୂର୍ବତନ ଜିଲ୍ଲା ବିଜେଡି ସଭାପତି ବିମ୍ବାଧର ବିଶ୍ୱାଳ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସ, ରାଜ୍ୟ ଛାତ୍ର ବିଜେଡି ଉପସଭାପତି ଅମରେନ୍ଦ୍ର ଧଳ, ଜିଲ୍ଲା ଯୁବ ବିଜେଡି ସଭାପତି ରାକେଶ ରାମ, ଜିଲ୍ଲା ଯୁବ ବିଜେଡି ସମ୍ପାଦକ ଦୀପ୍ତିରଞ୍ଜନ ଦାସ, ଆନନ୍ଦପୁର ବ୍ଲକ ବିଜେଡି ସଭାପତି ରାମଚନ୍ଦ୍ର ପଲେଇ, ହାଟଡିହୀ ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର ଜେନାଙ୍କ ସମେତ ବିଶ୍ୱନାଥ ନାୟକ, ଗୌରାଙ୍ଗ ରଣା, ତ୍ରୈଲୋକ୍ୟ ସାହୁ, ବିମଳ କିଶୋର ଜେନା, ଧୁଶାସନ ସାହୁ, ଗୋପାଳ ନାୟକ, କାମପାଳ ନାୟକ, ରୁଦ୍ରପ୍ରସାଦ ଜେନା, ଉଦୟନାଥ ସା, କୁଳମଣି ରାଉତ, ବୈଦ୍ୟନାଥ ସାମଲ, ଶ୍ରୀକାନ୍ତ ନାୟକ, ଅମୀୟ ରଞ୍ଜନ ପହି, ପ୍ରଶାନ୍ତ ନାୟକ ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

## ଅମରଜ୍ୟୋତି ଯୁବକ ସଙ୍ଘର ସମାବେଶ



ବାଲିବନ୍ଧ, ୨୯।୧୨ (ସମିସ): ଝୁମ୍ପୁରାସ୍ଥିତ ଅମରଜ୍ୟୋତି ଯୁବକ ସଙ୍ଘର ଏକ ସ୍ୱତନ୍ତ୍ର ସମାବେଶ ତଥା ତୃତୀୟ ବାର୍ଷିକ ପରିବାରିକ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ମୋଟ ୮୦ ଜଣ ସଦସ୍ୟଙ୍କୁ ନେଇ ତୃପ୍ତି ସଫାରୀଠାରେ ଏହି କାର୍ଯ୍ୟକ୍ରମରେ ମ୍ୟୁଜିକ ଚେୟାର ପ୍ରତିଯୋଗିତା ସହ ଭାବ ବିନିମୟ ହୋଇଥିଲା। ଏହାପରେ ମା'ମାନଙ୍କ ମଧ୍ୟରେ ଜିଲାପି ଖେଳ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଜିତ ଆସୋସିଏଟର ମାଲିକ ଜୟନ୍ତ ବେହେରା ପୁରସ୍କୃତ କରିଥିଲେ। ସଦସ୍ୟ ତିରୁପତି ବେହେରା, ରଞ୍ଜନ ବେହେରା, ତ୍ରୈଲୋଚନ ନାଏକ, କୁଞ୍ଜବିହାରୀ ନାଏକ, ପ୍ରଦୀପକୁମାର ସେଠୀ, ତପନ ସାହୁ, ଆଦିତ୍ୟ ପ୍ରଧାନ, ଜୟନ୍ତ ବେହେରା, ସଞ୍ଜୀବ ସାହୁ, ତପନ ପ୍ରଧାନ, ପରେଶନାଥ ପ୍ରଧାନ, ସଞ୍ଜୟ ସାହୁ, ବିବୁନ ବେହେରା, ନଳିନୀ ବେହେରା ପ୍ରମୁଖ ସହଯୋଗ କରିଥିଲେ। ଏହି ବାର୍ଷିକ ସମାବେଶ ଖୁବ ଉତ୍ସାହ ଓ ଆନନ୍ଦର ସହ ଉଦ୍ଯାପିତ ହୋଇଥିବା ବରିଷ୍ଠ ସଦସ୍ୟ ସୁଶାନ୍ତ ବେହେରା ପ୍ରକାଶ କରିଛନ୍ତି।

## ପ୍ରତିଦିନ ଗଣତନ୍ତ୍ରକୁ ହତ୍ୟା କରୁଛି ବିଜେପି: କଂଗ୍ରେସ

ଆନନ୍ଦପୁର, ୨୯।୧୨ (ସମିସ): କେନ୍ଦ୍ର ଓ ରାଜ୍ୟରେ ବିଜେପି ସରକାର ପ୍ରତିଦିନ ଗଣତନ୍ତ୍ରକୁ ହତ୍ୟା କରୁଛନ୍ତି ବୋଲି କଂଗ୍ରେସ ପ୍ରତିଷ୍ଠା ଦିବସ ଅବସରରେ ଆନନ୍ଦପୁରରେ ବରିଷ୍ଠ ନେତୃବୃନ୍ଦ ସମାଲୋଚନା କରିଛନ୍ତି। ମନରେଗା ଯୋଜନାରୁ ମହାତ୍ମା ଗାନ୍ଧୀଙ୍କ ନାଁକୁ ବାଦଦେବା, ଗୁରୁଦିବସ ଶିଶୁଦିବସ ପାଳିତ ନହେବା ଭଳି ନିଷ୍ପତ୍ତି ନେବା ଦୁର୍ଭାଗ୍ୟଜନକ ବୋଲି କହି କଂଗ୍ରେସ ନେତା ଜୟଦେବ ଜେନା ବିକ୍ଷୋଦଗାର କରିଥିଲେ। ଆନନ୍ଦପୁର ଷ୍ଟାଡିୟମରେ ଜାତୀୟ କଂଗ୍ରେସର ପ୍ରତିଷ୍ଠା ଦିବସ ଅବସରରେ ଆୟୋଜିତ ସଭାରେ ବିଜେପି ସରକାର ସାମ୍ପ୍ରଦାୟିକତା ଭାବ ସୃଷ୍ଟି କରି ବିଶୃଙ୍ଖଳା ସୃଷ୍ଟି କରୁଛି ବୋଲି ମତାବ୍ୟକ୍ତ କରିଥିଲେ। ନଗର ସଭାପତି ହାଡିବନ୍ଧୁ ଖୁଣ୍ଟିଆଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସଭାପତି ଶ୍ରୀ ଜେନା, ମହିଳା ନେତ୍ରୀ ସସ୍ମିତା ଜେନାଙ୍କ ସହ ବହୁ ସଂଖ୍ୟାରେ କର୍ମୀ ଓ ବରିଷ୍ଠ ନେତା ଯୋଗ ଦେଇଥିଲେ।

## ଅବସରପ୍ରାପ୍ତ ସୈନିକ କଲ୍ୟାଣ ସଂଘର ବାର୍ଷିକ ସମ୍ମିଳନୀ



ତୁରୁମୁଙ୍ଗା, ୨୯।୧୨(ସମିସ): ଅବସରପ୍ରାପ୍ତ ସୈନିକ କଲ୍ୟାଣ ସଙ୍ଘ ପାଟଣା ସାହାରପଡ଼ା ତରଫରୁ ବାର୍ଷିକ ସମ୍ମିଳନୀ ପାଟଣା ବୈତରଣୀ ତୀର୍ଥଠାରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି କ୍ୟାପଟେନ ଉପେନ୍ଦ୍ର ମହାନ୍ତ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପାଟଣା ବ୍ଲକ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଇଂ ବିଦ୍ୟାଧର ଦାଶ, ମୁଖ୍ୟବକ୍ତା ଭାବେ ଉତ୍ତର ଓଡ଼ିଶା ସାହିତ୍ୟ ସଂସ୍କୃତି ସମ୍ମେଳନର ସଭାପତି ତଥା ବରିଷ୍ଠ ସାମ୍ବାଦିକ ନୃସିଂହ ନାଥ ସିଂହ ଯୋଗ ଦେଇଥିଲେ। ରମାକାନ୍ତ ମହାନ୍ତ, ଏସଏମ ପ୍ରେମାନନ୍ଦ ମହାନ୍ତ, ଏସଏମ ଡମ୍ବରୁଧର ମହାନ୍ତ, ପୂର୍ଣ୍ଣଚନ୍ଦ୍ର ମହାନ୍ତ, ହେମନ୍ତ ମହାନ୍ତ, ମଧୁସୂଦନ ମହାନ୍ତ, ମହେଶ୍ୱର ମହାନ୍ତ, ଶରତଚନ୍ଦ୍ର ମହାନ୍ତ, ଏସଏମ ଲାଲମୋହନ ମୁଣ୍ଡା, ନାଏକ ଶଙ୍କର୍ଷଣ ମୁଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। କ୍ୟାପଟେନ ଉପେନ୍ଦ୍ର ମହାନ୍ତ ଓ ସୁବେଦାର ନାରାୟଣ ବାରିକ ପରିଚାଳନା କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଖେଳ ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ବେଳେ ଝୁମୋର ନୃତ୍ୟ ଓ ସଙ୍ଗୀତରେ ପରିବେଶ ବେଶ୍ ରୋମାଞ୍ଚକର ହୋଇଥିଲା। ଦିବଙ୍ଗତ ସୈନିକଙ୍କ ପତ୍ନୀମାନେ ମଧ୍ୟ ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ।

## ଇଞ୍ଚୋଳରେ ବିଜେଡିର ସାଙ୍ଗଠନିକ ସଭା



ହାଟଡ଼ିହୀ,୨୯ । ୧୨(ସମିସ): ହାଟଡ଼ିହୀ ବ୍ଲକର ଇଞ୍ଚୋଳରେ ବିଜେଡି ପକ୍ଷରୁ ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ସେଠୀ, ପୂର୍ବତନ ଜିଲ୍ଲା ବିଜେଡି ସଭାପତି ବିମ୍ବାଧର ବିଶ୍ୱାଳ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସ, ରାଜ୍ୟ ଛାତ୍ର ବିଜେଡି ଉପସଭାପତି ଅମରେନ୍ଦ୍ର ଧଳ, ଜିଲ୍ଲା ଯୁବ ବିଜେଡି ସଭାପତି ରାକେଶ ରାମ, ଜିଲ୍ଲା ଯୁବ ବିଜେଡି ସମ୍ପାଦକ ଦୀପ୍ତିରଞ୍ଜନ ଦାସ, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର ଜେନା, ସରପଞ୍ଚ ସସ୍ମିତା ମହାପାତ୍ର ପ୍ରମୁଖ ଆଗାମୀ ଦିନରେ ପ୍ରତି ପଞ୍ଚାୟତରେ କର୍ମୀ ସମ୍ମିଳନୀ କରାଯାଇ ଦଳକୁ ପୁନର୍ବାର ତୃଣମୂଳ ସ୍ତରରୁ ସୁଦୃଢ଼ କରାଯିବା ଉପରେ ବକ୍ତବ୍ୟ ରଖିଥିଲେ। ଉପସଭାପତି ବିକ୍ରମକେଶରୀ ବିଶ୍ୱାଳ, କିଶୋର ଜେନା, ସାଧାରଣ ସମ୍ପାଦକ ସୁଶୀଲ ହୋତା, ଶତ୍ରୁଘ୍ନ ପାତ୍ର ଓ ସମ୍ପାଦକ ବୀରେନ୍ଦ୍ର ବିଶ୍ୱାଳ ପ୍ରମୁଖ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମକୁ ବିଜୟ ମହାପାତ୍ର, ପ୍ରକାଶ ସୁଆର, ପ୍ରମୋଦ ନାୟକ, ରଙ୍ଗାଧର ମଲ୍ଲିକ, ଚିତ୍ତରଞ୍ଜନ ନାୟକ, ସୁବାସ ମହାପାତ୍ର, ଅନନ୍ତ ଗୋପାଳ ପଣ୍ଡା, ଈଶ୍ୱରଚନ୍ଦ୍ର ରାଉତ, ଅକ୍ଷୟ ସ୍ୱାଇଁ, ହରେକୃଷ୍ଣ ନାୟକ, ପ୍ରଫୁଲ୍ଲ ଜେନା ପରିଚାଳନା କରିଥିବା ବେଳେ ୫ଶହରୁ ଉର୍ଦ୍ଧ୍ୱ ପୁରୁଷ ମହିଳା ଯୋଗ ଦେଇଥିଲେ।

## ୩୦୦ ୟୁନିଟ୍ ବିଦ୍ୟୁତ୍ ଛାଡ଼ ଦାବି



କେନ୍ଦୁଝର, ୨୯।୧୨(ସମିସ): ଅହେତୁକ ଶୁଳ୍କ ଅତିରିକ୍ତ ସୁରକ୍ଷା ଜମା ଦାଖଲ ନ କରିବା, ୩୦୦ ୟୁନିଟ ବିଦ୍ୟୁତ ଛାଡ଼ ଓ ଚାଷୀ ମାଗଣା ବିଦ୍ୟୁତ ଦେବା ବ୍ୟବସ୍ଥା ଦାବିରେ କେନ୍ଦୁଝର ଜିଲ୍ଲା କଂଗ୍ରେସ କମିଟି ତରଫରୁ କେନ୍ଦୁଝର ବିଦ୍ୟୁତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀଙ୍କ ଜରିଆରେ ରାଜ୍ୟପାଳ ହରିବାବୁ କମ୍ଭମପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଓଡିଶା ପ୍ରଦେଶ କଂଗ୍ରେସ କମିଟିର ନିର୍ଦ୍ଦେଶକ୍ରମେ ୧୦ ଦଫା ଦାବିନେଇ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ କର୍ମୀମାନେ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଫାଟକ ବନ୍ଦକରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପୂର୍ବତନ ପିସିସି ସଭାପତି ଜୟଦେବ ଜେନାଙ୍କ ନେତୃତ୍ୱରେ ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ମୋହନ ପରିଡା, ପୂର୍ବତନ ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ପୂର୍ବତନ ପିସିସି ସମ୍ପାଦକ ସଂଗ୍ରାମ ଦାସ, ପୂର୍ବତନ ବିଧାୟକ ସୁବର୍ଣ୍ଣ ନାଏକ, ପୂର୍ବତନ କଂଗ୍ରେସ ସାଂସଦ ପ୍ରାର୍ଥୀ ବିନୋଦ ବିହାରୀ ନାଏକ, ବରିଷ୍ଠ କଂଗ୍ରେସ ନେତା ଲଳିତ ମୋହନ ନାୟକ ପ୍ରମୁଖ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।

## ଜିଲ୍ଲା ବିଏଫ୍‌ଟି ସଂଘର ବୈଠକ

ଆନନ୍ଦପୁର, ୨୯।୧୨ (ସମିସ): ଆନନ୍ଦପୁର ଉପଖଣ୍ଡ ଦରଗୁଡ଼ିଶିଳାଠାରେ କେନ୍ଦୁଝର ଜିଲ୍ଲାର ୧୩ଟି ବ୍ଲକର ବିଏଫଟି ସଙ୍ଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଙ୍ଘ ସଭାପତି ରମେଶଚନ୍ଦ୍ର ପଣ୍ଡା ସଭାପତିତ୍ୱ କରିଥିଲେ। ବିଏଫଟିମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ମାସିକ ଦରମାକୁ ପରିବର୍ତ୍ତନ, ୮ରୁ ୧୦ ମାସରେ ଦୈନିକ ମଜୁରି ମିଳିଥିବା ହେତୁ ବିଏଫଟିମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବାରୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ସମସ୍ୟା ସମାଧାନ କରିବା ପାଇଁ ଏହି ବୈଠକରେ ନିଷ୍ପତ୍ତି ନିଆଯାଇଛି।



ଗୋନାସିକା ମହୋତ୍ସବର ସାଂସ୍କୃତିକ ମଞ୍ଚରେ ବୀଣାପାଣି କଳାନିକେତନ, ଶାଳପଡ଼ା ନୃତ୍ୟାନୁଷ୍ଠାନର ନୃତ୍ୟାଭିନୟ "ମୋ ମାଟି ମୋ ପାଇଁ ମହାନ'

## ଜବରଦଖଲ ବିରୋଧରେ ଗ୍ରାମବାସୀଙ୍କ ତହସିଲଦାରଙ୍କୁ ଦାବିପତ୍ର




ତୁରୁମୁଙ୍ଗା, ୨୯।୧୨(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ତହସିଲ ଭାଲୁଘର ଗ୍ରାମର ସର୍ବସାଧାରଣ ବ୍ୟବହୃତ ସରକାରୀ ଜାଗା ସହ ହୁଡ଼ିକୁ ବେଆଇନ ଭାବରେ ଘରୋଇ ଶିକ୍ଷାନୁଷ୍ଠାନ ଦଖଲ କରିଥିବା ନେଇ ପାଟଣା ଥାନା ଓ ପାଟଣା ତହସିଲଦାରଙ୍କ ନିକଟରେ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବିବେକାନନ୍ଦ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ଉକ୍ତ ଜାଗାକୁ ଦଖଲ କରିଥିବା ନେଇ ଗ୍ରାମବାସୀ ଅଭିଯୋଗ ଆଣିବାରୁ ଗ୍ରାମବାସୀଙ୍କୁ ଧମକ ଦେଉଥିବା ନେଇ ଅଭିଯୋଗ ଆଣିଛନ୍ତି ଗ୍ରାମବାସୀ। ଗ୍ରାମର ୱାର୍ଡମେମ୍ବର ସୁବାସିନି ମହାନ୍ତ,ଗୋଲାପ ମହାନ୍ତଙ୍କ ସମେତ ଚନ୍ଦ୍ରଭାନୁ ମହାନ୍ତ, ବସନ୍ତ ମହାନ୍ତ ଏବଂ ଶତାଧିକ ପୁରୁଷ ମହିଳା ପାଟଣା ଥାନାରେ ଅଭିଯୋଗ କରିବା ସହ ପାଟଣା ତହସିଲଦାର ଅଶ୍ୱିନୀ ନାୟକଙ୍କୁ ଭେଟି ବିବେକାନନ୍ଦ ଶିକ୍ଷାକେନ୍ଦ୍ର କର୍ତ୍ତୃପକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବିପତ୍ର ଦେଇଛନ୍ତି। ଖୁବଶୀଘ୍ର ଉକ୍ତ ଜାଗାକୁ ମାପ କାରାଯାଇ ବେଆଇନ ଜବରଦଖଲ ଉଚ୍ଛେଦ କରାଯିବ ବୋଲି ତହସିଲଦାର କହିଛନ୍ତି।

## ଭୀମକୁଣ୍ଡରେ ପ୍ଲାଷ୍ଟିକ୍‌ମୁକ୍ତ ସଚେତନତା




ତୁରୁମୁଙ୍ଗା, ୨୯।୧୨(ସମିସ): ପାଟଣା ବ୍ଲକ ଅନ୍ତର୍ଗତ ବୈତରଣୀର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ଭୀମକୁଣ୍ଡଠାରେ ଆଜି ପାଖାପାଖି ୧୦ ହଜାର ପର୍ଯ୍ୟଟକଙ୍କ ବଣଭୋଜି ପାଇଁ ଭିଡ଼ ଦେଖାଯାଇଥିଲା। ଏହି ପର୍ଯ୍ୟଟନସ୍ଥଳୀରେ ଅନେକ ପ୍ଲାଷ୍ଟିକ ଓ ପଲିଥିନ ଛାଡ଼ି ଯାଉଥିବାରୁ ପରିବେଶ ଅନେକ ଅପରିଷ୍କାର ହେଉଛି। ଏହି ସ୍ଥାନକୁ ପ୍ଲାଷ୍ଟିକ ଓ ପଲିଥିନମୁକ୍ତ ପରିବେଶ କରିବା ପାଇଁ ଆଜି ଏକ ସଚେତନତା ଶୋଭାଯାତ୍ରା କରାଯାଇଥିଲା। ଭୀମକୁଣ୍ଡରେ ୱାଚଟାୱାର ନିର୍ମାଣ କରିଥିବା ରୁଙ୍ଗଟା ସଂସ୍ଥାର କର୍ମଚାରୀଙ୍କ ସହ ପାଟଣା ବନପାଳ ନିରଞ୍ଜନ ସେଠୀ, ବନରକ୍ଷୀ ଦୀପକ ସ୍ୱାଇଁ, ହୃଦାନନ୍ଦ ମହାନ୍ତି, ରାଜେଶ ଜେନା, ରୂପଶ୍ରୀ ଖୁଣ୍ଟିଆ ଓ ପାରା କର୍ମଚାରୀ ସଞ୍ଜୟ ମହାନ୍ତ, କୈଳାସ ମହାନ୍ତ, ରମାକାନ୍ତ ମହାନ୍ତଙ୍କ ସହ ବନ ସୁରକ୍ଷା ସମିତି ସଦସ୍ୟସଦସ୍ୟା ଓ ଏସଏଚଜି ସଦସ୍ୟାମାନେ ସାମିଲ ହୋଇଥିଲେ। ଏହି ଶୋଭାଯାତ୍ରା ଭୀମକୁଣ୍ଡ ପରିକ୍ରମା କରିବା ସହ ପ୍ଲାଷ୍ଟିକ ଓ ପଲିଥିନ ସଫେଇ କରିଥିଲେ। ପର୍ଯ୍ୟଟକଙ୍କୁ ପ୍ଲାଷ୍ଟିକ ଓ ପଲିଥିନ ବଣଭୋଜିରେ ଏଣେତେଣେ ନପକାଇବା ପାଇଁ ପରାମର୍ଶ ଥିଲେ।

## ରାଜ୍ୟସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଉଦ୍‌ଯାପିତ

# 'ଛାତ୍ରଛାତ୍ରୀମାନେ ବିସ୍ମୟ ସୃଷ୍ଟି କରିବାରେ ସମର୍ଥ'

କେନ୍ଦୁଝର, ୨୯।୧୨(ସମିସ):



ଛାତ୍ରଛାତ୍ରୀମାନେ ଛୋଟିଆ ଛୋଟିଆ ନମୁନା ଜରିଆରେ ବିସ୍ମୟ ସୃଷ୍ଟି କରିବାରେ ସମର୍ଥ। ସେଥିପାଇଁ ଅନୁସନ୍ଧିତ୍ସା ମନୋଭାବ ରହିବା ଆବଶ୍ୟକ। ଛୋଟ ବେଳେ ଯଦି ବିଜ୍ଞାନରେ ବିଭିନ୍ନ ପରୀକ୍ଷା ନିରୀକ୍ଷା ହେବ, ତେବେ ଆଗାମୀ ଦିନରେ ତାହାର ସୁଫଳ ମିଳିବ ବୋଲି ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ୫୨ତମ ବାଲ ବୈଜ୍ଞାନିକ ପ୍ରଦର୍ଶନୀର ଉଦ୍‌ଯାପନୀ ସଭାରେ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇଛନ୍ତି। ଡିଏନ ହାଇସ୍କୁଲରେ ସମାରୋହର ଉଦଯାପନୀ ଉତ୍ସବରେ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଲେଇପଜିଗ ବିଶ୍ୱବିଦ୍ୟାଳୟ ଜର୍ମାନୀରେ କାର୍ଯ୍ୟରତ ଓଡ଼ିଆ ବୈଜ୍ଞାନିକ ଡ ଶିବାଶିଷ ଗିରି, ସ୍ୱତନ୍ତ୍ର ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ, ଅନ୍ୟତମ ସମ୍ମାନିତ ଅତିଥି ଭାବେ କେନ୍ଦୁଝରଗଡ଼ ପୌରାଧ୍ୟକ୍ଷା ନିକୁ ସାହୁ, ଏନ୍‌ସିଇଆର୍‌ଟି ଆସୋସିଏଟ୍ ପ୍ରଫେସର ଡ ଅରୁଣ ପ୍ରତାପ ସିକରୱାର, ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦର ସହନିର୍ଦ୍ଦେଶକ ପ୍ରଲିପ୍ତା ମିଶ୍ର, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା, ସତ୍ୟନାରାୟଣ ମହାନ୍ତ, ରୁଦ୍ରନାରାୟଣ ସାମଲ, ଜିଲ୍ଲା ବିଜ୍ଞାନ ଶିକ୍ଷା ପରିଦର୍ଶକ ପରମେଶ୍ୱର ମହାନ୍ତ, ଡି.ଏନ୍. ହାଇସ୍କୁଲର ପ୍ରଧାନଶିକ୍ଷକ ପ୍ରବୀର ମହାନ୍ତି ଯୋଗ ଦେଇଥିଲେ। ୭ଟି ବିଭାଗରୁ ୪ ଜଣ ଲେଖାଏଁ ମୋଟ ୨୮ ଜଣ ବାଲ ବୈଜ୍ଞାନିକଙ୍କୁ ଜୋନାଲ ସ୍ତର କୋଲକାତାରେ ଅନୁଷ୍ଠିତ ହେବାକୁ ଥିବା ବାଲ ବୈଜ୍ଞାନିକ ପ୍ରଦର୍ଶନୀରେ ନିଜ ନିଜର ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ କରିବା ପାଇଁ ମନୋନୀତ କରାଯାଇଛି। ସମସ୍ତ ବ୍ଲକ୍ ଶିକ୍ଷାଧିକାରୀ, ସମସ୍ତ କମିଟିର ସଦସ୍ୟ ସହଯୋଗ କରିଥିଲେ। ସମୟଶ୍ରୀ ଚାଟାର୍ଜୀ ମଞ୍ଚ ସଞ୍ଚାଳନ କରିଥିଲେ।

# ସମ୍ପାଦକୀୟ




ଚନ୍ଦ୍ରମା ଭଳି ତୁମେ ମେଘମାଳା ଭିତରୁ ବାହାରି ଆସ ଓ ଆଲୋକ ବର୍ଷା କର।
-ଗୌତମ ବୁଦ୍ଧ

ସକାଳ
THE SAKALA

## ବାୟୁକୁ ଟପିଲାଣି ଜଳସଂକଟ

ବାୟୁ ପ୍ରଦୂଷଣ ନେଇ ରାଜ୍ୟ ସରକାରଙ୍କ ସକ୍ରିୟତା ଓ ଘୋଷିତ ଜୋରିମାନା ପରିମାଣ ଦେଖିଲେ ମନେହେଉଛି ଆମ ରାଜ୍ୟବାସୀଙ୍କ ମୁଣ୍ଡପିଛା ଆୟ ସତେଯେପରି ତେଲଙ୍ଗାନା ଓ କର୍ଣ୍ଣାଟକକୁ ଅତିକ୍ରମ କରିଗଲାଣି। ପ୍ରଦୂଷଣ ପ୍ରମାଣପତ୍ର ହାସଲ ନାମରେ କିଛି ଅନୁଗତ ସଂସ୍ଥାଙ୍କୁ ଉପାର୍ଜନର ସୁବିଧା ପ୍ରଦାନ ସହ ଜୁଲମ ପାଇଁ ଏହି ବ୍ୟବସ୍ଥା ପଥ ପରିଷ୍କାର କରିଛି ବୋଲି ଜନସାଧାରଣଙ୍କ ଚର୍ଚ୍ଚା ବଢ଼ିବାରେ ଲାଗିଛି। ଋତୁକାଳୀନ ଏହି ବାୟୁପ୍ରଦୂଷଣ ଆଉ ମାସ ଗୋଟାଏ ପରେ କୁଆଡ଼େ ଉଭେଇଯିବ। ଅଥଚ ଜଳ ସଂକଟ ଓ ପ୍ରଦୂଷଣ ପରିସ୍ଥିତି ରାଜ୍ୟବାସୀଙ୍କର ସବୁଦିନିଆ ସମସ୍ୟା। କିନ୍ତୁ ସେଥିପ୍ରତି ରାଜ୍ୟ ସରକାରଙ୍କ ନିଘା ନାହିଁ। ମନେହେଉଛି ଶିଳ୍ପ ସମୃଦ୍ଧି ରାଜ୍ୟଗଠନ ପାଇଁ ସରକାରଙ୍କ ନିବେଶ ଆଭିମୁଖ୍ୟ ନିକଟରେ ଜଳଜନିତ ଗୁରୁତର ସମସ୍ୟା ଗୌଣ ହୋଇପଡ଼ିଛି। ରାଜ୍ୟରେ ସକ୍ରିୟ ଶିଳ୍ପ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ କାଳେ ତାହାର ପ୍ରଭାବ ଆଶାୟୀ ଶିଳ୍ପ ସଂସ୍ଥାଙ୍କ ଉପରେ ପଡ଼ିବ! ଏହିକାରଣରୁ ୫୮ଟି ଶିଳ୍ପସଂସ୍ଥାଙ୍କ ଉପରେ ଥିବା ବକେୟା ୫୮୯୦ କୋଟି ଟଙ୍କାର ଜଳ କର ଆଦାୟ କରିବାକୁ ସରକାର ବୋଧହୁଏ ସାହସ କରିପାରୁନାହାନ୍ତି। ଅନ୍ୟପକ୍ଷରେ ଶିଳ୍ପ ସଂସ୍ଥା ଅବାଧରେ ଶିଳ୍ପବର୍ଜ୍ୟ ନଦୀ ଗର୍ଭକୁ ଛାଡୁଥିବାରୁ ନଦୀ ଜଳ ସହିତ ଭୂତଳ ଜଳ ମଧ୍ୟ ପ୍ରଦୂଷିତ ହେଉଛି ଏବଂ ବିଭିନ୍ନ ରୋଗର କାରଣ ପାଲଟିଛି।

ଅସଲରେ ବାୟୁ ପ୍ରଦୂଷଣ ପଛର କାରଣ ନିର୍ଣ୍ଣୟ କରିବାରେ ପ୍ରଶାସନ ବିଫଳ ନା ସରକାର ଉଦ୍ଦେଶ୍ୟମୂଳକ ଭାବେ ଜାଣିବାକୁ ଚେଷ୍ଟା କରୁନାହାନ୍ତି ସେହି ପ୍ରଶ୍ନ ଏବେ ଆଲୋଚନାର ମୁଖ୍ୟ ପ୍ରସଙ୍ଗ ହୋଇଛି। ବାୟୁପ୍ରଦୂଷଣରେ ଯାନବାହନରୁ ନିର୍ଗତ ଧୂଆଁର ଯୋଗଦାନ ଯେତିକି ରହିଛି, ତା'ଠାରୁ ଅଧିକ ରହିଛି ଶିଳ୍ପାୟନ, ସହରୀକରଣ ଓ ବିନିର୍ମାଣ ଭଳି କାର୍ଯ୍ୟକଳାପର। ଅଥଚ ସେହିସବୁ କ୍ଷେତ୍ରରୁ ଜୋରିମାନା ଆଦାୟ ବା କଟକଣା ଲାଗୁ କରିବାରେ ଶାସନ/ପ୍ରଶାସନର ନିଷ୍କ୍ରିୟତା ବାରି ହୋଇପଡୁଛି। ସହରବଜାରରେ ଯାନବାହନର ପ୍ରଦୂଷଣ ମାନଦଣ୍ଡ ଯାଞ୍ଚ କରିବା ଭଳି ଯଦି ବିଭାଗୀୟ କର୍ତ୍ତୃପକ୍ଷ ଶିଳ୍ପାଞ୍ଚଳରେ ସକ୍ରିୟ ହୁଅନ୍ତେ ତେବେ ରାଜ୍ୟ ଓ ରାଜ୍ୟବାସୀଙ୍କୁ ଅଧିକ ଫାଇଦା ମିଳନ୍ତା। କିନ୍ତୁ ଶିଳ୍ପାୟନ ପାଇଁ ବଦ୍ଧପରିକର ସରକାର ଶିଳ୍ପସଂସ୍ଥାଙ୍କ ସାତଖୁଣ ମାଫ କରିଦେବା ଭଳି ମାନସିକତାରେ ଥିବା ଜଣାପଡୁଛି। ଶିଳ୍ପ ସଂସ୍ଥାମାନଙ୍କର କେବଳ ବାୟୁମଣ୍ଡଳକୁ କାର୍ବନ ନିର୍ଗମନ ନୁହେଁ, ନଦୀ ଜଳକୁ ବର୍ଜ୍ୟ ବିସର୍ଜନ ମଧ୍ୟ ରାଜ୍ୟରେ ଗୁରୁତର ସମସ୍ୟା ସୃଷ୍ଟି କରିଛି। ବାୟୁ ପ୍ରଦୂଷଣ ଜନିତ ରୋଗ ଅପେକ୍ଷା ପ୍ରଦୂଷିତ ଓ ବିଷାକ୍ତ ଜଳ ସଂକ୍ରମିତ ରୋଗର ପ୍ରାବଲ୍ୟ ବଢୁଛି। ଅଥଚ ସରକାର ସେଥିପ୍ରତି ଯେତିକି ଦୃଷ୍ଟି ଦେବା କଥା ତାହାର ଅଭାବ ରହୁଛି। ଗତ କିଛିମାସ ତଳେ ପ୍ରଦୂଷିତ ଜଳ ଯୋଗୁଁ ସାରା ରାଜ୍ୟରେ ହଇଜା ବ୍ୟାପୀ ଜୀବନହାନିର କାରଣ ହୋଇଥିଲା। ଏହି ଘଟଣାକୁ ଏକ ଋତୁକାଳୀନ ପ୍ରାଦୁର୍ଭାବ ବୋଲି ସ୍ପଷ୍ଟୀକରଣ ଦେଇ ସରକାର ଜନସାଧାରଣଙ୍କୁ ସନ୍ତୁଷ୍ଟ କରିବାକୁ ଉଦ୍ୟମ କରି ସଫଳ ହୋଇଥିଲେ। କିନ୍ତୁ ଅସଲରେ ପ୍ରଦୂଷିତ ଜଳ ହିଁ ସବୁ ସମସ୍ୟାର ମୂଳ ତାହାକୁ ଭୁଲି ଗଲେ ଚଳିବ ନାହିଁ।



ରାଜ୍ୟରେ ଶିଳ୍ପସଂସ୍ଥାମାନଙ୍କର ସାମାଜିକ କଲ୍ୟାଣ ଦାୟିତ୍ୱହୀନତା କାରଣରୁ କେବଳ ଜଳପ୍ରଦୂଷଣ ବଢୁନାହିଁ, ତା'ସହିତ ଜଳାଭାବ-ସଙ୍କଟ ମଧ୍ୟ ଉତ୍କଟ ହେବାରେ ଲାଗିଛି। ରାଜ୍ୟରେ ସକ୍ରିୟ ଶିଳ୍ପସଂସ୍ଥା ମୁଖ୍ୟତଃ ମହାନଦୀ, ବୈତରଣୀ, ବ୍ରାହ୍ମଣୀ, ଇନ୍ଦ୍ରବତୀ, କୋଲାବ, ନାଗାବଳୀ ଓ ଋଷିକୁଲ୍ୟାରୁ ଜଳ ନେବା ସକାଶେ ଜଳସମ୍ପଦ ବିଭାଗ ସହ ଚୁକ୍ତିବଦ୍ଧ। ୨୦୨୧ରେ ସେମାନେ ପ୍ରକୃତରେ କେତେ ଜଳ ନେଇଛନ୍ତି ତାହାର ନିର୍ଦ୍ଧାରଣ ପାଇଁ ସେନ୍ସରଭିତ୍ତିକ 'ଫ୍ଲୋମିଟର' ସଂଯୋଗ ସକାଶେ ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ତାହାର ଉଲ୍ଲଘଂନ ହୋଇଛି। ଏଥିରୁ ସ୍ପଷ୍ଟ ଯେ ଚୁକ୍ତି ପରିମାଣଠାରୁ ଶିଳ୍ପ ସଂସ୍ଥାଗୁଡ଼ିକ ଯଥେଷ୍ଟ ଅଧିକ ଜଳ ଉତ୍ତୋଳନ କରୁଛନ୍ତି। ଏ ନେଇ ଗୁରୁତର ଅଭିଯୋଗ ହେବାରୁ ଆସନ୍ତା ମାର୍ଚ୍ଚ ମାସ ଶେଷ ସୁଦ୍ଧା 'ଫ୍ଲୋମିଟର' ଲଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିରେ ବ୍ୟତିକ୍ରମ ହେଲେ ୬ ଗୁଣ ଅଧିକ ଟିକସ ଜୋରିମାନା ଆକାରରେ ଆଦାୟ କରାଯିବ। ଏହି କଠୋର ନିର୍ଦ୍ଦେଶ କେତେଦୂର କାର୍ଯ୍ୟକାରୀ ହେବ ସେ ନେଇ ଏବେ ମଧ୍ୟ ସନ୍ଦେହ ରହିଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ରିପୋର୍ଟ ଅନୁଯାୟୀ, ସହରାଞ୍ଚଳ ଆବର୍ଜନା ସହ ଶିଳ୍ପ ବର୍ଜ୍ୟ ସିଧାସଳଖ ନଦୀ ଜଳରେ ମିଶୁଥିବାରୁ ଗଙ୍ଗୁଆ ଦୟା, ମଙ୍ଗଳା, କାଠଯୋଡ଼ି, ସେରିଆ, ବ୍ରାହ୍ମଣୀ ଓ ଗୁଲାଡିହ ନାଳ ଅଧିକ ପ୍ରଦୂଷିତ ହୋଇଛି। ଜଳ ପ୍ରଦୂଷଣରେ ଯେଉଁ ବର୍ଗୀକରଣ କରାଯାଉଛି ସେଥିରେ ଦୟା, ମଙ୍ଗଳା, କାଠଯୋଡ଼ି, ସେରୁଆ ଓ ବ୍ରାହ୍ମଣୀ ଜଳ ବର୍ଗ-ଡ଼ ରେ ରହିଛି। ଏହାକୁ ଆମେ ମାତ୍ରାଧିକ ପ୍ରଦୂଷିତ ଜଳ ରୂପେ ଗ୍ରହଣ କରିପାରିବା। ବ୍ରାହ୍ମଣୀରେ ଶିଳ୍ପ ବର୍ଜ୍ୟ ମିଶୁଥିବାରୁ ଏହି ବିଷାକ୍ତ ଜଳ ଗୁରୁତର ପରିସ୍ଥିତି ସୃଷ୍ଟି କରିଛି।

ସରକାର କେବଳ ବାୟୁ ପ୍ରଦୂଷଣ ନିୟନ୍ତ୍ରଣ କସରତରେ ନିଜକୁ ସୀମିତ ରଖିଲେ ଚଳିବ ନାହିଁ। ନଦୀ ଓ ଭୂତଳ ଜଳ ପ୍ରଦୂଷଣ ଭଳି ଗୁରୁତର ସମସ୍ୟା ଏବଂ ସେଥିରୁ ସୃଷ୍ଟ ରୋଗର ପ୍ରତିକାର ପାଇଁ ସରକାର ସଚେତନ ହେବା ଜରୁରୀ।

## ଭାରତର ମୁକ୍ତ ଅର୍ଥନୀତିରେ ଏକାଧିକାର

ସନ୍ତୋଷ କୁମାର ମିଶ୍ର

ଭାରତର ବେସାମରିକ ବିମାନ ଚଳାଚଳ କ୍ଷେତ୍ରରେ କିଛିଦିନ ତଳେ ସୃଷ୍ଟି ହୋଇଥିବା ସଙ୍କଟ ଯୋଗୁଁ ଉଭୟ ଯାତ୍ରୀ ଓ ପଣ୍ୟ ପରିବହନ ସେବା ପ୍ରଭାବିତ ହୋଇଛି। ଏହି ସମସ୍ୟା ହଠାତ୍ ସୃଷ୍ଟି ହୋଇନାହିଁ; ବରଂ ଗତ ପାଞ୍ଚ ବର୍ଷ ତଳୁ ଆରମ୍ଭ ହୋଇଥିବା ଏହି ସମସ୍ୟା ଏବେ ବିସ୍ଫୋରକ ସ୍ଥିତିରେ ପହଞ୍ଚିଛି। ଦେଢ଼ଦଶନ୍ଧି ପୂର୍ବେ ଭାରତରେ ଏକଡଜନ୍‌ରୁ ଅଧିକ କମ୍ପାନୀ ବିମାନ ସେବା ପ୍ରଦାନ କରୁଥିଲେ। କିନ୍ତୁ ଆଜି କେବଳ ଏହି କ୍ଷେତ୍ରରେ ମାତ୍ର ଦୁଇ/ତିନିଟି କମ୍ପାନୀର ଉପସ୍ଥିତି ରହିଛି। ଭାରତର ୭୦ ପ୍ରତିଶତରୁ ଅଧିକ ପଥରେ ମାତ୍ର ଗୋଟିଏ କମ୍ପାନୀର ବିମାନ ଚଳାଚଳ କରୁଛି। ଏହାଫଳରେ ବିମାନରେ ଯାତ୍ରା ମୂଲ୍ୟ ମଧ୍ୟ ବଢ଼ିବାରେ ଲାଗିଛି। ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟର ତଥ୍ୟାନୁଯାୟୀ, ବିଗତ ଛ' ବର୍ଷ ମଧ୍ୟରେ ଅନ୍ତଃରାଷ୍ଟ୍ରୀୟ ଟିକେଟ ଦର ୧୬ ପ୍ରତିଶତ ମହଙ୍ଗା ହୋଇଥିବା ବେଳେ ଭାରତୀୟ ବିମାନ ଟିକେଟ ଦର ୪୩ ପ୍ରତିଶତ ବୃଦ୍ଧି ହୋଇଛି। ଦକ୍ଷିଣ-ଏସୀୟ ଦେଶ ମଧ୍ୟରେ ଦ୍ୱିତୀୟ ସ୍ଥାନରେ ରହିଛି ଭାରତର ଅତି ଦାମିକା ବିମାନ ସେବା।

ନବ ଉଦାରୀକରଣ ଅର୍ଥନୀତିରେ କୌଣସି ଏକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଏକାଧିକାର ସୃଷ୍ଟି ହେବା ଏକ ସମସ୍ୟା ନୁହେଁ, ବରଂ ଏକ ସୁଚିନ୍ତିତ ବ୍ୟବସାୟ ରଣନୀତି। କାରଣ ମୁକ୍ତଅର୍ଥନୀତିର ଏକ ପ୍ରମୁଖ ଉଦ୍ଦେଶ୍ୟ ହେଉଛି ବାଜରରେ ଉପଯୁକ୍ତ ପ୍ରତିଦ୍ୱନ୍ଦ୍ୱିତା ସୃଷ୍ଟି କରି ନାଗରିକମାନଙ୍କ ବିଭିନ୍ନ ପ୍ରକାରର ଅଧିକାର ଓ ସ୍ୱାର୍ଥକୁ ସୁରକ୍ଷିତ ରଖିବା। କେବଳ ବିମାନ ଚଳାଚଳ ନୁହେଁ, ଭାରତର ବିଶାଳ ବଜାରରେ ବର୍ତ୍ତମାନ ପ୍ରାୟ ଆଠଟି କ୍ଷେତ୍ରରେ ଏକାଧିକାର ସୃଷ୍ଟି ହୋଇଛି ବା ହେବାକୁ ଯାଉଛି। ବଜାରରେ ପ୍ରତିଦ୍ୱନ୍ଦ୍ୱିତା ସ୍ଥିତି କିପରି ରହିଛି, ତାହା 'ହରଫିଣ୍ଡାଲ ହରିସମ୍ୟାନ' ସୂଚକାଙ୍କ (ଏଚଏଚଆଇ) ଦ୍ୱାରା ନିର୍ଦ୍ଧାରିତ ହୁଏ। ୧୯୪୦ ମସିହାରେ ଆମେରିକୀୟ ଅର୍ଥଶାସ୍ତ୍ରୀ ଆଲବର୍ଟ ହରିସମ୍ୟାନ୍ ବଜାରରେ ପ୍ରତିଦ୍ୱନ୍ଦ୍ୱିତାକୁ ମାପିବା ପାଇଁ ଏକ ପଦ୍ଧତି ବିକଶିତ କରିଥିଲେ। ପରବର୍ତ୍ତୀ ସମୟରେ ଅର୍ଥନୀତିଜ୍ଞ ଓରିସ୍ ହରଫିଣ୍ଡାଲ ଏହାକୁ ଅଧିକ ଉନ୍ନତ କରିଥିଲେ। ଏହା ବିଶ୍ୱରେ ବିଭିନ୍ନ କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତାକୁ ମାପିବା ପାଇଁ ବ୍ୟବହୃତ ହେଉଛି।

ଏହି ସୂଚକାଙ୍କରେ ୧୫୦୦ ରୁ କମ ମୂଲ୍ୟାଙ୍କ ଦର୍ଶାଇଥାଏ ଯେ ବଜାରରେ ଉତ୍ତମ ପ୍ରତିଦ୍ୱନ୍ଦ୍ୱିତା ରହିଛି। ୧୫୦୦-୨୫୦୦ ମୂଲ୍ୟାଙ୍କ ପ୍ରତିଦ୍ୱନ୍ଦ୍ୱିତା ହ୍ରାସ ପାଉଥିବା ସୂଚାଏ। ୨୫୦୦ ରୁ ଅଧିକ ମୂଲ୍ୟାଙ୍କ ଜଣାଇ ଦିଏ ଯେ ପ୍ରତିଦ୍ୱନ୍ଦ୍ୱିତା ସମାପ୍ତ ହୋଇଛି। ବର୍ତ୍ତମାନ ଭାରତର ବେସାମରିକ ବିମାନ ଚଳାଚଳ କ୍ଷେତ୍ରରେ ଏଚଏଚଆଇର ମୂଲ୍ୟାଙ୍କ ୪୪୦୦ ରହିଥିବା ବେଳେ ରଙ୍ଗ ଉତ୍ପାଦନରେ ୩୬୦୭, ସଞ୍ଚାର କ୍ଷେତ୍ରରେ ୩୦୦୦, ଷ୍ଟିଲ ଉତ୍ପାଦନରେ ୨୧୦୦, ଟାୟାର ଉତ୍ପାଦନରେ ୨୦୦୦, ସିମେଣ୍ଟ ଉତ୍ପାଦନରେ ୧୯୦୦ ରହିଛି। ଆର୍ଥିକ ବର୍ଷ ୧୪-୧୫ ରେ ବେସାମରିକ ବିମାନ ଚଳାଚଳ କ୍ଷେତ୍ରରେ ଦୁଇଟି ଅଗ୍ରଣୀ କମ୍ପାନୀର ରାଜସ୍ୱ ଅଂଶ ୫୩.୧ ଶତାଂଶ ଥିବା ବେଳେ ବର୍ତ୍ତମାନ ଏହା ୯୨.୬%ରେ ପହଞ୍ଚିଛି। ଟାୟାର ଉତ୍ପାଦନ କ୍ଷେତ୍ରରେ ୪୮.୯ ପ୍ରତିଶତ ଥିବା ବେଳେ ଏବେ ଏହା ୫୫%ରୁ ଅଧିକ।

ଚୀନ ପରେ ବିଶ୍ୱର ସର୍ବବୃହତ ସଞ୍ଚାର କ୍ଷେତ୍ର ଭାରତରେ ଏକ ଦଶନ୍ଧି ପୂର୍ବେ ଦୁଇଟି ପ୍ରମୁଖ କମ୍ପାନୀଙ୍କ ରାଜସ୍ୱ ଅଂଶ ୪୬.୫% ଥିବା ବେଳେ ବର୍ତ୍ତମାନ ସେମାନଙ୍କ ରାଜସ୍ୱ ଅଂଶ ୭୨%ରୁ ଅଧିକ। ଷ୍ଟିଲ ଉତ୍ପାଦନ କ୍ଷେତ୍ରରେ ଏହା ୪୪.୫%ରୁ ବୃଦ୍ଧି ପାଇ ୫୭.୬%ରେ ପହଞ୍ଚିଛି। ସିମେଣ୍ଟ ଉତ୍ପାଦନରେ ଏକଚାଟିଆ ରାଜସ୍ୱ ଅଂଶ ୪୦.୯%ରୁ ୪୮.୮%କୁ ବୃଦ୍ଧି ପାଇଛି। ଇ-ବାଣିଜ୍ୟରେ ଦୁଇଟି ଅଗ୍ରଣୀ କମ୍ପାନୀଙ୍କ ରାଜସ୍ୱ ଅଂଶ ୮୦ ଶତାଂଶରୁ ଅଧିକ। 'ନ୍ୟାସନାଲ୍ ପେମେଣ୍ଟ କର୍ପୋରେସନ ଅଫ ଇଣ୍ଡିଆ'ର ତଥ୍ୟାନୁସାରେ ୟୁପିଆଇ ମାଧ୍ୟମରେ ଦୈନିକ ହାରାହାରି ୬୫ କୋଟି ଟଙ୍କାର ଦେଣନେଣ ହେଉଛି। କିନ୍ତୁ ଦୁଇଟି ଅଗ୍ରଣୀ କମ୍ପାନୀଙ୍କ ଦ୍ୱାରା ୮୧ ପ୍ରତିଶତରୁ ଅଧିକ ଦେଣନେଣ ହେଉଛି। ଘରକୁ ଖାଦ୍ୟ କିମ୍ବା ଓ ଅଟୋ ରିକ୍ସା କିମ୍ବା ଟ୍ୟାକ୍ସି ମଗାଇବା କ୍ଷେତ୍ରରେ କେବଳ ଦୁଇଟି ଲେଖାଏଁ କମ୍ପାନୀ ହିଁ ସେବା ଯୋଗାଇ ଦେଉଛନ୍ତି।

ବଜାରରେ ଏକାଧିକାର ସୃଷ୍ଟି କରିବାରେ କେବଳ ବେସରକାରୀ କମ୍ପାନୀ ନାହାନ୍ତି, ସରକାରୀ ଅଧିକୃତ କମ୍ପାନୀମାନେ ମଧ୍ୟ ଆଗୁଆ ଅଛନ୍ତି। ଅନଲାଇନ ଟ୍ରେନ ଟିକେଟ ଅଗ୍ରୀମ ବୁକିଂ କ୍ଷେତ୍ରରେ ଆଇଆରସିଟିସିର ଶତପ୍ରତିଶତ ଅଧିକାର ରହିଛି। କୋଲ୍ ଇଣ୍ଡିଆ ପାଖରେ କୋଇଲା ଉତ୍ପାଦନ କ୍ଷେତ୍ରରେ ୮୨ % ଅଧିକାର ଆଇନ ଦ୍ୱାରା ସୁରକ୍ଷିତ। ବିଦ୍ୟୁତ୍ ଶକ୍ତି ସରବରାହର କ୍ଷେତ୍ରର ୮୫% ପାୱାର ଗ୍ରୀଡ ଅଧୀନରେ ରହିଛି। ତୈଳ ଓ ପ୍ରାକୃତିକ ବାଷ୍ପ ନିଗମ ଅଧୀନରେ ରହିଛି ଅଶୋଧିତ ତୈଳ ଓ ପ୍ରାକୃତିକ ବାଷ୍ପ ଉତ୍ପାଦନର ୭୦ ଶତାଂଶ। ୨୦୨୩ ମସିହାରେ ସର୍ବୋଚ୍ଚ ନ୍ୟାୟାଳୟ ଏକ ରାୟରେ କହିଥିଲେ ଯେ ପ୍ରତିଦ୍ୱନ୍ଦ୍ୱିତା ଆଇନ ଊର୍ଦ୍ଧ୍ୱରେ ଜାତୀୟକରଣ ଆଇନ ନୁହେଁ। ତଥାପି ଭାରତର ସଞ୍ଚାର କ୍ଷେତ୍ରକୁ ବାଦ୍ ଦେଲେ ଭାରତର ଅନ୍ୟ ସମ୍ବେଦନଶୀଳ କ୍ଷେତ୍ରରେ କୌଣସି ପ୍ରଭାବ ଦୃଷ୍ଟିଗୋଚର ହୁଏ ନାହିଁ।

ସାଧାରଣ ଭାବରେ ବଜାରରେ ପ୍ରତିଦ୍ୱନ୍ଦ୍ୱିତା ହ୍ରାସ ପାଇବା ଦ୍ୱାରା ଦ୍ରବ୍ୟ କିମ୍ବା ସେବା ମହଙ୍ଗା ହୁଏ ବୋଲି ଧାରଣା ରହିଛି। ଇଣ୍ଡିଗୋ ବିମାନ ସେବା ଏହାର ଏକ ଜ୍ୱଳନ୍ତ ଉଦାହରଣ। ସଞ୍ଚାର କ୍ଷେତ୍ରରେ ମଧ୍ୟ ସମାନ ଧରଣର ପରିସ୍ଥିତି ସୃଷ୍ଟି ହୋଇଛି। ଏକାଧିକାର ଉଭୟ ଗ୍ରାହକ ଓ ଶ୍ରମବଜାରକୁ ଶୋଷଣ କରେ। ଉଭୟ ଉପଭୋକ୍ତା ଓ କର୍ମଜୀବୀମାନଙ୍କ ମୂଲଚାଲ ଶକ୍ତି ଲୋପ ପାଇଯାଏ। କୁଶଳୀ ମାନବ ସମ୍ବଳ ଉପେକ୍ଷିତ ହୁଏ। ଆର୍ଥିକ ବର୍ଷ ୨୦୨୩-୨୪ ରେ ଭାରତର ମୋଟ ଘରୋଇ ଉତ୍ପାଦର ଅଭିବୃଦ୍ଧି ୮ ଶତାଂଶରୁ ଅଧିକ ରହିଲା। କିନ୍ତୁ କର୍ମଜୀବୀମାନଙ୍କ ବେତନ ହାରାହାରି ୧୦ ଶତାଂଶରୁ ଅଧିକ ବଢ଼ିଲା ନାହିଁ। ଭାରତର ଅର୍ଥନୀତିରେ ଏକାଧିକାର ବୃଦ୍ଧି ପାଉଥିବାରୁ ନୂଆ କମ୍ପାନୀମାନଙ୍କ ପାଇଁ ବଜାର ପ୍ରବେଶ ପ୍ରାୟ ବନ୍ଦ ହୋଇ ସାରିଛି।

ବଜାରରେ ଏକାଧିକାର ସୃଷ୍ଟି କରିଥିବା କମ୍ପାନୀମାନଙ୍କ ପ୍ରକୃତ ବଳ ହେଉଛି ଉଭୟ ବିଦେଶୀ ଓ ଘରୋଇ ନିବେଶ। ଯେଉଁ କମ୍ପାନୀମାନେ ବଜାରକୁ ନିଜ ହାତ ମୁଠାରେ ରଖିଛନ୍ତି ପ୍ରତିଭୂତି ବଜାରରେ ସେମାନଙ୍କ ଅଂଶଧନ ଚଡ଼ା ଦରରେ ବିକ୍ରି ହୁଏ। ନିବେଶକ କେବଳ ନିଜର ପୁଞ୍ଜିର ସୁରକ୍ଷା ଏବଂ ସେଥିରୁ ଭଲ ଆୟକୁ ଆଖି ଆଗରେ ରଖି ପୁଞ୍ଜି ବିନିଯୋଗ କରେ। ବର୍ତ୍ତମାନ ଭାରତର ପ୍ରତିଭୂତି ବଜାରରେ ଏହି ଅବସ୍ଥା ଦେଖିବାକୁ ମିଳିଛି। ରାଜସ୍ୱ ଅଂଶରେ ଏକାଧିକାର ଥିବା କମ୍ପାନୀମାନଙ୍କ ଅଂଶଧନର ମୂଲ୍ୟ ନିକଟତମ ପ୍ରତିଦ୍ୱନ୍ଦ୍ୱୀମାନଙ୍କ ତୁଳନାରେ ପ୍ରାୟ ପାଞ୍ଚ ଗୁଣା ଅଧିକ। ସେହି ଅନୁଯାୟୀ ଅଂଶଧନରୁ ଆୟର ଅନୁପାତ ବା ପିଇ ରେସିଓ ସାତଶହ ଗୁଣା ବୃଦ୍ଧି ପାଇଛି। ସାଧାରଣ ଭାବରେ ପିଇ ରେସିଓ ତିରିଶ ଗୁଣାରୁ ଅଧିକ ହେଲେ ଏହାକୁ କମ୍ପାନୀର ଆୟକୁ ଅତ୍ୟଧିକ ଆକଳନ କରାଯାଇଛି ବୋଲି ଧରାଯାଏ ଏବଂ ନିବେଶକମାନଙ୍କୁ ସାବଧାନତା ଅବଲମ୍ବନ କରିବା ପାଇଁ ପରାମର୍ଶ ଦିଆଯାଏ। କିନ୍ତୁ ଭାରତର ପ୍ରତିଭୂତି ଓ ବିନିମୟ ପରିଷଦ ଏହି ବିଷୟରେ ନିଦା ବିଷ୍ଣୁ। ବଜାରରେ ଏକାଧିକାର ଦେଶର ଗବେଷଣା ଓ ବିକାଶ କ୍ଷେତ୍ରକୁ ମଧ୍ୟ ପ୍ରଭାବିତ କରେ। କାରଣ ପୁଞ୍ଜି ବିନିଯୋଗ କେବଳ ଏକଚାଟିଆ ସ୍ଥିତିକୁ ମଜଭୁତ କରିବା ଏବଂ ସେଥିରୁ ଲାଭ ସାଉଁଟିବା ଉଦ୍ଦେଶ୍ୟରେ କରାଯାଏ।

ଭାରତରେ ଅର୍ଥନୀତି ମଧ୍ୟରେ ଉପଯୁକ୍ତ ପ୍ରତିଦ୍ୱନ୍ଦ୍ୱିତା ସୃଷ୍ଟି କରିବା ଏବଂ ଏହାକୁ ବଜାୟ ରଖିବା ପାଇଁ ଆଇନ ରହିଛି। ଏହା ଉପରେ ନିୟମିତ ଭାବରେ ଦୃଷ୍ଟି ଦେବା ପାଇଁ ଭାରତୀୟ ପ୍ରତିସ୍ପର୍ଦ୍ଧା ଆୟୋଗ ରହିଛି। କମ୍ପାନୀମାନଙ୍କ ଦର ନିର୍ଦ୍ଧାରଣ ନୀତି, ଉତ୍ପାଦନ ସଙ୍କୁଚିତ କରି ବଜାରରେ କୃତ୍ରିମ ଅଭାବ ସୃଷ୍ଟି କରିବା, ନିଲାମ ସମୟରେ ଏକପ୍ରକାରର ଦର କଷିବା ଇତ୍ୟାଦି ଉପରେ ଆୟୋଗ ପଦକ୍ଷେପ ଗ୍ରହଣ କରିପାରିବେ। କିନ୍ତୁ ଆୟୋଗ ପାଖରେ ଭିତ୍ତିଭୂମିର ଅଭାବ ଓ ଲକ୍ଷ ଲକ୍ଷ ମାମଲା ଶୁଣାଣି ପାଇଁ ବାକି ଅଛି। ଜୋରିମାନା ଆଦାୟର ପ୍ରକ୍ରିୟା ମଧ୍ୟ ବହୁତ ଶିଥିଳ ଓ ଜଟିଳ ଥିବାରୁ କମ୍ପାନୀମାନଙ୍କ ଭୟ ନାହିଁ। ୨୦୧୧ ରୁ ଆୟୋଗ ମୋଟ ୧୮,୩୦୦ କୋଟି ଟଙ୍କା ଜୋରିମାନା ଆଦାୟ କରିବା ପାଇଁ ଆଦେଶ ଦେଇଥିଲେ ମଧ୍ୟ ମାତ୍ର ୩ ପ୍ରତିଶତ ଆଦାୟ ସମ୍ଭବ ହୋଇପାରିଛି।

ଆମେରିକା, ୟୁରୋପ, ଜାପାନ, ଦକ୍ଷିଣ କୋରିଆରେ ବଜାରରେ ଏକାଧିକାରକୁ ସଠିକ ଭାବରେ ନିୟନ୍ତ୍ରଣ କରାଯାଇଥିବାରୁ ମୁକ୍ତ ଅର୍ଥନୀତିର ସୁଫଳ ମିଳିଛି। ଗ୍ରାହକମାନଙ୍କ ସଂଖ୍ୟା ଦୃଷ୍ଟିରୁ ପ୍ରତ୍ୟେକ କ୍ଷେତ୍ରରେ ସର୍ବନିମ୍ନ ଭାବରେ ପାଞ୍ଚଟି ଅଗ୍ରଣୀ କମ୍ପାନୀ କାର୍ଯ୍ୟ କରିବା ଆବଶ୍ୟକ। ରାଜନୈତିକ ସଦିଚ୍ଛା, ପ୍ରତିଦ୍ୱନ୍ଦ୍ୱିତା ଆଇନର ଉପଯୁକ୍ତ ପ୍ରଣୟନ ଓ ସାଧାରଣ ନାଗରିକମାନଙ୍କ ସଚେତନତା ଭାରତର ବଜାରରେ ପ୍ରତିଦ୍ୱନ୍ଦ୍ୱିତାକୁ ଜୀବିତ ରଖିପାରିବ।

କଟକ, ମୋ: ୯୪୩୭୦୨୮୪୬୪

## ମୋହନଦାସରୁ ମହାତ୍ମା: ଏକ ଅସମାପ୍ତ ଯାତ୍ରା ଓ ବର୍ତ୍ତମାନର ବିଡ଼ମ୍ବନା

ମାନସ କୁମାର କର

ଇତିହାସର ପୃଷ୍ଠା ଓଲଟାଇଲେ ଆମକୁ ଏମିତି କିଛି ବ୍ୟକ୍ତିତ୍ୱଙ୍କ ସନ୍ଧାନ ମିଳେ, ଯେଉଁମାନେ କେବଳ ମଣିଷ ନୁହନ୍ତି, ବରଂ ଏକ ବିଚାରଧାରା। ଯେଉଁମାନଙ୍କ ଜୀବନକାଳ ତୁଳନାରେ ସେମାନଙ୍କ ମୃତ୍ୟୁ ପରବର୍ତ୍ତୀ ପ୍ରଭାବ ଅଧିକ ଶକ୍ତିଶାଳୀ ହୋଇଥାଏ। ସେମାନଙ୍କ ମଧ୍ୟରୁ ମହାତ୍ମା ଗାନ୍ଧୀ ଅନ୍ୟତମ। କିନ୍ତୁ ବିଡ଼ମ୍ବନା ହେଉଛି 'ମୋର ଜୀବନ ହିଁ ମୋର ବାର୍ତ୍ତା' ଏହି ଗୋଟିଏ ଧାଡ଼ିରେ ସମଗ୍ର ବିଶ୍ୱକୁ ଅହିଂସାର ପାଠ ପଢ଼ାଇଥିବା ମଣିଷ ଜଣକ ଆଜି ନିଜ ଦେଶରେ, ନିଜ ମାଟିରେ ଏକ ପ୍ରଶ୍ନବାଚୀ ହୋଇ ଛିଡ଼ା ହୋଇଛନ୍ତି। ଦକ୍ଷିଣ ଆଫ୍ରିକାର ରେଳ ଷ୍ଟେସନରେ ଅପମାନିତ ହୋଇଥିବା ଯୁବକଠାରୁ ଆରମ୍ଭ କରି ଆଜିର ସମୟରେ ଭଗ୍ନମୂର୍ତ୍ତି ପର୍ଯ୍ୟନ୍ତ, ଗାନ୍ଧୀଙ୍କ ଯାତ୍ରା ଏକ ବିରାଟ ପରିବର୍ତ୍ତନର ସାକ୍ଷୀ।

୧୮୯୩ ମସିହା, ଦକ୍ଷିଣ ଆଫ୍ରିକାର ହାଡ଼ଭଙ୍ଗା ଶୀତରାତି। ପିଟରମାରିଜବର୍ଗ ଷ୍ଟେସନରେ ପ୍ରଥମ ଶ୍ରେଣୀର ଟିକେଟ ଥାଇ ମଧ୍ୟ ଜଣେ କଳାରଙ୍ଗର ବାରିଷ୍ଟରଙ୍କୁ ଟ୍ରେନରୁ ଧକ୍କା ମାରି ବାହାର କରିଦିଆଗଲା। ସେଦିନ ସେହି ଯୁବକ ମୋହନଦାସ କରମଚାନ୍ଦ ଗାନ୍ଧୀଙ୍କ ପାଇଁ ତାହା କେବଳ ଏକ ଶାରୀରିକ ଆଘାତ ନଥିଲା, ବରଂ ଥିଲା ଏକ ଆତ୍ମିକ ଜାଗରଣ। ସେହି ଅପମାନର ନିଆଁରୁ ଜନ୍ମ ନେଇଥିଲା 'ସତ୍ୟାଗ୍ରହ'। ସେଦିନ ଯଦି ସେହି ଇଂରେଜ ଅଧିକାରୀ ଜଣକ ଗାନ୍ଧୀଙ୍କୁ ଟ୍ରେନରୁ ଫିଙ୍ଗି ନଥା'ନ୍ତେ, ତେବେ ହୁଏତ ଭାରତକୁ 'ମହାତ୍ମା' ମିଳି ନ ଥା'ନ୍ତେ। ସେ ବୁଝିପାରିଥିଲେ ଯେ ଅନ୍ୟାୟ ବିରୁଦ୍ଧରେ ଲଢ଼ିବା ପାଇଁ ହାତରେ ଅସ୍ତ୍ର ନୁହେଁ, ବରଂ ଛାତିରେ ସାହସ ଓ ହୃଦୟରେ ସତ୍ୟର ଆବଶ୍ୟକତା ରହିଛି।

ଭାରତ ଫେରିବା ପରେ ଗାନ୍ଧିଜୀ ଅନୁଭବ କଲେ ଯେ, ପରାଧୀନତାର ବେଡ଼ି କେବଳ ଇଂରେଜମାନଙ୍କ ଶାସନରେ ନାହିଁ, ବରଂ ଭାରତୀୟମାନଙ୍କ ଭୟ ମଧ୍ୟରେ ରହିଛି। ସେ 'ଅହିଂସା'କୁ ଦୁର୍ବଳର ଅସ୍ତ୍ର ନୁହେଁ, ବରଂ ବୀରର ଭୂଷଣ ବୋଲି ପ୍ରମାଣିତ କଲେ। ୧୯୪୨ ମସିହାର 'ଭାରତ ଛାଡ଼ ଆନ୍ଦୋଳନ' ଥିଲା ଏହାର ଚରମ ନିଦର୍ଶନ। 'କର ବା ମର' ଏହି ଡାକରାରେ ସମଗ୍ର ଦେଶ ଏକଜୁଟ ହୋଇଗଲା। କୌଣସି ବନ୍ଧୁକ କିମ୍ବା ବାରୁଦ ବିନା କେବଳ ନୈତିକ ବଳରେ ବିଶ୍ୱର ସବୁଠାରୁ ଶକ୍ତିଶାଳୀ ସାମ୍ରାଜ୍ୟର ମୂଳଦୁଆ ଦୋହଲି ଯାଇଥିଲା। ଗାନ୍ଧିଜୀ ଦେଖାଇଦେଲେ ଯେ ଶାନ୍ତିର ଶବ୍ଦ ଯୁଦ୍ଧର ହୁଙ୍କାରଠାରୁ ଅଧିକ ଶକ୍ତିଶାଳୀ। କିନ୍ତୁ ଆଜିର ଚିତ୍ର କ'ଣ? ଯେଉଁ ଦେଶ ଦିନେ ଗାନ୍ଧୀଙ୍କୁ 'ଜାତିର ପିତା' ରୂପେ ସମ୍ମାନ ଦେଇଥିଲା, ଆଜି ସେହି ଦେଶର କିଛି କୋଣରେ ଗାନ୍ଧୀଙ୍କ ମୂର୍ତ୍ତି ଭଙ୍ଗା ଯାଉଛି। ଏହା କେବଳ ପଥରର ମୂର୍ତ୍ତି ଭାଙ୍ଗିବା ନୁହେଁ, ଏହା ଆମ ସମାଜର ନୈତିକ ମୂଲ୍ୟବୋଧର ଅବକ୍ଷୟର ପ୍ରତୀକ।

ବର୍ତ୍ତମାନ ସମୟରେ ଗାନ୍ଧୀଙ୍କ ବିଚାରଧାରାକୁ ନେଇ ଯେଉଁ ବିତର୍କ ସୃଷ୍ଟି ହେଉଛି, ତାହା ଅନେକ ସମୟରେ ଘୃଣାର ରୂପ ନେଉଛି। କିଛିଲୋକ ଇତିହାସର ଅର୍ଦ୍ଧସତ୍ୟକୁ ଆଧାର କରି ଗାନ୍ଧୀଙ୍କ ଚରିତ୍ର ସଂହାର କରିବାକୁ ପଛାଉ ନାହାନ୍ତି। ମୂର୍ତ୍ତି ଭାଙ୍ଗିବା, ଚଷମା ଚୋରି କରିବା କିମ୍ବା ତାଙ୍କ ଫଟୋଚିତ୍ରକୁ ଅସମ୍ମାନ କରିବା - ଏସବୁ କେବଳ ଗୋଟିଏ ବ୍ୟକ୍ତି ବିରୁଦ୍ଧରେ ଆକ୍ରୋଶ ନୁହେଁ, ବରଂ 'ସତ୍ୟ' ଓ 'ଅହିଂସା' ଭଳି ଶାଶ୍ୱତ ମୂଲ୍ୟବୋଧ ବିରୁଦ୍ଧରେ ଏକ ଯୁଦ୍ଧ। ଗାନ୍ଧୀଙ୍କ ମୂର୍ତ୍ତି ଭଙ୍ଗାଯିବା ଘଟଣା ସମାଜ ଉପରେ ଗଭୀର ନକାରାତ୍ମକ ପ୍ରଭାବ ପକାଉଛି। ଗଣତନ୍ତ୍ରରେ ମତଭେଦ ରହିବା ସ୍ୱାଭାବିକ। କିନ୍ତୁ ମତଭେଦ ଯେତେବେଳେ ହିଂସାର ରୂପ ନିଏ, ତାହା ସମାଜ ପାଇଁ ବିପଜ୍ଜନକ। ଗାନ୍ଧୀଙ୍କ ମୂର୍ତ୍ତି ଭାଙ୍ଗିବା ଆମ ସମାଜରେ ବଢୁଥିବା ଅସହିଷ୍ଣୁତାର ପ୍ରମାଣ। ଯୁବପିଢ଼ି ଆଜି 'ହ୍ୱାଟ୍ସଆପ୍ ୟୁନିଭର୍ସିଟି'ର ଜ୍ଞାନରେ ପରିଚାଳିତ। ସେମାନେ ଗାନ୍ଧୀଙ୍କ ତ୍ୟାଗ, ଦକ୍ଷିଣ ଆଫ୍ରିକାର ସଂଘର୍ଷ କିମ୍ବା ନୋଆଖାଲିର ଦଙ୍ଗା ସମୟରେ ତାଙ୍କର ଏକାକୀ ପଦଯାତ୍ରା ବିଷୟରେ ଜାଣିବାକୁ ଚେଷ୍ଟା କରୁନାହାନ୍ତି। ଏହାଫଳରେ ଏକ ଭ୍ରାନ୍ତ ଧାରଣା ସୃଷ୍ଟି ହେଉଛି।

ଆଜି ସମାଜ ଦୁଇଭାଗରେ ବିଭକ୍ତ। ଗୋଟିଏ ଗାନ୍ଧୀଙ୍କୁ ପୂଜା କରୁଛି ଏବଂ ଅନ୍ୟଟି ଗାନ୍ଧୀଙ୍କ ହତ୍ୟାକାରୀଙ୍କୁ ମହିମାମଣ୍ଡିତ କରୁଛି। ଏହି ବୈଚାରିକ ଦ୍ୱନ୍ଦ୍ୱ ଦେଶର ଏକତା ପାଇଁ ଶୁଭଙ୍କର ନୁହେଁ। ସମଗ୍ର ବିଶ୍ୱ ଆଜି ଯୁଦ୍ଧ ବିଭୀଷିକା ମଧ୍ୟରେ ଗାନ୍ଧୀଙ୍କ ଶାନ୍ତି ବାର୍ତ୍ତା ଖୋଜୁଛି। କିନ୍ତୁ ଯେତେବେଳେ ସେମାନେ ଦେଖନ୍ତି ଯେ ଗାନ୍ଧୀଙ୍କ ନିଜ ଦେଶରେ ତାଙ୍କର ପ୍ରତିମୂର୍ତ୍ତି ସୁରକ୍ଷିତ ନୁହେଁ, ସେତେବେଳେ ବିଶ୍ୱ ଦରବାରରେ ଭାରତର 'ଅହିଂସା ପରମୋ ଧର୍ମ'ର ଛବି ମଳିନ ପଡ଼ିଯାଏ। ଗାନ୍ଧୀ କୌଣସି ପଥରର ମୂର୍ତ୍ତି ନୁହନ୍ତି ଯେ ତାଙ୍କୁ ହାତୁଡ଼ିରେ ଭାଙ୍ଗି ଦେଲେ ସେ ଶେଷ ହୋଇଯିବେ। ଗାନ୍ଧୀ ଏକ ଚେତନା। ଯେତେଦିନ ପର୍ଯ୍ୟନ୍ତ ପୃଥିବୀରେ ସତ୍ୟ, ଅହିଂସା ଓ ମାନବିକତା ବଞ୍ଚିଥିବ, ସେତେଦିନ ପର୍ଯ୍ୟନ୍ତ ଗାନ୍ଧୀ ବଞ୍ଚିଥିବେ।

ଆଜିର ସମୟରେ ଆମକୁ ଗାନ୍ଧୀଙ୍କ ମୂର୍ତ୍ତି ପୂଜା କରିବାର ଆବଶ୍ୟକତା ନାହିଁ, ବରଂ ଆବଶ୍ୟକତା ଅଛି ତାଙ୍କ ବିଚାରକୁ ନିଜ ଜୀବନରେ ଉତାରିବାର। ମୂର୍ତ୍ତି ଭାଙ୍ଗୁଥିବା ହାତଗୁଡ଼ିକ ଯଦି ଥରୁଟିଏ ଭାବିଥା'ନ୍ତେ ଯେ ଯେଉଁବ୍ୟକ୍ତି ନିଜ ଛାତିରେ ଗୁଳି ବାଜିବା ପରେ ମଧ୍ୟ ହତ୍ୟାକାରୀକୁ କ୍ଷମା କରି 'ହେ ରାମ' କହିଥିଲେ, ତାଙ୍କୁ ଘୃଣା କରି ଆମେ ନିଜକୁ କେତେ ଛୋଟ କରୁଛୁ? ଗତ ୨୨ ତାରିଖ 'ସକାଳ'ରେ ସମ୍ପାଦକୀୟ ପୃଷ୍ଠାରେ ଡକ୍ଟର ଅବଶ ପରିଡ଼ାଙ୍କ ଆଲେଖ୍ୟ 'ଗାନ୍ଧୀଙ୍କ ପତନ ନିଶ୍ଚିତ?' ବିଷୟଟି ଏକ ଗୁରୁତ୍ୱପୂର୍ଣ୍ଣ ସତ୍ୟ ପ୍ରତିପାଦିତ କରେ। ଗାନ୍ଧୀ ଜଣେ 'ସମ୍ପୂର୍ଣ୍ଣ ମଣିଷ' ନଥିଲେ, ବରଂ ନିଜ ତ୍ରୁଟିକୁ ସ୍ୱୀକାର କରି ନୈତିକ ଭାବେ ବିକଶିତ ହେଉଥିବା ଜଣେ ସାଧକ ଥିଲେ। ତାଙ୍କୁ କେବଳ ପ୍ରତିମୂର୍ତ୍ତି ଭାବେ ପୂଜା ନକରି ତାଙ୍କ ଆଦର୍ଶର ସମାଲୋଚନାମୂଳକ ବିଶ୍ଳେଷଣ ହିଁ ତାଙ୍କୁ ଜୀବିତ ରଖିବ। ଗାନ୍ଧୀଙ୍କ ବିଚାରର ପତନ ନୁହେଁ, ବରଂ ଆମର ସଂକୀର୍ଣ୍ଣ ବ୍ୟାଖ୍ୟାର ପତନ ହେବା ଜରୁରୀ। ସତ୍ୟ ଓ ଅହିଂସା କୌଣସି ପ୍ରତିମୂର୍ତ୍ତିରେ ସୀମିତ ନୁହେଁ, ଏହା ଏକ ନିରନ୍ତର ଅଭ୍ୟାସ।

ଆସନ୍ତୁ, ମୂର୍ତ୍ତି ଭାଙ୍ଗିବା ବଦଳରେ ଆମ ଭିତରେ ଥିବା ଘୃଣା, ହିଂସା ଓ ଅଜ୍ଞାନତାର ମୂର୍ତ୍ତିକୁ ଭାଙ୍ଗିବା। ତାହା ହିଁ ହେବ ଜାତିର ପିତାଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି। ଗାନ୍ଧୀ ମରିନାହାନ୍ତି, ଗାନ୍ଧୀ ମରିପାରିବେ ନାହିଁ। ସେ ଆମ ବିବେକରେ ଜୀବିତ ରହିବା ଉଚିତ୍।

କୋଡାଙ୍ଗ(କୋଣାର୍କ), ମୋ: ୭୩୮୧୩୮୨୨୧୦

## ନବବର୍ଷର ପ୍ରତିଜ୍ଞା: ଚାଲନ୍ତୁ ହାତରେ ଲେଖିବା

ଶ୍ରୀନନ

ନୂଆ ବର୍ଷ ଆସୁଛି। କୁହାଯାଏ ଯେ ଏଦିନ ଆମେ ଅନେକ ଚିନ୍ତା କରି ଆଗାମୀ ଦିନଗୁଡ଼ିକୁ ନେଇ ନୂତନ କାର୍ଯ୍ୟକ୍ରମ ସ୍ଥିର କରୁ ଏବଂ ସେ ଲକ୍ଷ୍ୟ ପୂରଣ କରିବାକୁ ପ୍ରତିଜ୍ଞା କରୁ। କିନ୍ତୁ ତାହା ଖୁବ୍ ଶୀଘ୍ର ଭୁଲିଯାଉ। ସେଥିପାଇଁ ତାହା ମନେ ରଖିବାକୁ ଆଗେ ଲୋକେ ଏହାକୁ ଡାଏରୀରେ ଲେଖି ରଖୁଥିଲେ। ହେଲେ ଆଜି କାଲି ହେଲା ଡିଜିଟାଲ୍ ଯୁଗ। ହାତଲେଖାକୁ ଏବେ ସମୟ ଉପଯୋଗୀ ନୁହେଁ ବୋଲି ମନେ କରାଯାଉଛି। ସେଥିପାଇଁ ଏହାକୁ ହୁଏତ ଡିଜିଟାଲ୍ ମାଧ୍ୟମରେ ସଂଚିତ ରଖିବାକୁ ଲୋକେ ଚାହିଁବେ। କିନ୍ତୁ ମନସ୍ତତ୍ତ୍ୱବିତ୍‌ମାନଙ୍କ ମତରେ ଏହା ଏତେଟା ଉପଯୋଗୀ ନୁହେଁ। କାରଣ ହାତରେ ଲେଖିବା ମସ୍ତିଷ୍କକୁ ବିଭିନ୍ନ ରୂପେ ସକ୍ରିୟ କରେ। ଯାହାକି ଟାଇପିଂ ଦ୍ୱାରା ସମ୍ଭବ ନୁହେଁ। ଏଣୁ ଆଗାମୀ ବର୍ଷ ପାଇଁ ଆମ କଳ୍ପିତ କାର୍ଯ୍ୟକ୍ରମକୁ ନେଇ ପ୍ରତିଜ୍ଞାକୁ କାଗଜ କଲମରେ ଲିପିବଦ୍ଧ କରିବାକୁ ସେମାନେ ମତ ଦେଇଛନ୍ତି।

ବିଜ୍ଞାନ ବାର୍ତ୍ତା




ନରୱେଜିଆନ୍ ୟୁନିଭରସିଟି ଅଫ୍ ସାଇନସ୍ ଆଣ୍ଡ ଟେକ୍ନୋଲୋଜିର ଗବେଷକମାନଙ୍କ ମତରେ ହାତରେ ଲେଖିବା ମସ୍ତିଷ୍କକୁ ବିଭିନ୍ନ ରୂପେ ସକ୍ରିୟ କରିଥାଏ। ଏହା ସ୍ନାୟବିକ ସଂଯୁକ୍ତିକୁ ଦୃଢ଼ୀଭୂତ କରେ। ଫଳରେ ଦୃଷ୍ଟିଶକ୍ତିଠାରୁ ଆରମ୍ଭ କରି ସ୍ମରଣଶକ୍ତି, ଶିକ୍ଷା କିରବା ଶକ୍ତି, ଚିନ୍ତା କରିବା ଶକ୍ତି ଆଦି ବୃଦ୍ଧି ପାଏ। ପୁନଶ୍ଚ ଏହା ମନକୁ ସୁସ୍ଥିର ହେବାରେ ସହାୟତା କରେ। ଅତଏବ ନୂତନ ବର୍ଷର ଆଗମନରେ ଉପଯୋଗୀ ନୂତନ ପ୍ରତିଜ୍ଞା ଲାଗି ଚିନ୍ତା କରିବାରେ ତାହା ଅଧିକ ସହାୟକ ହେବ।

ଦେଖାଯାଇଛି ଯେ ଡିଜିଟାଲ୍ ଟାଇପିଂର ବେଗ ଦ୍ରୁତ ଏବଂ ତାହାର ସଂଶୋଧନ ତଥା ତାହାକୁ ତ୍ରୁଟିଶୂନ୍ୟ କରିବାର ସୁଯୋଗ ଅଧିକ। କିନ୍ତୁ ଆମେ ହାତରେ ଲେଖିବା ବେଳେ ଅଧିକ ରଚନାତ୍ମକ ହୋଇପାରୁ। ଏଣୁ ଭାବିଚିନ୍ତି ଶବ୍ଦଟିଏ ଲେଖୁ। ଫଳରେ ଆମକୁ ସୃଜନାତ୍ମକ ଚିନ୍ତା ତଥା ସମ୍ଭବ ହେଲା ଭଳି ଲକ୍ଷ୍ୟ ସମ୍ପର୍କରେ ଲେଖିବାକୁ ଅବକାଶ ମିଳିଥାଏ। ପୁନଶ୍ଚ ତାହା ସହିତ ଆମର ଭାବପ୍ରବଣତା ମଧ୍ୟ ସଂପର୍କ ରହେ ଏବଂ ତାହାକୁ ହାସଲ କରିବାର ସମ୍ଭାବନା ମଧ୍ୟ ଅଧିକ ହୁଏ। ଅନ୍ୟପକ୍ଷରେ ଡିଜିଟାଲ ବ୍ୟବସ୍ଥାର ବ୍ୟବହାର ଦ୍ରୁତ ଏବଂ ଏକତ୍ର ବହୁବିଧ କାର୍ଯ୍ୟ କରିବାକୁ (ଗଙ୍କକ୍ଷଗ୍ରସଗ୍ରବଙ୍ଘସଭଶ) (ମଲ୍‌ଟିଟାସ୍କିଂ) ଉଦ୍ଦିଷ୍ଟ ହେଲା ବେଳେ ହାତରେ ଲେଖିବା ଥରକେ ଗୋଟିଏ କାର୍ଯ୍ୟ(ସିଙ୍ଗଲ୍ ଟାସ୍କିଂ) କଲା ଭଳି ପରିବେଶ ସୃଷ୍ଟି କରେ। ଏଣୁ ଆମେ ଏକାନ୍ତ ରୂପେ ଭାବିଚିନ୍ତି ଏକାଗ୍ରତାର ସହ ଏହା କରିବାର ସୁଯୋଗ ପାଉ। ଅତଏବ ଏହାକୁ ନେଇ ଲକ୍ଷ୍ୟ ଧାର୍ଯ୍ୟ କଲେ ଏବଂ ପୂରଣ କରିବାକୁ ପ୍ରତିଜ୍ଞା କଲେ ତାହା ମନରେ ଦୀର୍ଘ ସ୍ଥାୟୀ ହେବା ସମ୍ଭବ। ପରିମାଣ ସ୍ୱରୂପ, ତାହା ପୂରଣ କରିବାର ଅବକାଶ ଅଧିକ।

ସେଥିପାଇଁ ନରୱେଜିଆନ୍ ୟୁନିଭରସିଟି ଅଫ୍ ସାଇନନ୍ ଆଣ୍ଡ ଟେକ୍ନୋଲୋଜିର ମନସ୍ତତ୍ତ୍ୱବିତ୍‌ମାନଙ୍କ ମତରେ ନୂଆ ବର୍ଷରେ ଚିନ୍ତା କରିଥିବା ଲକ୍ଷ୍ୟଗୁଡ଼ିକୁ ନେଇ କରୁଥିବା ପ୍ରତିଜ୍ଞାମାନ ଲିପିବଦ୍ଧ କରିବା ପାଇଁ କାଗଜ କଲମ ବ୍ୟବହାର କରିବା ଉଚିତ। ଚାଲନ୍ତୁ ଆମେ ତାଙ୍କ ପରାମର୍ଶକୁ ମାନିବା ଏବଂ ସେହିଅନୁସାରେ କାର୍ଯ୍ୟ କରିବା। ଏଥିସହିତ ପ୍ରତିଦିନ କିଛି କିଛି ହାତରେ ଲେଖିବାକୁ ପ୍ରତିଜ୍ଞା କରିବା।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଧୋକ୍କା ଦେଲା ବିଇଏମ୍‌ସି

# ଋଣଯନ୍ତାରେ ଘାଣ୍ଟି ହେଉଛନ୍ତି ୧୪ ମହିଳା







- ମେଳାରୁ ୧.୨୫ କୋଟିରୁ ଊର୍ଦ୍ଧ୍ୱ ଋଣ ନେଇ କିଣାହୋଇଛି ୭ ଗାଡ଼ି
- ଚୁକ୍ତି ମୁତାବକ ବିଇଏମ୍‌ସିରେ ନିୟୋଜିତ ନ ହେବାରୁ ଫସିଯାଇଛନ୍ତି ମହିଳା
- ୪ବର୍ଷ ଧରି ପଡ଼ିରହି ଖତ ଖାଉଛି ନୂଆ ଗାଡି; ଚିନ୍ତାରେ ବ୍ୟାଙ୍କ ଓ ଏଚ୍‌ଏଚ୍‌ଜି

ବ୍ରହ୍ମପୁର,୨୯ ।୧୨(ସମିସ): ସରକାରୀ ଯୋଜନାରେ ଋଣ ନେଇ ଠକେଇର ଶିକାର ହୋଇଛନ୍ତି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ (ଏସ୍‌ଏଚ୍‌ଜି) । କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ଋଣ ବୋଝ ଦୀର୍ଘ ୪ବର୍ଷ ଧରି ମୁଣ୍ଡ ଉପରେ ଗଡ଼ି ଚାଲିଛି । ଏଭଳି ଏକ ଘଟଣା ନଜରକୁ ଆସିଛି ବ୍ରହ୍ମପୁର ମହାନଗର ନିଗମରେ । ତେବେ ବୈଷୟିକ ତ୍ରୁଟି ଥିବା କାରଣରୁ ସାହାଯ୍ୟ କରିବାକୁ ବିଇଏମ୍‌ସି କର୍ତ୍ତୃପକ୍ଷ ଚାହୁଁଥିଲେ ସୁଦ୍ଧା ସମାଧାନର ବାଟ ବାହାରି ପାରୁନଥିବା ଜଣାପଡ଼ିଛି । ଏହାକୁ ନେଇ ସୋମବାର ଡକାଯାଇଥିବା ବିଇଏମ୍‌ସିର ସ୍ୱତନ୍ତ୍ର ବୈଠକରେ ଆଲୋଚନା ହେବା ନେଇ ସୂଚନା ମିଳିଛି ।

ଜାତୀୟ ସଫେଇ କର୍ମଚାରୀ ଆର୍ଥିକ ଓ ବିକାଶ ନିଗମ (ଏନ୍‌ଏସ୍‌କେଏଫ୍‌ଡିସି) ନୂଆଦିଲ୍ଲୀ, ପକ୍ଷରୁ ସ୍ୱଚ୍ଛତା ଉଦ୍ୟମୀ ଯୋଜନାରେ ବ୍ରହ୍ମପୁରସ୍ଥିତ ଡାଇମଣ୍ଡ ଜୁବୁଲି ଟାଉନ ହଲ୍‌ରେ ଗତ ୨୦୨୧ ନଭେମ୍ବର ୨୫ରେ ଋଣ ମେଳା ଆୟୋଜିତ ହୋଇଥିଲା । ସେଥିରେ ପୂର୍ବରୁ ଚୟନ ହୋଇଥିବା ୧୬ଜଣ ହିତାଧିକାରୀଙ୍କୁ ଶତକଡ଼ା ୩୦ପ୍ରତିଶତ ରିହାତିରେ ବିଭିନ୍ନ ସାମଗ୍ରୀ କ୍ରୟ କରିବାର ସୁଯୋଗ ଦିଆଯାଇଥିଲା । ଏଥିରେ ବ୍ରହ୍ମପୁରର ସ୍ୱୟଂ ସହାୟିକା ଗୋଷ୍ଠୀ 'ବ୍ରହ୍ମପୁର ସ୍ୱଚ୍ଛବାହିନୀ'ଙ୍କୁ ଚୟନ କରାଯାଇଥିଲା । ଗୋଷ୍ଠୀର ୧୪ଜଣ ସଦସ୍ୟଙ୍କ ନାମରେ ୧କୋଟି ୨୮ ଲକ୍ଷ ୬୮ ହଜାର ୬୦୬ଟଙ୍କା ମୂଲ୍ୟର ୭ଟି ଗାଡ଼ି ବ୍ୟାଙ୍କରୁ ଋଣ ନେଇ କ୍ରୟ କରାଯାଇଥିଲା । କିଣାଯାଇଥିବା ଗାଡ଼ି ମଧ୍ୟରେ ୩ଟି ଡିସିଲ୍ଟିଂ ମେସିନ, ୨ଟି ଜେଟିଂ ମେସିନ, ଗୋଟିଏ ସକ୍ସନ ମେସିନ, ଗୋଟିଏ 'ଗ୍ରାବିଂ ମେସିନ ରହିଥିଲା ।

ଗାଡ଼ି କିଣା ବେଳେ ବିଇଏମ୍‌ସି ପକ୍ଷରୁ ତତ୍‌କାଳୀନ କର୍ତ୍ତୃପକ୍ଷ ୭ବର୍ଷ ପର୍ଯ୍ୟନ୍ତ ଉକ୍ତ ଗାଡ଼ିଗୁଡ଼ିକୁ ବିଇଏମସିରେ ସଫେଇ କାର୍ଯ୍ୟରେ ନିୟୋଜିତ କରି ମାସିକ ୧ଲକ୍ଷ ୭୫ହଜାର ୯ଶହ ଟଙ୍କା ଦେବାକୁ ଚୁକ୍ତି ହୋଇଥିଲା । ଏଥିସହ ବିଇଏମ୍‌ସି ପକ୍ଷରୁ ଜଣେ ଚାଳକ ଓ ଜଣେ ଅପରେଟରଙ୍କୁ ନିଜସ୍ୱ ଖର୍ଚ୍ଚରେ ନିୟୋଜିତ କରିବାକୁ ମଧ୍ୟ ଚୁକ୍ତି ହୋଇଥିଲା । ଉକ୍ତ ଟଙ୍କାରେ ସ୍ୱୟଂ ସହାୟିକା ଗୋଷ୍ଠୀ ନିଜର ମାସିକ ଇଏମ୍‌ଆଇ ସହିତ ଋଣ ପରିଶୋଧ କରିବାକୁ ସ୍ଥିର ହୋଇଥିଲା । କିନ୍ତୁ ଗାଡ଼ି କ୍ରୟ ହେବା ପରଠାରୁ ଆଜି ପର୍ଯ୍ୟନ୍ତ ସେଗୁଡ଼ିକୁ ବିଇଏମସି ପକ୍ଷରୁ କୌଣସି କାର୍ଯ୍ୟରେ ନିୟୋଜିତ କରିନାହିଁ । ବିଇଏମସି କର୍ତ୍ତୃପକ୍ଷ ସେଗୁଡ଼ିକୁ ନିଜ ଭେଇକିଲ ୟାର୍ଡରେ ରଖିଛନ୍ତି । ଏଭଳି ପରିସ୍ଥିତିରେ ବ୍ରହ୍ମପୁର ସ୍ୱଚ୍ଛତା ବାହିନୀ ସ୍ୱୟଂ ସହାୟିକା ଗୋଷ୍ଠୀର ୧୪ଜଣ ସଦସ୍ୟଙ୍କ ଉପରେ ଋଣ ବୋଝ ବଢ଼ିବାରେ ଲାଗିଛି । ମୂଳ ସହିତ ସୁଧ ମିଶି ବର୍ତ୍ତମାନ ଏହି ଅର୍ଥ ବହୁ ଅଧିକ ହୋଇସାରିଛି । ସେପଟେ ଋଣ ନେଇଥିବା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାଙ୍କୁ ଉଭୟ ବ୍ୟାଙ୍କ ଓ କୋର୍ଟରୁ ବାରମ୍ବାର ନୋଟିସ ଆସୁଛି । ଏହାକୁ ନେଇ ଚିନ୍ତାରେ ପଡ଼ିଛନ୍ତି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସମସ୍ତ ୧୪ସଦସ୍ୟା । ଏଥିପାଇଁ ସେମାନେ ସିଧାସଳଖ ବିଇଏମସି କର୍ତ୍ତୃପକ୍ଷଙ୍କୁ ଦାୟୀ କରିବା ସହିତ ଘଟଣାକୁ ନେଇ ଗଞ୍ଜାମ ଜିଲ୍ଲାପାଳ, ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଏବଂ ମୁଖ୍ୟ ଶାସନ ସଚିବଙ୍କ ଦୃଷ୍ଟି ଆକର୍ଷଣ ମଧ୍ୟ କରିସାରିଛନ୍ତି । ତଥାପି ସମସ୍ୟାର ସ୍ଥାୟୀ ସମାଧାନ ହେଉ ନଥିବାରୁ କ୍ଷତିଗ୍ରସ୍ତ ଏସଏଚଜି ଗ୍ରୁପର ସଦସ୍ୟମାନେ ମେୟର ସଂଘମିତ୍ରା ଦଳେଇ ଓ ବିଇଏମ୍‌ସି କମିସନର ପ୍ରଥମେଷ ଅରବିନ୍ଦ ରାଜେଶିର୍କେଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଅବଗତ କରିଛନ୍ତି । ସମସ୍ୟା ସମ୍ପର୍କରେ ଅବଗତ ହେବାପରେ ସମାଧାନ କରିବାକୁ ଆରମ୍ଭ ହୋଇଛି ପ୍ରୟାସ ।

## ଦିଲ୍ଲୀ କର୍ତ୍ତବ୍ୟପଥରେ ଗଡ଼ିବ ଓଡ଼ିଶା ପ୍ରଜ୍ଞାପନ ମେଢ଼

# ବିଶ୍ୱ ଦେଖିବ ଆତ୍ମନିର୍ଭର ଭାରତ ଗଠନରେ ଓଡ଼ିଶାର ଅବଦାନ

ଭୁବନେଶ୍ୱର, ୨୯।୧୨(ସମିସ): ଆଗାମୀ ସାଧାରଣତନ୍ତ୍ର ଦିବସ ଅବସରରେ ନୂଆଦିଲ୍ଲୀର କର୍ତ୍ତବ୍ୟପଥରେ ଗଡ଼ିବ ଓଡ଼ିଶାର ପ୍ରଜ୍ଞାପନ ମେଢ଼ । 'ସମୃଦ୍ଧିର ମନ୍ତ୍ର ଆତ୍ମନିର୍ଭର ଭାରତ' ବିଷୟବସ୍ତୁ ଆଧାରରେ ହେବାକୁ ଥିବା ଏହି ପ୍ରଜ୍ଞାପନ ମେଢ଼ରେ ଆତ୍ମନିର୍ଭର ଭାରତ ଗଠନ କ୍ଷେତ୍ର (କୃଷିରୁ ସେମିକଣ୍ଡକ୍ଟର୍ ପର୍ଯ୍ୟନ୍ତ)ରେ ଓଡ଼ିଶାର ଅବଦାନ ଦେଖିବାକୁ ମିଳିବ । ଓଡ଼ିଶାର କୃଷି ଓ ସାଂସ୍କୃତିକ ସମୃଦ୍ଧିରୁ ଆଧୁନିକ ଶିଳ୍ପ, ଦକ୍ଷତା ବିକାଶ ଏବଂ ନବସୃଜନ ଓ ପ୍ରଯୁକ୍ତିର ଏକ ସମ୍ମିଳିତ ଦୃଶ୍ୟ ଏହି ପ୍ରଜ୍ଞାପନ ମେଢ଼ରେ ସ୍ଥାନ ପାଇବ ।

ଜାତୀୟ ଦୃଷ୍ଟିକୋଣ ସହିତ ସମନ୍ୱୟ ରଖି ଓଡ଼ିଶା କିପରି ତାହାର ପ୍ରାକୃତିକ ସମ୍ପଦ, ସାଂସ୍କୃତିକ ଐତିହ୍ୟ, ମାନବ ସମ୍ବଳ ଏବଂ ପ୍ରଯୁକ୍ତିବିଦ୍ୟା ଉପଯୋଗରେ ଏକ ଆତ୍ମନିର୍ଭରଶୀଳ ଭାରତ ଗଠନକୁ ଇନ୍ଧନ ପ୍ରଦାନ କରୁଛି, ତାହା ପ୍ରଦର୍ଶିତ ହେବ । ମେଢ଼ର ବିଭିନ୍ନ ଅଂଶରେ କୋରାପୁଟ କଫିରୁ ଆରମ୍ଭ କରି ସିଲିକନ୍ ସେମିକଣ୍ଡକ୍ଟର୍ ପର୍ଯ୍ୟନ୍ତ ନିରନ୍ତର ଯାତ୍ରାକୁ ଉପସ୍ଥାପନ କରାଯିବ । ସମ୍ବଲପୁରୀ ବସ୍ତ୍ର ଦ୍ୱାରା ଆଚ୍ଛାଦିତ ମେଢ଼ର ଉଭୟ ପାର୍ଶ୍ୱରେ ପାରମ୍ପରିକ ଜନଜାତି ଚିତ୍ରକଳା ଉପରେ ରୁପା ତାରକସୀ କାରୁକାର୍ଯ୍ୟ, ଓଡ଼ିଶାର ଗଭୀର ସାଂସ୍କୃତିକ ପରିଚୟ ଏବଂ ଉତ୍କୃଷ୍ଟ ହସ୍ତଶିଳ୍ପ ପରମ୍ପରାକୁ ପ୍ରତିଫଳିତ

**ଝଲସିବ ଓଡ଼ିଶାର କଳା, ସଂସ୍କୃତି ଓ ଐତିହ୍ୟ, ପରମ୍ପରା**

କରାଯିବ । ଏହାର ଲାଇଭ ଡେମୋନଷ୍ଟ୍ରେସନ୍ ମଧ୍ୟ ଦେଖିବାକୁ ମିଳିବ । ଉଲ୍ଲେଖଯୋଗ୍ୟ, ଓଡ଼ିଶାର ସମୃଦ୍ଧ ହସ୍ତଶିଳ୍ପ ଓ ହସ୍ତତନ୍ତ ମାଧ୍ୟମରେ ମହିଳା ସଶକ୍ତୀକରଣକୁ ନେଇ ଗତ ୨୦୨୪ରେ ପ୍ରଦର୍ଶିତ ଓଡ଼ିଶାର ପ୍ରଜ୍ଞାପନ ମେଢ଼ କର୍ତ୍ତବ୍ୟପଥରେ ପରାକାଷ୍ଠା ପ୍ରଦର୍ଶନ କରି ସମଗ୍ର ଦେଶରେ ପ୍ରଥମ ସ୍ଥାନ ହାସଲ କରିଥିଲା ।

# ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାରେ ଧାନର ଅଭାବୀ ବିକ୍ରି



ଅଭିଯୋଗ ଆଣିଲେ କଂଗ୍ରେସ ପ୍ରତିନିଧି ମଣ୍ଡଳୀ

ଭୁବନେଶ୍ୱର,୨୯ ।୧୨(ସମିସ): ବର୍ତ୍ତମାନର ବିଜେପି ଡବଲ ଇଞ୍ଜିନ ସରକାରରେ ମଣ୍ଡି ଭିତ୍ତିଭୂମି ସୁଦୃଢ଼, ସୁବ୍ୟବସ୍ଥିତ ଢଙ୍ଗରେ ଧାନ କ୍ରୟ, ଚାଷୀଙ୍କୁ ଉପଯୁକ୍ତ ପ୍ରାପ୍ୟ ଦିଆଯାଉଛି ବୋଲି ଡିଣ୍ଡିମ ପିଟୁଛି । ହେଲେ ସରକାର, ମିଲର ଓ ପ୍ରଶାସନ ସଲାସୁତୁରାରେ ବିଭିନ୍ନ ସ୍ଥାନରେ ବିଳମ୍ବରେ ମଣ୍ଡି ଖୋଲାଯାଇ ଚାଷୀ କିପରି ଅଭାବୀ ବିକ୍ରିର ଶିକାର ହୋଇଛନ୍ତି, ତାହା ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ କେନ୍ଦୁଝର ଜିଲ୍ଲା ସଦର ବ୍ଲକ ପଲାସପଙ୍ଗା ଲ୍ୟାମ୍ପରୁ ଜଣାପଡ଼ିଛି ବୋଲି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସମବାୟ ପ୍ରକୋଷ୍ଠର ଅଧ୍ୟକ୍ଷ ତଥା ଅଖିଳ ଭାରତ କିଷାନ କଂଗ୍ରେସ ରାଷ୍ଟ୍ରୀୟ ସଂଯୋଜକ ଅମିୟ କୁମାର ପଟ୍ଟନାୟକ କହିଛନ୍ତି । ଶ୍ରୀ ପଟ୍ଟନାୟକଙ୍କ ସମେତ ଏକ ପ୍ରତିନିଧିମଣ୍ଡଳୀରେ ୨୮ ତାରିଖରେ କେନ୍ଦୁଝର ଜିଲ୍ଲାକୁ ଗସ୍ତକରି ସଦର ବ୍ଲକର ପଲାସପଙ୍ଗା ମଣ୍ଡି ଅନ୍ତର୍ଗତ ବିସ୍ତାପାଳଠାରେ ଶତାଧିକ ଚାଷୀଙ୍କ ସହ ଆଲୋଚନା କରିବା ପରେ ସେ ଏହି ଅଭିଯୋଗ କରିଛନ୍ତି ।

ଶ୍ରୀ ପଟ୍ଟନାୟକ କହିଛନ୍ତି, ସରକାର ଗତ ନଭେମ୍ବର ୧ ତାରିଖଠାରୁ ମଣ୍ଡି ଖୋଲିବେ ବୋଲି କହିଥିଲେ; କିନ୍ତୁ ନଭେମ୍ବର ୨୮ରେ ମଣ୍ଡି ଖୋଲିଲା । କେନ୍ଦୁଝର ଜିଲ୍ଲାର ପାହାଡ଼ିଆ ଅଞ୍ଚଳର ଚାଷୀ ୪୦ ପ୍ରତିଶତରୁ ଅଧିକ ଧାନ ଶାଗମାଛ ମୂଲ୍ୟରେ ଅର୍ଥାତ କୁଇଣ୍ଟାଲ ପ୍ରତି ୧୬ଶହ ଟଙ୍କା ଦରରେ ବିକ୍ରି କରିବା ପରେ ମୁଖ୍ୟମନ୍ତ୍ରୀ ଗତ ୨୬ ତାରିଖ ଦିନ ଧର୍ମକୁ ଆଖିଠାର ସଦୃଶ ପଲାସପଙ୍ଗା ମଣ୍ଡି ଉଦ୍‌ଘାଟନ କରିଛନ୍ତି । କିନ୍ତୁ ଏହି ମଣ୍ଡିରେ ଧାନକିଣା ପ୍ରକ୍ରିୟା ୧୧ ତାରିଖରୁ ହେବ । ଜାନୁଆରୀ ୧୪ରେ ମକର ଥିବାରୁ ଜିଲ୍ଲାର ପ୍ରମୁଖ ଗଣପର୍ବ ମକର ପାଳନ ପାଇଁ ଆଉ ଅବଶିଷ୍ଟାଂଶ ବଳକା ଧାନକୁ ଏବେ ଚାଷୀ ବେପାରୀଙ୍କୁ ତରବରିଆ ଭାବେ ବିକ୍ରି କରି ଚାଲିଛନ୍ତି । ଯୋଗାଣ ବିଭାଗ, ସରକାର ଓ ଜିଲ୍ଲା ପ୍ରଶାସନ ଚାଷୀଙ୍କୁ ସମ୍ପୂର୍ଣ୍ଣ ଅଣଦେଖା କରୁଥିବାରୁ ଜିଲ୍ଲାରେ ଚାଷୀ ୮୦୦ ଟଙ୍କା ଇନ୍‌ପୁଟ୍ ସହାୟତା ସହିତ ଧାନ କୁଇଣ୍ଟାଲ୍ ପିଛା ୩୧୬୯ ପାଇବା ତ ଦୂରର କଥା; ଏହାର ଅଧା ଦର ପାଇବା ଏବେ କଷ୍ଟ ହୋଇ ପଡୁଛି ବୋଲି କଂଗ୍ରେସ ସମବାୟ ପ୍ରକୋଷ୍ଠ କହିଛି ।

ଯଦି ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ଅଞ୍ଚଳରେ ଧାନ କିଣାରେ ଏପରି ଅବ୍ୟବସ୍ଥା ଘଟୁଛି, ତେବେ ସାରା ରାଜ୍ୟରେ ସରକାରଙ୍କ ଧାନ କ୍ରୟ ବ୍ୟବସ୍ଥା କିପରି ଚାଲିଛି ତାହା ସ୍ପଷ୍ଟ ଅନୁମେୟ ବୋଲି ଦଳ କହିଛି । ତେଣୁ କାଳ ବିଳମ୍ବ ନ କରି କଥା ଦେଇ କଥା ରଖିଲେ ବୋଲି ସ୍ଲୋଗାନ ଦେବା ଅପେକ୍ଷା ମୁଖ୍ୟମନ୍ତ୍ରୀ ତୁରନ୍ତ ଜିଲ୍ଲାର ପାହାଡ଼ିଆ ଅଞ୍ଚଳ ଓ ଆନନ୍ଦପୁର ସମତଳ ଅଞ୍ଚଳର ସମସ୍ତ ଚାଷୀଙ୍କଠାରୁ ଧାନ କିଣିବା ପାଇଁ ଦୃଢ଼ ପଦକ୍ଷେପ ନେବାକୁ କଂଗ୍ରେସ ପକ୍ଷରୁ ଶ୍ରୀ ପଟ୍ଟନାୟକ ଦାବି କରିଛନ୍ତି । ଏହି ପ୍ରତିନିଧି ମଣ୍ଡଳୀରେ କେନ୍ଦୁଝର କଂଗ୍ରେସ ସାଂସଦ ପ୍ରାର୍ଥୀ ବିନୋଦ ବିହାରୀ ନାୟକ, ପୂର୍ବତନ ବିଧାୟକ ସୁବର୍ଣ୍ଣ ନାୟକ, ସଂଗ୍ରାମ ଦାସ, ସଦର ବ୍ଲକ ପୂର୍ବତନ ସଭାପତି ଉତ୍ତମ କୁମାର ସାହୁ ପ୍ରମୁଖ ନେତୃମଣ୍ଡଳୀ ସାମିଲ ହୋଇଥିଲେ ।

## ଦଳୀୟ ନେତାଙ୍କ ଅସନ୍ତୋଷ ପ୍ରଶମନ ଯୋଜନା

# ନୂଆବର୍ଷରେ ମିଳିବ ଖୁସି ଖବର

ଭୁବନେଶ୍ୱର,୨୯।୧୨(ସମିସ): ଦେଢ଼ ବର୍ଷ ହେଲା ବିଭିନ୍ନ ନିଗମ, ବୋଡର୍‌ରେ ଥଇଥାନ ନିମନ୍ତେ ଆଶା ବାନ୍ଧିଥିବା କିଛି ନେତାଙ୍କ ମନୋବାଞ୍ଛା ପୂରଣ ହେବ । ନୂଆ ବର୍ଷରେ ଅସନ୍ତୁଷ୍ଟ ବିଜେପି ନେତାମାନଙ୍କୁ ମିଳିବ ଖୁସି ଖବର । ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏ ସଂକ୍ରାନ୍ତରେ ଆପାତତଃ ଚୂଡ଼ାନ୍ତ ନିଷ୍ପତ୍ତି ହୋଇଛି । ଯଦିଓ ବୈଠକ ସମ୍ପର୍କରେ ଦଳ ପକ୍ଷରୁ କୌଣସି ସୂଚନା ଦିଆଯାଇ ନାହିଁ, ତଥାପି ବୈଠକରେ ଆଗାମୀ ବର୍ଷ ପାଇଁ ସାଙ୍ଗଠନିକ କାର୍ଯ୍ୟକ୍ରମ, ବୋଡର୍ ଓ ନିଗମ ନିଯୁକ୍ତି ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିବା ସୂଚନା ମିଳିଛି ।

**ବିଜେପି କାର୍ଯ୍ୟାଳୟରେ ଗୁରୁତ୍ୱପୂର୍ଣ୍ଣ ବୈଠକ**

ରାଜ୍ୟରେ ବିଜେପି ସରକାରକୁ ଆସିବାର ୧୮ ମାସ ପରେ ୨୩ ଜିଲ୍ଲାରେ ସରକାରୀ ଓକିଲ ନିଯୁକ୍ତି ପ୍ରଦାନ ପ୍ରକ୍ରିୟା ଆରମ୍ଭ ହୋଇଛି । ଖୁବଶୀଘ୍ର ଆଉ ୭ ଜିଲ୍ଲାରେ ଏହି ନିଯୁକ୍ତି ପ୍ରକ୍ରିୟା ସମାପନ ହେବ । ମାତ୍ର ୩୭ ନିଗମ ଏବଂ ବୋର୍ଡ, ୩୦ଟି ଜିଲ୍ଲାରେ ଯୋଜନା ବୋର୍ଡ ଅଧ୍ୟକ୍ଷ, ୨୩ ଜିଲ୍ଲାରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପଦ ପୂରଣ ହୋଇନାହିଁ । ଏପିରିକି ବିଭିନ୍ନ ଏକାଡ଼େମୀରେ ଏଯାବତ୍ ନିଯୁକ୍ତି ପ୍ରକ୍ରିୟା ସମ୍ପନ୍ନହୋଇନାହିଁ । ଯାହାକୁ ନେଇ ବିଜେପି ଛାମୁଆ ନେତାଙ୍କ ମଧ୍ୟରେ ଅସନ୍ତୋଷ ଏବଂ ନିରାଶା ଥିବାବେଳେ ନୂଆବର୍ଷରେ ସେମାନଙ୍କୁ ଖୁସି ଖବର ମିଳିବ ବୋଲି କୁହାଯାଇଛି । ଜାନୁଆରୀରେ ନିଗମ ଓ ବୋର୍ଡ ପଦବୀରେ ନିଯୁକ୍ତି ଦିଆଯିବ ବୋଲି ଦଳର ରାଜ୍ୟ ସଭାପତି ମନମୋହନ ସାମଲ ପରୋକ୍ଷରେ ସୂଚନା ପ୍ରଦାନ କରିଛନ୍ତି । ସେହିପରି ବୈଠକରେ ଆଗାମୀ ଦିନର ସାଂଗଠନିକ କାର୍ଯ୍ୟକ୍ରମ ସମ୍ପର୍କରେ ମଧ୍ୟ ବିସ୍ତୃତ ଆଲୋଚନା ହୋଇଛି । ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନକୁ ଦୃଷ୍ଟିରେ ରଖି ବିଜେପି ନିଜର ସାଂଗଠନିକ ଶକ୍ତି ବୃଦ୍ଧି ଉପରେ ଜୋର୍ ଦେଉଛି । ଏଥିପାଇଁ ଜିଲ୍ଲାରୁ ରାଜ୍ୟସ୍ତର ଯାଏଁ ନିୟମିତ ମିଶ୍ରଣ ପର୍ବ ଜାରି ରଖିବାକୁ ବୈଠକରେ ସବିଶେଷ ଆଲୋଚନା ହୋଇଥିବା ଜଣାପଡ଼ିଛି । ବୈଠକ ସମ୍ପର୍କରେ ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂ ତୋମାର କହିଛନ୍ତି ଯେ ବିଜେପି ନିରନ୍ତର ଭାବେ ନିଜର ସାଂଗଠନିକ କାର୍ଯ୍ୟକ୍ରମ ଜାରି ରଖିଛି । ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ଦଳ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ଅଛି । ରାଜ୍ୟରେ ବିଜେପି ସରକାର ପ୍ରାୟତଃ ନିଜର ସମସ୍ତ ପ୍ରତିଶ୍ରୁତି ପୂରଣ କରି ସାରିଲାଣି । ଆଉ ଯାହା ବାକି ଅଛି ତାକୁ ପୂରଣ କରିବା ପାଇଁ ସରକାର ସଚେତନ ଅଛନ୍ତି ବୋଲି ସେ କହିଛନ୍ତି । ସହ ପ୍ରଭାରୀ ଲତା ଉସେଣ୍ଡି କହିଛନ୍ତି ଯେ ଆଗାମୀ ବର୍ଷରେ ବୁଥ, ମଣ୍ଡଳରୁ ନେଇ ଜିଲ୍ଲାସ୍ତରୀୟ କାର୍ଯ୍ୟକର୍ତ୍ତାଙ୍କୁ ନେଇ ପ୍ରଶିକ୍ଷଣ ଶିବିର ଆୟୋଜିତ ହେବ । ଆଗାମୀ ଦିନରେ ବିଜେପି ଗ୍ରାଉଣ୍ଡକୁ ଯିବା ସହ ଅଧିକରୁ ଅଧିକ ଲୋକଙ୍କୁ ଦଳ ସହିତ ଯୋଡିବା ଦିଗରେ ରଣନୀତି ପ୍ରସ୍ତୁତ କରାଯିବ । ଏହି ବୈଠକରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ଦଳର ୪ ଜଣ ସାଧାରଣ ସମ୍ପାଦକ, ସଂଗଠନ ସମ୍ପାଦକ ମାନସ ମହାନ୍ତି ଏବଂ ଅନ୍ୟ ବରିଷ୍ଠ ନେତା ଉପସ୍ଥିତ ଥିଲେ ।

# ଆଜି ରଥକାଠ ଚିହ୍ନଟ ଅନୁକୂଳ ପୂଜା

- ନୟାଗଡ଼ ଗଲେ ୫ ଜଣିଆ ଟିମ୍
- ଏଥର ଆସିବ ୮୧୮ ଖଣ୍ଡ କାଠ

ପୁରୀ,୨୯।୧୨(ସମିସ): ୨୦୨୬ ରଥଯାତ୍ରା ପାଇଁ ମହାପ୍ରଭୁଙ୍କ ତିନିରଥ ନିର୍ମାଣ ନିମନ୍ତେ ପ୍ରକ୍ରିୟା ଆରମ୍ଭ ହୋଇଛି । ପରମ୍ପରା ଅନୁଯାୟୀ, ନୟାଗଡ଼ ଜିଲ୍ଲା ଗଣିଆର ବଡ଼ରାଉଳ ଠାକୁରାଣୀଙ୍କ ନିକଟରେ ପୂଜାର୍ଚ୍ଚନା ପରେ ରଥ ପାଇଁ କାଠ ଚିହ୍ନଟ ଓ କାଟିବା ଅନୁକୂଳ ହୋଇଥାଏ । ଏଥିଲାଗି ସୋମବାର ଅପରାହ୍ନରେ ଦାରୁବିଗ୍ରହଙ୍କ ଲାଗି ଖଣ୍ଡୁଆ, ମାଳ, ମାହାର୍ଦ୍ଦ, ପତନୀ, ଧୂପ, ଦୀପ ନେଇ ଶ୍ରୀମନ୍ଦିରର ୫ ଜଣିଆ ଟିମ୍ ନୟାଗଡ଼ ଅଭିମୁଖେ ଯାତ୍ରା କରିଛନ୍ତି । ରଥ ତତ୍ତ୍ୱାବଧାରକ ଚିତ୍ରସେନ ମହପାତ୍ରଙ୍କ ନେତୃତ୍ୱରେ ରଥ ଅମିନ ଲକ୍ଷ୍ମଣ ମହାପାତ୍ର, ଭୋଇ ସର୍ଦ୍ଦାର ରବି ଭୋଇ ପ୍ରମୁଖ ନୟାଗଡ଼ ଅଭିମୁଖେ ଯାତ୍ରା କରିଛନ୍ତି । ମଙ୍ଗଳବାର ବଡ଼ରାଉଳ ଠାକୁରାଣୀଙ୍କ ନିକଟରେ ପୂଜାର୍ଚ୍ଚନା ପରେ ରଥ ପାଇଁ କାଠ କଟା ଅନୁକୂଳ ହେବ । ରଥ ସଂହିତା ଅନୁଯାୟୀ, ତିନିରଥ ନିର୍ମାଣ ଲାଗି ମୋଟ ୮୬୫ ଖଣ୍ଡ କାଠ ଆବଶ୍ୟକ ହୋଇଥାଏ । ଗତବର୍ଷ ଆସିଥିବା କାଠ ମଧ୍ୟରୁ ୪୭ ଖଣ୍ଡ ବଳକା ରହିଛି । ବାକି ୮୧୮ ଖଣ୍ଡ କାଠ ଏଥର ଆସିବ । ଏହି କାଠ ମଧ୍ୟରୁ ଖପୁରିଆସ୍ଥିତ କରତ କଳକୁ ୪୦୨ ଖଣ୍ଡ ଏବଂ ରଥଖଳାକୁ ୪୧୬ ଖଣ୍ଡ କାଠ ଆସିବ । ତତ୍ତ୍ୱାବଧାରକ ମହାପାତ୍ର କହିଛନ୍ତି, ରଥ ନିର୍ମାଣ ପାଇଁ ଅସନ, ଧଉରା, ଫାଶି, ଶିମିଳି କାଠ ଆସିଥାଏ । ଏଥର ୮୧୮ ଖଣ୍ଡ କାଠ ଆସିବ । ବସନ୍ତ ପଞ୍ଚମୀ ପୂର୍ବରୁ ୨ ଟ୍ରିପ୍ କାଠ ରଥଖଳାରେ ପହଞ୍ଚିବ । ପରମ୍ପରା ଅନୁଯାୟୀ, ସେଥିମଧ୍ୟରୁ ୧୨ ଫୁଟିଆ ୩ ଖଣ୍ଡ ଧଉରା କାଠ ବସନ୍ତ ପଞ୍ଚମୀ ତିଥିରେ ଅନୁକୂଳ କରାଯିବ । ପବିତ୍ର ଅକ୍ଷୟ ତୃତୀୟାରେ ରଥ ନିର୍ମାଣ ଅନୁକୂଳ କରାଯିବାର ବିଧି ରହିଛି ।

## ସାଧାରଣ ପ୍ରଶାସନର ଚିଠି

# ଜାନୁଆରୀ ୩୧ ତାରିଖ ମଧ୍ୟରେ ଦାଖଲ କର ସମ୍ପତ୍ତି ତାଲିକା

**ପ୍ରଥମ ଶ୍ରେଣୀରୁ ଚତୁର୍ଥ ଶ୍ରେଣୀ କର୍ମଚାରୀ ଦାଖଲ କରିବେ ତାଲିକା**

ଭୁବନେଶ୍ୱର, ୨୯।୧୨(ସମିସ): ପ୍ରଥମରୁ ଚତୁର୍ଥ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ସରକାର କର୍ମଚାରୀ ନିଜ ନିଜର ବାର୍ଷିକ ସମ୍ପତ୍ତି ତାଲିକା ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛି ସାଧାରଣ ପ୍ରଶାସନ ବିଭାଗ । ଆସନ୍ତା ଜାନୁଆରୀ ୩୧ ତାରିଖ ମଧ୍ୟରେ ତାଲିକା ଏଚ୍‌ଆର୍‌ଏମ୍‌ଏସ୍ ପୋର୍ଟାଲରେ ଦାଖଲ କରିବାକୁ ବିଭାଗ ପକ୍ଷରୁ କୁହାଯାଇଛି । ବିଭାଗ ପକ୍ଷରୁ ମଙ୍ଗଳବାର ସବୁ ବିଭାଗର ବିଭାଗୀୟ ମୁଖ୍ୟ, ରାଜ୍ୟର ସମସ୍ତ ଆରଡିସି, ଜିଲ୍ଲାପାଳଙ୍କୁ ଚିଠି ଲେଖି ଏ ସଂପର୍କରେ ଅବଗତ କରାଯାଇଛି ।

ଚିଠିରେ କୁହାଯାଇଛି ଯେ ଓଡ଼ିଶା ସରକାର କର୍ମଚାରୀ ଆଚରଣ (ସଂଶୋଧନ) ନିୟମ, ୨୦୨୧ ଅନୁଯାୟୀ ରାଜ୍ୟ ସରକାରଙ୍କ ଗ୍ରୁପ୍-ଏରୁ ଗ୍ରୁପ୍-ଡି' ପର୍ଯ୍ୟନ୍ତ ସମସ୍ତ ସରକାରୀ କର୍ମଚାରୀ ନିଜନିଜର ସମ୍ପତ୍ତି ବିବରଣୀ (ଉଭୟ ସ୍ଥାବର ଏବଂ ଅସ୍ଥାବର) ପ୍ରତିବର୍ଷ ଜାନୁଆରୀ ୧ତାରିଖରୁ ୩୧ ତାରିଖ ମଧ୍ୟରେ ଦାଖଲ କରିବାର ପ୍ରାବଧାନ ରହିଛି । ୨୦୨୫ ମସିହାର ବାର୍ଷିକ ସମ୍ପତ୍ତି ତାଲିକା ଦାଖଲ ପାଇଁ ସମୟସୀମା ଆସନ୍ତା ଜାନୁଆରୀ ୩୧ ତାରିଖ ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଛି । ତେଣୁ ଏହି ସମୟସୀମା ମଧ୍ୟରେ ସମସ୍ତ ଅଧିକାରୀ ଓ କର୍ମଚାରୀ ଏଚ୍‌ଆର୍‌ଏସ୍‌ଏମ୍ ପୋର୍ଟାଲରେ ଦାଖଲ କରିବାକୁ ବିଭାଗ ପରାମର୍ଶ ଦେଇଛି । ହାର୍ଡକପି ମାଧ୍ୟମରେ ସମ୍ପତ୍ତି ତାଲିକା ଦାଖଲ ସରକାରଙ୍କ ଦ୍ୱାରା ଗ୍ରହଣୀୟ ନୁହେଁ ବୋଲି ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି ।

## ମଦନପୁର ଧାନମଣ୍ଡି ଲୋକାର୍ପଣରେ ବିଧାୟକ ବଦ୍ରିଙ୍କ ଅନୁପସ୍ଥିତି ଚର୍ଚ୍ଚା

ଆନନ୍ଦପୁର, ୨୯।୧୨(ସମିସ): ଘସିପୁରା ନିର୍ବାଚନମଣ୍ଡଳୀର ମଦନପୁରଠାରେ ନୂଆକରି ଆରମ୍ଭ ହୋଇଥିବା ଧାନମଣ୍ଡିର ଖରିଫ ଧାନ ସଂଗ୍ରହ ପାଇଁ ମଣ୍ଡି ପ୍ରତିଷ୍ଠା ଉତ୍ସବକୁ ଉଦଘାଟନ କରିଥିଲେ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର । ମଦନପୁର ଖୋଦ ବିଜେପି ଦଳର ପୂର୍ବତନ ବିଧାୟକ ପ୍ରାର୍ଥୀ ତଥା ଘସିପୁରା ବିଜେପି ନେତା ପୃଥ୍ୱୀରାଜ କୁଅଁରଙ୍କ ନିଜ ଗ୍ରାମ ହୋଇଥିଲା ବେଳେ ମନ୍ତ୍ରୀଙ୍କୁ ସ୍ୱାଗତ କରିବା ପାଇଁ କର୍ମୀ-ନେତା ତତ୍ପର ହୋଇପଡ଼ିଥିଲେ । ସ୍ଥାନୀୟ ବିଧାୟକ ବଦ୍ରିନାରାୟଣ ପାତ୍ରଙ୍କୁ ମଧ୍ୟ ଯୋଗଦାନ କରିବାର ଥିଲା । ତେବେ, ମଦନପୁରଠାରେ ଧାନମଣ୍ଡି କାର୍ଯ୍ୟକ୍ରମରେ ଦେଖିବାକୁ ମିଳି ନଥିଲା । ଅଭିଯୋଗ ହୋଇଛି ଯେ କାର୍ଯ୍ୟକ୍ରମଟିକୁ ସମ୍ପୂର୍ଣ୍ଣ ଭାବେ ବିଜେପି ଦଳର ନେତା ଓ କର୍ମୀମାନେ ଅକ୍ତିଆର କରିଥିଲେ । ଏହି ସଭାକୁ ବିଧାୟକ ଆସୁଥିବା ଜାଣି ହାତଗଣତି ତାଙ୍କର ସମର୍ଥକ ଉପସ୍ଥିତ ଥିଲେ । ସେମାନଙ୍କ ନିରାଶ ହେବାକୁ ପଡ଼ିଥିଲା । ଉପସ୍ଥିତ ଥିବା ବିଜେଡି କର୍ମୀମାନେ ସଭାସ୍ଥଳ ଛାଡ଼ି ପଳାଇଯାଇଥିଲେ । ପରେ ପରେ ବିଧାୟକ ମଧ୍ୟ ଆଉ ଉଦ୍‌ଘାଟନ ଉତ୍ସବକୁ ଆସି ନଥିଲେ । ବିଜେପି ସରକାର ଆସିବା ପରେ ସବୁ ସରକାରୀ କାର୍ଯକ୍ରମରେ ଯୋଗ ଦେଉଥିବାବେଳେ ମଦନପୁର ସରକାରୀ କାର୍ଯ୍ୟକ୍ରମରେ ଯୋଗ ନଦେବା ସମଗ୍ର ଆନନ୍ଦପୁର ଅଞ୍ଚଳରେ ଚର୍ଚ୍ଚାର ଖୋରାକ ଯୋଗାଇଛି । ସ୍ଥାନୀୟ ବିଧାୟକ ଏହି ସରକାରୀ କାର୍ଯ୍ୟକ୍ରମରେ ଅନୁପସ୍ଥିତ ରହିବା ଏବଂ ମଣ୍ଡି ଲୋକାର୍ପଣ କାର୍ଯ୍ୟକ୍ରମକୁ ଦଳୀୟ ସମାବେଶ ଭଳି ସଜାଇବା ଘଟଣାଟି ଚର୍ଚ୍ଚା ପରିସରକୁ ଆସିଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପଞ୍ଚାୟତ କାନ୍ଥରେ...

ଅଭିଯୋଗରେ ସେମାନଙ୍କୁ ନୋଟିସ କରିବାକୁ ବିଭାଗ ଯୋଜନା କରିଛି । ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କହିଛନ୍ତି ଯେ ପ୍ରଥମେ ଚାଷୀମାନଙ୍କୁ ନୋଟିସ ଜାରି କରାଯିବ । ଏହାପରେ ତଦନ୍ତ କରାଯାଇ ଅନିୟମିତତା ପ୍ରମାଣିତ ହେଲେ କଡ଼ା କାର୍ଯ୍ୟାନୁଷ୍ଠାନ କରାଯିବ । ସାଟେଲାଇଟ୍ ସର୍ଭେ ହୋଇଛି, ଏଥିରେ ମଧ୍ୟ କିଛି ଭୁଲ୍ ତଥ୍ୟ ଆସୁଛି । ତେଣୁ କ୍ଷେତ୍ରସ୍ତରରେ ତଦନ୍ତ କରାଯାଉଛି । ଗତ ବର୍ଷ ମଧ୍ୟ ଏଭଳି ହୋଇଥିଲା । ପ୍ରତିବର୍ଷ ସେମାନେ ସରକାରଙ୍କଠାରୁ ଠକି ପଇସା ନେବେ । ତେଣୁ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ହେବ ବୋଲି ମନ୍ତ୍ରୀ କହିଛନ୍ତି । ଅନ୍ୟପଟେ ବିଜେଡି ବିଧାୟକ ସାରଦା ଜେନା ସରକାରଙ୍କ ଏହି ନିଷ୍ପତ୍ତିକୁ ସମାଲୋଚନା କହିଛନ୍ତି । ଶ୍ରୀ ଜେନା କହିଛନ୍ତି, ସରକାର ଚାଷୀଙ୍କ ସହିତ ଖେଳ ଖେଳୁଛନ୍ତି । ସରକାର ଧାନର ଏମ୍‌ଏସ୍‌ପି ବଢ଼ାଇ ଦେଲେ । ହେଲେ ଏହାପରେ ଚାଷୀ କିପରି ଧାନ ବିକ୍ରି କରି ନ ପାରିବେ ସେ ସବୁ ବାଟ କରିଦେଲେ । ଧାନ ପଞ୍ଜିକରଣରେ ଜଟିଳ ପ୍ରକ୍ରିୟା ସହିତ ଧାନ ଉତ୍ପାଦନ ହ୍ରାସ ପାଇଁ ୟୁରିଆ ସଂକଟ ସୃଷ୍ଟି କଲେ । କଟନୀ ଛଟନୀ ପରେ ଏବେ ଚାଷୀଙ୍କୁ ନୋଟିସ୍ ହେଉଛି । କେଉଁ ଚାଷୀଙ୍କର କେତେ ଜମି ଅଛି, ରାଜସ୍ୱ ବିଭାଗ ନିକଟରେ ତଥ୍ୟ ରହିଛି । କୃଷି ବିଭାଗ ସର୍ଭେ କରୁଛି । ଯୋଗାଣ ବିଭାଗ ନିକଟରେ ମଧ୍ୟ ଚାଷ ଜମିର ତଥ୍ୟ ରହିଛି । ଏହି ବିଭାଗଗୁଡ଼ିକ ସବୁ ତଥ୍ୟ ମେଳ କରି ସଠିକ୍ ଭାବେ କାମ ନକରି ଚାଷୀଙ୍କୁ ହଇରାଣ କରିବାକୁ ଏଭଳି ନିଷ୍ପତ୍ତି ନେଉଛନ୍ତି । କେବଳ ଧାନ ନ ନେବାକୁ ବାହାନା କରି ସରକାର ଏହି କାମ କରୁଛନ୍ତି ବୋଲି ଶ୍ରୀ ଜେନା କହିଛନ୍ତି ।

### ସୁପ୍ରିମକୋର୍ଟରେ ଅଟକିଲା...

ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ପୀଡ଼ିତା ଏବଂ ପୀଡ଼ିତା ପରିବାର ସମେତ ଅନେକ ସଂଗଠନ ଦିଲ୍ଲୀ ହାଇକୋର୍ଟ ଆଗରେ ଏହାର ପ୍ରତିବାଦ ଜଣାଇ ଧାରଣା ଦେଇଥିଲେ । ସେଙ୍ଗରଙ୍କ ଜାମିନ ବିରୋଧରେ ସିବିଆଇ ୩ ଦିନ ତଳେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା । ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ଜେକେ ମାହେଶ୍ୱରୀ ଓ ଜଷ୍ଟିସ ଅଗଷ୍ଟିନ ଜର୍ଜ ମସିହଙ୍କ ଖଣ୍ଡପୀଠ ୪୦ ମିନିଟ ଧରି ଉଭୟ ପକ୍ଷର ଯୁକ୍ତି ଶୁଣିଥିଲେ । ହାଇକୋର୍ଟ ଆଦେଶ ଭୁଲ ଥିବା କୋର୍ଟ ହୃଦୟଙ୍ଗମ କରିଥିଲେ । ପ୍ରଧାନ ବିଚାରପତି କହିଥିଲେ ଯେ ଦଣ୍ଡ ସ୍ଥଗିତ ରଖିଥିବା ହାଇକୋର୍ଟ ବିଚାରପତିମାନଙ୍କୁ ଅତ୍ୟନ୍ତ ଉତ୍ତମ ଜଜ୍ ବୋଲି ବିବେଚିନା କରାଯାଏ । କିନ୍ତୁ ଯେ କେହି ବି ଭୁଲ କରିପାରିନ୍ତି । ଏହି ମାମଲାର ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନଗୁଡିକ ବିସ୍ତୃତ ଭାବେ ବିଚାର କରିବା ଆବଶ୍ୟକ । ଏହି ମାମଲାର ସ୍ଥିତି ନିଶ୍ଚିତ ଭାବେ ଭିନ୍ନ । ଏଥିରେ ଅଭିଯୁକ୍ତ ଅନ୍ୟ ମାମଲାରେ ମଧ୍ୟ ଦୋଷୀ ସାବ୍ୟସ୍ତ ହୋଇଛନ୍ତି । ଏହି କାରଣରୁ ଦିଲ୍ଲୀ ହାଇକୋର୍ଟ ଦେଇଥିବା ଆଦେଶ ଉପରେ ରୋକ ଲଗାଯାଉଛି ବୋଲି ସେ କହିଥିଲେ । ଏହାପୂର୍ବରୁ ସଲିସିଟର ଜେନେରାଲ ତୁଷାର ମେହେଟା କହିଥିଲେ ଯେ, ଏହି ମାମଲା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଧାରା-୩୭୬ ଓ ପୋକ୍‌ସୋ ଅନୁସାରେ ଅଭିଯୋଗ ଧାର୍ଯ୍ୟ ହୋଇଛି । ଏହି ମାମଲାରେ ଅଭିଯୁକ୍ତଙ୍କୁ ଅତିକମ୍‌ରେ ୨୦ ବର୍ଷ ଜେଲ ଦଣ୍ଡ କିମ୍ବା ଆଜୀବନ କାରାଦଣ୍ଡ ହୋଇପାରେ ।

ଜଷ୍ଟିସ ସୂର୍ଯ୍ୟକରନ୍ତ କହିଥିଲେ ଯେ ଏହି ମାମଲା ଗମ୍ଭୀର ଆଇନଗତ ପ୍ରଶ୍ନ ଉଠାଉଛି । ପୋକସୋ ଆଇନ ଅନୁଯାୟୀ ଜଣେ ପୁଲିସ କନଷ୍ଟେବଳଙ୍କୁ ଲୋକ ସେବକ ଧରାଯାଏ, କିନ୍ତୁ ବିଧାୟକ ଏବଂ ସାଂସଦଙ୍କ ଭଳି ଜଣେ ନିର୍ବାଚିତ ପ୍ରତିନିଧିଙ୍କୁ ଏହି ପରିସରରୁ ବାହାର କରିଦିଆଯାଉଛି । ଏଭଳି ବିସଙ୍ଗତି ସୁପ୍ରିମକୋର୍ଟଙ୍କୁ ବିଚଳିତ କରୁଛି । ସେହିପରି ଜଷ୍ଟିସ ମାହେଶ୍ୱରୀ ପ୍ରଶ୍ନ ଉଠାଇ କହିଥିଲେ ଯେ ଧାରା ୩୭୬ (୨) ଅନୁଯାୟୀ, ଅଭିଯୁକ୍ତ ଦୋଷୀ କି ନୁହେଁ ବୋଲି ହାଇକୋର୍ଟ ନିଜ ନିର୍ଦ୍ଦେଶରେ କେଉଁଠି ସ୍ପଷ୍ଟ ଭାବେ କହିଛନ୍ତି କି?

ସେପଟେ ସୁପ୍ରିମକୋର୍ଟଙ୍କ ଆଦେଶ ପରେ ପୀଡିତା ସ୍ୱାଗତ ଜଣାଇଛନ୍ତି । ଏହି ନିଷ୍ପତ୍ତିରେ ସେ ଖୁସି ପ୍ରକାଶ କରିଛନ୍ତି । ସୁପ୍ରିମକୋର୍ଟରୁ ମୋତେ ନ୍ୟାୟ ମିଳିବ । ଏହି ସଂଘର୍ଷ ଓ ଲଢ଼େଇକୁ ଜାରି ରଖିବି । ସେଙ୍ଗରକୁ ଫାଶୀରେ ଝୁଲାଇବି, ତାପରେ ଯାଇ ଆମ ପରିବାରକୁ ଶାନ୍ତି ମିଳିବ ବୋଲି ପୀଡ଼ିତା କହିଛନ୍ତି । ସୂଚନାଯୋଗ୍ୟ ଯେ ୨୦୧୭ ଜୁନ୍ ୪ରେ ସେଙ୍ଗାର ପୀଡିତାଙ୍କ ସହ ଦୁଷ୍କର୍ମ କରିଥିଲା ।

### ସାରା ଦେଶରୁ...

ମାନେ ଅନୁପ୍ରବେଶକାରୀଙ୍କୁ ଭୋଟ ବ୍ୟାଙ୍କ ଭାବୁଛନ୍ତି, ସେମାନେ କେବେ ଏପରି କରିପାରିବେ ନାହିଁ । କେନ୍ଦ୍ର ସରକାର ଉଗ୍ରବାଦୀ ସଂଗଠନଗୁଡ଼ିକ ସହ ଶାନ୍ତି ଚୁକ୍ତି ମଧ୍ୟ କରିଛନ୍ତି । ଏଥିରୁ ୯୨ ପ୍ରତିଶତ ସର୍ତ୍ତ ସମ୍ପୂର୍ଣ୍ଣ ହୋଇଯାଇଛି । ଆସାମରେ ଶାନ୍ତି ଏବଂ ବିକାଶ ମଜବୁତ ହୋଇଛି । ଏହି ଅବସରରେ ୨୨୭ କୋଟି ବ୍ୟୟରେ ନିର୍ମିତ ଶ୍ରୀମନ୍ତ ଶଙ୍କରଦେବ ଆବିର୍ଭାବ କ୍ଷେତ୍ର ଉଦ୍‌ଘାଟନ କରିଛନ୍ତି । ଏହା ଆସାମ ମହାନ ବୈଷ୍ଣବ ସନ୍ଥ ଶ୍ରୀମନ୍ତ ଶଙ୍କରଦେବଙ୍କ ଜନ୍ମଭୂମି । ଏହି ସ୍ଥାନ ଆସାମର ସାଂସ୍କୃତିକ ଏକତା ଏବଂ ଆଧ୍ୟାତ୍ମିକ ପରମ୍ପରାର ପ୍ରତୀକ । ଏହି ପ୍ରକଳ୍ପ ପର୍ଯ୍ୟଟନ ଏବଂ ସଂସ୍କୃତିକୁ ପ୍ରୋତ୍ସାହନ ଦେବ ବୋଲି ଶାହା କହିଛନ୍ତି । କେନ୍ଦ୍ର ସରକାରଙ୍କ ପ୍ରୟାସରେ ଆସାମରେ ଶାନ୍ତି, ବିକାଶ ଏବଂ ସାଂସ୍କୃତିକ ସଂରକ୍ଷଣ ହେବ ।

### ସିବିଆଇର ପ୍ରଥମ...

ଏମାନଙ୍କ ବ୍ୟତୀତ ଚାର୍ଜସିଟ୍‌ରେ ସୌମ୍ୟ ପ୍ରିୟଦର୍ଶିନୀ, ରିଙ୍କୁ ମହାରଣା, ବିରଞ୍ଚି ନାୟକ, ନିତିଶ କୁମାରଙ୍କ ନାମ ରହିଛି ।

ଚାର୍ଜସିଟରେ ଶଙ୍କର ପୃଷ୍ଟି ଏହି ସ୍କାମ୍‌ର ମାଷ୍ଟର ମାଇଣ୍ଡ ବୋଲି ସିବିଆଇ ଉଲ୍ଲେଖ କରିଛି । ସେ ଉପରସ୍ତରରେ ବହୁ ଲୋକଙ୍କ ସହ ଯୋଗାଯୋଗରେ ରହିଥିଲେ । ସେ ତାଙ୍କ କମ୍ପାନୀ ପଞ୍ଚସପ୍ତ ଟେକ୍ ପ୍ରା.ଲିଃ ଏବଂ କେଦାରନାଥ ଟେକ୍‌ନୋଲୋଜିକୁ ଏକାଧିକ ପରୀକ୍ଷା ପରିଚାଳନାରେ ନିୟୋଜିତ କରିଥିଲେ । ଶଙ୍କରଙ୍କ ଘନିଷ୍ଠ ସହଯୋଗୀ ମୁନ୍ନା ମହାନ୍ତି ପରୀକ୍ଷାର୍ଥୀଙ୍କୁ ଚୟନ କରିଥିଲେ । ଏହାପରେ ପରୀକ୍ଷାର୍ଥୀଙ୍କୁ ପ୍ରଶିକ୍ଷଣ ପାଇଁ ଆନ୍ଧ୍ରପ୍ରଦେଶ ନେଇ ଯାଇଥିଲେ । ତେବେ ଆନ୍ଧ୍ର ପ୍ରଦେଶରେ ୧୧୪ ଜଣ ପରୀକ୍ଷାର୍ଥୀ ଧରାପଡ଼ିବା ସହ ୬ଜଣ ମଧ୍ୟସ୍ଥ ଗିରଫ ହେବା ପରେ ଘଟଣା ସାମ୍ନାକୁ ଆସିଥିଲା । ଏହି ମାମଲାରେ ଆହୁରି ଅଧିକ ଲୋକଙ୍କ ସମ୍ପୃକ୍ତି ରହିଛି ବୋଲି ସିବିଆଇ ପକ୍ଷରୁ କୁହାଯାଇଛି । ତେବେ କ୍ରାଇମବ୍ରାଞ୍ଚ ଗିରଫ କରିଥିବା ୧୧୪ ପରୀକ୍ଷାର୍ଥୀଙ୍କ ନାମ ସିବିଆଇ ଚାର୍ଜସିଟ୍‌ରୁ ବାଦ ଦେଇଛି ।

### ୧୦ ଡିଗ୍ରୀ ତଳେ...

ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ଶୀତ ସାଙ୍ଗକୁ ଘନ କୁହୁଡ଼ି ସ୍ଥିତି ଜାରି ରହିବ । ମୁଖ୍ୟତଃ ଅନୁଗୋଳ ଓ ଝାରସୁଗୁଡ଼ାରେ ଅଧିକ ଶୀତ ସହ ଏଠାରେ ଶୀତ ଲହରୀ ସ୍ଥିତି ସୃଷ୍ଟି ହେବ । ସେହିପରି ସୁନ୍ଦରଗଡ଼, କନ୍ଧମାଳ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଭଦ୍ରକ, ଓ ବାଲେଶ୍ୱର ଆଦିରେ ଘନକୁହୁଡ଼ି ହେବ ବୋଲି କେନ୍ଦ୍ର କହିଛି । ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରିଛି । ରାଜ୍ୟର ବାକି ଜିଲ୍ଲାଗୁଡ଼ିକରେ ସ୍ୱଳ୍ପରୁ ମଧ୍ୟମଧରଣର କୁହୁଡ଼ି ହେବ ବୋଲି କେନ୍ଦ୍ର ଆକଳନ କରିଛି । ଆସନ୍ତା ୨୪ଘଣ୍ଟା ପର୍ଯ୍ୟନ୍ତ ଏଭଳି ଶୀତ ଜାରି ରହିବା ସହ ଏହା ପରେ ଶୀତର ପ୍ରଭାବରେ ସାମାନ୍ୟ ହ୍ରାସ ଘଟିବାର ସମ୍ଭାବନା ରହିଛି । ତାପମାତ୍ରାରେ ୨-୩ଡିଗ୍ରୀ ବୃଦ୍ଧି ହେବାକୁ ଥିବାରୁ ନୂଆ ବର୍ଷରେ ବର୍ତ୍ତମାନ ତୁଳନାରେ ଶୀତର ପ୍ରଭାବ କମିବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି ।

### ସାଙ୍ଗର ପ୍ରେମିକା...

ନେଇଥିଲା । ତିନିଜଣଯାକ ବିବାହିତ । ଜେମାମଣିଙ୍କ ଦୁଇଟି ପିଲା ଏବଂ ରାମଚନ୍ଦ୍ରର ମଧ୍ୟ ଗୋଟିଏ ସନ୍ତାନ ରହିଛି । କିନ୍ତୁ ଜେମାମଣି ଏବଂ ରାମଚନ୍ଦ୍ରଙ୍କ ମଧ୍ୟରେ ଦୀର୍ଘଦିନ ଧରି ପରକୀୟା ପ୍ରୀତି ରହିଥିଲା । ଜେମାମଣିଙ୍କୁ ସେମାନେ ବାଲେଶ୍ୱର ବସ୍‌ଷ୍ଟାଣ୍ଡରେ ଛାଡ଼ି ଦୁହେଁ ହୋଟେଲ ସୂରଜରେ ଏକ ରୁମ୍ ବୁକ୍ କରିଥିଲେ । ପରେ ଜେମାମଣି ତାଙ୍କ ରୁମ୍‌କୁ ଆସିଥିଲେ । ଆକାଶ ଓ ରାମଚନ୍ଦ୍ର ବାଟରେ ମଦ ପିଇଥିବାରୁ ଦୁହିଁଙ୍କ କଥାବାର୍ତ୍ତା, ଚାଲିଚଳନ ବଦଳି ଯାଇଥିଲା । ତେବେ ବଜାରରୁ ଆହୁରି ମଦ ଓ ଅନ୍ୟାନ୍ୟ ସାମଗ୍ରୀ ଆଣିବା ପାଇଁ ଆକାଶଙ୍କୁ ରାମଚନ୍ଦ୍ର ପଠାଇଥିଲା । ଆକାଶ ରୁମ୍‌କୁ ଫେରିବା ବେଳେ ଜେମାମଣିଙ୍କ ସହ ରାମଚନ୍ଦ୍ର ଅସଯତ ଅବସ୍ଥାରେ ଥିବା ଦେଖି ତା' ମୁଣ୍ଡକୁ ପିତ୍ତ ଚଢ଼ି ଯାଇଥିଲା । ଏହାକୁ ନେଇ ଦୁଇ ସାଙ୍ଗଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା । ପରେ ଏହା ଉଗ୍ରରୂପ ନେଇଥିଲା । ରାମଚନ୍ଦ୍ର ଆକାଶକୁ ଧକ୍କା ଦେବା ସହ ତା' ବେକକୁ ଚାପି ଧରି ଖଟ ଉପରେ ପକାଇ ଦେଇଥିଲେ । ପରେ ସେ ପିନ୍ଧିଥିବା ସାର୍ଟକୁ ଚିରି ବେକରେ ଜୋରରେ ଭିଡ଼ି ଧରିଥିଲେ । ଏହି ସମୟରେ ଜେମାମଣି ମଧ୍ୟ ଆକାଶର ଗୋଡ଼କୁ ଚାପି ଧରିଥିଲେ । ଏଥିରେ ଆକାଶର ମୃତ୍ୟୁ ହୋଇଯାଇଥିଲା । ଘଟଣା ପରଦିନ ଅର୍ଥାତ୍ ୨୬ତାରିଖ ଭୋର୍‌ରେ ଜେମାମଣି ହୋଟେଲର ପଛପଟ ଦେଇ ଫେରାର୍ ହୋଇଯାଇଥିଲେ । ରାମଚନ୍ଦ୍ରର ନିଶା ଭାଙ୍ଗିବା ପରେ ସେ ମଧ୍ୟ ଫେରାର୍ ହୋଇଯାଇଥିଲେ । ତେବେ ଉକ୍ତ ରୁମ୍‌ରୁ ଦୁର୍ଗନ୍ଧ ଆସିବାରୁ ହୋଟେଲ କର୍ମଚାରୀଙ୍କ ସୂଚନା ଆଧାରରେ ପୁଲିସ ୨୭ ତାରିଖ ଦିନ ରୁମ୍ ଖୋଲି ଆକାଶଙ୍କ ଶବ ଜବତ କରିଥିଲା । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସହଦେବଖୁଣ୍ଟା ଥାନା ଅଧିକାରୀ ବିରଞ୍ଚି ସାହୁ ଏବଂ ଏଏସଆଇ ଅଭିଷେକ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ ।


**AFFIDAVIT**

By virtue of an affidavit sworn before the Executive Magistrate, Rayagada, no. 112, dated. 29.12.2025, I TULASI KHILLO, D/o - Situ Hantal, W/o - Diudu Khillo, resident of Vill - Jogibari, PO / PS - Padwa, Dist - Koraput, Odisha, Pin - 764038, declare that KAMALA KHILA and TULASI KHILLO is one and same person. Henceforth I shall be known as TULASI KHILLO for all purposes.

## ମେସେଜ ଯୁଗରେ ଅଲୋଡ଼ା ଶୁଭେଚ୍ଛା କାର୍ଡ

# ମାଧ୍ୟମ ସାଜିଛି ସାମାଜିକ ଗଣମାଧ୍ୟମ

ରାଇରଙ୍ଗପୁର, ୨୯।୧୨ (ସମିସ): ଆଉ ଗୋଟିଏ ଦିନ ପରେ ସରିଯିବ ଚଳିତ ବର୍ଷ। ନୂତନ ବର୍ଷ ଆରମ୍ଭ ସହ ନୂଆ ଆଉଏକ ବର୍ଷରେ ଆମେ ପାଦ ଥାପିବା। ତେବେ ଆମେ ଯେତେ ନୂଆବର୍ଷକୁ ଯାଉଛୁ ଆମର ପୁରୁଣା ମାଧ୍ୟମ ଧୀରେ ଧୀରେ ଅପସରି ଯାଉଛି। ଯେମିତି କି ନୂତନ ବର୍ଷକୁ ସ୍ୱାଗତ ଜଣାଇ ଶୁଭେଚ୍ଛା ଜଣାଇବାର ତରିକା ବର୍ତ୍ତମାନ ଆଧୁନିକ ସମାଜକୁ ତାଳ ଦେଇ ବଦଳି ଗଲାଣି। ନୂଆବର୍ଷରେ ନିଜର ବନ୍ଧୁ ପ୍ରିୟଜନ, ସହକର୍ମୀ ଓ ସମ୍ପର୍କୀୟଙ୍କୁ ଶୁଭେଚ୍ଛା କାର୍ଡ (ଗ୍ରିଟିଂସ) ମାଧ୍ୟମରେ ସକାରାତ୍ମକ ବାର୍ତ୍ତା ଦେଇ ଶୁଭେଚ୍ଛା ଜଣାଇଥାଉ। କିନ୍ତୁ କାଳକ୍ରମେ ତାହା ଆମ ସମାଜରୁ ହଜିଗଲାଣି। ଗ୍ରିଟିଂସ କାର୍ଡ ନୂଆବର୍ଷ ଆଗମନର ପ୍ରାକ ସୂଚନା ଦେଉଥିଲା। ଯାହାକୁ ନେଇ ନୂଆବର୍ଷ ଆସିବା ସପ୍ତାହ ଅବା ଦୁଇ ସପ୍ତାହ ପୂର୍ବରୁ ଗ୍ରିଟିଂସ କାର୍ଡ ଦୋକାନ ରାଇରଙ୍ଗପୁର ସହରରେ ଖୋଲିବା ସହ ନୂଆବର୍ଷ ଆଗମନର ସୂଚନା ଦେଉଥିଲେ। ଏବେ ସମୟ ବଦଳିଯାଇଛି। ନବବର୍ଷର ଶୁଭେଚ୍ଛା ଜଣାଇବା ଗ୍ରିଟିଂସ କାର୍ଡ ରାଇରଙ୍ଗପୁରରେ ଆଉ ଦେଖିବାକୁ ମିଳୁନାହିଁ। ଗ୍ରିଟିଂସ କାର୍ଡ ଅଲୋଡ଼ା ହୋଇ ପଡ଼ିଥିବାବେଳେ ଉକ୍ତ ସ୍ଥାନ ନେଇଛି ସୋସିଆଲ ମିଡ଼ିଆ।

କିଛିବର୍ଷ ହେବ ରାଇରଙ୍ଗପୁରରେ ଗ୍ରିଟିଂସ କାର୍ଡ ଦୋକାନ ଦେଖିବାକୁ ମିଳୁନାହିଁ। ପୂର୍ବରୁ ସହରର ଅଧିକାଂଶ ସ୍ଥାନ ତଥା ପ୍ରମୁଖ ଛକରେ ସ୍ୱତନ୍ତ୍ର ଭାବେ ଷ୍ଟଲ୍




ପକାଇ ଗ୍ରିଟିଂସ କାର୍ଡ ଦୋକାନର ପସରା ଦେଖିବାକୁ ମିଳୁଥିଲା। କୋଲକାତାରୁ ଗ୍ରାହକଙ୍କ ଚାହିଦା ଅନୁଯାୟୀ ଭଳି କି ଭଳି ଡିଜାଇନର ଗ୍ରିଟିଂସ କାର୍ଡ ଆମଦାନୀ ହୋଇ ରାଇରଙ୍ଗପୁର ସହରରେ ବିକ୍ରି ହେଉଥିଲା। ୧୦ ଟଙ୍କାରୁ ଆରମ୍ଭ କରି ୫୦୦ ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟ ପର୍ଯ୍ୟନ୍ତ ଗ୍ରିଟିଂସ କାର୍ଡ ବିକ୍ରି ହେଉଥିଲା। ଶୁଭେଚ୍ଛା ଜଣାଇବା ପାଇଁ ତାହାର ମଧ୍ୟ ଗ୍ରାହକଙ୍କ ମଧ୍ୟରେ ବେଶ୍ ଆଦର ରହିଥିଲା। କିନ୍ତୁ କାଳକ୍ରମେ ତାହା ସ୍ମୃତି ପାଲଟିଯାଇଛି। ବର୍ଷ ବର୍ଷ ଧରି ରାଇରଙ୍ଗପୁର ସହରରେ କ୍ରେଜ ସୃଷ୍ଟି କରିଥିବା ଗ୍ରିଟିଂସ କାର୍ଡ ଆଜିର ମେସେଜ ଯୁଗରେ ଉଭାନ ହୋଇଯାଇଛି। ଲୋକଙ୍କ ଚାହିଦା କମିବା ସହ ବେପାରରେ ମୁନାଫା ନ ହେବାରୁ ଗ୍ରିଟିଂସ କାର୍ଡ ବେପାର ମଧ୍ୟ ବନ୍ଦ ହୋଇଯାଇଛି। ନୂତନ ବର୍ଷକୁ ସ୍ୱାଗତ ଜଣାଇ ଶୋଭା ପାଉଥିବା ମାଳ ମାଳ ଗ୍ରିଟିଂସ କାର୍ଡ ଦୋକାନ କରିବାକୁ ଆଉ କେହି ବେପାରୀ ମନ ବଳାଉନାହାଁନ୍ତି। ଯାହାକୁ ନେଇ ବର୍ତ୍ତମାନ ସମୟରେ ଗ୍ରିଟିଂସ କାର୍ଡ ସମ୍ପୂର୍ଣ୍ଣ ଭାବେ ବଜାରରୁ ଅପସରି ଯାଇ ଅନଲାଇନ ମେସେଜର ତାହାର ସ୍ଥାନ ଅଧିଗ୍ରହଣ କରିଛି।

ଦିନେ ଗ୍ରୀଟିଙ୍ଗ୍ କାର୍ଡରେ ଥିଲା ସମ୍ପର୍କର ଭାବାବେଗ। ଦୂରରେ ରହୁଥିବା ସମ୍ପର୍କୀୟଙ୍କ ଭାବାବେଗକୁ ମଜଭୁତ କରିବାରେ ଚିଠି ଭଳି ଗ୍ରୀଟିଂସ କାର୍ଡର ପ୍ରମୁଖ ଭୂମିକା ରହିଥିଲା। ନୂଆବର୍ଷର ଗ୍ରୀଟିଙ୍ଗ୍ କାର୍ଡରେ ବିଭିନ୍ନ ଫକ୍ତି ଲେଖି ପ୍ରିୟଜନଙ୍କୁ ଜଣାଉଥିବା ଶୁଭେଚ୍ଛା ଆଧୁନିକ ସମାଜରେ ମୋବାଇଲ୍ ଭିଡ଼ରେ କେବଳ ସ୍ମୃତି ହୋଇ ରହିଯାଇଛି। କାର୍ଡରେ ହିନ୍ଦୀ, ଓଡ଼ିଆ ଚଳଚ୍ଚିତ୍ର ଅଭିନେତା ଅଭିନେତ୍ରୀଙ୍କ ଫଟୋ ସମସ୍ତଙ୍କର ପ୍ରଥମ ପସନ୍ଦ ପାଲଟିଥିଲା। କାର୍ଡ ପଛପଟେ କିଏ ହାସ୍ୟାତ୍ମକ ଫକ୍ତି ଲେଖୁଥିଲା ତ ଆଉ କେହି ଦୂରରେ ଥାଇ ନିଜ ବନ୍ଧୁଙ୍କୁ ମନେପକାଇ ଭାବାବେଗ ପ୍ରକାଶ କରୁଥିଲା। ସିନେରୀ, ସୁନ୍ଦର ଘର, ପ୍ରାକୃତିକ ପରିବେଶ ମଧ୍ୟ ବେଶ୍ ଆକର୍ଷଣୀୟ ଥିଲା। ଏହି ଅନୁଭୂତି କେବଳ ୯୦ ଦଶକର ଲୋକଙ୍କ ମନରେ ଛବି ହୋଇରହିଯାଇଛି। ବର୍ଷ ପରେ ବର୍ଷ ବିତି ଚାଲିଛି, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଉନ୍ନତି ଘଟିଛି। ହେଲେ ଦିନକୁ ଦିନ ଅତୀତର ଅଭୁଲା ଅନୁଭୂତି ହଜିଯାଉଛି। ନୂଆବର୍ଷ ଆସିଲେ ଗ୍ରୀଟିଙ୍ଗ୍ କାର୍ଡ ଅନୁଭୂତି ପୁଣି ସତେଜ ହୋଇପଡ଼େ। ଧୀରେ ଧୀରେ ଯୁବପିଢ଼ି ଆଧୁନିକତାର ଟ୍ରେଣ୍ଡ ଆପଣେଇ ଥିବାବେଳେ ଅପସରି ଗଲା ପୁରୁଣା ଜମାନା। କାରଣ ଆଜିକାଲି ପିଲାଙ୍କଠାରୁ ଆରମ୍ଭ କରି ବୟସ୍କ ପର୍ଯ୍ୟନ୍ତ ସମସ୍ତଙ୍କ ହାତରେ ମୋବାଇଲ୍ ଫୋନ। ଫଳରେ ଗ୍ରିଟିଙ୍ଗ୍ କାର୍ଡର ଯୁଗକୁ ଶେଷ କରି ଏ ସ୍ଥାନକୁ ସାମାଜିକ ଗଣମାଧ୍ୟମ ଏବେ ମାଡ଼ିବସିଛି। ତେବେ ଆଜିବି ଗ୍ରିଟିଙ୍ଗ୍ କାର୍ଡ ସ୍ମୃତିରେ ରହିଛି।

## ଦେଉଳି ଲ୍ୟାମ୍ପସରେ ଧାନମଣ୍ଡି ଉଦ୍ଘାଟିତ



ଶୁଳିଆପଦା, ୨୯।୧୨(ସମିସ): ଆଜି ଦେଉଳି ଲ୍ୟାମ୍ପସ ପକ୍ଷରୁ ଦେଉଳି ପିପିସି ପ୍ରାଙ୍ଗଣରେ ଧାନ ସଂଗ୍ରହ କେନ୍ଦ୍ର ଉଦ୍ଘାଟିତ ହୋଇଛି। ଉଦ୍ଘାଟନୀ ଅବସରରେ କୋଅପରେଟିଭ ସୋସାଇଟ୍ ଓଡ଼ିଶାର ରେଜିଷ୍ଟ୍ରାର ଦମୟନ୍ତୀ ସିଂହ, ମୟୂରଭଞ୍ଜ ଡିଆରସିଏସ ଅଶୋକ ପାଣି, ସିନିୟର ଏଆରସିଏସ ତୁଷାରକାନ୍ତି ମହାନ୍ତି, ଶୁଳିଆପଦା ତହସିଲଦାର ନାରାୟଣ ହେମ୍ବ୍ରମ, ବାରିପଦା ଏଆରସିଏସ ସଚିବ ବିଜୟ ହେମ୍ବ୍ରମ, ମଣ୍ଡି ନୋଡାଲ ଅଫିସର ଉତ୍ତମ ପାତ୍ର, ଦେଉଳି ଲ୍ୟାମ୍ପସ ପରିଚାଳନା ପରିଷଦ ଓ ଦେଉଳି ଧାନ କ୍ରୟ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଚାଷୀଙ୍କୁ ଏଫ୍ଏକ୍ୟୁ ମାନର ଧାନ ଆଣିବାକୁ ଧାନ ଦେବାକୁ ପରାମର୍ଶ ଦେଇଥିଲେ। ଏହି ଧାନମଣ୍ଡି ଉଦ୍ଘାଟନ ଦ୍ୱାରା ପଞ୍ଜିକୃତ ଚାଷୀ ନିଜ ଉତ୍ପାଦିତ ଧାନକୁ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ସରକାରୀ ଦରରେ ବିକ୍ରୟ କରିପାରିବେ। ଶୁଳିଆପଦା ବ୍ଲକର ୯ଟି ପଞ୍ଚାୟତରୁ ୧୫୩୩ ଜଣ ଚାଷୀଙ୍କ ନାମ ପଞ୍ଜୀକରଣ କରାଯାଇଥିବା ଲ୍ୟାମ୍ପସ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## ପୁରାତନ ଛାତ୍ରଛାତ୍ରୀଙ୍କ ସମ୍ମିଳନୀ



ବାରିପଦା, ୨୯।୧୨(ସମିସ): ସ୍ଥାନୀୟ ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ୧୯୭୩ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା, ରାଜ୍ୟ ଓ ରାଜ୍ୟ ବାହାରୁ ୧୦୦ରୁ ଅଧିକ ବନ୍ଧୁ ଓ ବାନ୍ଧବୀ ଯୋଗଦେଇଥିବା ଆୟୋଜକ ତଥା ସମ୍ପାଦକ କ୍ଷୀରୋଦ ବିହାରୀ ସିଂ ସୂଚନା ଦେଇଛନ୍ତି। ସେମାନଙ୍କ ମଧ୍ୟରେ ଦେବବ୍ରତ ସ୍ୱାଇଁ, ଯଶୋବନ୍ତ ଷଡ଼ଙ୍ଗୀ, ଶୈଳେନ୍ଦ୍ର ନନ୍ଦ, ଅଶୋକ ବଶା, କିଶୋର ବଶା, ବିଜୟ ଷଡ଼ଙ୍ଗୀ, ଅସିତ ରଥ, ବିଜନ ବାଘମହାପାତ୍ର, ସୌମେନ୍ଦ୍ର ପଟ୍ଟନାୟକ, କାଶୀନାଥ ବେହେରା, ଜଗନ୍ନାଥ ମହାନ୍ତି, ଅଜିନ ପାତ୍ର, ସଂଯୁକ୍ତା ମିଶ୍ର ଓ ଲକ୍ଷ୍ମୀପ୍ରିୟା ବେହେରା ସାମିଲ ଥିଲେ। ପ୍ରଥମେ ଦିବଂଗତ ବନ୍ଧୁଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯାଇଥିଲା। ଅନାଦୀ ସିଂହଙ୍କ ରଚିତ କବିତା ସଙ୍କଳନ 'ଦେସ୍ତୀର ଡାକେ ହାତ ଠାରି' ବହିର ଲୋକାର୍ପିତ ହୋଇଥିଲା। ପରେ ଶ୍ରୀକାନ୍ତ ମିଶ୍ରଙ୍କ ରଚିତ ପୁସ୍ତକ 'କିଚକବଧରା'ର ଦ୍ୱିତୀୟ ସଂସ୍କରଣ ବିତରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଚିନ୍ମୟ ପଟ୍ଟନାୟକ, ରଜତ ମହାନ୍ତି, ରବି ବ୍ୟାପଟ୍ଟନାୟକ, କୃଷ୍ଣ ଦାସ, ଅଶୋକ ମହାନ୍ତି, କମଳଲୋଚନ ଗିରି, ଅରୁଣାଂଶୁ ଦାଶ, ବିଜୟ ସିଂହ, ଶୁଭେନ୍ଦୁ ପାଲ, ସତ୍ୟବାନ ସେଠୀ ଓ ବୈଦ୍ୟନାଥ ରଥ ପରିଚାଳନା କରିଥିଲେ।

## ଜିରୋ ନାଇଟ ପାଇଁ ପୁଲିସ କଟକଣା

ରାଇରଙ୍ଗପୁର, ୨୯।୧୨(ସମିସ): ରାଇରଙ୍ଗପୁର ସହରରେ ଜିରୋ ନାଇଟ ପାଇଁ ପୁଲିସ ପ୍ରଶାସନ ପକ୍ଷରୁ କଟକଣା ଜାରି କରାଯାଇଛି। ପୁଲିସ ପକ୍ଷରୁ ଆଇନ୍ ଶୃଙ୍ଖଳା ପରିସ୍ଥିତିକୁ ଗୁରୁତ୍ୱ ଦିଆଯାଇଛି। ଜିରୋ ନାଇଟରେ ମଦପିଇ ଉତ୍ପାତ କଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ରାଇରଙ୍ଗପୁର ସମେତ ଉପଖଣ୍ଡର ବିଭିନ୍ନ ସ୍ଥାନରେ ପୁଲିସ ମୁତୟନ କରାଯିବ। ମଦ୍ୟପ ଓ ଦୁର୍ବୃତ୍ତଙ୍କ ଉପଦ୍ରବକୁ ରୋକିବା ପାଇଁ ପାଟ୍ରୋଲିଂକୁ ରାତିତମାମ ଜୋରଦାର କରାଯିବ। ଏଥିସହିତ ମହୁଆ ଧରପଗଡ଼ ମଧ୍ୟ ହେବ। ଜିରୋ ନାଇଟକୁ ସୁରୁଖୁରୁରେ ପାଳନ କରିବା ପାଇଁ ପୁଲିସ ପ୍ରଶାସନ ସ୍ୱତନ୍ତ୍ର ବ୍ୟବସ୍ଥା କରିଛି। ସୁରକ୍ଷା ନିମନ୍ତେ ପ୍ରାୟ ୧ ପ୍ଲାଟୁନ ପୁଲିସ ଫୋର୍ସ ସମେତ ଇନ୍ସପେକ୍ଟର, ସବଇନ୍ସପେକ୍ଟର, ଏଏସଆଇ, ରିଜର୍ଭ ପୁଲିସ ଆଦି ନିୟୋଜିତ ହେବେ ବୋଲି ସୂଚନା ମିଳିଛି।

● ସଚ୍ଚିଦାନନ୍ଦ ଗୁରୁକୁଳର ବାର୍ଷିକ ଉତ୍ସବ

## 'ସଂସ୍କାରିତ ବିଦ୍ୟାର୍ଥୀ ସମାଜରେ ଦାୟିତ୍ୱବାନ ନାଗରିକ ଭାବେ ସ୍ଥାନ ପାଇଥାଏ'

ବାରିପଦା, ୨୯ ।୧୨(ସମିସ):ସନାତନ ଧର୍ମ ଅନୁସାରେ ମନୁଷ୍ୟ ଜୀବନରେ ୧୬ଟି ସଂସ୍କାରରେ ସଂସ୍କାରିତ ହେବା ଉଚିତ। ତନ୍ମଧ୍ୟରୁ ୧୧ତମ ସଂସ୍କାରଟି ବିଦ୍ୟାର୍ଥୀ ପାଇଁ ଆବଶ୍ୟକ। ବିଦ୍ୟାରମ୍ଭ ସଂସ୍କାରିତ ପିଲାଟି ନୂତନ ଜ୍ଞାନ ଓ ଶୃଙ୍ଖଳାର ପଥରେ ଆଗେଇଥାଏ ଓ ତା'ର ଭବିଷ୍ୟତ ଉଜ୍ଜ୍ୱଳ ହୋଇଥାଏ ଏବଂ ଗୁରୁ ଓ ବିଦ୍ୟା ପ୍ରତି ସମ୍ମାନ ଭାବ ସୃଷ୍ଟି କରିଥାଏ। ତେଣୁ ସ୍ଥାନୀୟ ମୁର୍ଗାବାଡିସ୍ଥ ସଚ୍ଚିଦାନନ୍ଦ ଗୁରୁକୁଳର ବାର୍ଷିକ ଉତ୍ସବରେ ପଞ୍ଚକୁଣ୍ଡିୟ ଗାୟତ୍ରୀ ଯଜ୍ଞ ସହିତ ବିଦ୍ୟାରମ୍ଭ ସଂସ୍କାର ମହୋତ୍ସବ ପାଳିତ ହୋଇଯାଇଛି।

ଅଧ୍ୟକ୍ଷ ଅଜିତ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଚିନ୍ମୟ ମିଶନ ପରିବାରର ସଦସ୍ୟଙ୍କ ଉପସ୍ଥିତିରେ ହରିଦ୍ୱାରସ୍ଥ ଦେବ ସଂସ୍କୃତି ବିଶ୍ୱବିଦ୍ୟାଳୟର ଅଧିରତା ଦେବକନ୍ୟା ପଲକ ପ୍ରସାଦ, ସଜଲ୍ ପଟେଲ ଓ ସାକ୍ଷି ସଙ୍ଖେଡେଙ୍କ ସମେତ ଗାୟତ୍ରୀ ପରିବାରର ଜିଲ୍ଲା ସଂଯୋଜକ ରସାନନ୍ଦ ବଳ, ସଂଗଠକ ଗଗନ ବିହାରୀ ବେହେରା, ଅମୂଲ୍ୟ ପରିଡ଼ା, ଯୁବ ସଂଯୋଜକ ବାଙ୍କବିହାରୀ ସିଂ ଗାୟତ୍ରୀ ଯଜ୍ଞ ସହିତ ବିଦ୍ୟାରମ୍ଭ ସଂସ୍କାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସାଇ ସଙ୍ଗମ ଗିରି, ଜିଦାନ ମୁର୍ମୁ ଓ ହରପ୍ରିୟା ମହାର୍ନାଙ୍କୁ ଶ୍ରେଷ୍ଠ ସେବକ ସମ୍ମାନ, ୱାଟରଲିଲି ମୁର୍ମୁ, ରଶ୍ମିତା ପ୍ରଧାନ, ସ୍ମୃତି ମହାକୁଡ, ହିମାଂଶୁ ନାୟକଙ୍କୁ ଶ୍ରେଷ୍ଠ ବିଦ୍ୟାର୍ଥୀ, ସୁନ୍ଦର ସିଂ ଓ ରଘୁନାଥ ନାୟକ, ଭାରତୀ ମହାନାୟକ ଓ କାଜଲ ଷଣ୍ଢେ, ଦୀପକ ମିଶ୍ର, ସତ୍ୟଜିତ ପଟ୍ଟନାୟକଙ୍କୁ ଶ୍ରେଷ୍ଠ ଅଭିଭାବକ, ଗୌରାଙ୍ଗ ଧୀର ଓ ଦେବୀ ଦର୍ଶିନୀ ବେହେରାଙ୍କୁ ଶ୍ରେଷ୍ଠ ଶିକ୍ଷକ ଭାବେ ସମ୍ମାନିତ କରାଯାଇଥିଲା। ଗୁରୁକୁଳର ଆଇମା ସ୍ନେହଲତା ବେହେରା, ଟ୍ରଷ୍ଟି ଉର୍ମିଳା ବେହେରା, ବିରଞ୍ଚି ନାରାୟଣ ବେହେରା ଓ ସବ୍ୟସଚୀ ପଲେଇ, ବିଷ୍ଣୁପଦ ଡୋରା, ଅବସରପ୍ରାପ୍ତ ସିଆରପିଏଫ୍ କମାଣ୍ଡର ରଖାଲ ଚନ୍ଦ୍ର ବାରା, କ୍ଷୀରୋଦ ମହାପାତ୍ର ବାର୍ଷିକ ଉତ୍ସବ ପରିଚାଳନା କରିଥିଲେ। ବିଭିନ୍ନ କ୍ଷେତ୍ରରେ ସଫଳତା ପାଇଥିବା ଛାତ୍ରଛାତ୍ରୀଙ୍କୁ ପୂର୍ବତନ ନର୍ସିଂ ଡାଇରେକ୍ଟର ଡା. ପ୍ରାଣକୃଷ୍ଣ ବେହେରା, ସମାଜସେବୀ ନିରୋଜ ପୋଥାଳ, ଶିକ୍ଷକ ସୋମନାଥ ସିଂହ, ଓଆରଡିର ଅଧ୍ୟକ୍ଷ ସାଇ ପ୍ରକାଶ ମହାନ୍ତି, ଶିକ୍ଷାବିତ୍ ହୃଦାନନ୍ଦ ଆଚାର୍ଯ୍ୟ ପ୍ରମୁଖ ପୁରସ୍କାର ପ୍ରଦାନ କରିଥିଲେ। କୈଳାସ ଦାଶ ସ୍ୱାଗତ ଭାଷଣ ଦେଇଥିବାବେଳେ ହିମାଂଶୁ ପାଣି ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଟାଟା ପାୱାରର ମନମୁଖ୍ୟ କାର୍ଯ୍ୟକୁ ବିରୋଧ

# ବିଦ୍ୟୁତ୍ ମୁଖ୍ୟାଳୟ ସମ୍ମୁଖରେ କଂଗ୍ରେସର ବିକ୍ଷୋଭ




ବାରିପଦା, ୨୯ ।୧୨(ସମିସ): ସୋମବାର ମୟୂରଭଞ୍ଜ ଜିଲ୍ଲା (ପୂର୍ବ) କଂଗ୍ରେସ କମିଟି ଜିଲ୍ଲା ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳଙ୍କ ନେତୃତ୍ୱରେ ଜିଲ୍ଲା କଂଗ୍ରେସର ନେତା ଓ କର୍ମୀ ବିଦ୍ୟୁତ୍ ଉପଭୋକ୍ତାଙ୍କ ସହିତ ସତ୍ୟସାଇ ଛକଠାରୁ ଏକ ପ୍ରତିବାଦ ଶୋଭାଯାତ୍ରାରେ ବାହାରି ସରକାର ଓ ବିଦ୍ୟୁତ୍ ବିଭାଗ ବିରୋଧରେ ସ୍ଲୋଗାନ ଦେଇ ଟାଟା ପାୱାର ନର୍ଦ୍ଦନ ଓଡ଼ିଶା ବିଦ୍ୟୁତ ବିତରଣ ସଂସ୍ଥାର ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ଏକଛତ୍ରବାଦ ବିଜେପି ସରକାର ବିରୁଦ୍ଧରେ ସମସ୍ତେ ବର୍ଷିଥିଲେ। ବିଜେପି ପ୍ରତିଶ୍ରୁତି ଦେଇ ବିଦ୍ୟୁତ୍ ଗ୍ରାହକଙ୍କୁ ପ୍ରତାରଣା କରିଛି। ୩୦୦ ୟୁନିଟ ମାଗଣା ବିଜୁଳି ପ୍ରଦାନ ଏକ ନିର୍ବାଚନୀ ଚାଲ ଓ ମିଥ୍ୟା ପ୍ରତିଶ୍ରୁତି ଥିଲା। ଆଗାମୀ ଦିନରେ କଂଗ୍ରେସ ବ୍ଲକ ସ୍ତରରେ ଆନ୍ଦୋଳନ କରିବା ସହ ସାଧାରଣ ଜନତାକୁ ସଚେତନ କରିବ ବୋଲି ଜିଲ୍ଲା ସଭାପତି କହିଛନ୍ତି। ଏହି କାର୍ଯ୍ୟକର୍ମରେ ଏସ୍‌ଟି ସେଲ ରାଜ୍ୟ ଉପାଧ୍ୟକ୍ଷ ଚୈତନ୍ୟ ହାଁସଦା, କୃଷକ ସେଲ୍ଫ ସଭାପତି ଦୀପକ ଦାଶ, ପିସିସି ସଭ୍ୟ ନାରାୟଣ ପଟ୍ଟନାୟକ, ଶାନ୍ତନୁ ପାଲ, ସୁନୀତା ନାୟକ, ସବିତା ସୋରେନ, ଗୌରୀ ନାଏକ, ଭଜଗୋବିନ୍ଦ ଦଳେଇ, ନଳିନୀ ପଟ୍ଟନାୟକ, ମୀନକେତନ ବେହେରା ବକ୍ତବ୍ୟ ରଖିଥିଲେ। ଟାଟା ପାୱାର କମ୍ପାନୀକୁ ହାତ ବାରସି କରି ଗରିବ ଗ୍ରାହକଙ୍କଠାରୁ କୋଟି କୋଟି ଟଙ୍କା ଶୋଷଣ କରି ମାଲେମାଲ ହେଉଛନ୍ତି ସରକାର ଓ ମନ୍ତ୍ରୀ। ମାଧବୀ ସେନାପତି, ରାଜ୍ୟ ମହିଳା ସମ୍ପାଦିକା ଶୁଭସ୍ମିତା ଦାସ, ଭୁବନେଶ୍ୱରୀ ଜେନା, ତାରାନା ବାନୋ, ଉତ୍ତମ ବେହେରା, ସତ୍ୟକାମ ସେନାପତି, ବିକାଶ ମୋହାଭୋଇ, ସମର ରଞ୍ଜନ ଦାସ, ନିର୍ମଳ ପ୍ରଧାନ, ଅସିତ୍ ଦାସ, ରୋକିମ ଭାଇ, ବନମାଳୀ ବାରିକ, ସୁନାରମ ସୋରେନ୍, ଭବାନୀ ସାହୁ, ପାର୍ବତୀ ସୋରେନ, ଅଭିଷେକ ଯାଦବ, ବନମାଳୀ ବାରିକ, ଟିକନ ଗୋଚ୍ଛାୟତ, ଚନ୍ଦନ କିସ୍କୁ, ବିଷ୍ଣୁ ସୋରେନଙ୍କ ସହିତ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

## ଚିତ୍ତେଶ୍ୱର ବେହେରା ଛାତ୍ର ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ



ବେତନଟୀ, ୨୯ ।୧୨(ସମିସ):ଛାତ୍ର ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଭାବେ ଚିତ୍ତେଶ୍ୱର ବେହେରା ମନୋନୀତ ହୋଇଛନ୍ତି। ସେ ବେତନଟୀ ମହାବିଦ୍ୟାଳୟରେ ଅଧ୍ୟୟନ କରୁଥିବାବେଳେ ରାଜନୀତିରେ ରୁଚି ରଖିଥିଲେ ଓ ଛାତ୍ର ଜନତା ଦଳରେ ସକ୍ରିୟ ଥିଲେ। ୨୦୧୫ ବେତନଟୀ କଲେଜ ନିର୍ବାଚନରେ ସାଧାରଣ ସମ୍ପାଦକ ଭାବେ ବିଜୟୀ ହୋଇ ପ୍ରଥମ ରାଜନୈତିକ ସଫଳତା ପାଇଥିଲେ। ୨୦୧୭ରେ ଛାତ୍ର ଜନତା ଉତ୍ତର ଓଡ଼ିଶା ଜୋନାଲ କମିଟିର ସମ୍ପାଦକ, ୨୦୨୦ରେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ଛାତ୍ର ସଂସଦ ନିର୍ବାଚନରେ ସଭାପତି ପ୍ରାର୍ଥୀ ସହ ବିଶ୍ୱବିଦ୍ୟାଳୟର କନଭେନର ଭାବେ କାମ କରିଛନ୍ତି। ୨୦୨୧ରେ ବିଜୁ ଜନତା ଦଳର ଜିଲ୍ଲା ଡିଜିଟାଲ ସେକ୍ରେଟାରୀ ଭାବରେ କାର୍ଯ୍ୟ କରିଛନ୍ତି। କେବଳ ରାଜନୀତି ନୁହେଁ ସମାଜସେବା ଓ ରକ୍ତଦାନ କ୍ଷେତ୍ରରେ ମଧ୍ୟ ୨୦ରୁ ଅଧିକ ଥର ରକ୍ତଦାନ କରି ପ୍ରଶଂସା ସାଉଁଟିଛନ୍ତି। ଶ୍ରୀ ବେହେରା ସାଧାରଣ ସମ୍ପାଦକ ଭାବେ ନିଯୁକ୍ତ ପାଇବା ପରେ ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକ ଓ ଛାତ୍ର ଜନତା ରାଜ୍ୟ ସଭାନେତ୍ରୀ ଇପ୍ସିତା ସାହୁଙ୍କୁ ଧନ୍ୟବାଦ ପ୍ରଦାନ କରିଛନ୍ତି।

## ତିରିଂ ଠିକାଦାର ସଂଘର କାର୍ଯ୍ୟକାରିଣୀ ବୈଠକ



ବହଳଦା, ୨୯।୧୨(ସମିସ): ମୟୂରଭଞ୍ଜ ଜିଲ୍ଲା ତିରିଂ ବ୍ଲକ ଠିକାଦାର ସଂଘର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହେବା ସହିତ ସଂଘର ନୀତି ନିୟମ ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ଆଲୋଚନା ହୋଇଥିବା ବିଭିନ୍ନ ପ୍ରସଙ୍ଗ ମଧ୍ୟରେ ଆସନ୍ତା ବର୍ଷ ଜାନୁଆରୀ ୧ ତାରିଖରୁ ସମସ୍ତ ବିଭାଗର ଯେକୌଣସି ଟେଣ୍ଡର ବାହାରିବ ୦.୧୦ ପ୍ରତିଶତ ଲେସ୍‌ରେ ଅଂଶଗ୍ରହଣ କରିପାରିବେ ବୋଲି ତିରିଂ ବ୍ଲକ ଠିକାଦାର ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ଯଦି ଏହାର ବ୍ୟତିକ୍ରମ କରାଯାଏ, ତେବେ ସଂଘ ପକ୍ଷରୁ ତୀବ୍ର ନିନ୍ଦା କରାଯିବା ସହିତ ସମ୍ପୃକ୍ତ ଠିକାଦାରଙ୍କ ବିରୁଦ୍ଧରେ ସଂଘ ପକ୍ଷରୁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଥିଲା। ଏଥିସହ ଏସ୍‌ଟି, ଏସ୍‌ସି ବର୍ଗର ଠିକାଦାର ଲାଇନ୍ ବିଭାଗ କାମରେ ପ୍ରାଥମିକତା ଦାବି କରିପାରିବେ ନାହିଁ ବୋଲି ସ୍ଥିର ହୋଇଥିଲା। ପରେ ବିବିନ୍ନ ଗୁରତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କରାଯାଇ ସଂଘର ନୀତି, ନିୟମ ପ୍ରସ୍ତୁତ କରାଯାଇଥିଲା। ବୈଠକରେ ତିରିଂ ବ୍ଲକ ଠିକାଦାର ସଂଘ ସଭାପତି ମୁକେଶ ବେହେରା, ସମ୍ପାଦକ ଅନୋଜ ଗୁପ୍ତା, ଉପଦେଷ୍ଟା ଧନେଶ୍ୱର ମଣ୍ଡଳ, କୋଷାଧ୍ୟକ୍ଷ ମନୋରଞ୍ଜନ ମଣ୍ଡଳ, ଉପଦେଷ୍ଟା ସୁନୀଲ କୁମାର ମହାନ୍ତ ପ୍ରମୁଖଙ୍କ ସହିତ ଦୀପଦର ମଣ୍ଡଳ, କୟେନ୍ଦର ମଣ୍ଡଳ, ଚାନ୍ଦାଇ ମୁର୍ମୁ, ରତନଜୟ ପୂର୍ତ୍ତି, ମୁକେଶ ପଣ୍ଡା, ମଧୁସୂଦନ ପାତ୍ର, ଜଗନ୍ନାଥ ମୁର୍ମୁ, ମାଟାଇ ଗାଗରାଇ, ରମେଶ କୁମାର ପୂର୍ତ୍ତି, କୁମାର ଦେବ ସିଂ, ଶିଶିର ମଣ୍ଡଳ, ଶଳେନ୍ଦ୍ର ମଣ୍ଡଳ, ଜିତେନ୍ଦ୍ର ମଣ୍ଡଳ, ଦେବ କୁମାର ମଣ୍ଡଳ, ରବୀନ୍ଦ୍ର ବୁଡିଉଲି ଓ ନିର୍ମଳା ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ଗୋପବନ୍ଧୁନଗର ବ୍ଲକ୍‌ରେ ବାଟ ହୁଡ଼ିଛି ପରିମଳ ଯୋଜନା



କୁଆମରା, ୨୯ ।୧୨(ସମିସ): ପରିମଳ ଯେ ଆମ ଜୀବନ ପ୍ରତି ଅଧିକ ଗୁରୁତ୍ୱପୂର୍ଣ୍ଣ, ଏ ନେଇ ଏବେବି ଲୋକେ ସଚେତନ ନୁହଁନ୍ତି। ପାଇଖାନାର ସତ୍ ବ୍ୟବହାର କରିବା ସହ ଆଦର୍ଶ ଗ୍ରାମ ଗଢ଼ିବା ଲକ୍ଷ୍ୟ ବୋଲି ସରକାର ଡିଣ୍ଡିମ ପିଟୁଥିବାବେଳେ ତାହାର ପ୍ରକୃତ ବାସ୍ତବତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ୨୦୧୭ରେ ମୟୂରଭଞ୍ଜ ଜିଲ୍ଲା ଗୋପବନ୍ଧୁନଗର ବ୍ଲକ ପରିମଳ ଯୋଜନାରେ ଏକ ନମ୍ବର ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲା। ମାତ୍ର ପାଇଖାନା ନିର୍ମାଣର ପରବର୍ତ୍ତୀ ସମୟରେ କୋଟି କୋଟି ଟଙ୍କାର ସରକାରୀ ଅନୁଦାନ କିପରି ବରବାଦ ହୋଇ ପଡ଼ିରହିଛି ଓ ତାହା କାର୍ଯ୍ୟରେ ଆସୁନାହିଁ ଉପରୋକ୍ତ ଚିତ୍ରରୁ ସ୍ପଷ୍ଟ ହୋଇପଡୁଛି। ବିଭିନ୍ନ ସଚେତନମୂଳକ କାର୍ଯ୍ୟ ପରେ ବି ଆଜି ଲୋକେ ବାହାରେ ଶୌଚ ହେଉଥିବା ଦେଖିବାକୁ ମିଳୁଛି। ସ୍ୱାଧୀନତାର ୭୮ ବର୍ଷ ପରେ ବି ଶୌଚ ଭାରତ ଯୋଜନା ଉକ୍ତ ବ୍ଲକରେ ସାକାର ହୋଇପାରିନାହିଁ।

ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଗୋପବନ୍ଧୁନଗର ବ୍ଲକର ୬୦ ପ୍ରତିଶତ ଲୋକ ଏବେ ବି ଅସ୍ୱାସ୍ଥ୍ୟକର ପରିବେଶରେ ବଂଶାନୁକ୍ରମିକ ଭାବେ ମୁକ୍ତାକାଶରେ ଶୌଚ ହେବାକୁ ଆଗ୍ରହ ପ୍ରକାଶ କରୁଛନ୍ତି। ଉକ୍ତ ଯୋଜନାର ସରକାର ବାହାବା ନେବା ପାଇଁ ପ୍ରତି ଗାଁ ମୁଣ୍ଡରେ ବାହ୍ୟ ମଳମୁକ୍ତ ଗାଁ ଲେଖାଥିବା ବୋର୍ଡ ବସାଯାଇଛି। ମାତ୍ର ଗାଁରେ ନିର୍ମିତ ପାଇଖାନାର କେଉଁଠି ଉପର ଛାତ ନାହିଁ ତ ଆଉ କେଉଁଠି ନିମ୍ନମାନର କାମ ଯୋଗୁଁ ଭୁଷୁଡ଼ି ପଡ଼ିଛି। କେତେକ ସ୍ଥାନରେ ଗଛଲତା ମାଡ଼ିଗଲାଣି ତ ଆଉ କେତେକ ସ୍ଥାନରେ ବାସଗୃହ ନ ଥିବା କିମ୍ବା ଲୋକ ନ ଥିବା ସ୍ଥାନରେ ପାଇଖାନା ତିଆରି ହୋଇଛି। ଯାହା ନିର୍ମାଣ ପରଠାରୁ ୮ ବର୍ଷ ମଧ୍ୟରେ ଆଜି ପର୍ଯ୍ୟନ୍ତ ବ୍ୟବହାର ହୋଇନାହିଁ। ଏଭଳି କି ବିଲ ମଝି ଓ ନଦୀକୂଳରେ ନିର୍ମାଣ ହୋଇଥିବା ପାଇଖାନାରେ ଚିହ୍ନବର୍ଣ୍ଣ ନାହିଁ। ସେତେବେଳେ ବିଭାଗୀୟ ଚାପରେ ହିତାଧିକାରୀ ପାଇଖାନା ବାଧ୍ୟ ବାଧକତାରେ କରିଥିଲେ। ଯାହା କେବଳ ଉକ୍ତ ଯୋଜନା ଠିକାଦାରଙ୍କ ସ୍ୱାର୍ଥରେ ହିଁ ଲାଗିଛି। ପରିମଳ ଯୋଜନା ଏବେ ଗ୍ରାମାଞ୍ଚଳରେ ବାଟ ହୁଡିଛି। ସେତେବେଳକୁ ପୁଣି ପରିମଳ ସଚେତନ ଓ ପାଇଖାନା ବସାଇବା ପାଇଁ ପ୍ରତି ଗ୍ରାମରେ ସରକାର ମୋଟିଭେଟରଙ୍କୁ ନିଯୁକ୍ତି କରିଥିଲେ। ତତ୍‌ସହିତ ପ୍ରତି ବ୍ଲକରେ ସ୍ୱତନ୍ତ୍ର ଜିରୋ ଟ୍ୟାଗିଂ ଫଟୋ ଉଠା କାର୍ଯ୍ୟ ପାଇଁ ଅନ୍ୟ ଜଣଙ୍କୁ ଦାୟିତ୍ୱ ଦେଇଥିଲେ ସରକାର। ପ୍ରତି ପାଇଖାନା ପିଛା ହିତାଧିକାରୀଙ୍କୁ ୧୨ ହଜାର ଟଙ୍କା ଲେଖାଏଁ ଅର୍ଥ ନିର୍ମାଣ ବାବଦକୁ ମିଳିଥିଲେ ମଧ୍ୟ ଆଜି ପରିମଳ ଯୋଜନା ବାଟବଣା ହୋଇଛି। ତେବେ ଯେତେ ପ୍ରକାର ସଚେତନ କଲେ ମଧ୍ୟ ଲୋକେ ଗ୍ରାମାଞ୍ଚଳରେ ସଚେତନ ନୁହଁନ୍ତି।

## କାଦୁଆଣିରେ ଏକଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ପଶ୍ଚିମବଙ୍ଗ ସାଲବଣିକୁ ହରାଇ ବାରିପଦା କିଷାନ ବ୍ରଦର୍ସ ଚାମ୍ପିଅନ



ବିଶୋଇ, ୨୯ ।୧୨(ସମିସ): ବିଶୋଇ ବ୍ଲକ ଅନ୍ତର୍ଗତ ମୁଖ୍ୟମନ୍ତ୍ରୀଙ୍କ ଶଶୁର ଘର ଗ୍ରାମ କାଦୁଆଣିରେ ଡିସ୍କୋ ୮୪ ଫୁଟବଲ କମିଟି ଆନୁକୂଲ୍ୟରେ ଏକଦିବସୀୟ ଆନ୍ତଃରାଜ୍ୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ଓ ରାଜ୍ୟ ବାହାରୁ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଗ୍ରୁପ-ଏରେ କୋରାପୁଟର ଏନଜି ୟୁନାଇଟେଡ଼ ବନାମ ବାରିପଦାର କିଷାନ ବ୍ରଦର୍ସ ଓ ସୁନ୍ଦରଗଡ଼ର ସ୍ପୋର୍ଟିଂ କ୍ଲବ ଗଣୁଆ ବନାମ ବିହାରର ବକ୍ସର ଏଫସି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଗ୍ରୁପ-ବିରେ ମଧ୍ୟପ୍ରଦେଶର ଏସ୍‌ବିଏମ୍ ଏଫ.ସି ଉକୱା ମାଇନ୍ସ ବନାମ ମୁସଲିମ ଆଣ୍ଡ ମୁସଲିମ, ପଶ୍ଚିମବଙ୍ଗର ସାଲବଣି ଶ୍ରୀଦମ ବନାମ ଝାଡ଼ଖଣ୍ଡର ବ୍ଲେଣ୍ଡରସ୍ ପ୍ରାଇଡ଼ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଫାଇନାଲ ମ୍ୟାଚ୍ ପଶ୍ଚିମବଙ୍ଗର ସାଲବଣି ଶ୍ରୀଦମ ବନାମ ବାରିପଦା କିଷାନ ବ୍ରଦର୍ସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପେନାଲ୍ଟି ସୁଟଆଉଟ୍‌ରେ କିଷାନ ବ୍ରଦର୍ସ ବିଜୟୀ ହୋଇ ଚାମ୍ପିଅନ୍ ହୋଇଥିଲା।




ମୁଖ୍ୟଅତିଥି ଭାବେ ମୁଖ୍ୟମନ୍ତ୍ରୀଙ୍କ ଧର୍ମପତ୍ନୀ ଡାକ୍ତର ପ୍ରିୟଙ୍କା ମାର୍ଣ୍ଡି ଯୋଗଦେଇଥିଲେ। ନିଜ ଗ୍ରାମରେ ଲୋକପ୍ରିୟ କ୍ରୀଡ଼ା ଫୁଟବଲର ଏଭଳି ଆୟୋଜନକୁ ଦେଖି ପ୍ରଶଂସା କରିବା ସହିତ ଆଗାମୀ ଦିନରେ ନିଜ ଜନ୍ମମାଟିରେ କ୍ରୀଡ଼ା ଭିତ୍ତିଭୂମିର ବିକାଶ ପାଇଁ ସମସ୍ତ ପ୍ରକାର ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ମୟୂରଭଞ୍ଜ ସାଂସଦ ନବଚରଣ ମାଝୀ, ସାରସକଣା ବିଧାୟକ ଭାଦବ ଚନ୍ଦ୍ର ହାଁସଦା, ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା ବିଜେପି ସଭାପତି ଜୁରିଲାଲ ମହାନ୍ତ, ଜିଲ୍ଲା ବିଜେପି ସମ୍ପାଦିକା ନାନୀକା ନାଏକ, ଜିଲ୍ଲା ପରିଷଦ ସଦସ୍ୟା ବିନ୍ଦୁସ୍ମିତା ଦେଓ, ଲୁହାକାନି ପଞ୍ଚାୟତ ସମିତି ସଦସ୍ୟ ଦିଲ୍ଲୀପ ଗିରି, ଅସନା ପଞ୍ଚାୟତ ସମିତି ସଦସ୍ୟ ଗୀତାଞ୍ଜଳି ଗିରି, ବାଉତିବେଡ଼ା ପଞ୍ଚାୟତ ସମିତି ସଦସ୍ୟା କୁନିରାଣୀ ବେହେରା, ବିଶୋଇ ପଞ୍ଚାୟତ ସମିତି ସଦସ୍ୟ କାଶୁ ମାଝୀ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ରନର୍ସଅପ ଟିମକୁ ଦେଢ଼ ଲକ୍ଷ ଓ ଚାମ୍ପିଅନ୍ ଦଳ ଖେଳାଳି, ମାଲିକ ରବୀନ୍ଦ୍ର ନାୟକ ଓ ସୁଧାକର ସାମଲଙ୍କୁ ୨ ଲକ୍ଷ ଟଙ୍କା ପୁରସ୍କାର ରାଶି ସହ ଟ୍ରଫି ପ୍ରଦାନ କରାଯାଇଥିଲା। ସନ୍ତୋଷ ରାଉତ, ଦିଲ୍ଲୀପ ପ୍ରଧାନ, ଦୀପକ ଖଟୁଆ, ସିରୁ ସୋରେନ, ରାଜୀବ ହେମ୍ବ୍ରମ ଓ ରାକେଶ ମାନ ଖେଳ ପରିଚାଳନା କରିଥିଲେ। ସୁଭଦ୍ରା ହେମ୍ବ୍ରମ ଓ ମନୋଜ ପାତ୍ର ଧାରା ବିବରଣୀ ପ୍ରଦାନ କରିଥିଲେ। କମିଟି ସଭାପତି କରୁଣା ସାଗର ମାର୍ଣ୍ଡି ମଞ୍ଚ ପରିଚାଳନା କରିଥିବାବେଳେ ସମ୍ପାଦକ ଜିତରାୟ ଲୋହାର, ଉପସଭାପତି କ୍ଷେତ୍ରମୋହନ ସୋରେନ, ସହସମ୍ପାଦକ ମାର୍ଶାଲ ମାର୍ଣ୍ଡି ପ୍ରମୁଖ ସହଯୋଗ କରିଥିଲେ।

# ଘସିପୁରା ପ୍ରାଥମିକ ଶିକ୍ଷକ ସଂଘର ପ୍ରସ୍ତୁତି

ଆନନ୍ଦପୁର, ୨୯।୧୨ (ସମିସ): ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଙ୍ଘ ଘସିପୁରା ଶାଖାର ସମ୍ବର୍ଦ୍ଧନା ଉତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ଗଁପୁରସ୍ଥିତ ଶ୍ରୀରଘୁନାଥଜୀଉ ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଶିବପ୍ରସାଦ ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଘସିପୁରା ବ୍ଲକର ବିଭିନ୍ନ ବିଦ୍ୟାଳୟର ଶିକ୍ଷକମାନେ ଯୋଗ ଦେଇଥିଲେ। ଶିକ୍ଷକ ନେତା ସୁରେନ୍ଦ୍ର ଜେନା ସମସ୍ତ ଅବସରପ୍ରାପ୍ତ ଶିକ୍ଷକଙ୍କୁ ନୂଆବର୍ଷରେ ସମ୍ବର୍ଦ୍ଧିତ କରିବା ପାଇଁ ଦେଇଥିବା ପ୍ରସ୍ତାବକୁ ସର୍ବସମ୍ମତିକ୍ରମେ ଗ୍ରହଣ କରାଯାଇଥିଲା। ଶିକ୍ଷକ ସଙ୍ଘ ନେତା ରଂଜିତ ପାତ୍ର କଳ୍ପତରୁ ନାଥ, ଜ୍ୟୋତିର୍ମୟ ପତି ପ୍ରସନ ସା କରୁଣାକର ଚକ୍ର ସ୍ୱପ୍ନେଶ୍ୱର ଜେନା ପ୍ରସନ ପାଣିଗ୍ରାହୀ ସଂଜୀବ ଜେନା ଦିଲୀପ ଦାଶ ମୁନିଜେନା ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶିକ୍ଷୟିତ୍ରୀ ପୁଷ୍ପଲତା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଧ୍ୟାପକଙ୍କୁ ଜାତୀୟ ମଦର ଟେରେସା ସମତା ପୁରସ୍କାର



ଆନନ୍ଦପୁର, ୨୯।୧୨ (ସମିସ): ରେକୁଟିଆସ୍ଥିତ କୁଶଳେଶ୍ୱର ଆଞ୍ଚଳିକ ମହାବିଦ୍ୟାଳୟ ଇତିହାସ ବିଭାଗର ଅଧ୍ୟାପକ ଡ଼. ବିଜୟ ସାହୁଙ୍କୁ ଜାତୀୟ ମଦର ଟେରେସା ସମତା ପୁରସ୍କାର ପ୍ରଦାନ କରାଯାଇଛି। ଭୁବନେଶ୍ୱରସ୍ଥିତ ଭାରତୀୟ ବିଦ୍ୟା ଭବନ ସମ୍ମିଳନୀ କକ୍ଷରେ ସମତା ସାହିତ୍ୟ ଏକାଡେମୀ ତରଫରୁ ଆୟୋଜିତ ହୋଇଥିବା ବାର୍ଷିକ ଜାତୀୟ ସମ୍ମିଳନୀରେ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଭଜମନ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଡ ବିଜୟକୁମାର ସାହୁଙ୍କୁ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ଜାତୀୟ ମଦର ଟେରେସା ସମତା ପୁରସ୍କାର ସ୍ୱରୂପ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ଏଥିପାଇଁ କଲେଜ ଅଧ୍ୟକ୍ଷ ସଞ୍ଜୟ ମିଶ୍ର, ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଏବଂ କର୍ମଚାରୀ ଅଭିନନ୍ଦନ ଜଣାଇଛନ୍ତି।

# ସିଆଇଏଲ୍ ପକ୍ଷରୁ ରକ୍ତଦାନ ଶିବିର: ୧୦୧ ୟୁନିଟ୍ ସଂଗ୍ରହ



ଯୋଡ଼ା, ୨୯।୧୨(ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ ଗୋବର୍ଦ୍ଧନପୁରସ୍ଥିତ କ୍ରାକର୍ସ ଇଣ୍ଡିଆ ଆଲୋଏଜ ଲିମିଟେଡ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ପରିଚାଳନା ନିର୍ଦ୍ଦେଶକ ଶ୍ରୀନିବାସ ସାହୁଙ୍କ ଜନ୍ମଦିନ ଅବସରରେ ଅନୁଷ୍ଠିତ ଶିବିରରୁ ୧୦୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିବା କମ୍ପାନୀର ଉପ ସଭାପତି ବିକାଶ ଭାନୁ ଦାସ ସୂଚନା ଦେଇଛନ୍ତି। ମୁଖ୍ୟଅତିଥି ଭାବେ ପଦ୍ମଶ୍ରୀ ତୁଳସୀ ମୁଣ୍ଡା, ସମ୍ମାନିତ ଅତିଥି ରୂପେ କମ୍ପାନୀର ଅଧ୍ୟକ୍ଷ ତଥା ଯୋଡା ଅଞ୍ଚଳର ବିଶିଷ୍ଟ ବ୍ୟବସାୟୀ ଦୁଶାସନ ସାହୁ, ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ା, ବଡ଼ବିଲ ତହସିଲଦାର ରାକେଶ ପଣ୍ଡା, ବଡ଼ବିଲ ବନପାଳ ସଞ୍ଜୀବ ରାଉତ ପ୍ରମୁଖ ଯୋଗ ଦେଇଥିଲେ। କମ୍ପାନୀ ଅନେକଗୁଡ଼ିଏ ଲୋକାଭିମୁଖୀ କାର୍ଯ୍ୟ ହାତକୁ ନେଇ ସଫଳ ରୂପାୟନ ଦେଇ ସାରିଥିବା ବେଳେ ରକ୍ତଦାନ ଶିବିର ସମାଜକୁ ଦିଗଦର୍ଶନ ଦେବାର ଏକ ନୂଆ ପଦକ୍ଷେପ ବୋଲି ପଦ୍ମଶ୍ରୀ ତୁଳସୀ ମୁଣ୍ଡା କହିଥିଲେ।

# ପୂର୍ବତନ ପର୍ଯ୍ୟଟନ ଅଧିକାରୀଙ୍କ ପରଲୋକ

ଆନନ୍ଦପୁର, ୨୯।୧୨ (ସମିସ): ଘସିପୁରା ବ୍ଲକ ଦେଓଗାଁ ନିବାସୀ ତଥା ପୂର୍ବତନ ପର୍ଯ୍ୟଟନ ଅଧିକାରୀ ଗୋବିନ୍ଦଚନ୍ଦ୍ର ପାଣିଗ୍ରାହୀ (୮୫)ଙ୍କ ପରଲୋକ ହୋଇଯାଇଛି। ସେ ବାର୍ଦ୍ଧକ୍ୟଜନିତ ଅସୁସ୍ଥ ହୋଇ ଘରେ ଚିକିତ୍ସିତ ହେଉଥିଲେ। ଆଜି ସକାଳେ ଛାତିରେ ଯନ୍ତ୍ରଣା ଅନୁଭବ କରିବା ପରେ ତାଙ୍କ ପ୍ରାଣବାୟୁ ଉଡିଯାଇଥିଲା ମୃତ୍ୟୁ ବେଳକୁ ପରିବାରବର୍ଗ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର ସରପଞ୍ଚ ସତ୍ୟରଞ୍ଜନ ଭୂୟାଁ ସମିତି ସଭ୍ୟା କଳ୍ପନା ବଳ ଦେଓଗାଁ ସମିତି ସଭାପତି ରମାକାନ୍ତ ବଳଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ଉପସ୍ଥିତ ହୋଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।



# ବ୍ୟବଚ୍ଛେଦରେ ଅଯଥା ବିଳମ୍ବକୁ ନେଇ ଅସନ୍ତୋଷ

କରଞ୍ଜିଆ, ୨୯।୧୨(ସମିସ): କରଞ୍ଜିଆ ସରକାରୀ ଉପଖଣ୍ଡ ଡାକ୍ତରଖାନାରେ ଉପଖଣ୍ଡର ତଥା ସାହାରପଡା ଅଞ୍ଚଳର ବିଭିନ୍ନ ମୃତ୍ୟୁଜନିତ ଘଟଣାରେ ବ୍ୟବଚ୍ଛେଦ କରାଯାଇଥାଏ। ବ୍ୟବଚ୍ଛେଦ ସାଧାରଣତଃ ଅପରାହ୍ନ ୫ଟା ପରେ କରାଯାଇନଥାଏ। ସନ୍ଧ୍ୟା ପରବର୍ତ୍ତୀ ସମୟ ପରେ ଯଦି କୌଣସି କାରଣରୁ କାହାର ମୃତ୍ୟୁ ହୋଇଥାଏ କିମ୍ବା ମୃତ୍ୟୁ ସନ୍ଦେହଜନକ ହୋଇଥାଏ, ତେବେ ମୃତ ବ୍ୟକ୍ତିଙ୍କ ମଇନା ଅପରିହାର୍ଯ୍ୟ ହୋଇଥାଏ। ତେବେ ଡାକ୍ତରଖାନା ସମ୍ପୃକ୍ତ ଡାକ୍ତରଙ୍କ ଉପରେ ଓ ପୁଲିସର ତଦନ୍ତ ଉପରେ ବ୍ୟବଚ୍ଛେଦ କରାଯିବା ନିର୍ଭର କରିଥାଏ। ସେପର୍ଯ୍ୟନ୍ତ ମୃତ ବ୍ୟକ୍ତିଙ୍କ ସମ୍ପର୍କୀୟ ମଇନା ହେବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିଥାଏ। ବର୍ତ୍ତମାନ ସମ୍ପର୍କୀୟଙ୍କୁ ୧୦ରୁ ୧୫ ଘଣ୍ଟା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିଛି। ଡାକ୍ତରଖାନାକୁ ପ୍ରାୟ ୫୦/୬୦ କିମି ଦୂର ଲୋକମାନେ ଆସୁଛନ୍ତି, ସେମାନେ ଦୀର୍ଘ ସମୟ ଡାକ୍ତରଖାନାରେ ଅପେକ୍ଷା କରିବା ଦୁର୍ବିସହ ହୋଇପଡୁଛି। ବର୍ତ୍ତମାନ ଶୀତଦିନ, ରାତିରେ ହାଡଭଙ୍ଗା ଶୀତ ହେଉଛି। ଏ ପରିସ୍ଥିତିରେ ଲୋକମାନେ ରାତି ସାରା ଓ ଦିନ ଗୋଟାଏ ପର୍ଯ୍ୟନ୍ତ ଅପେକ୍ଷା କରୁଥିବାରୁ ମୃତ ବ୍ୟକ୍ତିଙ୍କ ଅନ୍ତ୍ୟେଷ୍ଟିକ୍ରିୟା କରିବାରେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଫଳରେ ସେମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଉଛି। ସେହିପରି ମୃତ ବ୍ୟକ୍ତିଙ୍କ ଶବକୁ ଗନ୍ତବ୍ୟ ସ୍ଥଳରେ ପହଞ୍ଚାଇବାକୁ ଦାବି ହେଉଛି। ଶବ ଜିଲ୍ଲା ମଧ୍ୟରେ ସୀମିତ ନ ରଖି ୫୦/୬୦ କିମି ମଧ୍ୟରେ ପରିବହନ କରିବାକୁ ଦାବି ହେଉଛି।

## ଜିଲ୍ଲା ଶିକ୍ଷା ବିଭାଗର ପ୍ରସ୍ତୁତି ବୈଠକ

# ତ୍ରୁଟିଶୂନ୍ୟ ମ୍ୟାଟ୍ରିକ ପରୀକ୍ଷା ପରିଚାଳନାକୁ ଗୁରୁତ୍ୱ

ବାରିପଦା,୨୯।୧୨(ସମିସ):

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଆନୁକୂଲ୍ୟରେ ଚଳିତ ବର୍ଷ ମ୍ୟାଟ୍ରିକ ପରୀକ୍ଷାକୁ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ପ୍ରସ୍ତୁତି ଜାରି ରହିଛି। ଫେବୃଆରୀ ୧୯ରେ

- ୧୮୦ଟି କେନ୍ଦ୍ରରେ ୩୪,୧୬୦ ପରୀକ୍ଷାର୍ଥୀ
- ଗତବର୍ଷ ଅପେକ୍ଷା ଚଳିତ ବର୍ଷ ଅଧିକ ୫୦୦୫ ପରୀକ୍ଷାର୍ଥୀ

ପରୀକ୍ଷା ଆରମ୍ଭ ହୋଇ ମାର୍ଚ୍ଚ ୨ରେ ଶେଷ ହେବ। ଏଥିପାଇଁ ଜିଲ୍ଲାରେ ଚଳିତବର୍ଷ ଅଧିକ ୬ଟି ପରୀକ୍ଷା କେନ୍ଦ୍ର ଖୋଲାଯାଇଛି। ୨୧ଟି ନୋଡାଲ କେନ୍ଦ୍ର ଅଧୀନରେ ଥିବା ୧୮୪ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଅନୁଷ୍ଠିତ ହେବାକୁ ଥିବାବେଳେ ୩୪ ହଜାର ୧୬୦ ପରୀକ୍ଷାର୍ଥୀ ପରୀକ୍ଷା ଦେବା ନିମନ୍ତେ ଫର୍ମ ପୂରଣ କରିଛନ୍ତି। ପରୀକ୍ଷାକୁ ସ୍ୱଚ୍ଛତା ଅବଲମ୍ବନ କରିବା ପାଇଁ ସମସ୍ତ କେନ୍ଦ୍ର ତତ୍ତ୍ୱାବଧାରକଙ୍କୁ ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟ ପକ୍ଷରୁ ପରାମର୍ଶ ଦିଆଯାଇଛି।

ମ୍ୟାଟ୍ରିକ ପରୀକ୍ଷାରେ ଜିଲ୍ଲାରେ ମୋଟ ୩୩ ହଜାର ୬୯୧ ରେଗୁଲାର ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ଫର୍ମ ପୂରଣ କରିଛନ୍ତି। ୧୮୦ଟି କେନ୍ଦ୍ରରେ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଥିବାବେଳେ ଏହାର ସୁପରିଚାଳନା ପାଇଁ ୪୯ଟି ସ୍କ୍ୱାର୍ଡ ଟିମ ଗଠନ କରାଯାଇଛି। ହାଇସ୍କୁଲ ସାର୍ଟିଫିକେଟ ଓ ମଧ୍ୟମା ପରୀକ୍ଷାରେ ଜିଲ୍ଲାରେ ୪ଟି ପରୀକ୍ଷା କେନ୍ଦ୍ରରେ ମୋଟ ୪୬୯ ଜଣ ପରୀକ୍ଷାର୍ଥୀର ପରୀକ୍ଷା ଦେବେ। ସେଥି ମଧ୍ୟରୁ ରେଗୁଲାର ୪୫ ଓ ଏକ୍ସ ରେଗୁଲାର ୪୨୪ ଜଣ ଛାତ୍ରଛାତ୍ରୀ ରହିଛନ୍ତି। ବୋର୍ଡର ନିର୍ଦ୍ଦେଶାବଳୀକୁ ମାନିବା ସହିତ ପରୀକ୍ଷା ପଦ୍ଧତିକୁ ନେଇ ବିଚାରବିମର୍ଷ ଜାରି ରହିଛି। କାର୍ଯ୍ୟରେ ଅବହେଳା ପାଇଁ ବିଭିନ୍ନ ପ୍ରକାର ଦଣ୍ଡ ନିୟମ ଉପରେ ସତର୍କତା ଅବଲମ୍ବନ କରାଯାଇଛି। ପରୀକ୍ଷା କେନ୍ଦ୍ରରେ ପ୍ରଶାସନିକ ଅଧିକାରୀଙ୍କ ସମେତ ସ୍ୱତନ୍ତ୍ର ପୁଲିସ ଅଧିକାରୀ ମୁତୟନ କରାଯାଇ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ସଫଳତାର ସହ ତ୍ରୁଟିଶୂନ୍ୟ ଭାବେ ପରୀକ୍ଷାକୁ ପରିଚାଳନା କରିବା ନିମନ୍ତେ ବିଭାଗ ପକ୍ଷରୁ ଗୁରୁତ୍ୱାରୋପ କରାଯାଇଛି। ତେବେ ଜିଲ୍ଲାରେ ଡ୍ରପ୍ ଆଉଟ ସଂଖ୍ୟା ବୃଦ୍ଧି ପାଉଥିବାରୁ ୨୦୨୫ ବର୍ଷରେ ୩୬୦୩ ପରୀକ୍ଷାର୍ଥୀ କମ୍ ଥିବା ଜଣାପଡିଥିଲା। ୨୦୨୪ ଶିକ୍ଷା ବର୍ଷରେ ମୋଟ ୩୨୭୫୮ ଜଣ, ୨୦୨୫ରେ ୨୯୧୫୫ ଓ ଚଳିତ ବର୍ଷ ୩୪୧୬୦ ପରୀକ୍ଷାର୍ଥୀ ପରୀକ୍ଷା ଦେବା ପାଇଁ ଫର୍ମ ପୂରଣ କରିଛନ୍ତି। ଗତବର୍ଷ ଅପେକ୍ଷା ଚଳିତ ବର୍ଷ ଅଧିକ ୫୦୦୫ ପରୀକ୍ଷାର୍ଥୀ ଫର୍ମ ପୂରଣ କରିଥିବାବେଳେ କେତେଜଣ ପରୀକ୍ଷା ଦେଉଛନ୍ତି, ତାହା ପରୀକ୍ଷା ପରେ ଜଣାପଡ଼ିବ।

# ବିଜୁ ଭବନରେ ନବନିଯୁକ୍ତ ରାଜ୍ୟ ଯୁବ ଓ ଛାତ୍ର କର୍ମକର୍ତ୍ତାଙ୍କୁ ସ୍ୱାଗତ



ବାରିପଦା, ୨୯।୧୨(ସମିସ): ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳ ସୁପ୍ରିମ ନବୀନ ପଟ୍ଟନାୟକ ନୂତନ ଭାବେ ରାଜ୍ୟ ବିଜୁ ଯୁବ ଛାତ୍ର ଜନତା ଦଳ ପଦାଧିକାରୀଙ୍କୁ ନିଯୁକ୍ତି ଦେଇଛନ୍ତି। ବିରୋଧୀ ଦଳ ଆସନରେ ରହି ନବନିଯୁକ୍ତ ରାଜ୍ୟ ଯୁବ ଛାତ୍ର ଜନତା ଦଳର କର୍ମକର୍ତ୍ତା ରାଜ୍ୟ ସରକାରଙ୍କ ବିଫଳତାକୁ ଲୋକଲୋଚନକୁ ଆଣିବା ସହ ଦଳର ସାଙ୍ଗଠନିକ ଅଭିବୃଦ୍ଧିରେ ସହାୟକ ହେବେ ବଲି ଆଶା ନେଇ ସୋମବାର ସମ୍ବର୍ଦ୍ଧନା ସଭାରେ ବିଭିନ୍ନ ବକ୍ତାମାନେ ମତ ପ୍ରକାଶ କରିଥିଲେ। ସ୍ଥାନୀୟ ବିଜୁ ଭବନରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଯୁବ ଜନତା ରାଜ୍ୟ ଉପସଭାପତି ଛବି ମାହାଲି, ରାଜ୍ୟ ସାଧାରଣ ସମ୍ପାଦକ ରାଜୀବ ଜେନା, ହରେକୃଷ୍ଣ ଦାସ ଓ ଶିବଶଙ୍କର ପାତ୍ର, ରାଜ୍ୟ ଛାତ୍ର ସାଧାରଣ ସମ୍ପାଦକ ଭାବେ ଆଶୀର୍ବାଦ ଦାସ, ଦେବଜିତ ପଟ୍ଟନାୟକ, ଚିତ୍ତେଶ୍ୱର ବେହେରା ଓ ସେକ ହାକିମ ଉଦ୍ଦିନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ବିଜୁ ଜନତା ଦଳ ମୟୂରଭଞ୍ଜ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବତନ ଉପବାଚସ୍ପତିଙ୍କ ସାନନ୍ଦ ମାର୍ଣ୍ଡିଙ୍କ ପୌରାହିତ୍ୟରେ ଆୟୋଜିତ ଓ ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ସୁଦାମ ମାର୍ଣ୍ଡି ସଭାପତିତ୍ୱ କରିଥିଲେ। ଏହି କାର୍ଯ୍ୟକ୍ରମରେ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ବାରିପଦା ଏମସିସି ବ୍ୟାଙ୍କ ସଭାପତି ସୁବ୍ରମଣ୍ୟମ ମହାନ୍ତି, ପୂର୍ବତନ କୃଷି ଶିଳ୍ପ ନିଗମ ଅଧ୍ୟକ୍ଷ ଦେବାଶିଷ ମହାନ୍ତି, ଜିଲ୍ଲା କାର୍ଯ୍ୟକାରୀ ସଭାପତି ଜିତେନ୍ଦ୍ର ମହାନ୍ତି, ବାରିପଦା ନିର୍ବାଚନମଣ୍ଡଳୀ ସଂଯୋଜକ ପ୍ରଭାତ ନାୟକ, ଯୁବ ସଭାପତି ଅରୁଣ ବରାଡ, ଛାତ୍ର ସଭାପତି ସୁନୀଲ ନାୟକ, ମହିଳା ସଭାପତି ଦୀପ୍ତିଲତା ମିଶ୍ର, ଜିଲ୍ଲା ପରିଷଦ ସଦସ୍ୟ ନରେନ୍ଦ୍ର ହାଁସଦା, ପାର୍ଟି ଅଫିସ ସମ୍ପାଦକ ଶୈଳେନ୍ଦ୍ର ପାତ୍ର, କାଉନସିଲର ପ୍ରଭାତ ମହାନ୍ତି, ଅନନ୍ତ ଦାସ, କୁମାର ମୁଖୀ, ସମାଜସେବୀ ଅମର ସେଠି, ଲଲାଟେନ୍ଦୁ ବେହେରା, ବରିଷ୍ଠ ନେତା ଜ୍ଞାନ ରଞ୍ଜନ ଦାଶ, ତପନ ପତି, ଛାତ୍ର ନେତା ଆଭାସ ଦେ, ଅଭିଜିତ କଲିଆ, ଭୀଷ୍ମ ମହାନ୍ତ ପ୍ରମୁଖ ଉପସ୍ଥିତ ରହି ନୂତନ ଯୁବ ଛାତ୍ର ପଦାଧିକାରୀ ମାନଙ୍କୁ ଉତ୍ସାହିତ କରିଥିଲେ।

# ବେତନଟୀ ପ୍ରିମିୟର ଲିଗ୍, ବାହାନଡ଼ା ଟାଇଗର ବିଜୟୀ




ବେତନଟୀ, ୨୯।୧୨(ସମିସ): ବେତନଟୀ କ୍ରିକେଟ କ୍ଲବ ପକ୍ଷରୁ ଚାଲିଥିବା ବେତନଟୀ ପ୍ରିମିୟର ଲିଗ ସିଜନ-୧୨ର ନବମ ଦିନରେ ଗୋଟିଏ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଆଜି ଏଲିମେଟର ମ୍ୟାଚ୍ ବାହାନଡା ଟାଇଗର ଓ ଜୟ ଶ୍ରୀରାମ ଫାଇଟର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବାହାନଡା ଟାଇଗର ପ୍ରଥମ ବ୍ୟାଟିଂ କରି ୨୪ ଓଭରରେ ସମସ୍ତ ୱିକେଟ ହରାଇ ୧୬୬ ରନ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲା। ଜବାବରେ ଜୟ ଶ୍ରୀରାମ ଫାଇଟର ୧୭.୫ ଓଭରରେ ସମସ୍ତ ୱିକେଟ ହରାଇ ୧୨୨ ରନ କରି ପରାଜୟବରଣ କରିଥିଲା। ବାହାନଡା ଟାଇଗରର ଚନ୍ଦନ ସିଂ ୪ ଓଭରରେ ୨୨ ରନ୍ ଦେଇ ୩ ୱିକେଟ୍ ନେଇ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ପୂର୍ବତନ ଏସି ମୋର୍ଚ୍ଚା ଜିଲ୍ଲା ସଭାପତି ଦୀପ୍ତିକାନ୍ତ ସେଠୀ ପୁରସ୍କୃତ କରିଥିଲେ। ଖେଳକୁ ଅନୁପ ଦଣ୍ଡପାଟ ଓ କେ ଇନ୍ଦ୍ରଜିତ ପ୍ରସାଦ ପରିଚାଳନା କରିଥିଲେ। ଟିଙ୍କି ମହାନ୍ତ ସ୍କୋରର, ଗୌରବ ନାଥ, ସୋରଜ ନାଥ ଅନଲାଇନ ସ୍କୋରର ଥିଲେ।

# ୧ରୁ ଦେଉତାଗଧା ପର୍ବ ପାଇଁ ପ୍ରସ୍ତୁତି ବୈଠକ

କେନ୍ଦୁଝର,୨୯।୧୨(ସମିସ): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ବିପ୍ଳବୀ ଧରଣୀଧର ଭୂୟାଁଙ୍କ ଜନ୍ମ ମାଟି କୁସୁମିତା ଗ୍ରାମରେ ଅଠେଇଶ ପର୍ବ ବା ଦେଉତାଗଧା ପର୍ବ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏହି ଉତ୍ସବ ପ୍ରତି ବର୍ଷ ଶୀତ ପୌଷ ବା ମାଘ ମାସରେ ପାଳନ କରାଯାଇଥାଏ। ଏହି ଉତ୍ସବରେ ମା' ଗ୍ରାମଦେବୀ ଠାକୁରାଣୀଙ୍କ ସ୍ନାନ କରାଯାଇଥାଏ। ତାଙ୍କୁ ଦେବତା ମାନନ୍ତି। ଏହି ପର୍ବକୁ ଗାଉଁଲି ଭାଷାରେ ଦେଉତାଗଧା ବୋଲି କୁହାଯାଉଛି। ଏହାର ପୂର୍ବ ଗୁରୁବାର ଦିନ ପ୍ରାରମ୍ଭିକ ପୂଜା କରାଯାଇଥାଏ ଯାହାକୁ ଗୁଣ୍ଡା ଦିଆଗଲା ବୋଲି କହିଥାନ୍ତି ଗ୍ରାମବାସୀ। ଗୋଟିଏ ଗୁରୁବାର ରେ ଗୁଣ୍ଡା ଦେଲେ ପର ଗୁରୁବାରରେ ଦେଉତାଗଧା ପାଳନ କରାଯାଏ। ଯେଉଁମାନେ ନବବିବାହିତ ଏହି ପୂଜାରେ ସାମିଲ ହେବା ପାଇଁ ଗୋଟିଏ ବୋଦା କିମ୍ବା କୁକୁଡ଼ା ଗଞ୍ଜା ଦେଇଥାନ୍ତି; ନଚେତ୍ ଦର୍ଶନ ନିଷିଦ୍ଧ ବୋଲି କୁହାଯାଏ। ଅନେକ ଲୋକ ମାନସିକ କରି କୁକୁଡ଼ା, ବୋଦା ବଳି ପକାଇଥାନ୍ତି। ଖୁବ୍ ଧୁମ୍‌ଧାମ୍‌ରେ ନାଚଗୀତ ଉତ୍ସବ କରି ପାଳନ କରିଥାନ୍ତି। ଘରେ ଘରେ ପିଠା ପଣା ଭାତ ମାଂସ ଆୟୋଜନ କରିଥାନ୍ତି। ଆସନ୍ତା ୧ ତାରିଖ ଦେଉତାଗଧା ପର୍ବ ଗୁରୁବାର ନୂଆବର୍ଷ ଦିନ ହେବାର ସ୍ଥିରିକୃତ ହୋଇଛି। ଏଥିପାଇଁ ବାହୁମାତ୍ରାରେ ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କ ସମାଗମ ହେବ। ଭୂୟାଁ ସମ୍ପ୍ରଦାୟଙ୍କ ଏହି ନିଆରା ପରମ୍ପରା ପୂର୍ବ ପୁରୁଷରୁ ରହି ଆସିଛି। ଏବେର ପିଢ଼ି ଏହାକୁ ପାଳନ କରୁଛନ୍ତି।



## ଓଡ଼ିଶା ବ୍ରାହ୍ମଣ ମହାସଂଘ ମୟୂରଭଞ୍ଜ ଶାଖା ଉଦ୍‌ଘାଟିତ

# ଅଲେଖ ସଭାପତି, ଆଦିତ୍ୟ ସମ୍ପାଦକ

ବାରିପଦା, ୨୯।୧୨(ସମିସ): ସ୍ଥାନୀୟ ରଘୁନାଥପୁରସ୍ଥ ହରିହର ମନ୍ଦିର ପ୍ରାଙ୍ଗଣରେ ଓଡ଼ିଶା ବ୍ରାହ୍ମଣ ମହାସଂଘର ମୟୂରଭଞ୍ଜ ଜିଲ୍ଲା ଶାଖାର ଉଦଘାଟନ ଉତ୍ସବ ଡଃ ଜଗବନ୍ଧୁ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗ ଦେଇଥିବାବେଳେ ବିଶିଷ୍ଟ ଅତିଥି ଭାବେ ଓଡିଶା ବ୍ରାହ୍ମଣ ମହାସଂଘର ରାଜ୍ୟ ସଭାପତି ଡଃ ସଦାନନ୍ଦ ଦୀକ୍ଷିତ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ ଉପସଭାପତି କୃଷ୍ଣଚନ୍ଦ୍ର ପତ୍ରି ଓ ଯୋଗାଚାର୍ଯ୍ୟ ରାଜେନ୍ଦ୍ର ପାଢ଼ୀ ଯୋଗଦେଇ ବ୍ରାହ୍ମଣଙ୍କ ବିଭିନ୍ନ ସମସ୍ୟା ଓ ସଂଘର ସାଂଗଠନିକ ଅଭିବୃଦ୍ଧି ବିଷୟରେ ଆଲୋକପାତ କରିଥିଲେ। ଏ ଅବସରରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଯୋଗ ଦେଇଥିବା ଶତାଧିକ ବ୍ରାହ୍ମଣଙ୍କ ପରାମର୍ଶ କ୍ରମେ ବ୍ରାହ୍ମଣ ମହାସଂଘର ମୟୂରଭଞ୍ଜ ଜିଲ୍ଲା ଶାଖାର ନୂତନ କର୍ମକର୍ତ୍ତା ଭାବେ ଅଲଖ ରଞ୍ଜନ ପାଠୀ ସଭାପତି, କ୍ଷେତ୍ର ମୋହନ ପଣ୍ଡା ଉପସଭାପତି, ଡା ଆଦିତ୍ୟ କୁମାର ପଣ୍ଡା ସମ୍ପାଦକ, ଗୋପୀନାଥ କର ସଙ୍ଗଠନ ସମ୍ପାଦକ, ଦୋଳଗୋବିନ୍ଦ ଦାଶ କୋଷାଧ୍ୟକ୍ଷ ଓ ଅକ୍ଷୟ କୁମାର ମିଶ୍ର, ଗଣେଶ ମିଶ୍ର, କମଳାଂଶୁ ତ୍ରିପାଠୀ, ବିଶ୍ୱେଶ୍ୱର ଦ୍ୱିବେଦୀ, ଅରୁଣ କୁମାର ମହାପାତ୍ର ଓ ରଞ୍ଜନ କୁମାର ପ୍ରହରାଜ କାର୍ଯ୍ୟକାରୀ ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ଉକ୍ତ କମିଟିର ଉପଦେଷ୍ଟା ମଣ୍ଡଳୀରେ ଡା ମହାଦେବ ଦାଶ, ଅରୁଣ ମିଶ୍ର, ଡଃ ଜଗବନ୍ଧୁ ମିଶ୍ର ଓ ଅଚ୍ୟୁତ ପ୍ରସାଦ ମହାପାତ୍ର ରହିଛନ୍ତି। ଜିଲ୍ଲା ଶକ୍ତି ବାହିନୀର ସଭାନେତ୍ରୀ ଭାବେ ପ୍ରିତିସୁଧା ତ୍ରିପାଠୀ ଓ ସମ୍ପାଦିକା ଭାବେ ଭଗବତୀ ଦାଶ ମନୋନୀତ ହୋଇଛନ୍ତି। ଶେଷରେ ଗୋପୀନାଥ କର ଧନ୍ୟବାଦ ଅର୍ପଣ କରିଥିଲେ।



# ରାଜ୍ୟସ୍ତରୀୟ ଯୁବ ଉତ୍ସବରେ ମୟୂରଭଞ୍ଜର ସଫଳତା

## ଜାତୀୟ ସ୍ତରରେ ଭାଗନେବ ଲୋକଗୀତ ଦଳ

ବାରିପଦା, ୨୯।୧୨(ସମିସ): ଭୁବନେଶ୍ୱରସ୍ଥ କଳିଙ୍ଗ ଷ୍ଟାଡ଼ିୟମରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଯୁବ ମହୋତ୍ସବରେ ମୟୂରଭଞ୍ଜର ସଫଳତା ଓ ମୟୂରଭଞ୍ଜର ଲୋକସଂଗୀତ ଦଳ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ଲୋକନୃତ୍ୟ ଦଳ ତୃତୀୟ, ଚିତ୍ରକଳାରେ ସଞ୍ଜୟ ମାର୍ଣ୍ଡି ଓ ବକ୍ତୃତା ପ୍ରତିଯୋଗିତାରେ ଅଭିଷେକ ମହାନ୍ତି ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି। ଦଳର ନେତୃତ୍ୱ ନେଇଥିଲେ କ୍ରୀଡା ପ୍ରଶିକ୍ଷକ ପ୍ରଦୀପ କୁମାର ଚୌଧୁରୀ ଓ ରଶ୍ମିତା ଗିରି। ବାସିପିଠା ଅଞ୍ଚଳର ଲୋକସଂଗୀତ ଦଳର ଅବିନାଶ ପତି, ଅମୀୟ କୁମାର ବାରିକ, ତାପସ ସାହୁ, ମଧୁସୂଦନ ବାରିକ, ପ୍ରକାଶ କୁମାର ଜେନା, ଗାୟତ୍ରୀ ଚୌଧୁରୀ, ଦେବଶ୍ରୀ ଲୋହାର, ଗୀତା ରାଣୀ, ସମୀର ସୌରଭ ମହାନ୍ତ, ଜ୍ଞାନରଞ୍ଜନ ସାହୁ ଓ ସ୍ୱାଧୀନ ମହାନ୍ତ ଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ଯୁବ ଉତ୍ସବରେ ଅଂଶଗ୍ରହଣ କରିବେ ବୋଲି ଜିଲ୍ଲା କ୍ରୀଡ଼ା ଅଧିକାରୀ ଡଃ ଶୁଭାଶିଷ ନାୟକ ଜଣାଇଛନ୍ତି।



# ଠାକୁରମୁଣ୍ଡାରେ ମିଳିତ ଜନଅଭିଯୋଗ ଶୁଣାଣି

ମହୁଲଡିହା,୨୯।୧୨(ସମିସ): ନୂତନ ବର୍ଷ ୨୦୨୬ ଆଗମନ ପୂର୍ବରୁ ୨୦୨୫ର ଶେଷ ସୋମବାର ତଥା ମାସର ପଞ୍ଚମ ସୋମବାରରେ ଠାକୁରମୁଣ୍ଡା ବ୍ଲକରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମୁଦାୟ ୭୫ଟି ଅଭିଯୋଗ ଆଗତ ହୋଇଥିଲା। ୫୩ଟି ବ୍ୟକ୍ତିଗତ ଓ ୨୨ଟି ସାମୂହିକ ଅଭିଯୋଗ ଜିଲ୍ଲାପାଳଙ୍କ ନିକଟକୁ ଆସିଥିଲା। ସେଥିମଧ୍ୟରୁ ୪ଟି ଅଭିଯୋଗର ତତ୍କାଳ ସମାଧାନ ହୋଇଥିଲା। ଜଣକୁ ରେଡକ୍ରସରୁ ୧୦ ହଜାର ଓ ଅନ୍ୟ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୫ ହଜାର ଟଙ୍କାର ସହାୟତା ପ୍ରଦାନ କରିଥିଲେ ଜିଲ୍ଲାପାଳ। ସାମ୍ବାଦିକ ଜିଲ୍ଲାପାଳଙ୍କୁ ଭେଟି ଠାକୁରମୁଣ୍ଡା ବନ୍ଧର ବିକାଶ ପାଇଁ ମାଷ୍ଟର ପ୍ଲାନ, ଜବରଦଖଲ ମୁକ୍ତ ଓ ରାଜସ୍ୱ ଆୟ ଭଳି ଭିତ୍ତିଭୂମି ପ୍ରସ୍ତୁତ କରି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଯୋଜନା ପ୍ରସ୍ତୁତ କରିବାକୁ ନିବେଦନ କରାଯାଇଥିଲା। ସେହିପରି ସ୍କୁଲ ପରିସର ରାସ୍ତା କଡ଼ରୁ ହାଣ୍ଡିଆ ହାଟ ଉଠାଇବା ପାଇଁ ଦାବି କରିଥିଲେ। ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ଜିଲ୍ଲାପାଳ କହିଥିଲେ। ଠାକୁରମୁଣ୍ଡାରୁ ଭୁବନେଶ୍ୱର ଓ ବାରିପଦାକୁ ସରକାରୀ ବସ ଚଳାଚଳ ପାଇଁ ମଧ୍ୟ ଦାବି ହୋଇଥିଲା। ଏହି ଅଭିଯୋଗ ଶୁଣାଣିରେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ, ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲି, ଉପଖଣ୍ଡ ପୁଲିସ ଆରକ୍ଷୀ ଅଧୀକ୍ଷକ ନବକୃଷ୍ଣ ନାଏକ, ପିଏ, ଆଇଟିଡିଏ ଚିତ୍ତରଞ୍ଜନ ମହାନ୍ତ, ରେଭିନ୍ୟୁ ଅଫିସର ପ୍ରକାଶ ଦାଶ, ଠାକୁରମୁଣ୍ଡା ବିଡିଓ ସ୍ୱପ୍ନେଶ୍ୱର ବେହେରା, ତହସିଲଦାର ସମ୍ବିତ କର, କରଞ୍ଜିଆ ବିଡ଼ିଓ ପ୍ରଦ୍ୟୁମ୍ନ ନାୟକ ତଥା ବ୍ଲକ ଓ ଉପଖଣ୍ଡ ସ୍ତରର ସମସ୍ତ ଅଧିକାରୀ ଯୋଗ ଦେଇଥିଲେ।



# ମା'ତାରିଣୀ କପ୍ ଫୁଟ୍‌ବଲ: ଫାଇନାଲରେ କେନ୍ଦ୍ରାପଡ଼ା



ଆନନ୍ଦପୁର, ୨୯।୧୨ (ସମିସ): ଆନନ୍ଦପୁର ବ୍ଲକ ଅନ୍ତର୍ଗତ ତରତରା ଷ୍ଟାଡ଼ିୟମଠାରେ ରାଜ୍ୟସ୍ତରୀୟ ମା' ତାରିଣୀ କପ ଫୁଟବଲ ପ୍ରତିଯୋଗିତାର ଫାଇନାଲରେ କେନ୍ଦ୍ରାପଡ଼ା ଦଳ ପ୍ରବେଶ କରିଛି। ଷଷ୍ଠ ଦିବସରେ ଏମ୍‌ଏସ୍‌ଏଫ ସ୍ପୋର୍ଟସ୍ ଏକାଡେମୀ କଲିକତାକୁ ୫-୧ ଗୋଲ ବ୍ୟବଧାନରେ ହରାଇ କେନ୍ଦ୍ରାପଡ଼ା ଚାନ୍ଦ କ୍ଲବ୍ ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଛି। ରେଫରୀ ଭାବେ ପ୍ରସନ୍ନ ନାୟକ, ରମଚନ୍ଦ୍ର ବେସରା, ଲକ୍ଷ୍ମଣ ସୋରେନ୍ ଓ ମାନସ ବିଶ୍ୱାଳ ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ। କମିଟିର ସଭାପତି ସୁବ୍ରତ ସାମଲ (ମୁନା)ଙ୍କ ସଂଯୋଜନାରେ ମୁଖ୍ୟଅତିଥି ଭାବେ ଓଡ଼ିଶାର ବିଶିଷ୍ଟ ଶିଳ୍ପପତି ତାରାରଞ୍ଜନ ପଟ୍ଟନାୟକ ଯୋଗ ଦେଇଥିଲେ। କମିଟିର ସଦସ୍ୟ ସୁଶାନ୍ତ ସାମଲ, ଜିତେନ୍ଦ୍ର ସାମଲ, ବସନ୍ତ ଜେନା, ପ୍ରିୟବ୍ରତ ନାୟକ, ସୁଶିଲ ସାମଲ, ଜଗନ୍ନାଥ ସାମଲ, ମନ୍‌ଦୋଧର ଜେନା, ଅଜିତ ଜେନା, ସନ୍ତୋଷ ଧଳ, ସୁଶାନ୍ତ ଜେନା, ସତ୍ୟବ୍ରତ ନାୟକ, ପ୍ରିୟବ୍ରତ ନାୟକଙ୍କ ସହ ବହୁ ସଦସ୍ୟ ଖେଳରେ ସହଯୋଗ କରିଥିଲେ।

# ୩ ଦିନରେ ୬ ଘର ଭାଙ୍ଗିଲାଣି ଗୋଠଛଡ଼ା ଦନ୍ତା

ତୁରୁମୁଙ୍ଗା, ୨୯।୧୨(ସମିସ): କେନ୍ଦୁଝର ଜିଲା ପାଟଣା ରେଞ୍ଜରେ ୩ଦିନ ହେବ ଗୋଠଛଡ଼ା ଦନ୍ତା ହାତୀଟି ଡେରା ପକାଇ ଉତ୍ପାତ କରିଛି। ଦନ୍ତା ଉତ୍ପାତ କରି ମୋଟ ୬ଟି ଘର ଭାଙ୍ଗି ସାରିଲାଣି। ରବିବାର ବିଳମ୍ବିତ ରାତ୍ରି ତଣ୍ଡବିଟ ସଡ଼ଙ୍ଗବାହାଳି ଗ୍ରାମର ଭାରତୀ ମହାନ୍ତ ଓ ଘନଶ୍ୟାମ ମୁଣ୍ଡାଙ୍କ ୨ଟି କଚ୍ଚା ଘର କାନ୍ଥ ଭାଙ୍ଗି ଦେଇ ଘର ଭିତରୁ ଧାନ ଚାଉଳ ଖାଇ ଦେଇଛି। ସୋମବାର ଭୋରରୁ ଦନ୍ତା ପାଟଣା ରେଞ୍ଜ ଛାଡ଼ି ଘଟଗାଁ ରେଞ୍ଜ ବାଇଗଣପାଳ ଜଙ୍ଗଲରେ ଡେରା ପକାଇଥିବା ପାଟଣା ବନପାଳ ନିରଞ୍ଜନ ସେଠୀ କହିଛନ୍ତି। ବନପାଳ ଘର ଭାଙ୍ଗିଥିବା ଗ୍ରାମକୁ ଯାଇ କ୍ଷୟକ୍ଷତି ଆକଳନ କରିଛନ୍ତି।

# ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ

ରାଇରଙ୍ଗପୁର,୨୯।୧୨(ସମିସ):

ରାଇରଙ୍ଗପୁର ମହୁଲଡ଼ିହାସ୍ଥ ଏସ୍‌ଏସ୍‌ଡି ବାଳିକା ଉଚ୍ଚ ବିଦ୍ୟାଳୟ ପରିସର ଖେଳ ପଡ଼ିଆରେ ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ସୋମବାର ଉଦଘାଟିତ ହୋଇଯାଇଛି। ଉଦଘାଟନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ସାଂସଦ ନବଚରଣ ମାଝୀଙ୍କ ସମେତ ଜିଲ୍ଲା ଓ ଉପଖଣ୍ଡସ୍ତରୀୟ କୃଷି ବିଭାଗ ଅଧିକାରୀ ଉପସ୍ଥିତ ଥିଲେ। ପ୍ରଦୀପ ପ୍ରଜ୍ୱଳନ କରି ଅନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଉକ୍ତ କୃଷି ଯନ୍ତ୍ରପାତି ମେଳା ଅନୁଷ୍ଠିତ ହେବ।



ଉନ୍ନତ ଚାଷ କାର୍ଯ୍ୟ ନିମନ୍ତେ ଅତ୍ୟାଧୁନିକ କୃଷି ଯନ୍ତ୍ରପାତିର ଆବଶ୍ୟକତା ରହିଛି। ଯାହା ଉକ୍ତ ମେଳା ଜରିଆରେ ପ୍ରଦର୍ଶନ ଓ ବିକ୍ରୟ ନିମନ୍ତେ ବ୍ୟବସ୍ଥା କରାଯାଇଛି। ସରକାରୀ ଆର୍ଥିକ ସହାୟତା, କୃଷି ଓ ଆନୁସାଙ୍ଗିକ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ବିଭାଗ ପ୍ରଚାର ଓ ପ୍ରସାର, ବ୍ୟାଙ୍କ ସହାୟତା କେନ୍ଦ୍ର ମାଧ୍ୟମରେ କୃଷି ଯନ୍ତ୍ରପାତି ପାଇଁ ଋଣର ସୁଯୋଗ, ନିର୍ଦ୍ଧାରିତ ସରକାରୀ ରିହାତିରେ କୃଷି ଯନ୍ତ୍ରପାତି କ୍ରୟ ନିମନ୍ତେ ବ୍ୟବସ୍ଥା କରାଯାଇଛି। ଅଗ୍ରୀମ ତତ୍କାଳ ବୁକିଂ ବ୍ୟବସ୍ଥା ମଧ୍ୟ ରହିଛି ବୋଲି କୃଷି ବିଭାଗ ପକ୍ଷରୁ କୁହାଯାଇଛି। ଆଧୁନିକ ବୈଷୟିକ ଜ୍ଞାନକୌଶଳ ଓ କୃଷି ଯନ୍ତ୍ରପାତିର ବ୍ୟବହାର ମାଧ୍ୟମରେ ଚାଷୀ ଚାଷ କ୍ଷେତ୍ରରେ କିପରି ଉନ୍ନତି କରିପାରିବେ ସେନେଇ ଅତିଥିମାନେ ମତପ୍ରକାଶ କରିଥିଲେ। ଅମଳ ଓ ଅମଳ ବୃଦ୍ଧି ନିମନ୍ତେ ଉନ୍ନତ ଯାନ୍ତ୍ରିକୀକରଣ ବ୍ୟବସ୍ଥା ତଥା ଏଥିରେ ଚାଷୀଙ୍କ ଭୂମିକା ସଂପର୍କରେ ଆଲୋଚନା କରିଥିଲେ। କୃଷିରେ ଉନ୍ନତ ଯାନ୍ତ୍ରିକୀକରଣ ଯୋଗୁଁ ଆଜିର ସମୟରେ ଉତ୍ପାଦନ ବଢ଼ିବା ଓ ଅମୃତ ଦେଶର ଖାଦ୍ୟ ବ୍ୟବସ୍ଥାକୁ ସୁଦୃଢ କରିବାକୁ ସହାୟକ ହେବ ବୋଲି ଚାଷୀଙ୍କୁ ବିଭିନ୍ନ ଦିଗରୁ ଉଦାହରଣ ଦେଇ ବୁଝାଇଥିଲେ। ଚାଷୀ କିପରି ଏହାର ସୁବିଧା ନେଇପାରିବେ, ସେ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ କୃଷକ ଓ ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲ୍ଲା କୃଷି ବିଭାଗ ପକ୍ଷରୁ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରାଯାଇଛି।

# ଆରାବଳୀକୁ ମିଳିଲା ଆଶ୍ୱସ୍ତି

## ନିଜ ଆଦେଶ ଉପରେ ରୋକ ଲଗାଇଲେ ସୁପ୍ରିମ୍‌କୋର୍ଟ





■ ଜାନୁଆରୀ ୨୧ ପର୍ଯ୍ୟନ୍ତ ଖନନ ହେବନାହିଁ

■ ରାଜସ୍ଥାନ ସମେତ ୪ ରାଜ୍ୟକୁ ମାଗିଲେ ଜବାବ

ନୂଆଦିଲ୍ଲୀ, ୨୯ ।୧୨ (ଏଜେନ୍ସି): ଆରାବଳୀ ପର୍ବତମାଳାର ସୁରକ୍ଷାକୁ ନେଇ ସାରା ଦେଶରେ ଉଦ୍‌ବେଗ ପ୍ରକାଶ ପାଇଛି। ଜନତାଙ୍କଠାରୁ ନେଇ ପରିବେଶକର୍ମୀ ପର୍ଯ୍ୟନ୍ତ ସମସ୍ତେ ସୁପ୍ରିମକୋର୍ଟ ଦେଇଥିବା 'ଶହେ ମିଟର' ରାୟକୁ ବିରୋଧ କରୁଛନ୍ତି। ଏପରି ସମୟରେ ନଭେମ୍ବର ୨୦ରେ ଦେଇଥିବା ନିଜର ପୂର୍ବ ନିଷ୍ପତ୍ତି ଉପରେ ସୁପ୍ରିମକୋର୍ଟ ସୋମବାର ରୋକ୍ ଲଗାଇ ଦେଇଛନ୍ତି। ଆସନ୍ତାବର୍ଷ ଜାନୁଆରୀ ୨୧ରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ। ସେ ପର୍ଯ୍ୟନ୍ତ ଆରାବଳୀରେ କୌଣସି ଖଣି ଖନନକୁ ବନ୍ଦ କରି ଦେଇଛନ୍ତି। ଏହି ମାମଲାର ତଦନ୍ତ ପାଇଁ ଏକ ବିଶେଷଜ୍ଞ କମିଟି ଗଠନ କରିବାକୁ ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି। ଏହି କମିଟି ଏବେକାର ବିଶେଷଜ୍ଞ କମିଟିର ରିପୋର୍ଟକୁ ବିଶ୍ଳେଷଣ କରିବ। ପରେ ଏହି ଘଟଣା ସହିତ ସମ୍ପୃକ୍ତ ପ୍ରସଙ୍ଗ ଉପରେ କୋର୍ଟଙ୍କୁ ପରାମର୍ଶ ଦେବ। ଏହି ମାମଲାରେ ସୁପ୍ରିମକୋର୍ଟ ଆରବଳୀ ପର୍ବତମାଳା ପରିବ୍ୟାପ୍ତ ହୋଇଥିବା ୪ଟି ରାଜ୍ୟ ରାଜସ୍ଥାନ, ଗୁଜରାଟ, ଦିଲ୍ଲୀ ଓ ରାଜସ୍ଥାନ ସମେତ କେନ୍ଦ୍ର ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ଏହି ପ୍ରସଙ୍ଗରେ ଜବାବ ଦାଖଲ କରିବାକୁ ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତ, ବିଚାରପତି ଜେକେ ମାହେଶ୍ୱରୀ ଓ ବିଚାରପତି ଏଜି ମସିହଙ୍କ ଅବକାଶକାଳୀନ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।

ଶୁଣାଣି ସମୟରେ ସିଜେଆଇ ସୂର୍ଯ୍ୟକାନ୍ତ ନିର୍ଦ୍ଦେଶ ଦେଇ କହିଥିଲେ ଯେ, ବିଶେଷଜ୍ଞ କମିଟିର ସୁପାରିସ୍ ଓ ଏହା ଉପରେ ପୂର୍ବରୁ ସୁପ୍ରିମକୋର୍ଟଙ୍କ ଦେଇଥିବା ରାୟ ସ୍ଥଗିତ ରହିବ। ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଏହି ସୁପାରିସଗୁଡ଼ିକ କାର୍ଯ୍ୟକାରୀ ହେବନାହିଁ। ଏହି ସୁପାରିସରେ ଶହେ ମିଟର ଉଚ୍ଚତାର ପର୍ବତକୁ ଆରାବଳୀ ମାନିବାକୁ କୁହାଯାଇଥିଲା।ସଲିସିଟର ଜେନେରାଲ ତୁଷାଟ ମେହେଟା କହିଥିଲେ ଯେ, କୋର୍ଟଙ୍କ ନିର୍ଦ୍ଦେଶ, ସରକାରଙ୍କ ଭୂମିକା ଓ ମାମଲାକୁ ନେଇ ଭ୍ରାନ୍ତ ଧାରଣା ରହିଛି। ଏଗୁଡ଼ିକର ପ୍ରଚାରପ୍ରସାର କରାଯାଉଛି। ଏହି ଭୁଲ ଧାରଣା ଦୂର କରିବା ପାଇଁ ଏକ ବିଶେଷଜ୍ଞ କମିଟି ଗଠନ କରାଯାଇଥିଲା। ଏହି କମିଟିର ରିପୋର୍ଟକୁ କୋର୍ଟ ଗ୍ରହଣ କରିଥିଲେ। ସେହିପରି ସୁପ୍ରିମକୋର୍ଟଙ୍କ ମଧ୍ୟ ସମାନ ଭାବନା ରହିଛି ବୋଲି ସିଜେଆଇ କହିଥିଲେ। ତେବେ ଏହି ଭୁଲ ଧାରଣା ଦୂର କରିବାକୁ ସ୍ପଷ୍ଟୀକରଣର ଆବଶ୍ୟକତା ହୋଇପାରେ। ବିଶେଷଜ୍ଞ କମିଟିର ରିପୋର୍ଟ କିମ୍ବା କୋର୍ଟଙ୍କ ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବା ପୂର୍ବରୁ ଏକ ନିରପେକ୍ଷ ଓ ସ୍ୱାଧୀନ ମୂଲ୍ୟାଙ୍କନର ଆବଶ୍ୟକତା ରହିଛି। ଏହାଦ୍ୱାରା ଅନେକ ପ୍ରମୁଖ ପ୍ରସଙ୍ଗରେ ସ୍ପଷ୍ଟ ମାର୍ଗଦର୍ଶନ ପ୍ରଦାନ କରାଯାଇପାରିବ।

## ତାମିଲନାଡୁରେ ପ୍ରବାସୀ ଶ୍ରମିକଙ୍କୁ ସଶସ୍ତ୍ର ଆକ୍ରମଣ

ତିରୁବଲ୍ଲୁର, ୨୯ ।୧୨(ଏଜେନ୍ସି): ତାମିଲନାଡୁରେ ସୋମବାର ଜଣେ ଯୁବକଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରାଯାଉଥିବାର ଏକ ବିଚଳିତ କଲା ଭଳି ଭିଡିଓ ସାମ୍ନାକୁ ଆସିଛି। ଏ ନେଇ ପୂର୍ବତନ ତାମିଲନାଡୁ ବିଜେପି ଅଧ୍ୟକ୍ଷ କେ ଆନ୍ନାମଲାଇ ଚିନ୍ତା ପ୍ରକଟ କରିବା ସହ ସାମାଜିକ ଗଣମାଧ୍ୟମ ଏକ୍ସରେ ଏହି ଭିଡିଓକୁ ସେୟାର କରିଛନ୍ତି। କିଛି ଯୁବକ ଆଉ ଜଣେ ଯୁବକଙ୍କୁ ଧରୁଆ ଅସ୍ତ୍ରରେ ଆକ୍ରମଣ କରୁଥିବା ଓ ବିଜୟ ଚିହ୍ନ ଦେଖାଉଥିବା ଭିଡିଓରେ ଦେଖାଯାଇଛି। ପୀଡିତଙ୍କୁ ତଳେ ପକାଇ ସେମାନେ ତାଙ୍କ କାନ, ମୁଣ୍ଡ ଓ ବେକରେ ଅନେକ ଆଘାତ ଦେଇଥିଲେ। ଗଣମାଧ୍ୟମର ରିପୋର୍ଟ ଅନୁସାରେ ଶ୍ରମିକଜଣକ ଗୁରୁତର ଅଛନ୍ତି ଓ ତାଙ୍କୁ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଉଛି। ତାଙ୍କର ଚିକିତ୍ସା କରାଯାଉଛି। ଏହି ଘଟଣା ନେଇ ସେ ତାମିଲନାଡୁରେ ଏମ୍‌କେ ଷ୍ଟାଲିନ ସରକାରଙ୍କ ଅଧିନରେ ଆଇନ ଶୃଙ୍ଖଳା ପରିସ୍ଥିତି ନେଇ ପ୍ରଶ୍ନ ଉଠାଇଛନ୍ତି। ଏହି ପୀଡିତ ଯୁବକ ହେଉଛନ୍ତି ମହାରାଷ୍ଟ୍ରର ଜଣେ ଶ୍ରମିକ। ତିରୁତ୍ତନୀରେ କାର୍ଯ୍ୟ କରୁଥିବା ମହାରାଷ୍ଟ୍ରର ଜଣେ ପ୍ରବାସୀ ଶ୍ରମିକ ସୂରଜଙ୍କୁ ଗଞ୍ଜେଇ ପାନ କରି ନିଶାରେ ଚୂର ହୋଇଥିବା କେତେଜଣ ଯୁବକ ନିର୍ମମ ଭାବେ ଆକ୍ରମଣ କରୁଛନ୍ତି ବୋଲି ଆନ୍ନାମଲାଇ ଲେଖିଛନ୍ତି। ଅବଶ୍ୟ ପୁଲିସ ଏହି ଅପରାଧୀମାନଙ୍କୁ ଗିରଫ କରିଥିଲେ ମଧ୍ୟ ଏହି ମାମଲା ଏବେ ଗମ୍ଭୀର ରୂପ ନେଇଛି।

## କାଲିଫର୍ଣ୍ଣିଆ କାର୍ ଦୁର୍ଘଟଣାରେ ଦୁଇ ଭାରତୀୟ ମହିଳା ମୃତ



ନୂଆଦିଲ୍ଲୀ, ୨୯ ।୧୨ (ଏଜେନ୍ସି): ପଶ୍ଚିମ ଆମେରିକୀୟ ରାଜ୍ୟ କାଲିଫର୍ଣ୍ଣିଆରେ ଦୁଇଜଣ ଭାରତୀୟ ମହିଳା କାର୍ ଦୁର୍ଘଟଣା ମୃତ୍ୟୁବରଣ କରିଛନ୍ତି। ଶନିବାର ସନ୍ଧ୍ୟାରେ ଆମେରିକା ପୁଲିସ ଏ ନେଇ ସୂଚନା ଦେଇଛି। ଏହି ଦୁଇ ମହିଳା ତେଲଙ୍ଗାନା ରାଜ୍ୟର। ଏହି ଦୁଇ ମହିଳା ହେଲେ ଗରିଆ ମଣ୍ଡଳରେ ରହୁଥିବା ୨୫ ବର୍ଷୀୟା ପୁଲଖାନ୍ଦମ ମେଘନା ରାନୀ ଓ ମୁଲାକାନୁର ଗାଁର କାଦିୟାଲା ଭବନା। ମହାବୁବାବାଡ଼ା ଜିଲ୍ଲାରେ ଏହି ଦୁଇଟି ଗାଁ ଅବସ୍ଥିତ। ୩ ବର୍ଷ ତଳେ ଏହି ଦୁଇ ମହିଳା ମାଷ୍ଟର୍ସ ଡିଗ୍ରୀ ପାଇଁ ଆମେରିକା ଯାଇଥିଲେ। ସେ ପାଠ ପଢ଼ାର ଅନ୍ତିମ ପର୍ଯ୍ୟାୟରେ ଉପନୀତ ହୋଇଥିଲେ ମଧ୍ୟ ଏହି ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ଓ ଚାକିରି ଅନ୍ୱେଷଣରେ ଥିଲେ। ସାଙ୍ଗଙ୍କ ମେଳରେ ଯାତ୍ରା କରୁଥିବା ବେଳେ ଅଲାବାମା ହିଲ୍ସ ନିକଟରେ ବାଟବଣା ହେବା ସହ ଗାଡ଼ି ଉପରୁ ନିୟନ୍ତ୍ରଣ ହରାଇଥିଲେ ଓ କାର୍ ରାସ୍ତାରୁ ଓଲଟି ପଡ଼ିବା ସହ ଗହୀର ଖାଇରେ ପଡ଼ିଥିଲା। ଏବେ ତେଲଙ୍ଗାନା ସରକାର ଜରୁରୀ ସହାୟତା ପାଇଁ ଭାରତ ସରକାରଙ୍କ ବିଦେଶ ମନ୍ତ୍ରଣାଳୟକୁ ନିବେଦନ କରିଛି। କାଲିଫର୍ଣ୍ଣିଆର ସ୍ଥାନୀୟ କର୍ତ୍ତୃପକ୍ଷ ଏହି ଦୁର୍ଘଟଣା ଜନିତ ମୃତ୍ୟୁ ନେଇ ତଦନ୍ତ ଆରମ୍ଭ କରିଛି।

## ମେକ୍ସିକୋରେ ଟ୍ରେନ୍ ଲାଇନଚ୍ୟୁତ୍; ୧୩ ମୃତ, ୯୮ ଆହତ

ମେକ୍ସିକୋ ସିଟି, ୨୯ ।୧୨(ଏଜେନ୍ସି): ଦକ୍ଷିଣ ମେକ୍ସିକୋରେ ଥିବା ରାଜ୍ୟ ଓଆକ୍ସାକାରେ ଏକ ଟ୍ରେନ୍ ଲାଇନଚ୍ୟୁତ ହେବା ପରେ ଏହାର ଇଞ୍ଜିନ ଓଲଟି ପଡ଼ିଥିଲା। ଫଳରେ ଏକ ବଡ଼ ଧରଣର ଦୁର୍ଘଟଣା ଘଟିଛି। ଟ୍ରେନ୍‌ର ଅନେକ ବଗି ଓଲିଟି ପଡ଼ିଛି। ଏଥିରେ ୧୩ ଜଣ ଯାତ୍ରୀ ମୃତ୍ୟୁବରଣ କରିଥିବା ବେଳେ ୯୮ ଜଣ ଆହତ ହୋଇଛନ୍ତି। ଟ୍ରେନ୍‌ଟି ମେକ୍ସିକୋ ଉପସାଗର ଓ ପ୍ରଶାନ୍ତ ମହାସାଗରକୁ ସଂଯୋଗ କରୁଥିବା ଏକ ନୂଆ ରୁଟ୍ ତଥା ରେଳପଥରେ ଯାତ୍ରା କରୁଥିଲା। ଏହି ରେଳପଥ ମେକ୍ସିକୋ ନୌସେନା ଦ୍ୱାରା ପରିଚାଳିତ। ମେକ୍ସିକୋ ନୌସେନା ଦେଇଥିବା ସୂଚନା ଅନୁଯାୟୀ, ଟ୍ରେନ୍‌ରେ ୯ ଜଣ କ୍ରୁ ସଦସ୍ୟଙ୍କ ସମେତ ୨୫୦ ଜଣ ଯାତ୍ରା କରୁଥିଲେ। ଚିଭେଲା ଓ ନିଜାଣ୍ଡୋ ସହର ମଧ୍ୟରେ ଏକ ମୋଡ଼ରେ ହିଁ ଦୁର୍ଘଟଣା ଘଟିଥିଲା। ଆହତମାନଙ୍କୁ ମଧ୍ୟରୁ ୩୬ ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ରାଷ୍ଟ୍ରପତି କ୍ଲାଉଡିଆ ସେନବାଉମ୍ ସାମାଜିକ ଗଣମାଧ୍ୟମ ଏକ୍ସରେ ଉଲ୍ଲେଖ କରିଛନ୍ତି ଯେ, ୫ ଜଣଙ୍କ ଅବସ୍ଥା ଗୁରୁତର ଅଛି। ସେ ମୃତକଙ୍କ ପରବାରକୁ ସହାୟତା ପ୍ରଦାନ କରିବା ପାଇଁ ବରିଷ୍ଠ ଅଧିକାରୀମାନଙ୍କୁ ଘଟଣାସ୍ଥଳକୁ ଯିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ପାଇବା ମାତ୍ରେ ସରକାରୀ ଏଜେନ୍ସିଗୁଡିକ ଆହତମାନଙ୍କୁ ସହାୟତା ପ୍ରଦାନ କରିବାକୁ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ୨୦୨୩ ଅର୍ଥାତ ଦୁଇବର୍ଷ ତଳେ ଏହି ଟ୍ରେନ ଲାଇନ୍ ଉଦ୍‌ଘାଟିତ ହୋଇଥିଲା।

# ଯୁଦ୍ଧ ବନ୍ଦ ନେଇ ଟ୍ରମ୍ପ ଆଶାବାଦୀ



■ ଫ୍ଲୋରିଡାରେ ଟ୍ରମ୍ପ- ଜେଲେଁସ୍କି ଭେଟ

■ 'ସୁରକ୍ଷା ଗ୍ୟାରିଣ୍ଟି ନେଇ ଚୁକ୍ତି ଚୂଡାନ୍ତ'

ନୂଆଦିଲ୍ଲୀ, ୨୯ ।୧୨(ଏଜେନ୍ସି): ଦକ୍ଷିଣପୂର୍ବ ଆମେରିକୀୟ ରାଜ୍ୟ ଫ୍ଲୋରିଡାରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ୟୁକ୍ରେନ ରାଷ୍ଟ୍ରପତି ଭୋଲୋଦିମିର ଜେଲେଁସ୍କି ରବିବାର ମାର୍-ଏ- ଲାଗୋ ରିସର୍ଟରେ ବୈଠକରେ ମିଳିତ ହୋଇଛନ୍ତି। ୩ ଘଣ୍ଟା ଧରି ଏହି ବୈଠକ ଚାଲିଥିଲା। ବୈଠକରେ କୌଣସି ଅନ୍ତିମ ଫଳାଫଳ ବାହାରି ନଥିଲେ ମଧ୍ୟ ଏହାର ଭୂମିକା ନିର୍ଣ୍ଣାୟକ ଥିଲା। ଟ୍ରମ୍ପ କହିଛନ୍ତି ଯେ, ରୁଷିଆ ଓ ୟୁକ୍ରେନ ମଧ୍ୟରେ ଗତ ୪ ବର୍ଷ ଧରି ଚାଲିଥିବା ଯୁଦ୍ଧ ଶୀଘ୍ର ବନ୍ଦ ହେବାର ସମ୍ଭାବନା ରହିଛି। ତେବେ ଯୁଦ୍ଧ କେବେ ବନ୍ଦ ହେବ, ସେନେଇ କୌଣସି ସମୟସୀମା ନିର୍ଦ୍ଧାରିତ ହୋଇନାହିଁ। ଜେଲେଁସ୍କି ଯୁଦ୍ଧି ସମାପ୍ତି ପାଇଁ ଏକ ଚୁକ୍ତିରେ ପହଞ୍ଚିବା ନିକଟତର ହୋଇଛନ୍ତି। ଏହା ସତ୍ତ୍ୱେ ପୂର୍ବ ୟୁକ୍ରେନର ବିବାଦୀୟ ଡୋନବାସ ଅଞ୍ଚଳର ଭବିଷ୍ୟତ ଏବେ ମଧ୍ୟ ଏକ ଅସମାହିତ ପ୍ରସଙ୍ଗ ଭାବେ ରହିଛି। ଟ୍ରମ୍ପ ଓ ଜେଲେଁସ୍କି ୟୁକ୍ରେନ ପାଇଁ ସୁରକ୍ଷା ଗ୍ୟାରେଣ୍ଟି ଓ ଡୋନବାସ ଅଞ୍ଚଳର ବିଭାଜନ ନେଇ ଅଗ୍ରଗତି ସମ୍ପର୍କରେ କଥା ହୋଇଥିଲେ। କିନ୍ତୁ ଏ ନେଇ ଚୁକ୍ତି ନେଇ କୌଣସି ଠୋସ ବିବରଣୀ କିମ୍ବା ସମୟସୀମା ପ୍ରଦାନ କରିନଥିଲେ। କିଛି ପ୍ରସଙ୍ଗ ଉପରେ ଆଲୋଚନା ହେବାକୁ ବାକି ଅଛି ଓ ଆଲୋଚନା ସଫଳ ହେବ କି ନା ତାହା କିଛି ସପ୍ତାହ ମଧ୍ୟରେ ସ୍ପଷ୍ଟ ହୋଇଯିବ। ସେପଟେ ଜେଲେଁସ୍କି କହିଛନ୍ତି ଯେ, ୟୁକ୍ରେନ ପାଇଁ ସୁରକ୍ଷା ଗ୍ୟାରେଣ୍ଟି ଉପରେ ଚୁକ୍ତି ହୋଇଛି। ଟ୍ରମ୍ପ କହିଛନ୍ତି ଯେ, ଚୁକ୍ତି ନେଇ ୯୫ ପ୍ରତିଶତ ସହମତି ହୋଇଛି ଏବଂ ୟୁରୋପୀୟ ଦେଶଗୁଡିକ ଆମେରିକାର ସମର୍ଥନ ଓ ସହଯୋଗ ସହିତ ଏହି ପ୍ରୟାସର ବଡ଼ ଭୂମିକା ଗ୍ରହଣ କରିବା ସହ ପ୍ରୟାସର ପ୍ରମୁଖ ଅଂଶ ରହିବେ। ଉଲ୍ଲେଖଥାଉ କି, ଡୋନବାସ ଅଞ୍ଚଳକୁ ନେଇ ରୁଷି ଓ ୟୁକ୍ରେନ ମଧ୍ୟରେ ବିବାଦ ଜାରି ରହିଛି। ରୁଷ ପୂରା ଡୋନବାସ ଅଞ୍ଚଳକୁ ନିଜ ଅକ୍ତିଆରକୁ ନେବାକୁ ଚାହୁଁଥିବା ବେଳେ ୟୁକ୍ରେନ ଏହାକୁ ଛାଡ଼ିବାକୁ ରାଜି ନୁହେଁ। ଡୋନବାର ଭବିଷ୍ୟତ ଏବେ ସ୍ଥିର ହୋଇନାହିଁ। କିନ୍ତୁ ଆଲୋଚନା ଠିକ୍ ଦିଗରେ ଯାଉଛି ବୋଲି ଟ୍ରମ୍ପ କହିଛନ୍ତି। ଆମେରିକା ପ୍ରସ୍ତାବ ଦେଇଛି ଯେ, ଯଦି ୟୁକ୍ରେନ ଡୋନ୍‌ବାସକୁ ଛାଡିଦିଏ ତେବେ, ଏକ ମୁକ୍ତ ଅର୍ଥନୈତିକ ଅଞ୍ଚଳରେ ପରିଣତ ହୋଇପାରେ। ଏହା ଏକ ବହୁତ କଷ୍ଟକର ପ୍ରସଙ୍ଗ ହୋଇଥିଲେ ମଧ୍ୟ ସମାଧାନ ଦିଗରେ ଅଗ୍ରସର ହୋଇଛୁ ବୋଲି ଟ୍ରମ୍ପ କହିଛନ୍ତି।

ଏହିକ୍ରମରେ ଟ୍ରମ୍ପ ଜେଲେଁସ୍କିଙ୍କୁ ଜଣେ ସାହସୀ ବ୍ୟକ୍ତି ଓ ତାଙ୍କ ଲୋକଙ୍କୁ ସାହସୀ ବୋଲି କହିଥିଲେ। ଏଥିପାଇଁ ଜେଲେଁସ୍କି ଟ୍ରମ୍ପଙ୍କୁ ଧନ୍ୟବାଦ ଜଣାଇଥିଲେ। ଏପର୍ଯ୍ୟନ୍ତ ବିଶ୍ୱରେ ୮ଟି ଯୁଦ୍ଧକୁ ରୋକିବାରେ ସଫଳ ହୋଇଛି।

କିନ୍ତୁ ରୁଷ- ୟୁକ୍ରେନ ଯୁଦ୍ଧ ରୋକିବା ସବୁଠାରୁ କଷ୍ଟକର ବୋଲି ଟ୍ରମ୍ପ ସ୍ୱୀକାର କରିଛନ୍ତି। ଜେଲେଁସ୍କିଙ୍କ ସହ କଥା ହେବା ପୂର୍ବରୁ ଟ୍ରମ୍ପ ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହ କଥା ହୋଇଥିଲେ। ଉଲ୍ଲେଖଥାଉ କି, ରୁଷ ଓ ୟୁକ୍ରେନ ମଧ୍ୟରେ ୨୦୨୨ ଫେବୃଆରୀରେ ଆରମ୍ଭ ହୋଇଥିଲା।

# ତାଇୱାନକୁ ପାଞ୍ଚ ପଟୁ ଘେରିଲା ଚୀନ୍

ତାଇୱାନ ମଧ୍ୟ ପ୍ରତି-ଯୁଦ୍ଧ ଅଭ୍ୟାସ ଆରମ୍ଭ କଲା, ତିନି ସେନା ସଜାଗ

ବେଜିଂ/ତାଇପେ, ୨୯ ।୧୨(ଏଜେନ୍ସି): ଚୀନ୍ ତାଇୱାନକୁ ୫ ପଟୁ ଘେରିବା ଆରମ୍ଭ କରିବା ସହ ବଡ଼ ଧରଣର ସୈନ୍ୟ ଅଭ୍ୟାସ ଆରମ୍ଭ କରିଛି। ଚୀନ ସେନା ତାଇୱାନର ଉତ୍ତର, ଉତ୍ତରପୂର୍ବ, ପଶ୍ଚିମ, ଦକ୍ଷିଣ ଓ ପୂର୍ବ ଉପକୂଳରେ ଲାଇଭ-ଫାୟାର ଡ୍ରିଲ ଆରମ୍ଭ କରିଛି। ଚୀନର ଏହି ଆକ୍ରମଣାତ୍ମକ ଆଭିମୁଖ୍ୟ ଜବାବ ଦେବାକୁ ତାଇୱାନ ମଧ୍ୟ ପ୍ରତି-ଯୁଦ୍ଧ ଅଭ୍ୟାସ ଆରମ୍ଭ କରିଛି। ତାଇୱାନ ସ୍ଥଳ ସେନା, ନୌସେନା ଓ ବାୟୁସେନାକୁ ସଜାଗ କରିଛି। ଏ ନେଇ ତାଇୱାନ ପ୍ରତିରକ୍ଷା ମନ୍ତ୍ରଣାଳୟ ସୂଚନା ଦେଇଛି। ଚୀନର କାର୍ଯ୍ୟକଳାପ ଉପରେ କଡ଼ା ନଜର ରଖାଯାଇଛି। ସେନା ମୁତୟନ କରିବା ସହ ତାଇୱାନ ମଧ୍ୟ ଯୁଦ୍ଧ ଅଭ୍ୟାସ ଆରମ୍ଭ କରିଛି। ଚୀନ୍ ଆଞ୍ଚଳିକ ଶାନ୍ତି ଓ ସ୍ଥିରତା ନଷ୍ଟ କରୁଛି ବୋଲି ତାଇୱାନ ଅଭିଯୋଗ କରିଛି। ତାଇୱାନ ତଟରକ୍ଷୀ ବାହିନୀ ଅନୁଯାୟୀ ଚୀନ୍‌ର ସାମରିକ ଅଭ୍ୟାସ ଜାହାଜର ଗତିବିଧି ଓ ମତ୍ସ୍ୟଜୀବୀଙ୍କ ସୁରକ୍ଷାପ୍ରତି ବିପଦ ସୃଷ୍ଟି କରିଛି। ଚୀନର ପିପୁଲ୍ସ ଲିବେରସନ ଆର୍ମି (ପିଏଲ୍‌ଏ) ଅନୁଯାୟୀ ନୌସେନା, ବାୟୁସେନା ଓ ରକେଟ ଫୋର୍ସ ଏହି ଅଭ୍ୟାସରେ ଏକାଠି ହୋଇଛନ୍ତି। ଯୁଦ୍ଧ ଜାହଜ, ଲଢୁଆ ବିମାନ, ବୋମାମାଡ଼କାରୀ ବାହିନୀ, ଡ୍ରୋନ୍ ଓ ଦୂରଗାମୀ କ୍ଷେପଣାସ୍ତ୍ର ଅଭ୍ୟାସରେ ବ୍ୟବହୃତ ହୋଇଛି। ଏହି ସାମିରିକ ଅଭିଯାନକୁ 'ନ୍ୟାୟ ମିଶନ ୨୦୨୫' ନାମ ଦିଆଯାଇଛି। ଚୀନର ଏହି ଅଭ୍ୟାସ ପୂର୍ବାପେକ୍ଷା ବଡ଼ ଓ ତାଇୱାନର ଅତି ନିକଟରେ କରାଯାଉଛି। ଉଲ୍ଲେଖଯୋଗ୍ୟ ଯେ, ଚୀନ ତାଇୱାନକୁ ନିଜର ଏକ ଅଂଶ ବୋଲି ବିବେଚନା କରୁଛି। ତେଣୁ ଏହି ବିବାଦ ସୃଷ୍ଟି ହୋଇଛି। ଚୀନ୍‌ର ଏହି ଯୁଦ୍ଧଭ୍ୟାସ ପାଇଁ ଆମେରିକା ଓ ତାଇୱାନ ମଧ୍ୟରେ ଅସ୍ତ୍ରଶସ୍ତ୍ର ଚୁକ୍ତି ହୋଇଛି। ଆମେରିକା ତାଇୱାନକୁ ୧୧.୧ ବିଲିଅନ ଡଲାରର ଅସ୍ତ୍ରଶସ୍ତ୍ର ବିକ୍ରି କରିବ ବୋଲି ଘୋଷଣା କରିଛି।

## ମେକ୍‌ଅପ୍ ଦ୍ୱାରା ଟ୍ରମ୍ପ ଲୁଚାଉଛନ୍ତି କି ରୋଗ?



ଫ୍ଲୋରିଡା, ୨୯ ।୧୨(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ୟୁକ୍ରେନ ରାଷ୍ଟ୍ରପତି ଭୋଲୋଦିମିର ଜେଲେଁସ୍କିଙ୍କ ମଧ୍ୟରେ ହୋଇଥିବା ବୈଠକର ନିଷ୍କର୍ଷ ନେଇ ସାରା ବିଶ୍ୱରେ ଚର୍ଚ୍ଚା ଚାଲୁଥିବା ବେଳେ ଟ୍ରମ୍ପଙ୍କ ହାତରେ ଥିବା ମେକଅପ୍‌କୁ ନେଇ ବିଭିନ୍ନ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ମେକ୍‌ଅପ୍ କରି ଟ୍ରମ୍ପ ନିଜ ହାତରେ ଥିବା ଏକ ଚିହ୍ନ ଅର୍ଥାତ କୌଣସି ରୋଗକୁ ଛୁପାଇବାକୁ ପ୍ରୟାସ କରୁଛନ୍ତି ବୋଲି କୁହାଯାଇଛି। ବୈଠକ ଅବସରରେ ଟ୍ରମ୍ପଙ୍କ ଡାହାଣ ହାତରେ ସ୍ପଷ୍ଟ ଭାବେ ମେକ୍‌ଅପ ଦେଖିବାକୁ ମିଳିଥିଲା। ଏ ନେଇ ହ୍ୱାଇଟହାଉସ୍ ତରଫରୁ ସ୍ପଷ୍ଟୀକରଣ ଦିଆଯାଇଛି। ଟ୍ରମ୍ପ ବହୁ ଲୋକଙ୍କୁ ଭେଟୁଛନ୍ତି ଓ ଲଗାତର ସେମାନଙ୍କ ସହ ହାତ ମିଳାଉଛନ୍ତି। ଏହି କାରଣରୁ ହାତରେ ଏଭଳି ଚିହ୍ନ ସୃଷ୍ଟି ହୋଇଛି ବୋଲି ହ୍ୱାଇଟ ହାଉସ ପ୍ରେସ ସଚିବ କାରୋଲିନ ଲେଭିଟ କହିଛନ୍ତି। ୭୯ ବର୍ଷୀୟ ଟ୍ରମ୍ପ ପ୍ରତିଦିନ ଶହଶହ ଲୋକଙ୍କ ସହ ହାତ ମିଳାଉଛନ୍ତି ଓ ଏହି କାରଣରୁ ତାଙ୍କ ହାତର କୋମଳ ତ୍ୱଚାରେ ଚିହ୍ନ ସୃଷ୍ଟି ହୋଇଛି ବୋଲି ଡାକ୍ତରମାନେ କହିଛନ୍ତି। ପୁଣି ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟା କାରଣରୁ ଟ୍ରମ୍ପ ଔଷଧ ସେବନ କରୁଛନ୍ତି। ଫଳରେ ତାଙ୍କ ରକ୍ତ ପତଳା ହୋଉଛି ଓ ସାମାନ୍ୟ ରଗଡ଼ି ହେଲେ ଚର୍ମରେ ଚିହ୍ନ ସୃଷ୍ଟି ହେଉଛି ବୋଲି ଲେଭିଟ୍ କହିଛନ୍ତି। କିନ୍ତୁ ଟ୍ରମ୍ପ ଏକ ଗମ୍ଭୀର ରୋଗ ଲୁଚାଉଛନ୍ତି ବୋଲି ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ହେଉଛି। ପୂର୍ବରୁ ଗତ ଫେବୃଆରୀରେ ମଧ ଟ୍ରମ୍ପଙ୍କ ହାତରେ ଏକ କଳା-ନୀଳ ଚିହ୍ନ ଦେଖିବାକୁ ମିଳିଥିଲା। ତେବେ ଟ୍ରମ୍ପ ସବୁଥର ଏହି ଚର୍ଚ୍ଚାକୁ ଅଣଦେଖା କରିଛନ୍ତି।

# ୧୨୦ରୁ ଅଧିକ ବିମାନ ଉଡ଼ାଣ ବାତିଲ, ୨୦୦ ବିଳମ୍ବିତ

ଦିଲ୍ଲୀକୁ ଅଚଳ କଲା ଘନ କୁହୁଡ଼ି

ନୂଆଦିଲ୍ଲୀ, ୨୯ ।୧୨(ଏଜେନ୍ସି): ସାରା ଭାରତରେ ଅସହ୍ୟ ଶୀତ ଅନୁଭୂତ ହେଉଛି। ହାଡ଼ଭଙ୍ଗା ଶୀତ ଓ ଘନ କୁହୁଡ଼ି ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଉଛି। ଏହାର ପ୍ରଭାବରେ ଦିଲ୍ଲୀରେ ଅଚଳ ହେବା ଭଳି ସ୍ଥିତି ସୃଷ୍ଟି ହୋଇଛି। ସୋମବାର ଏଠାରେ ବିମାନ, ରେଳ ଚଳାଚଳରେ ସମସ୍ୟା ସୃଷ୍ଟି ହୋଇଛି। କୁହୁଡ଼ି ଛାଇ ରହିଥିବାରୁ ଶହ ଶହ ବିମାନ ଉଡାଣ ବାତିଲ ଏବଂ ବିଳମ୍ବିତ ରହିଛି। ଟ୍ରେନ୍ ନିର୍ଦ୍ଧାରିତ ସମୟରୁ ଘଣ୍ଟା ଘଣ୍ଟା ବିଳମ୍ବରେ ଚାଲୁଛି। ଫଳରେ ଯାତ୍ରୀମାନେ ଷ୍ଟେସନ ଏବଂ ବିମାନବନ୍ଦରରେ ଫସି ରହି ହନ୍ତସନ୍ତ ହେଉଛନ୍ତି। ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ (ଆଇଜିଆଇ) ବିମାନବନ୍ଦରରେ ଅତିକମ୍‌ରେ ୧୨୮ ବିମାନ ଉଡାଣ (୬୪ ପ୍ରସ୍ଥାନ, ୬୪ ଆଗମନ) ବାତିଲ କରାଯାଇଥିଲା। ଦୃଶ୍ୟମାନ କ୍ଷମତା ହ୍ରାସ ପାଇବା କାରଣରୁ ୮ଟି ଉଡାଣକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିଲା।

ଫ୍ଲାଇଟ୍ ଟ୍ରାକିଂ ୱେବସାଇଟ୍ ଫ୍ଲାଇଟଟ୍ରେଡର୨୪ ଅନୁଯାୟୀ, ପ୍ରାୟ ୨୦୦ ବିମାନ ବିଳମ୍ବିତ ହୋଇଥିଲା ଓ ୨୪ ମିନିଟ ବିଳମ୍ବରେ ଉଡ଼ାଣ ଭରିଥିଲା। ବିମାନବନ୍ଦର ଦୃଶ୍ୟମାନ କ୍ଷମତା୫୦ମିଟର ପର୍ଯ୍ୟନ୍ତ ହ୍ରାସ ପାଇଥିଲା। ଫଳରେ ସିଏଟି୩ ଭଳି ସ୍ଥିତି କାର୍ଯ୍ୟ ଜାରି ରଖିବାକୁ ପଡ଼ିଥିଲା। ଘନ କୁହୁଡ଼ି ସମୟରେ ଏହା ବ୍ୟବହୃତ ଏକ ଉନ୍ନତ ଅବତରଣ ବ୍ୟବସ୍ଥା। ସୋମବାର ଦିଲ୍ଲୀର ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ୪୦୦ ଅତିକ୍ରମ କରିଥିଲା ଓ ବାୟୁ ପ୍ରଦୂଷଣ ଉଦ୍‌ବେଗଜନକ ବୋଲି ସୂଚିତ କରିଥିଲା। ଖରାପ ପାଗ ଯୋଗୁଁ ଇଣ୍ଡିଗୋ ଏୟାର ଲାଇନ୍ସ ତା'ର ୮୦ ଉଡାଣକୁ ବାତିଲ କରିଛି। ଏଥିରୁ ପ୍ରାୟ ଅଧା ଦିଲ୍ଲୀରେ ବାତିଲ ହୋଇଛି। କୁହୁଡି ଯୋଗୁଁ ପ୍ରଭାବିତ ହୋଇଥିବା ଅନ୍ୟ ବିମାନବନ୍ଦରଗୁଡିକ ହେଲା ମୁମ୍ବଇ, ବେଙ୍ଗାଲୁରୁ, କୋଚି, ହାଇଦରାବାଦ, କୋଲକାତା, ଅମୃତସର, ଚଣ୍ଡିଗଡ଼, ଜୟପୁର, ଡେରାଡୁନ, ଇନ୍ଦୋର, ପାଟନା ଓ ଭୋପାଳ। ତେବେ ଏୟାର ଲାଇନ୍ସଗୁଡିକ ବାତିଲ ହୋଇଥିବା ବିମାନ ସଂଖ୍ୟା ନେଇ କୌଣସି ସୂଚନା ଦେଇନାହାନ୍ତି।

କୁହୁଡ଼ି କାରଣରୁ ରେଳ ସେବା ମଧ୍ୟ ବାଧାପ୍ରାପ୍ତ ହୋଇଛି। ସେପଟେ ପ୍ରବଳ ଥଣ୍ଡା ଯୋଗୁଁ ଉତ୍ତର ପ୍ରଦେଶରେ ଜାନୁଆରୀ ୧ ପର୍ଯ୍ୟନ୍ତ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ପାଇଁ ଛୁଟି ଘୋଷଣା କରିଛନ୍ତି। ରାଜ୍ୟର ୧୮ଟି ଜିଲ୍ଲାରେ ଦୃଶ୍ୟମାନ କ୍ଷମତା ଶୂନ ଥିଲା। ରାଜସ୍ଥାନର ଅନେକ ସହରରେ ତାପମାତ୍ର ଏକକ ସଂଖ୍ୟାରେ ପହଞ୍ଚିଛି। ଉତ୍ତରାଖଣ୍ଡର ଉପର ଭାଗ ପାଇଁ ପାଣିପାଗ ବିଭାଗ ତୁଷାରପାତ ସତର୍କତା ଜାରି କରିଛି। ଜମ୍ମୁ-କଶ୍ମୀର, ଦିଲ୍ଲୀ, ପଞ୍ଜାବ, ହରିୟାଣା, ଉତ୍ତର ପ୍ରଦେଶ, ବିହାର, ଝାଡଖଣ୍ଡ, ଛତିଶଗଡ଼, ରାଜସ୍ଥାନ ଓ ମଧ୍ୟପ୍ରଦେଶରେ ଜାନୁଆରୀ ୨ ପର୍ଯ୍ୟନ୍ତ ତାପମାତ୍ରା ହ୍ରାସ ପାଇବ ବୋଲି କୁହାଯାଇଛି।

## ଡେରାଡୁନ୍‌ରେ ତ୍ରିପୁରା ଯୁବକଙ୍କୁ ବର୍ଣ୍ଣବୈଷମ୍ୟ ଆକ୍ଷେପ ସହ ହତ୍ୟା



ଡେରାଡୁନ୍, ୨୯ ।୧୨(ଏଜେନ୍ସି): ଉତ୍ତରାଖଣ୍ଡର ଡେରାଡୁନ୍‌ରେ ତ୍ରିପୁରାର ଜଣେ ଯୁବକଙ୍କୁ ବର୍ଣ୍ଣବୈଷମ୍ୟ ଆକ୍ଷେପ କରାଯିବା ସହ ନିର୍ମମ ଭାବେ ହତ୍ୟା କରାଯାଇଛି। ଡିସେମ୍ବର ୯ରେ ୨୪ ବର୍ଷୀୟ ଛାତ୍ର ଆଞ୍ଜେଲ ଚକ୍‌ମାଙ୍କୁ କିଛି ଯୁବକ ଚାଇନିଜ, ମୋମୋ, ଚିଙ୍କି ଓ ନେପାଳୀ ବୋଲି କହି ଆକ୍ରମଣ କରିଥିଲେ। ସେତେବେଳେ ଆଞ୍ଜେଲ ଓ ତାଙ୍କ ସାନ ଭାଇ ମାଇକେଲ ବଜାରକୁ ଜିନିଷପତ୍ର କ୍ରୟ କରିବାକୁ ଯାଇଥିଲେ। ମଦ୍ୟପାନ କରି ନିଶାରେ ଥିବା କେତେଜଣ ଯୁବକ ଦୁଇ ଭାଇଙ୍କ ଚେହେରା ଓ ଚାହାଣୀକୁ ଦେଖି ଆପତ୍ତିଜନକ ବ୍ୟବହାର କରିଥିଲେ। ଆଞ୍ଜେଲ କିନ୍ତୁ ଏହାକୁ ବିରୋଧ କରିଥିଲେ ଓ ଆମକୁ ଭାରତୀୟ ବୋଲି ପ୍ରମାଣ କରିବାକୁ କେଉଁ ପ୍ରମାଣପତ୍ର ଦେବାକୁ ହେବ ବୋଲି ପ୍ରଶ୍ନ ପଚାରିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ଯୁବକମାନେ ତାଙ୍କୁ ଛୁରୀ ଓ ଲୁହା ରଡ଼ରେ ନିର୍ମମ ଭାବେ ଆକ୍ରମଣ କରିଥିଲେ। ଏଥିରେ ଆଞ୍ଜେଲଙ୍କ ମୁଣ୍ଡ, ବେକ, ମେରୁଦଣ୍ଡ ହାଡ଼ରେ ଗଭୀର ଆଘାତ ଲାଗିଥିଲା। ୧୭ ଦିନ ଧରି ଆଇସିୟୁରେ ଚିକିତ୍ସିତ ହେବା ପରେ ସେ ଡିସେମ୍ବର ୨୬ରେ ମୃତ୍ୟୁବରଣ କରିଥିଲେ। ଏବେ ଏହି ଘଟଣାକୁ ନେଇ ସାରା ଦେଶରେ ଚର୍ଚ୍ଚା ସୃଷ୍ଟି ହୋଇଛି। ପୁଲିସ ଏହି ମାମଲାରେ ୫ ଅଭିଯୁକ୍ତଙ୍କୁ ଗିରଫ କରିଛି। ତେବେ ମୁଖ୍ୟ ଅଭିଯୁକ୍ତ କାଣ୍ଡ ଘଟାଇ ନେପାଳ ଫେରାର ହୋଇଯାଇଛି। ପୁଲିସ ତା ଉପରେ ୨୫, ୦୦୦ ଟଙ୍କାର ପୁରସ୍କାର ଘୋଷଣା କରିଛି। ଏହି ଘଟଣାକୁ ନେଇ ପୂରା ଉତ୍ତରପୂର୍ବ ଭାରତ, ଖାସ କରି ତ୍ରିପୁରାରେ ଜବରଦସ୍ତ ଆକ୍ରୋଶ ଦେଖିବାକୁ ମିଳିଛି। ଏହାକୁ ବିରୋଧ କରି ଶୋଭା ଯାତ୍ର ଓ କ୍ୟାଣ୍ଡଲ ମାର୍ଚ୍ଚ ବାହାର କରାଯାଇଛି।

# ଚରମପନ୍ଥୀଙ୍କ କବ୍‌ଜାରେ ବାଂଲାଦେଶ

# ୟୁନୁସ୍ ଅସହାୟ କାହିଁକି?



■ ହିନ୍ଦୁଙ୍କ ୫ ଘର ଜାଳିଦେଲେ

■ ୬ ମାସରେ ସଂଖ୍ୟାଲଘୁଙ୍କ ଉପରେ ୭୧ ଆକ୍ରମଣ

ଢାକା, ୨୯।୧୨ (ଏଜେନ୍ସି): ପରାଜୟ ଭୟରେ ବାଂଲାଦେଶରେ ସାଧାରଣ ନିର୍ବାଚନୀ ଘୁଞ୍ଚାଇବା ପାଇଁ କାମଚଳା ପ୍ରଧାନମନ୍ତ୍ରୀ ମହମ୍ମଦ ୟୁନୁସ ଷଡ଼ଯନ୍ତ୍ର କରି ହିଂସାକୁ ପ୍ରୋତ୍ସାହନ ଦେଉଛନ୍ତି। ଏବେ ସମଗ୍ର ବାଂଲାଦେଶ ଚରମପନ୍ଥୀଙ୍କ କବଜାରେ। ସେମାନେ ମନଇଛା ହିଂସା ଘଟାଇ ଚାଲିଛନ୍ତି। କିନ୍ତୁ ୟୁନୁସ ସରକାର ଚୁପ୍ ବସିଛି। ସେମାନଙ୍କୁ ନିୟନ୍ତ୍ରଣ କରିବା ଲାଗି ଠୋସ ପଦକ୍ଷେପ ନେଉନାହିଁ। କେବଳ ବିରୋଧୀ ଏବଂ ବିଶେଷ କରି ବିତାଡ଼ିତ ପ୍ରଧାନମନ୍ତ୍ରୀ ହସିନାଙ୍କ ସମର୍ଥକ ନୁହନ୍ତି, ହିନ୍ଦୁ ସଂପ୍ରଦାୟର ଲୋକଙ୍କୁ ମଧ୍ୟ ଟାର୍ଗେଟ କରିଛନ୍ତି ଚରମପନ୍ଥୀ। ଆକ୍ରମଣର ଖବର ମିଳିବା ସତ୍ତ୍ୱେ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ହାତ ବାନ୍ଧି ବସି ରହିଛି। ତେଣୁ ଚରମପନ୍ଥୀ କ୍ରମାଗତ ଭାବେ ହିଂସା ଘଟାଇ ଚାଲିଛନ୍ତି। ଦୀପୁ ଚନ୍ଦ୍ର ଦାସଙ୍କୁ ହତ୍ୟା କରିବା ପରଠାରୁ ସମାନେ ଅନେକ ଘର ଉପରେ ଆକ୍ରମଣ କରୁଛନ୍ତି। ଏବେ ହିନ୍ଦୁ ପରିବାରର ଆଉ ୫ଟି ଘରେ ନିଆଁ ଲଗାଇ ଦିଆଯାଇଥିବାର ଖବର ମିଳିଛି। ଗତ ୨୭ ତାରିଖରେ ପିରୋଜପୁର ଜିଲ୍ଲା ଦମ୍ରିତାଲା ଗ୍ରାମରେ ଏହି ଘଟଣା ଘଟିଥିଲା ବୋଲି କୁହାଯାଉଛି।

ପରିବାର ସଦସ୍ୟଙ୍କ ଅନୁଯାୟୀ, ସମସ୍ତେ ଘରେ ଭିତରେ ଥିବାବେଳେ ବାହାର ପଟୁ ବନ୍ଦ କରି ନିଆଁ ଲଗାଇ ଦେଇଥିଲେ। ଏହା ଜାଣିବା ପରେ ଜୀବନ ବଞ୍ଚାଇବା ପାଇଁ ସେମାନେ ଏହି ମାମଲାରେ ସ୍ଥାନୀୟ ପୁଲିସ ୫ ଜଣଙ୍କୁ ଗିରଫ କରିଛି। ଅଧିକାରୀଙ୍କ କହିବା ଅନୁଯାୟୀ, ନିଆଁ ଲାଗିବାର କାରଣ ଏ ପର୍ଯ୍ୟନ୍ତ ଜଣାପଡ଼ି ନାହିଁ। ତେବେ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଆକ୍ରମଣକାରୀ ଏକ ପ୍ରକୋଷ୍ଠରେ କପଡ଼ା ଭର୍ତ୍ତି କରି ନିଆଁ ଲଗାଇ ଦେଇଥିଲେ। ଏହାଦ୍ୱାରା ନିଆଁ ଦ୍ରୁତ ଗତିରେ ବ୍ୟାପି ଯାଇଥିଲା। ଏହାର ଭିଡିଓ ଭାଇରାଲ ହେବାରେ ଲାଗିଛି।

ବାଂଲାଦେଶରେ ସଂଖ୍ୟାଲଘୁଙ୍କ ପାଇଁ କାମ କରୁଥିବା ସଂଗଠନ ହ୍ୟୁମାନ୍ ରାଇଟ୍ସ କଂଗ୍ରେସ ଫର୍ ବାଂଲାଦେଶ ମାଇନୋରିଟିଜ୍ (ଏଚଆରସିବିଏମ) ପକ୍ଷରୁ କୁହାଯାଇଛି ।।ଯେ ପ୍ରତ୍ୟେକ ଆକ୍ରମଣରେ ସମାନ ରଣନୀତି ବ୍ୟବହାର କରାଯାଉଛି। ବାଂଲାଦେଶର ୩୦ରୁ ଅଧିକ ଜିଲ୍ଲାରେ ଏଭଳି ହିଂସା ଘଟୁଛି। ଚଳିତ ବର୍ଷ ଜୁନରୁ ଡିସେମ୍ବର ମଧ୍ୟରେ ଏପରି ଅତି କମରେ ୭୧ଟି ମାମଲା ପଞ୍ଜିକୃତ ହୋଇଛି।

# ଏଆଇର ଆଧିପତ୍ୟ

**ସାରା ବିଶ୍ୱରେ ବର୍ତ୍ତମାନ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ)ର ଦବ୍‌ଦବା। ଏଆଇକୁ ନେଇ ଅନେକ ସମ୍ଭାବନା ରହିଥିବାବେଳେ ବିପଦ ବି କିଛି କମ୍ ନାହିଁ। ୨୦୨୬ରେ ସମସ୍ତଙ୍କ ନଜର ଏହି ନୂଆ ଟେକ୍ନୋଲୋଜି ଉପରେ ରହିବ। ବର୍ଷ ୨୦୨୬ ବିଶ୍ୱ ବାଣିଜ୍ୟ ପାଇଁ ଅଶାନ୍ତର ବର୍ଷ ହେବାକୁ ଥିବାବେଳେ ଦେଶର ଅର୍ଥନୀତି କେତେକାଂଶରେ ଭଲ ରହିବ ବୋଲି ଆକଳନ କରାଯାଉଛି। ହେଲେ ଟାରିଫ୍ ପ୍ରସଙ୍ଗ ଭାରତର ପିଛା ଛାଡ଼ିବନି। ନୂଆ ବର୍ଷରେ ସୁନା, ରୁପାର ଚମକ ଆହୁରି ବଢ଼ିବାକୁ ଥିବାବେଳେ ଭାରତୀୟ ମୁଦ୍ରା ଟଙ୍କା ୨୦୨୫ ତୁଳନାରେ ଅଧିକ ଦୁର୍ବଳ ହେବା ସହ ବଜାର ଦର ମହଙ୍ଗା ରହିବ।**

ବର୍ଷ ୨୦୨୬ରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ବା କୃତ୍ରିମ ବୁଦ୍ଧିମତ୍ତାର ପ୍ରଭାବ ଦ୍ରୁତ ଗତିରେ ବୃଦ୍ଧି ପାଇବ। ତେଣୁ, ଏଥିପାଇଁ ସମସ୍ତଙ୍କୁ ଅପଡେଟ୍ ରହିବାକୁ ପଡିବ। ଏଆଇ ସହିତ ତାଳ ଦେଇ ଚାଲିବାକୁ ହେଲେ, ନୂତନ ଦକ୍ଷତା ଶିଖିବାକୁ ପଡିବ। ଯେଉଁମାନେ ସମୟ ସହିତ ଖାପ ଖୁଆଇବେ କେବଳ ସେମାନେ ଏଆଇର ଏହି ନୂତନ ଯୁଗରୁ ଲାଭ ପାଇବେ। ବିଶ୍ୱ ଅର୍ଥନୈତିକ ଫୋରମ୍ (ଡବ୍ଲ୍ୟୁଇଏଫ୍)ର 'ଜବ୍ ଫ୍ୟୁଚର ରିପୋର୍ଟ ୨୦୨୫' ଅନୁଯାୟୀ, ୨୦୩୦ ସୁଦ୍ଧା ବିଶ୍ୱ ଜନସଂଖ୍ୟାର ୩୮% ଲୋକଙ୍କୁ ସମୟ ସହିତ ତାଳ ଦେବା ପାଇଁ ସେମାନଙ୍କର ଦକ୍ଷତାକୁ ସମ୍ପୂର୍ଣ୍ଣ ଭାବରେ ପରିବର୍ତ୍ତନ କରିବାକୁ ପଡିବ। ଏହାର ଅର୍ଥ ହେଉଛି ଯଦି ଆପଣ ଏଆଇ ସହିତ ତାଳ ଦେଇ ଚାଲିବାକୁ ଚାହାଁନ୍ତି, ତେବେ ଆପଣଙ୍କୁ ପୁରୁଣା ପଦ୍ଧତିଗୁଡ଼ିକୁ ପରିତ୍ୟାଗ କରି ନୂତନ ଶିକ୍ଷା ଲାଭ କରିବାକୁ ପଡିବ।



## ଦୁର୍ବଳ କରୁଛି ମସ୍ତିଷ୍କ

ପ୍ରାୟ ସବୁ କ୍ଷେତ୍ରରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବା କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ବ୍ୟବହାର ଦ୍ରୁତଗତିରେ ବଢ଼ିଚାଲିଛି। ସୃଜନଶୀଳତା ହେଉ କିମ୍ବା ଟେକ୍ନୋଲୋଜି, କଷ୍ଟରୁ କଷ୍ଟକର ପ୍ରଶ୍ନର ଉତ୍ତର ଏଆଇ ମାତ୍ର କିଛି ସେକେଣ୍ଡରେ ଦେବାକୁ ସକ୍ଷମ। ଏହାର ବ୍ୟବହାରରେ ମଣିଷ ନିଜର ଉଭୟ ସମୟ ଏବଂ ଶକ୍ତି ବଞ୍ଚାଇବାରେ ସଫଳ ହେଉଛି କିନ୍ତୁ ଗଭୀରତାର ସହ ବିଶ୍ଳେଷଣ କଲେ ଏଆଇର ବ୍ୟବହାର ମଣିଷର ସୃଜନଶୀଳତା ହ୍ରାସ କରିବା ସହ ମସ୍ତିଷ୍କର ଉପଯୋଗ ମଧ୍ୟ କମାଉଛି। ଯଦି ପ୍ରତ୍ୟେକ କ୍ଷେତ୍ରରେ ମଣିଷ ମୁଣ୍ଡ ନ ଖଟାଇ ଏଆଇ ଦ୍ୱାରା କାମ ହାସଲ କରେ, ତେବେ ଧିରେ ଧିରେ ଆମ ମସ୍ତିଷ୍କ ଦୁର୍ବଳ ହେବାର ଆଶଙ୍କା ରହିଥିବା ବିଶେଷଜ୍ଞମାନେ ସତର୍କ କରାଇଛନ୍ତି। ଏକ ଅଧ୍ୟୟନରେ ଜଣାପଡିଛି ଯେ, ଯଦି ଲୋକେ ଏଆଇ ଉପରେ ଆବଶ୍ୟକତାଠାରୁ ଅଧିକ ନିର୍ଭର କରନ୍ତି, ତେବେ ସେମାନଙ୍କ ସମସ୍ୟା ସମାଧାନ କରିବା ଦକ୍ଷତା ଦୁର୍ବଳ ହୋଇପାରେ।




## ଇତିହାସ ରଚିବ ସୁନା, ରୁପା ଦର

ବିଶ୍ୱ ସହ ଘରୋଇ ବଜାରରେ ସୁନା ଓ ରୁପା ମୂଲ୍ୟ ୨୦୨୫ରେ ସର୍ବକାଳୀନ ରେକର୍ଡ ସ୍ତରରେ ପହଞ୍ଚିଛି। ସୁନା ୧୦ ଗ୍ରାମ ପିଛା ଦେଢ଼ ଲକ୍ଷ ଟଙ୍କା ଛୁଇଁବାକୁ ବସିଥିବାବେଳେ ରୁପା କିଲୋଗ୍ରାମ ପିଛା ୩ ଲକ୍ଷ ଟଙ୍କା ଆଡକୁ ମୁହାଁଉଛି। ଏଥିରେ କୌତୂହଳର ବିଷୟ ହେଉଛି ବିଶ୍ୱ ସ୍ତରରେ ଅନିଶ୍ଚିତତା ମଧ୍ୟରେ ରୁପା ଚଳିତ ବର୍ଷ ଲାଭ ଦୃଷ୍ଟିରୁ ସୁନା ଏବଂ ସେୟାର ବଜାର ପରି ପାରମ୍ପରିକ ନିବେଶ ବିକଳ୍ପଗୁଡ଼ିକୁ ପଛରେ ପକାଇଦେଇଛି। ୨୦୨୬ରେ ଉଭୟ ସୁନା ଓ ରୁପା ଦର ଆହୁରି ବଢ଼ିବ ବୋଲି ବଜାର ବିଶେଷଜ୍ଞମାନେ ଆକଳନ କରିଛନ୍ତି। ତେବେ ୨୦୨୫ରେ ସୁନା ଓ ରୁପା ମୂଲ୍ୟ ଯେଉଁଗତିରେ ବୃଦ୍ଧି ଘଟିଛି, ତାହା ବଜାର ଆକଳନଠାରୁ ବହୁ ଆଗରେ ରହିଛି। ତେଣୁ ୨୦୨୬ରେ ସୁନା ଓ ରୁପା ଦର କେଉଁ ସ୍ତରରେ ପହଞ୍ଚିବ ତାହା ଏବେ ସମସ୍ତଙ୍କ ଆକଳନ ବାହାରେ।

## ଏଆଇର ବିକାଶ ମନ୍ଥର ହୋଇପାରେ

ବିଶ୍ୱବ୍ୟାପୀ ଡାଟା ସେଣ୍ଟର ନିର୍ମାଣ ବିରୋଧରେ ଲୋକମାନେ ପ୍ରତିବାଦ କରୁଛନ୍ତି। ଆମେରିକାରେ, ଲୋକମାନେ ଏହାର ପ୍ରତିବାଦ କରିବା ପାଇଁ ସୋସିଆଲ ମିଡିଆରେ ଗ୍ରୁପ ଗଠନ କରୁଛନ୍ତି। ଚୀନ୍ ଏବଂ ରୁଷ ଭଳି ଦେଶ ଆମେରିକାରେ ଡାଟା ସେଣ୍ଟର ନିର୍ମାଣକୁ ବନ୍ଦ କରିବା ପାଇଁ ଭୁଲ ସୂଚନା ପ୍ରସାର କରିବାରେ ସୋସିଆଲ ମିଡିଆ ବ୍ୟବହାର କରୁଛନ୍ତି। ଏହାଦ୍ୱାରା ଚୀନ୍ ଏବଂ ରୁଷ ଲାଭ ପାଇବେ। କାରଣ ସେମାନେ ନିଜେ ଏଆଇରେ ଅଗ୍ରଗତି ହାସଲ କରିବାକୁ ଚାହାଁନ୍ତି। ଏପରି ପ୍ରୟାସ ଏଆଇ ବିକାଶକୁ ମନ୍ଥର କରିପାରେ ଏବଂ ଅନ୍ତର୍ଜାତୀୟ ସ୍ତରରେ ଉତ୍ତେଜନା ବୃଦ୍ଧି କରିପାରେ।




## ୨୦୨୬ରେ ଏଆଇ ମଣିଷ ପାଇଁ ସବୁଠାରୁ ବଡ଼ ବିପଦ

ବର୍ଷ ୨୦୨୬ରେ ଏଆଇ ମନୁଷ୍ୟ ଜୀବନରେ ଏକ ବଡ଼ ମୋଡ଼ ଆଣିବ। ଏଆଇ ମଣିଷ ଜୀବନକୁ ସହଜ କରିବାର ପ୍ରତିଶ୍ରୁତି ଦେଉଥିଲେ ମଧ୍ୟ, ୨୦୨୬ରେ ଏହା ମନୁଷ୍ୟ ପାଇଁ ସବୁଠାରୁ ବିପଦଜନକ ସାବ୍ୟସ୍ତ ହେବ ବୋଲି ଆଶଙ୍କା କରାଗଲାଣି। ଏହାକୁ ନେଇ ଏବେ ଚିନ୍ତା ବଢ଼ିଲାଣି। ଏକ ଆମେରିକୀୟ ଟେକ୍ ପତ୍ରିକାରେ ପ୍ରକାଶିତ ରିପୋର୍ଟରେ ୬ଟି ଏଆଇ ସମ୍ଭାବନାକୁ ଉଲ୍ଲେଖ କରାଯାଇଛି ଯାହା, ଭବିଷ୍ୟତରେ ସମାଜ, ଚାକିରି, ଗୋପନୀୟତା ଏବଂ ଅନ୍ତର୍ଜାତୀୟ ସମ୍ପର୍କକୁ ପ୍ରଭାବିତ କରିପାରେ। ଏହି ଆକଳନ ଓପନ୍‌ଏଆଇ, ଗୁଗୁଲ୍ ଏବଂ ଅନ୍ୟାନ୍ୟ ପ୍ରମୁଖ ଟେକ୍ କମ୍ପାନୀଗୁଡ଼ିକର ବର୍ତ୍ତମାନର ଦିଗ ଉପରେ ଆଧାର କରି କରାଯାଇଛି। ଏମିତିକି ଏଆଇ ସହିତ ସୃଷ୍ଟି ହୋଇଥିବା ନକଲି ଚିତ୍ର ଏବଂ ଭିଡିଓ ଏତେ ବାସ୍ତବ, ଦେଖାଯାଉଛି ଯେ ଲୋକମାନେ ସହଜରେ ଏଥିରେ ପ୍ରଭାବିତ ହେଉଛନ୍ତି।






## ଭାରତ ବ୍ରିକ୍ସର ଅଧ୍ୟକ୍ଷ ରହିବ


୨୦୨୬ ଜାନୁଆରୀରୁ ଭାରତ ବ୍ରିକ୍ସର ନେତୃତ୍ୱ ନେବ। ଅର୍ଥାତ୍ ଭାରତ ବ୍ରିକ୍ସ ରାଷ୍ଟ୍ର ସମୂହର ସଭାପତି ପଦ ଗ୍ରହଣ କରିବ। ଭାରତ ଏପରି ଏକ ସମୟରେ ବ୍ରିକ୍ସ ସଭାପତି ପଦ ଗ୍ରହଣ କରୁଛି, ଯେତେବେଳେ ଆମେରିକାର ଶୁଳ୍କ ନୀତି ଭାରତ, ଚୀନ୍ ଏବଂ ରୁଷକୁ ପରସ୍ପରର ନିକଟତର କରିଛି। ଏକ ରିପୋର୍ଟ ଅନୁଯାୟୀ, ବ୍ରିକ୍ସ ସହଯୋଗୀ ରାଷ୍ଟ୍ରଗୁଡିକ କୃଷି କ୍ଷେତ୍ରରେ ସେମାନଙ୍କର ଯୋଗଦାନ ବୃଦ୍ଧି କରୁଛନ୍ତି। ବ୍ରିକ୍ସ ଦେଶଗୁଡ଼ିକ କୃଷି, ବାଣିଜ୍ୟ, ପ୍ରଯୁକ୍ତିବିଦ୍ୟା ସ୍ଥାନାନ୍ତର, ବିଶ୍ୱ ଜଳବାୟୁ ପରିବର୍ତ୍ତନ ଏବଂ ଅନ୍ୟାନ୍ୟ କ୍ଷେତ୍ର ସମେତ ବିଭିନ୍ନ କ୍ଷେତ୍ରରେ ସେମାନଙ୍କର ସହଭାଗିତା ବଢ଼ାଉଛନ୍ତି। ତେଣୁ, ବିଶେଷଜ୍ଞମାନେ ଭବିଷ୍ୟବାଣୀ କରିଛନ୍ତି ଯେ ୨୦୨୬ ଶେଷ ସୁଦ୍ଧା, ଆମେରିକା ଏକ ବଡ଼ ବିପର୍ଯ୍ୟୟର ସମ୍ମୁଖୀନ ହେବ ଏବଂ ଏହାର ପ୍ରାଧାନ୍ୟ ଶେଷ ହୋଇଯିବ।




## ଅଶାନ୍ତ ହେବ ବିଶ୍ୱ ବାଣିଜ୍ୟ

୨୦୨୬ ବିଶ୍ୱ ବାଣିଜ୍ୟ ପାଇଁ ଏକ ଆହ୍ୱାନପୂର୍ଣ୍ଣ ବର୍ଷ ହୋଇପାରେ। କାରଣ ଶୁଳ୍କ ପରିଣାମ ଏବଂ ଯୋଗାଣ ଶୃଙ୍ଖଳା ବିପଦ ବାଣିଜ୍ୟ ଢାଞ୍ଚାକୁ ପରିବର୍ତ୍ତନ କରୁଛି, ଯାହା ବିଶ୍ୱ ଅଭିବୃଦ୍ଧିକୁ ପ୍ରଭାବିତ କରିବାରେ ଲାଗିଛି। ତଥାପି, ୨୦୨୬ରେ ଭାରତର ଘରୋଇ ସ୍ତରରେ ଚାହିଦା ଦୃଢ଼ ରହିବ ବୋଲି ଆଶା କରାଯାଉଛି। ଟ୍ରମ୍ପ୍ ପ୍ରଶାସନ ଦ୍ୱାରା ବାଣିଜ୍ୟ ଶୁଳ୍କ ଲାଗୁ କରାଯିବା ସତ୍ତ୍ୱେ ବିଶ୍ୱ ବାଣିଜ୍ୟ କେତେକାଂଶରେ ୨୦୨୫ରେ ସ୍ଥିର ରହିଥିଲା। ୨୦୨୬ରେ ଟାରିଫ୍ ଉପରେ ଚୂଡାନ୍ତ ପରିଣାମ ଆସିବା ଆଶା କରାଯାଉଛି। ତେଣୁ ବିଶେଷଜ୍ଞମାନେ ୨୦୨୬ ବିଶ୍ୱ ବାଣିଜ୍ୟ ପାଇଁ ଏକ ଅଶାନ୍ତ ବର୍ଷ ହେବ ବୋଲି ପୂର୍ବାନୁମାନ କରିଛନ୍ତି।

## ଚମକିବ ସେୟାର ବଜାର




୨୦୨୫ ଯଦିଓ ଷ୍ଟକ୍ ବଜାରରୁ ରିଟର୍ଣ୍ଣ ଆଶା ପୂରଣ କରିପାରିନାହିଁ, ତଥାପି ଭାରତୀୟ ଅର୍ଥନୀତି ବର୍ଷରେ ତା'ର ଶକ୍ତି ଦେଖାଇଥିଲା। ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧିଠାରୁ ଆରମ୍ଭ କରି ନିୟନ୍ତ୍ରିତ ମୁଦ୍ରାସ୍ଫୀତି ଏବଂ ଦୀର୍ଘକାଳୀନ ନିବେଶକମାନେ ବଜାର ଶକ୍ତିରେ ବଡ଼ ଯୋଗଦାନ ଦେଇଥିଲେ। ଏକ ରିପୋର୍ଟ ଅନୁଯାୟୀ, ୨୦୨୬ରେ ଜିଡିପି ଅଭିବୃଦ୍ଧି ଭଲ ରହିବ ବୋଲି ଆଶା କରାଯାଉଛି। ଘରୋଇ ନିବେଶକଙ୍କ ଦୃଢ଼ ଅଂଶଗ୍ରହଣ ଏବଂ ଉନ୍ନତ ବାଲାନ୍ସ ସିଟ୍ ସହିତ ନିବେଶକମାନେ ଏବେ ସେହି କ୍ଷେତ୍ରଗୁଡ଼ିକ ଉପରେ ନଜର ରଖିଛନ୍ତି ଯାହା ୨୦୨୬ରେ ସ୍ଥାୟୀ ଅଭିବୃଦ୍ଧି ଦେଖାଇପାରିବ। ତେଣୁ ବର୍ଷ ୨୦୨୬ରେ ଭାରତୀୟ ସେୟାର ବଜାର ଚମକିବ।

## ୨୦୦ କମ୍ପାନୀ ଆଣିବେ ଆଇପିଓ

ଆସନ୍ତା ବର୍ଷ ପୁଞ୍ଜି ବଜାରରେ ପ୍ରାରମ୍ଭିକ ପବ୍ଲିକ୍ ଅଫର(ଆଇପିଓ)ର ଲମ୍ବା ଧାଡି ଲାଗିବ। ୮୮ଟି କମ୍ପାନୀ ପ୍ରାୟ ୧.୧୬ ଲକ୍ଷ କୋଟି ଟଙ୍କାର ଆଇପିଓ ଆଣିବାକୁ ବଜାର ନିୟାମକ ଭାରତୀୟ ପ୍ରତିଭୂତି ବିନିମୟ ବୋର୍ଡ (ସେବି)ର ଅନୁମୋଦନ ଲାଭ କରିଛନ୍ତି, ଯେତେବେଳେ କି ଅନ୍ୟ ୧୦୪ଟି କମ୍ପାନୀ ପ୍ରାୟ ୧.୪ ଲକ୍ଷ କୋଟି ସଂଗ୍ରହ କରିବା ପାଇଁ ଅନୁମୋଦନ ଅପେକ୍ଷାରେ ରହିଛନ୍ତି। ଏହାର ଅର୍ଥ ହେଉଛି ପ୍ରାୟ ୨୦୦ କମ୍ପାନୀ ୨୦୨୬ରେ ଭାରତୀୟ ବଜାରରେ ଆଇପିଓ ଆଣିବାକୁ ପ୍ରସ୍ତୁତ ଅଛନ୍ତି।




## ଆହୁରି ଦୁର୍ବଳ ହେବ ଟଙ୍କା

ବଜାର ବିଶେଷଜ୍ଞମାନେ ପୂର୍ବାନୁମାନ କରିଛନ୍ତି ଯେ, ବର୍ଷ ୨୦୨୬ରେ ଭାରତୀୟ ମୁଦ୍ରା 'ଟଙ୍କା' ଏକ କଠିନ ଆହ୍ୱାନର ସମ୍ମୁଖୀନ ହେବ, ଯାହା ଆମେରିକୀୟ ଡଲାର ତୁଳନାରେ ଆହୁରି ଦୁର୍ବଳ ହେବାର ସମ୍ଭାବନା ରହିଛି। ଯଦିଓ ୨୦୨୫ ରେ ଟଙ୍କାର ବିନିମୟ ମୂଲ୍ୟରେ ୬୦% ହ୍ରାସ ଘଟିଛି, ତଥାପି ଦୃଢ଼ ଅର୍ଥନୈତିକ ଅଭିବୃଦ୍ଧି, କମ ମୁଦ୍ରାସ୍ଫୀତି ଏବଂ ଭାରତୀୟ ରିଜର୍ଭ ବ୍ୟାଙ୍କର ହସ୍ତକ୍ଷେପ ଭାରତୀୟ ମୁଦ୍ରାକୁ ଅଧିକ ଅବମୂଲ୍ୟାୟନରୁ ଗୁରୁତ୍ୱପୂର୍ଣ୍ଣ ସମର୍ଥନ ଯଦଇଛି। ପୂର୍ବାନୁମାନ ସୂଚାଉଛି ଯେ ୨୦୨୬ ଶେଷ ସୁଦ୍ଧା ଟଙ୍କା ମୂଲ୍ୟ ଡଲାର ପିଛା ଅତି କମ୍‌ରେ ୯୫ ଟଙ୍କା ସ୍ତର ପର୍ଯ୍ୟନ୍ତ ଖସିଯାଇପାରେ।





## ବଢ଼ିବ ଦରଦାମ୍

୨୦୨୬ରେ ଭାରତ ବଜାରରେ ଅତ୍ୟାବଶ୍ୟକୀୟ ସାମଗ୍ରୀର ମୂଲ୍ୟ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ବିଶେଷକରି ମୋବାଇଲ୍ ରିଚାର୍ଜ ମହଙ୍ଗା ହେବ। ରିଲାଏନ୍ସ ଜିଓ, ଏୟାରଟେଲ୍ ଏବଂ ଭୋଡାଫୋନ୍ ଆଇଡିଆ ଭଳି କମ୍ପାନୀଗୁଡ଼ିକ ୧୬-୨୦% ଶୁଳ୍କ ବୃଦ୍ଧି କରିପାରନ୍ତି, ଯାହା ୪ଜି/୫ଜି ପ୍ଲାନ୍‌କୁ ଅଧିକ ମହଙ୍ଗା କରିବ। ଅପରପକ୍ଷେ ନୂଆ ବର୍ଷରେ ରିଅଲ ଇଷ୍ଟେଟ୍ ବଜାର ମହଙ୍ଗା ହେବ। କାରଣ ଆବାସିକ ଗୃହ କ୍ଷେତ୍ରରେ ପ୍ରବଳ ଚାହିଦା ଯୋଗୁଁ ଡେଭଲପରମାନେ ମୂଲ୍ୟରେ ୫-୧୦% କିମ୍ବା ଅଧିକ ବୃଦ୍ଧି ଆଶା କରୁଛନ୍ତି।



## ଟ୍ରିଲିୟନେୟାର ହେବେ ଏଲନ୍ ମସ୍କ



ଆମେରିକୀୟ ଶିଳ୍ପପତି ଏଲନ୍ ମସ୍କଙ୍କର ମୋଟ ସମ୍ପତ୍ତି ବଢି ୭୫୦ ବିଲିୟନ ଡଲାର ଅତିକ୍ରମ କରିଛି। ସେ ବିଶ୍ୱର ପ୍ରଥମ ଟ୍ରିଲିୟନେୟାର ହେବାକୁ ଯାଉଛନ୍ତି। ତାଙ୍କର ମୋଟ ସମ୍ପତ୍ତି ଭାରତର ମୋଟ ବୈଦେଶିକ ମୁଦ୍ରା ଭଣ୍ଡାର ଠାରୁ ମଧ୍ୟ ଅଧିକ। ତେବେ ଭାରତର ଏକ ନମ୍ବର ଧନୀ ମୁକେଶ ଅମ୍ବାନୀଙ୍କର ମୋଟ ସମ୍ପତ୍ତି ୧୧୬ ବିଲିୟନ୍ ଡଲାର(୯.୫୫ ଲକ୍ଷ କୋଟି ଟଙ୍କା) ଏବଂ ଦ୍ୱିତୀୟରେ ଥିବା ଗୌତମ ଆଦାନୀଙ୍କ ସମ୍ପତି ପରିମାଣ ୧.୫ ବିଲିୟନ୍ ଡଲାର(୫୨,୪୦୦ କୋଟି ଟଙ୍କା) ରହିଛି।





## ସକାରାତ୍ମକ ରହିବ ନିଯୁକ୍ତି କ୍ଷେତ୍ର



୨୦୨୬ ମସିହାରେ ଭାରତର ନିଯୁକ୍ତି କ୍ଷେତ୍ର ସକାରାତ୍ମକ ରହିବ। ଏଥିରେ ହାୟରିଂ ରେଟ୍ ୧୧%ରେ ପହଞ୍ଚିବ ବୋଲି ଆକଳନ କରାଯାଇଛି। ଏଥିରେ ଅଭିଜ୍ଞ ବୃତ୍ତିଗତ ଏବଂ ଟିୟର-୨ ସହର ପାଇଁ ସୁଯୋଗ ବୃଦ୍ଧି ପାଇବ। ଏଆଇ, ଡାଟା ସାଇନ୍ସ ଏବଂ ସାଇବର ସୁରକ୍ଷା ଭଳି କ୍ଷେତ୍ରଗୁଡ଼ିକରେ ଚାହିଦା ବୃଦ୍ଧି ପାଇବ। ବର୍ଷ ୨୦୨୬ରେ କର୍ମଚାରୀଙ୍କ ଦରମାରେ ୯% ଅଭିବୃଦ୍ଧି ଘଟିବ ବୋଲି ଆଶା କରାଯାଉଛି। ୨୦୨୬ରେ ଭାରତର ଚାକିରି ବଜାର ଏଆଇ ଏବଂ ଡିଜିଟାଲ ପରିବର୍ତ୍ତନ ସହିତ ଦ୍ରୁତ ଗତିରେ ଆଗକୁ ବଢ଼ିବ। ବିଶେଷଜ୍ଞମାନେ ପ୍ରଯୁକ୍ତିବିଦ୍ୟା, ସବୁଜ ଭିତ୍ତିଭୂମି, କ୍ୱିକ୍ କମର୍ସ ଏବଂ ପ୍ରିସିସନ୍ ମାନୁଫାକ୍ଚରିଂ ଭଳି କ୍ଷେତ୍ରଗୁଡ଼ିକରେ ଚାହିଦାରେ ଉଲ୍ଲେଖନୀୟ ବୃଦ୍ଧି ହେବ ବୋଲି ପୂର୍ବାନୁମାନ କରିଛନ୍ତି।



**ବିଜୟ ହଜାରେ ଟ୍ରଫି**

# ଗୋବିନ୍ଦଙ୍କ ଅଲରାଉଣ୍ଡ ପ୍ରଦର୍ଶନ; ଓଡ଼ିଶା ବିଜୟୀ






**କଟକ,୨୯।୧୨(ସମିସ):** ଗୋବିନ୍ଦ ପୋଦ୍ଦାରଙ୍କ ଅଲରାଉଣ୍ଡ ପ୍ରଦର୍ଶନ ବଳରେ ଓଡ଼ିଶା ୬ ୱିକେଟରେ ଆନ୍ଧ୍ରପ୍ରଦେଶକୁ ପରାସ୍ତ କରିଛି। ଆନ୍ଧ୍ରପ୍ରଦେଶ ପକ୍ଷରୁ ଧାର୍ଯ୍ୟ ୨୨୨ରନର ବିଜୟ ଲକ୍ଷ୍ୟକୁ ପିଛା କରି ଓଡ଼ିଶା ୪୩.୪ ଓଭରରେ ବିଜୟୀ ହୋଇଛି। ଉଭୟ ବ୍ୟାଟିଂ ଓ ବୋଲିଂରେ ଚମତ୍କାର ପ୍ରଦର୍ଶନ କରିଥିବା ଗୋବିନ୍ଦ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଚଳିତ ବିଜୟ ହଜାରେ ଟ୍ରଫିରେ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଥିବା ଓଡ଼ିଶା ଗ୍ରୁପ-ଡି ଟେବଲର ଦ୍ୱିତୀୟ ସ୍ଥାନ ବଜାୟ ରଖିଛି। ଦଳ ୩ଟି ମ୍ୟାଚ୍‌ରୁ ଗୋଟିଏ ପରାଜୟ ଏବଂ ୨ଟି ବିଜୟ ସହ ୮ ପଏଣ୍ଟ ସଂଗ୍ରହ କରିଛି। ଟ୍ରଫି ଆରମ୍ଭରୁ ଦଳୀୟ ପ୍ରଦର୍ଶନ ପ୍ରଭାବଶାଳୀ ରହିଥିବା ବେଳେ ଆଗାମୀ ୩୧ ତାରିଖରେ ୪ର୍ଥ ଲିଗ୍‌ରେ ଓଡ଼ିଶା ଗ୍ରୁପର ଶୀର୍ଷ ସ୍ଥାନରେ ରହିଥିବା ଦିଲ୍ଲୀକୁ ଭେଟିବ।

ଅଲୁର କ୍ରିକେଟ ଗ୍ରାଉଣ୍ଡରେ ଆଜି ଓଡ଼ିଶା ଅଧିନାୟକ ବିପ୍ଳବ ସାମନ୍ତରାୟ ଟସ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ଓଡ଼ିଆ ସ୍ୱିଙ୍ଗଷ୍ଟର ତଥା ପୂର୍ବ ମ୍ୟାଚ୍‌ର ହ୍ୟାଟ୍ରିକ ୱିକେଟ ଦଖଲକାରୀ ରାଜେଶ ମହାନ୍ତି ପ୍ରଥମ ଓଭରରେ ଦଳକୁ ସଫଳତା ଦେଇଥିଲେ। ଓପନର ଅଶ୍ୱିନ ହେବରଙ୍କୁ ସେ ୨ରନରେ କ୍ଲିନ ବୋଲ୍ଡ କରିଥିଲେ। ପ୍ରାରମ୍ଭିକ ସଫଳତା ଓଡ଼ିଶା ଶିବିରରେ ଉତ୍ସାହ ଭରିଥିଲା। ୱିକେଟ କିପର ତଥା ଅନ୍ତର୍ଜାତୀୟ ଖେଳାଳି ଶ୍ରୀକର ଭଗତ(୩୨ରନ), ଆଇପିଏଲ ତାରକା ସେଖ୍ ରସିଦ(୨୦ରନ), ଅଧିନାୟକ ନୀତିଶ କୁମାର ରେଡ୍ଡୀ(୬ରନ) ଓ ରିକି ଭୁଇ(୧୮ରନ) ବଡ ଇନିଂସ୍ ଖେଳିବାରେ ଫେଲ୍ ମାରିବାରୁ ଆନ୍ଧ୍ରପ୍ରଦେଶ ବଡ ସ୍କୋର କରିବାର ଆଶା ମଉଳିଥିଲା। ମଧ୍ୟକ୍ରମରେ ଏସ୍ ପ୍ରସାଦ ୬୬ରନ ଏବଂ ନିମ୍ନକ୍ରମର ଖେଳାଳି ସୌରଭ କୁମାର ଦ୍ରୁତ ୪୬ରନ ସଂଗ୍ରହ କରିବା ଯୋଗୁଁ ଆନ୍ଧ୍ରପ୍ରଦେଶର ସ୍କୋର ୨୦୦ ଟପିଥିଲା।

ଦଳ ସମସ୍ତ ୱିକେଟ ହରାଇ ୨୨୧ରନ ସଂଗ୍ରହ କରିଥିଲା। ତେବେ ଓଡ଼ିଶା ପକ୍ଷରୁ ଦୁଇ ଅଭିଜ୍ଞ ୩ଟି ଲେଖାଏ ୱିକେଟ ବାଣ୍ଟି ନେଇଥିଲେ। ଅଧିନାୟକ ବିପ୍ଳବ ଏବଂ ଗୋବିନ୍ଦ ଉଭୟ ୩୬ରନ ଲେଖାଏ ବ୍ୟୟ କରି ଏହି ସଫଳତା ପାଇଥିଲେ। ଅବଶିଷ୍ଟ ୪ ୱିକେଟ ଓଡ଼ିଶାର ୪ ପେସ ବୋଲର ରାଜେଶ, ସମ୍ବିତ ବରାଳ, ଦେବବ୍ରତ ପ୍ରଧାନ ଏବଂ ବାଦଲ ବିଶ୍ୱାଳଙ୍କୁ ମିଳିଥିଲା। ୨୨୨ରନର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ଓଡ଼ିଶାକୁ ପ୍ରଥମ ବଲ୍‌ରେ ଝଟକା ଲାଗିଥିଲା।

ସୌରାଷ୍ଟ୍ର ବିପକ୍ଷରେ ଦ୍ୱିଶତକ ହାସଲ କରି ଚର୍ଚ୍ଚାକୁ ଆସିଥିବା ସ୍ୱସ୍ତିକ ସାମଲ ଖାତା ଖୋଲିବା ଆଗରୁ ଆନ୍ଧ୍ର ଅଧିନାୟକ ନୀତିଶଙ୍କ ଶିକାର ହୋଇଥିଲେ। ଦ୍ୱିଶତକୀୟ ପାଳି ପରେ ସ୍ୱସ୍ତିକଙ୍କ ଏହା ଲଗାତର ଦ୍ୱିତୀୟ ଡକ୍। ସର୍ଭିସେସ ବିପକ୍ଷ ଗତ ମ୍ୟାଚ୍‌ରେ ମଧ୍ୟ ସ୍ୱସ୍ତିକ ଶୂନରେ ଆଉଟ ହୋଇଥିଲେ। ପରେ ସନ୍ଦୀପ ପଟ୍ଟନାୟକ ୧୯ରନରେ ପ୍ୟାଭିଲିୟନ ଫେରିଥିଲେ। ୩୧ରନରେ ଦଳ ପ୍ରଥମ ଦୁଇ ୱିକେଟ ହରାଇଥିଲା। ଅଭିଜ୍ଞ ଗୋବିନ୍ଦ ଏବଂ ନବାଗତ ଓମ ଟି ମୁଣ୍ଡେ ୧୬୬ରନର ଭାଗିଦାରୀ ସୃଷ୍ଟି କରି ଓଡ଼ିଶାକୁ ବିଜୟ ନିକଟତର କରାଇଥିଲେ। ମାତ୍ର ଦୁର୍ଭାଗ୍ୟବଶତଃ ଉଭୟ ଶତକୀୟ ପାଳିରୁ ବଞ୍ଚିତ ହୋଇଥିଲେ। ଗୋବିନ୍ଦ ୮୯ରନ ଏବଂ ଓମ୍ ୯୧ରନରେ ଆଉଟ ହୋଇଥିଲେ। ୱିକେଟ କିପର ଆଶୀର୍ବାଦ ସ୍ୱାଇଁ ୧୧ରନ ଓ ଅଧିନାୟକ ବିପ୍ଳବ ୭ରନରେ ଅପରାଜିତ ରହି ଦଳକୁ ସହଜ ବିଜୟ ପ୍ରଦାନ କରିଥିଲେ।

**● ଅଭିଷେକଙ୍କ ଅଲରାଉଣ୍ଡ ପ୍ରଦର୍ଶନ କାମ ଦେଲାନି**

## ଉତ୍ତରାଖଣ୍ଡ, ଆସାମ ବିଜୟୀ

**ନୂଆଦିଲ୍ଲୀ,୨୯।୧୨(ଏଜେନ୍ସି):** ଆଜି ଖେଳାଯାଇଥିବା ଅନ୍ୟ ମ୍ୟାଚ୍ ମଧ୍ୟରେ ଉତ୍ତରାଖଣ୍ଡ ଶକ୍ତିଶାଳୀ ପଞ୍ଜାବକୁ ୫ ୱିକେଟରେ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ବିସ୍ଫୋରକ ଓପନର ଅଭିଷେକ ଶର୍ମା ୨୬ବଲ୍‌ରୁ ୩୦, ପ୍ରଭସିମରନ ସିଂହ ୨୮, ଅନ୍‌ମୋଲପ୍ରୀତ୍ ସିଂହ ୨୧ ଓ ନମନ ଧୀର ୩ ରନ୍‌ରେ ଆଉଟ ହୋଇଥିଲେ। ତେବେ ସଲିଲ ଅରୋରାଙ୍କ ୬୫ ଓ କ୍ରିସ୍ ଭଗତଙ୍କ ୫୧ରନ୍ ବଳରେ ଦଳ ନିର୍ଦ୍ଧାରିତ ୫୦ ଓଭରରେ ୮ ୱିକେଟ ହରାଇ ୨୬୯ ରନ୍ କରିଥିଲା। ଜବାବରେ ଅଧିନାୟକ କୁନାଲ ଚାଣ୍ଡେଲାଙ୍କ ୧୧୮ ଓ ଶାଶ୍ୱତ ଡାଙ୍ଗୱାଲଙ୍କ ୩୮ ବଲ୍‌ରୁ ଅପରାଜିତ ୫୧ ରନ୍ ବଳରେ ଉତ୍ତରାଖଣ୍ଡ ୧୪ଟି ବଲ ଓ ୫ ୱିକେଟ ବାକିଥାଇ ମ୍ୟାଚ୍ ଜିତିନେଇଥିଲା। ଅଭିଷେକ ଓ ଗୁରନୁର ବ୍ରାର ୨ଟି ଲେଖାଏଁ ୱିକେଟ ପାଇଥିଲେ। ଅନ୍ୟ ଏକ ହାଇସ୍କୋରିଂ ମ୍ୟାଚ୍‌ରେ ଆସାମ ୪ ୱିକେଟରେ ହାଇଦରାବାଦ୍‌କୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ହାଇଦରାବାଦ୍ ୮ ୱିକେଟରେ ୩୧୦ ରନ୍ କରିଥିଲା। ଅବ୍‌ଦୁଲ ଅଜିଜ୍ ୩ଟି, ସ୍ୱରୂପମ ପୁରକାୟସ୍ଥ ଓ ଶିବଶଙ୍କର ରାୟ ୨ଟି ଲେଖାଏଁ ୱିକେଟ ପାଇଥିଲେ। ଜବାବରେ ଶିବଶଙ୍କରଙ୍କ ୧୧୨ ଓ ସୌରବ ଡ଼ିଙ୍ଗିଆଙ୍କ ୯୧ ରନ୍ ସହାୟତାରେ ଆସାମ ଶେଷ ଓଭରରେ ୬ ୱିକେଟ ହରାଇ ମ୍ୟାଚ୍ ଜିତିନେଇଥିଲା।

## ରାମକୃଷ୍ଣ ଘୋଷଙ୍କ ୭ ୱିକେଟ ଅକ୍ରିଆର ବ୍ୟର୍ଥ

ଜୟପୁରର ସୱାଇ ମାନସିଂ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ହିମାଚଳ ପ୍ରଦେଶ ୭ ରନ୍‌ରେ ଶକ୍ତିଶାଳୀ ମହାରାଷ୍ଟ୍ରକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ପୁଖରାଜ ମାନଙ୍କ ୧୧୦ ଓ ଫାଷ୍ଟ ବୋଲର ବୈଭବ ଅରୋରାଙ୍କ ୪୦ ରନ୍ ସହାୟତାରେ ପ୍ରଥମେ ବ୍ୟାଟିଂ କରି ହିମାଚଳ ପ୍ରଦେଶ ୨୭୧ ରନ୍ କରିଥିଲା। ମହାରାଷ୍ଟ୍ର ପକ୍ଷରୁ ମିଡିୟମ୍ ପେସ୍ ବୋଲର ରାମକ୍ରିଷ୍ଣ ଘୋଷ ୭ଟି ୱିକେଟ ନେଇଥିଲେ। ଜବାବରେ ଋତୁରାଜ ଗାଏକ୍ୱାଡଙ୍କ ନେତୃତ୍ୱରେ ଖେଳୁଥିବା ମହାରାଷ୍ଟ୍ର ୨୬୪ ରନ୍ କରିବାକୁ ସମର୍ଥ ହୋଇଥିଲା। ଅଙ୍କିତ ବାୱନେ ୯୭, ନିଖିଲ ନାଏକ ୩୯ ଓ ଗାଏକ୍ୱାଡ୍ ୨୮ ରନ୍ କରିଥିଲେ। ଏହା ଫଳରେ ଘୋଷଙ୍କ ବୋଲିଂ ପ୍ରଦର୍ଶନ ବ୍ୟର୍ଥ ହୋଇଥିଲା।



**ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜ୍**

## ବିଶ୍ରାମ ନେଇପାରନ୍ତି ପାଣ୍ଡ୍ୟା, ବୁମ୍‌ରା




**ନୂଆଦିଲ୍ଲୀ,୨୯।୧୨(ଏଜେନ୍ସି):** ଭାରତ ଓ ଶ୍ରୀଲଙ୍କାରେ ଆସନ୍ତାବର୍ଷ ଟି-୨୦ ବିଶ୍ୱକପ୍ କ୍ରିକେଟ ଖେଳାଯିବ। ଯୁଗ୍ମ ଆୟୋଜକ ଭାରତ ଏହି ଟୁର୍ଣ୍ଣାମେଣ୍ଟରେ ଡିଫେଣ୍ଡିଂ ଚାମ୍ପିଅନ ରହିଛି। ଏଣୁ ଦଳ କିପରି ଟାଇଟଲ ବଜାୟ ରଖିବ ସେଥିଲାଗି ଉଭୟ ବିସିସିଆଇ, ଚୟନ କମିଟି ଓ ଟିମ୍ ମ୍ୟାନେଜମେଣ୍ଟ ଗୁରୁତ୍ୱ ଦେଉଛନ୍ତି। ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ଟେଷ୍ଟ ଓ ଦିନିକିଆ ଦଳର ଅଧିନାୟକ ଶୁବମନ ଗିଲ୍‌ଙ୍କୁ ଟି-୨୦ ଦଳରୁ ବାଦ୍ ଦେବା। ବିଶ୍ୱର ଏହି ମେଗା ଇଭେଣ୍ଟ ପୂର୍ବରୁ ନ୍ୟୁଜିଲାଣ୍ଡ ସହ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଲାଗି ଆଗୁଆ ଦଳ ଘୋଷଣା କରାଯାଇଛି ଓ ପ୍ରସ୍ତୁତି ମଧ୍ୟ ଆରମ୍ଭ ହୋଇଯାଇଛି। ଏହି ସିରିଜ୍ ପୂର୍ବରୁ ନ୍ୟୁଜିଲାଣ୍ଡ ସହ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଖେଳାଯିବ। ଏଥିଲାଗି ଭାରତୀୟ ଦଳ ଜାନୁଆରୀ ୩,୪ କିମ୍ବା ୫ ତାରିଖରେ ଘୋଷଣା କରାଯିବ। କିନ୍ତୁ ଟି-୨୦ ଟୁର୍ଣ୍ଣାମେଣ୍ଟର ଦୁଇ ଗୁରୁତ୍ୱପୂର୍ଣ୍ଣ ଖେଳାଳି ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଓ ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରା ଆହତ ପରେ ଖେଳୁଥିବାରୁ ସେମାନଙ୍କୁ ଦିନିକିଆ ସିରିଜ୍‌ରେ ବିଶ୍ରାମ ଦେବା ଲାଗି ଯୋଜନା ହୋଇଛି। ଏଣୁ ଉଭୟ ଖେଳାଳି ଦିନିକିଆ ଦଳରୁ ବାଦ୍ ପଡ଼ିବା ବା ଅନ୍ୟ ପକ୍ଷରେ ବିଶ୍ରାମ ନେବା ନିଶ୍ଚିତ ବୋଲି ବିସିସିଆଇର ଏକ ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି। ଦିନିକିଆ ସିରିଜ୍ ବରୋଦାରେ ଜାନୁଆରୀ ୧୧, ରାଜକୋଟରେ ଜାନୁଆରୀ ୧୩ ଓ ଇନ୍ଦୋରରେ ଜାନୁଆରୀ ୧୮ରୁ ଖେଳାଯିବ। ଦୁଇ ବରିଷ୍ଠ ଖେଳାଳି ବିଶ୍ରାମ ନେଲେ ନ୍ୟୁଜିଲାଣ୍ଡ ସହ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ରେ ଖେଳିବା ସହଜ ହେବ ବୋଲି ବିସିସିଆଇ ଆଶା କରୁଛି। ଉଭୟଙ୍କୁ ମଧ୍ୟ ବିଜୟ ହଜାରେ ଟ୍ରଫିରେ ଖେଳିବାକୁ ମଧ୍ୟ ବାରଣ କରାଯାଇଛି। ଦିନିକିଆ ସିରିଜ୍ ଲାଗି ମନୋନୀତ ଖେଳାଳିମାନେ ବରୋଦାରେ ଜାନୁଆରୀ ୭ ସୁଦ୍ଧା ଏକତ୍ର ହେବେ। ଏଠାରେ ଏକ ମିନି କ୍ୟାମ୍ପ ପରେ ଦଳ ୧୧ରେ ହେବାକୁ ଥିବା ପ୍ରଥମ ମୁକାବିଲା ଲାଗି ପ୍ରସ୍ତୁତି ହେବ।

## ରାଜସ୍ଥାନକୁ ହରାଇଲା ତ୍ରିପୁରା

**ଅହମ୍ମଦାବାଦ୍,୨୯।୧୨(ଏଜେନ୍ସି):** ଚଳିତ ବିଜୟ ହଜାରେ ଟ୍ରଫିରେ କିଛି ଛୋଟିଆ ଦଳ ପ୍ରତିଷ୍ଠିତ ତଥା ଅଧିକ ଦକ୍ଷତା ସମ୍ପନ୍ନ ଦଳକୁ ପରାଜିତ କରିବାର ଧାରା ବଜାୟ ରହିଛି। ଆଜି ଏଠାରେ ଅନୁଷ୍ଠିତ ଏଲିଟ୍ ଗ୍ରୁପ୍-ଏ'ର ଏକ ମୁକାବିଲାରେ ଦୁର୍ବଳ ତ୍ରିପୁରା ଦଳ ୬୬ ରନ୍‌ରେ ରାଜସ୍ଥାନ ଭଳି ଶକ୍ତିଶାଳୀ ଦଳକୁ ପରାଜିତ କରିଛି। ଏହି ମ୍ୟାଚ୍‌ରେ ତେଜସ୍ୱୀ ଜୟସ୍ୱାଲ ୬୧, ଶ୍ରୀଦମ ପଲ ୫୦, ଉଦୀୟମ ବୋଷ ୪୦ ଓ ରଜତ ଦେ ୪୩ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରି ତ୍ରିପୁରା ୪୯.୫ ଓଭରରେ ୨୮୬ ରନ୍ କରି ଅଲଆଉଟ ହୋଇଯାଇଛି। ଦଳର ପ୍ରତିଷ୍ଠିତ ବୋଲର ଓ ଫିଲ୍ଡରମାନେ ଅତିରିକ୍ତରୁ ୩୩ ରନ୍ ବ୍ୟୟ କରିଛନ୍ତି। ସେମାନଙ୍କ ମଧ୍ୟରେ ଖଲୀଲ ଅହମ୍ମଦ୍ ୨ଟି ଓ ଅନିକେତ ଚୌଧୁରୀ ୩ଟି ୱିକେଟ ପାଇଥିଲେ। ଅଧିନାୟକ ତଥା ଉଦୀୟମାନ ଅଲରାଉଣ୍ଡର ମାନବ ସୁତାରଙ୍କୁ ଗୋଟିଏ ୱିକେଟ ମିଳିଥିଲା। ଜବାବରେ ରାଜସ୍ଥାନ ୪୪.୧ ଓଭରରେ ୨୨୦ ରନ୍ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ କରନ ଲାମ୍ବାଙ୍କ ୬୧ ରନ୍‌କୁ ବାଦ୍ ଦେଲେ ଆଉ କେହି ବଡ଼ ସ୍କୋର କରିପାରି ନ ଥିଲେ। ପ୍ରତିଷ୍ଠିତ ଖେଳାଳି ଦୀପକ ହୁଡା ୩୦, ମହିପାଲ ଲୋମରର ୨୮ ଓ ସୁତାର ୧୧ ରନ୍ କରିଥିଲେ। ତ୍ରିପୁରା ଅଧିନାୟକ ମଣିଶଙ୍କର ମୁରାସିଂ ୩ଟି ଓ ଅଲରାଉଣ୍ଡର ବିଜୟ ଶଙ୍କର ୪ଟି ୱିକେଟ ପାଇଥିଲେ।

### ପନ୍ତ୍ ଫେଲ, ଦିଲ୍ଲୀର ଜିତ୍

**ଅଲୁର,ବେଙ୍ଗାଲୁରୁ,୨୯।୧୨(ଏଜେନ୍ସି):** ବିଜୟ ହଜାରେ ଟ୍ରଫିର ସୌରାଷ୍ଟ୍ର ବିପକ୍ଷ ମ୍ୟାଚ୍‌ରେ ପନ୍ତ୍ ମାତ୍ର ୨୨ ରନ୍ କରିଥିଲେ ମଧ୍ୟ ଦଳ ବିଜୟୀ ହୋଇଛି। ଏହି ମ୍ୟାଚ୍‌ରେ ବିଶବରାଜ ଜାଡେଜା ୧୧୫ ଓ ରୁଚିତ ଆହିରଙ୍କ ଅପରାଜିତ ୯୫ ରନ୍ ବଳରେ ଦଳ ପ୍ରଥମେ ବ୍ୟାଟିଂ କରି ୭ ୱିକେଟରେ ୩୨୦ ରନ୍ କରିଥିଲା। ଦିଲ୍ଲୀ ପକ୍ଷରୁ ନଭଦୀପ ସୈନୀ ୩ଟି, ପ୍ରିନ୍ସ ଯାଦବ ୨ଟି ୱିକେଟ ପାଇଥିଲେ। ଜବାବରେ ଦିଲ୍ଲୀ ପ୍ରିୟାଂଶ ଆର୍ଯ୍ୟଙ୍କ ୭୮, ନୀତୀଶ ରାଣାଙ୍କ ୩୭, ତେଜସ୍ୱୀ ଦହିଆଙ୍କ ୫୩ ରନ୍ ସହାୟତାରେ ଦଳ ୭ ୱିକେଟ ହରାଇ ବିଜୟ ଲାଗି ଆବଶ୍ୟକ ୩୨୧ ରନ୍ ସଂଗ୍ରହ କରିଥିଲା। ସୈନୀ ପ୍ରଥମ ୩ ୱିକେଟ ଓ ପରେ ୨୯ ବଲ୍‌ରେ ଅପରାଜିତ ୩୪ ରନ୍ କରିବା ଫଳରେ ଦିଲ୍ଲୀ ବିଜୟୀ ହୋଇଥିଲା। ଏହି ମ୍ୟାଚ୍‌ରେ ବିରାଟ କୋହଲି ଖେଳି ନ ଥିଲେ।

### ■ ଜୁରେଲ ୧୬୦, ରିଙ୍କୁ ୬୩ ୟୁପି ୫୪ ରନ୍‌ରେ ବିଜୟୀ

**ରାଜକୋଟ,୨୯।୧୨(ଏଜେନ୍ସି):** ଟିମ୍ ଇଣ୍ଡିଆ ଖେଳାଳି ଧ୍ରୁବ ଜୁରେଲଙ୍କ ୧୬୦ ଓ ରିଙ୍କୁ ସିଂଙ୍କ ୬୩ ରନ୍ ବଳରେ ଏଠାରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚ୍‌ରେ ଉତ୍ତର ପ୍ରଦେଶ ୫୪ ରନ୍‌ରେ ବରୋଦାକୁ ପରାସ୍ତ କରିଛି। ଏଠାରେ ପ୍ରଥମେ ବ୍ୟାଟିଂ କରି ଉତ୍ତର ପ୍ରଦେଶ ୭ ୱିକେଟରେ ୩୬୯ ରନ୍ କରିଥିଲା। ଜବାବରେ କ୍ରୁନାଲ ପାଣ୍ଡ୍ୟାଙ୍କ ୮୨ ଓ ଶାଶ୍ୱତ ରାୱତଙ୍କ ୬୦ ରନ୍ ସତ୍ତ୍ୱେ ଦଳ ୩୧୫ ରନ୍ କରିଥିଲା। ଏହି ମ୍ୟାଚ୍‌ରେ ହାର୍ଦ୍ଦିକ ପାଣ୍ଡ୍ୟା ଖେଳୁ ନ ଥିଲାବେଳେ ଜିତେଶ ଶର୍ମା ୨ ରନ୍ କରିବାକୁ ସମର୍ଥ ହୋଇଥିଲେ।

### ଶାର୍ଦ୍ଦୁଳ, ସାମ୍ସଙ୍କ ଚତୁର ବୋଲିଂ

**ଜୟପୁର,୨୯।୧୨(ଏଜେନ୍ସି):** ଅଲରାଉଣ୍ଡର ଶାର୍ଦ୍ଦୁଳ ଠାକୁର ଓ ସାମ୍ସ ମୁଲାନିଙ୍କ ଚତୁର ବୋଲିଂ ବଳରେ ଏଠାରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚ୍‌ରେ ମୁମ୍ବାଇ ୯ ୱିକେଟରେ ଛତିଶଗଡକୁ ପରାସ୍ତ କରିଛି। ଶାର୍ଦ୍ଦୁଳ ୧୩ ରନ୍‌ରେ ୪ଟି ଓ ସାମ୍ସ ୩୧ ରନ୍‌ରେ ୫ ୱିକେଟ ନେବା ଫଳରେ ପ୍ରଥମେ ବ୍ୟାଟିଂ କରି ଛତିଶଗଡ଼ ମାତ୍ର ୧୪୨ ରନ୍ କରିଥିଲା। ଜବାବରେ ଆହତ ସମସ୍ୟାରୁ ଫେରି ଇନିଂସ ଓପନ କରିଥିବା ଅଙ୍ଗକ୍ରୀସ୍ ରଘୁବଂଶୀଙ୍କ ଅପରାଜିତ ୬୮ ଓ ସିଦ୍ଧେଶ ଲାଡଙ୍କ ଅପରାଜିତ ୪୮ ରନ୍ ବଳରେ ମୁମ୍ବାଇ ୨୪ ଓଭରରେ ଏକ ୱିକେଟ ହରାଇ ମ୍ୟାଚ୍ ଜିତିନେଇଥିଲା। ରୋହିତ ଶର୍ମା, ସୂର୍ଯ୍ୟକୁମାର ଯାଦବ, ଯଶସ୍ୱୀ ଜୟସ୍ୱାଲ ଆଦି ଏହି ମ୍ୟାଚ୍ ଖେଳି ନ ଥିଲେ। ସର୍ଫରାଜ ଖାନଙ୍କୁ ବ୍ୟାଟିଂ କରିବାକୁ ପଡ଼ି ନ ଥିଲା।

## ଓଡ଼ିଶା ସାଇକ୍ଲିଂ ସଂଘର ବାର୍ଷିକ ସାଧାରଣ ସଭା



**କଟକ,୨୯।୧୨(ସମିସ):** ବାରବାଟୀ ଷ୍ଟାଡିୟମସ୍ଥିତ ଗେଷ୍ଟହାଉସ୍ ସମ୍ମିଳନୀ କକ୍ଷରେ ଓଡ଼ିଶା ସାଇକ୍ଲିଂ ସଂଘର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଅର୍ଜୁନ ପୁରସ୍କାର ବିଜେତା ମିନତୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଓଡ଼ିଶା ଅଲିମ୍ପିକ ସଂଘ ସମ୍ପାଦକ ଅଭିଜିତ ପାଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସଂଘ ସମ୍ପାଦକ ପ୍ରସନ୍ନ କୁମାର ରାଉତ ସଭା କାର୍ଯ୍ୟ ସଂଯୋଜନା କରିଥିଲେ। ଜାତୀୟ ପ୍ରତିଯୋଗିତାରେ ସଫଳତା ଅର୍ଜନ କରିଥିବା ଉର୍ମିଳା ବେହେରା, ମନୀଷା ସାହୁ, ସସ୍ମିତା ପଣ୍ଡା, ମଧୁସ୍ମିତା ବାଡେକ, ପୂର୍ବାଇ ମହାନ୍ତି, ପ୍ରଶିକ୍ଷକ ମାନସ ବାରିକ, ମନୋରଞ୍ଜନ ବାରିକ, ସମ୍ବିତ ମହାନ୍ତି, ଅନୀତା କୁମାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜାତୀୟ ସାଇକ୍ଲିଂ ଅଫିସିଆଲ କୋଚିଂ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ସୁନୀଲ ସାହୁ, ପ୍ରଦ୍ୟୁମ୍ନ କିଶୋର ବିଶୋୟୀ, ଅନିତା କୁମାରୀ, ଅନୀଲ ମଲ୍ଲିକଙ୍କ ମଧ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ସଂଘର ଉପସଭାପତି ନୃସିଂହଚରଣ ସାହୁ, ନଳିନୀ କୁମାର ଦାସ, କିଶୋର କୁମାର ମିଶ୍ର, କୋଷାଧ୍ୟକ୍ଷ ସୁଜିତ ରାଉତ, ଯୁଗ୍ମ ସମ୍ପାଦକ ଗୋପୀନାଥ ପଣ୍ଡା, ରାମକୃଷ୍ଣ ଦାସ ସମ୍ମାନିତ ଅତିଥି ଭାବେ ସଭାରେ ଯୋଗ ଦେଇଥିଲେ।

## ମିଧାଂଶୁଙ୍କ ଶତକ; ଓଡ଼ିଶା ୨୪୮/୪

**ବିଜୟ ମର୍ଚ୍ଚାଣ୍ଟ ଟ୍ରଫି**

**କଟକ,୨୯।୧୨(ସମିସ):** ୧୬ବର୍ଷରୁ କମ୍ ବାଳକ ବିଜୟ ମର୍ଚ୍ଚାଣ୍ଟ ଟ୍ରଫିର ୫ମ ପର୍ଯ୍ୟାୟ ଲିଗ୍ ମ୍ୟାଚ୍ ସୋମବାରଠାରୁ ଆରମ୍ଭ ହୋଇଛି। ଗ୍ୱାଲିୟରର ଶ୍ରୀମନ୍ତ ମାଧବରାଓ ସିନ୍ଧିଆ କ୍ରିକେଟ ଷ୍ଟାଡିୟମରେ ଓଡ଼ିଶା ପଣ୍ଡିଚେରୀକୁ ଭେଟିଛି। ପଣ୍ଡିଚେରୀ ଟସ୍ ଜିତି ଓଡ଼ିଶାକୁ ବ୍ୟାଟିଂ ଆମନ୍ତ୍ରଣ ଦେଇଥିଲା। ପ୍ରଥମ ଦିବସରେ ଓଡ଼ିଶା ଦୃଢ଼ ସ୍ଥିତିରେ ରହିଛି। ଷ୍ଟମ୍ପ ଅପସାରଣ ସୁଦ୍ଧା ଦଳ ୪ ୱିକେଟ ହରାଇ ୨୪୮ ରନ ସଂଗ୍ରହ କରିଛି। ଓପନର ମିଧାଂଶୁ ଦାସ ୧୩୬ରନର ଶତକୀୟ ପାଳି ଖେଳିଥିଲେ। ଅରୋବିନ୍ଦ ମୁଦୁଲି ୪୦ରନ ଏବଂ ୱିକେଟ କିପର ଓମପ୍ରକାଶ ଦାସ ୧୦ରନରେ ଅପରାଜିତ ରହିଛନ୍ତି। ପ୍ରକାଶଥାଉକି, ଲିଗ୍ ପର୍ଯ୍ୟାୟରେ ଓଡ଼ିଶା ୪ଟି ମ୍ୟାଚ୍‌ରୁ ୨ଟି ବିଜୟ ଏବଂ ୨ଟି ଅମୀମାଂସିତ ଫଳାଫଳ ବଳରେ ୪ ପଏଣ୍ଟ ହାସଲ କରି ଗ୍ରୁପ-ବି ଟେବଲର ୪ର୍ଥ ସ୍ଥାନରେ ରହିଛି।



**୧୩ ବର୍ଷରୁ କମ୍ ରାଜ୍ୟ ଓପନ୍ ଚେସ୍**

## ସ୍ୱସ୍ତିକ ତ୍ରିପାଠୀ ଚାମ୍ପିଅନ



**ଭୁବନେଶ୍ୱର,୨୯।୧୨(ସମିସ):** ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏସନ ଆନୁକୂଲ୍ୟରେ ସ୍ଥାନୀୟ ବଡ଼ଗଡ଼ କେନାଲ ରୋଡସ୍ଥିତ ଓମ ଗୁରୁକୂଳ ପବ୍ଲିକ ସ୍କୁଲ୍‌ରେ ଅନୁଷ୍ଠିତ ୧୩ ବର୍ଷରୁ କମ୍ ରାଜ୍ୟ ଓପନ୍ ଚେସ୍ ଟୁର୍ଣ୍ଣାମେଣ୍ଟରେ କେନ୍ଦ୍ରୀୟ ବିଦ୍ୟାଳୟ-୧ର ସ୍ୱସ୍ତିକ ତ୍ରିପାଠୀ ପଞ୍ଚମ ତଥା ଚୂଡାନ୍ତ ରାଉଣ୍ଡ ଶେଷ ସୁଦ୍ଧା ସର୍ବାଧିକ ୪.୫ ପଏଣ୍ଟ ହାସଲ କରି ଟାଇଟଲ ହାସଲ କରିଛନ୍ତି। ସେହିପରି ଖଣ୍ଡଗିରି ସେଣ୍ଟ ଜାଭିଏର ସ୍କୁଲର ଓମ ଶତପଥୀ, କଟକର ନିରେକ ପରିଡା, ଆୟୂଷ ପରିଡା, ନୋଇଡା ସରାଂଶ ମିଶ୍ର ୪ ଲେଖାଏ ପଏଣ୍ଟ ହାସଲ କରି ଯଥାକ୍ରମେ ଦ୍ୱିତୀୟ, ତୃତୀୟ, ଚତୁର୍ଥ ଓ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ପ୍ରୟାଂଶ କୁମାର ଦାଶଙ୍କୁ ପ୍ରଥମ ଗ୍ରୁପ୍ ପୁରସ୍କାର ମିଳିଥିଲା। ଓମ ଗୁରୁକୂଳ ପବ୍ଲିକ ସ୍କୁଲର ମ୍ୟାନେଜିଂ ଡାଇରେକ୍ଟର ଲକ୍ଷ୍ମୀଧର ବେହେରା ଏହି ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନ କରିଥିଲେ। ସ୍କୁଲ ପ୍ରିନସପାଲ ମନୋରଞ୍ଜ ବିଶ୍ୱାଳ, ଓଡ଼ିଶା ଚେସ୍ ଆସୋସିଏସନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଓ ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ କାନୋଜ କୁମାର ବେହୁରା ପୁରସ୍କାର ବିତରଣ ଉତ୍ସବରେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ।

**ମୁକ୍ତେଶ୍ୱର କପ୍ କ୍ରିକେଟ**

## ପାରାମାଉଣ୍ଟକୁ ହରାଇ ଫାଇନାଲରେ ରାମେଶ୍ୱର



**ଭୁବନେଶ୍ୱର,୨୯।୧୨(ସମିସ):** ସ୍ଥାନୀୟ ମୁକ୍ତେଶ୍ୱର କ୍ରିକେଟ ଗ୍ରାଉଣ୍ଡରେ ଚାଲିଥିବା ୧୬ ବର୍ଷରୁ କମ୍ ମୁକ୍ତେଶ୍ୱର କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ରାମେଶ୍ୱର ସ୍ପୋର୍ଟିଂ ଫାଇନାଲରେ ପ୍ରବେଶ କରିଛି। ସୋମବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲ ମୁକାବିଲାରେ ରାମେଶ୍ୱର ୯ ୱିକେଟରେ ପରାମାଉଣ୍ଟ ସ୍ପୋର୍ଟିଂକୁ ପରାସ୍ତ କରି ଫାଇନାଲ ଖେଳିବାକୁ ଯୋଗ୍ୟତା ହାସଲ କରିଛି। ଟସ୍ ଜିତି ପାରାମାଉଣ୍ଟ ପ୍ରଥମେ ବ୍ୟାଟିଂ କରି ୨୯ ଓଭରରେ ୯୩ ରନରେ ଅଲଆଉଟ ହୋଇଥିଲା। ଦଳ ତରଫରୁ ପରୀକ୍ଷିତ ପ୍ରଧାନ ୨୪, ସ୍ୱାଧୀନ ପ୍ରମାଣିକ ଅପରାଜିତ ୩୭ ରନ ସଂଗ୍ରହ କରିଥିବା ବେଳେ ଅନ୍ୟମାନେ ବିଫଳ ହୋଇଥିଲେ। ବୋଲିଂରେ ରାମେଶ୍ୱର ପକ୍ଷରୁ ସ୍ୱସ୍ତିକ ଘୋଷାଲ ସର୍ବାଧିକ ୪, ବିଜୟ ପ୍ରଧାନ ୨ଟି ୱିକେଟ ନେଇଥିଲେ। ଜବାବରେ ରାମେଶ୍ୱର ୧୬.୧ ଓଭରରେ ଗୋଟିଏ ୱିକେଟ ହରାଇ ୯୪ ରନକରି ବିଜୟୀ ହୋଇ ଅଗ୍ରଗତି କରିଛି। ଲିଓନେଲ ମେହେର ୫୦ ରନକରି ରନ୍‌ଆଉଟ ହୋଇଥିବା ବେଳେ ଆକାଶ ସାହୁ ୩୨ ଓ କୁମାର ଏ ଅଶ୍ୱିନ ୨ ରନକରି ଅପରାଜିତ ରହିବା ସହ ଦଳକୁ ଜିତାଇଥିଲେ। ୬ ଓଭର ବୋଲିଂ କରି ୨ ମେଡେନ ସହ ୪ ୱିକେଟ ନେଇଥିବା ସ୍ୱସ୍ତିକ ଘୋଷାଲଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ମୁକ୍ତେଶ୍ୱର କ୍ଲବ କାର୍ଯ୍ୟକାରୀ ସଭାପତି ଗୁରଜିତ ସିଂହ ଚୌହାନ ସ୍ୱସ୍ତିକଙ୍କ ପୁରସ୍କୃତ କରିଥିଲେ। ଜାନୁଆରୀ ୨ରେ ଦ୍ୱିତୀୟ ସେମିଫାଇନାଲରେ କ୍ଲବ ଦି ରେଡ୍ ଷ୍ଟାର ଓ ଆୟୋଜକ ମୁକ୍ତେଶ୍ୱର ପରସ୍ପରକୁ ଭେଟିବେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS